# ଧରିତ୍ରୀ
DHARITRI

ସୋମବାର, ମେ ୨୫/୨୦୨୦ (୨୦ ପୃଷ୍ଠା) | Monday, May 25/2020

୪୨ଶ ଭାଗ ୧୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ପ୍ରିୟଙ୍କାଙ୍କ ମନ ଆଉ ଘରେ ଲାଗୁନି**

ଲକ୍‌ଡାଉନ ଯୋଗୁ ଘରେ ରହି ରହି ବୋର୍ ହୋଇଗଲେଣି ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା। ଘରେ ଆଉ ମନ ଲାଗୁ ନ ଥିବାରୁ ସେ ଅଧିକ ସମୟ ସୋସିଆଲ ମିଡିଆରେ କଟାଉଛନ୍ତି।

୧୦ ୨୦

**ତୌଫିକ୍ ଉମର କରୋନା ପଜିଟିଭ୍**

ପାକିସ୍ତାନ ପୂର୍ବତନ କ୍ରିକେଟର ତଥା ଓପନିଂ ବ୍ୟାଟ୍ସମ୍ୟାନ ତୌଫିକ୍ ଉମର କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି।




କ୍ୱାରାଣ୍ଟାଇନ ଅବଧି କମିଲା ........୩........


**ଆଜିର ସମ୍ପାଦକୀୟ**

ଟଙ୍କା ଆସୁଛି

**ଆଜିର ମନ୍ତବ୍ୟ**

“ଆମେରିକା ଭୋଟର ମୋତେ ବିଶ୍ୱାସ କରନ୍ତୁ, ୨୦୨୧ରେ ଅର୍ଥନୀତିର ଅଭିବୃଦ୍ଧି ଘଟିବା।

**-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି**

# ଅହମଦାବାଦ ହସ୍ପିଟାଲ କାଳକୋଠରିଠୁ ନିକୃଷ୍ଟ

**ଅହମଦାବାଦ,୨୪।୫**

ଗୁଜରାଟରେ କରୋନା ସ୍ଥିତିକୁ କୃତ୍ରିମ ଭାବେ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରୁଥିବା ରାଜ୍ୟ ସରକାରଙ୍କ ଉପରେ ଗୁଜରାଟ ହାଇକୋର୍ଟ ବର୍ଷିଛନ୍ତି। ଅହମଦାବାଦ ସିଭିଲ୍ ହସ୍ପିଟାଲ ରାଜ୍ୟରେ କୋଭିଡ୍ ଚିକିତ୍ସାର ମୁଖ୍ୟ କେନ୍ଦ୍ର ହୋଇଥିବାବେଳେ ଏହା କାଳକୋଠରିଠାରୁ ନିକୃଷ୍ଟ ବୋଲି ହାଇକୋର୍ଟ ଭର୍ତ୍ସନା କରିଛନ୍ତି। ଉକ୍ତ ହସ୍ପିଟାଲରେ ବର୍ତ୍ତମାନ ସୁଦ୍ଧା ୩୭୭ ସଂକ୍ରମିତଙ୍କ ମୃତ୍ୟୁ ହେଲାଣି, ଯାହା କି ରାଜ୍ୟରେ ମୋଟ କରୋନା ମୃତ୍ୟୁସଂଖ୍ୟାର ୪୫%। ଜଷ୍ଟିସ୍ ଜେ.ବି. ପରଡିୱାଲା ଏବଂ ଇଲେଶ ଭୋରାଙ୍କୁ ନେଇ

- ଗୁଜରାଟ ସରକାରଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା
- ସିଭିଲ ହସ୍ପିଟାଲର ସ୍ଥିତି ବୁଡ଼ିଯାଉଥିବା ଟାଇଟାନିକ୍ ଜାହାଜ ଭଳି
- ରାଜ୍ୟରେ ମୋଟ କରୋନା ମୃତ୍ୟୁର ୪୫% ଉକ୍ତ ହସ୍ପିଟାଲରେ ହୋଇଛି
- ଘରୋଇ ଲାବ୍‌କୁ କୋଭିଡ୍ ପରୀକ୍ଷା ପାଇଁ ଅନୁମତି ଦିଅ




ଗଠିତ ଖଣ୍ଡପୀଠ କରୋନା ସମ୍ପର୍କିତ ଏକାଧିକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି କୋଭିଡ୍ ହସ୍ପିଟାଲଗୁଡ଼ିକର ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍-୧୯ ପରୀକ୍ଷା ଲାଗି


☞ପୃଷ୍ଠା-୪


ଭାଜପା ଶାସିତ ରାଜ୍ୟ ଗୁଜରାଟର ଅହମଦାବାଦ। ଏହି ବଡ଼ ସହରର ମୁଖ୍ୟ ଡାକ୍ତରଖାନା ହେଉଛି ଅହମଦାବାଦ ସିଭିଲ ହସ୍ପିଟାଲ। କରୋନା ସଂକ୍ରମିତ ରୋଗୀଙ୍କୁ ଧର୍ମ ଆଧାରରେ ଭିନ୍ନ ଭିନ୍ନ ୱାର୍ଡରେ ରଖି ଚିକିତ୍ସା କରାଯିବାକୁ ନେଇ ଏପ୍ରିଲ ୧୫ରେ ବିବାଦୀୟ ହୋଇଥିଲା ଏହି ସରକାରୀ ହସ୍ପିଟାଲ। ହିନ୍ଦୁମାନଙ୍କ ପାଇଁ ଅଲଗା ୱାର୍ଡ ଓ ମୁସଲମାନ ରୋଗୀଙ୍କୁ ସ୍ୱତନ୍ତ୍ର ୱାର୍ଡରେ ଚିକିତ୍ସା କରାଯାଉଥିଲା। ବିବାଦ ଉଠିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ନୀତୀନ ପଟେଲ ମଧ୍ୟ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏବେ ସେହି ସିଭିଲ ହସ୍ପିଟାଲ କରୋନା ସଂକ୍ରମିତଙ୍କ ଚିକିତ୍ସା ବିଫଳତାକୁ ନେଇ ପୁଣି ଚର୍ଚ୍ଚାରେ। ଏଥର ଏହାର ବ୍ୟବସ୍ଥା ଉପରେ ଆଉ କେହି ନୁହନ୍ତି, ବରଂ ପ୍ରଶ୍ନ ଉଠାଇଛନ୍ତି ଖୋଦ୍ ଗୁଜରାଟ ହାଇକୋର୍ଟ। କାରଣ ରାଜ୍ୟରେ ମୋଟ କରୋନା ମୃତ୍ୟୁର ୪୫% କେବଳ ଏହି ହସ୍ପିଟାଲରେ ଘଟିଛି ।


DADLS-08

ପବିତ୍ର ଇଦ୍-ଉଲ୍-ଫିତର-୨୦୨୦ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା





ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢେଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା କରିବା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)

OIPR-15001/13/0009/2021

DADLS-08

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା





ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

'କରୋନା' ସଂକ୍ରମଣ ପରିପ୍ରେକ୍ଷୀରେ ସାମାଜିକ ଦୂରତ୍ୱ ନିୟମର କଡ଼ାକଡ଼ି ଅନୁପାଳନ କରିବାକୁ ମୋର ସମସ୍ତଙ୍କୁ ଅନୁରୋଧ । ମୋର ବିଶ୍ୱାସ ସମସ୍ତଙ୍କ ସହଯୋଗରେ 'କରୋନା' ବିରୁଦ୍ଧରେ ଚାଲିଥିବା ଏହି ସଂଗ୍ରାମରେ ଆମେ ନିଶ୍ଚୟ ବିଜୟୀ ହେବା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0009/2021

DADLS-08





ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ରାଜ୍ୟବାସୀ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଆସନ୍ତୁ, 'କରୋନା' ମହାମାରୀ ବିରୋଧରେ ଜାରି ରହିଥିବା ଲଢ଼େଇରେ ସମସ୍ତେ ସାମିଲ ହୋଇ ଆମ ରାଜ୍ୟ ତଥା ଦେଶକୁ କରୋନାମୁକ୍ତ କରିବା ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

OIPR-15001/13/0009/2021





ଧରିତ୍ରୀ
DHARITRI
ସୋମବାର, ୨୫ ମେ, ୨୦୨୦



ବରିଷ୍ଠ ଚଳଚ୍ଚିତ୍ର ତଥା ଟିଭି ଅଭିନେତା କିରନ କୁମାର କରୋନାରେ ଆକ୍ରାନ୍ତ ଥିବା ନମୁନା ପରୀକ୍ଷାରୁ ଜଣାପଡ଼ିଛି। ସେ ଏବେ ହୋମ କ୍ୱାରାଣ୍ଟାଇନରେ ଅଛନ୍ତି। ୭୪ ବର୍ଷୀୟ ଏହି ଅଭିନେତାଙ୍କଠାରେ କରୋନାର କୌଣସି ଲକ୍ଷଣ ନ ଥିଲା। ସେ ଚେକ୍‌ଅପ୍ ପାଇଁ ହସ୍ପିଟାଲ ଯାଇଥିବାବେଳେ କୋଭିଡ୍-୧୯ ପରୀକ୍ଷା କରାଇଥିଲେ। ରିପୋର୍ଟରେ କରୋନା ପଜିଟିଭ୍ ଥିବା ଜଣାପଡ଼ିଛି।



# ଏଲ୍ଏସିରେ ଚାଇନାର ସୈନ୍ୟ ଠୁଳ

ନୂଆଦିଲ୍ଲୀ,୨୪।୫(ପି.ଟି.)



## ଲଦାଖରେ ବଢୁଛି ଉତ୍ତେଜନା

- ଗଲୱାନ ଉପତ୍ୟକାରେ ପିଏଲ୍ଏର ୧୦୦ ଟେଣ୍ଟ
- ବଙ୍କର ନିର୍ମାଣ ଲାଗି ଯୋଜନା

ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ଅନ୍ତର୍ଗତ ପଙ୍ଗଓଙ୍ଗ ସୋ ହ୍ରଦ ଏବଂ ଗଲୱାନ ଉପତ୍ୟକାରେ ଚାଇନା ସେନା ଅଧିକ ସୈନ୍ୟ ଠୁଳ କରିଛି। ଭାରତୀୟ ସେନା ସହ ହୋଇଥିବା ମୁହାଁମୁହିଁ ସ୍ଥିତିର ଏତେଶୀଘ୍ର ସମାଧାନ କରିବାକୁ ଚାଇନା ପ୍ରସ୍ତୁତ ନ ଥିବା ଏଥିରୁ ସ୍ପଷ୍ଟ ସୂଚନା ମିଳୁଛି। ବିବାଦୀୟ ଅଞ୍ଚଳରେ ସ୍ଥିତିସହ ସମ୍ପୃକ୍ତ ଥିବା ବ୍ୟକ୍ତି ଏଭଳି ଆଶଙ୍କା କରୁଛନ୍ତି। ଗଲୱାନ ଉପତ୍ୟକାରେ ଚାଇନା ସେନା ଗତ ଦୁଇ ସପ୍ତାହ ମଧ୍ୟରେ ପାଖାପାଖି ୧୦୦ ଟେଣ୍ଟ ପକାଇଲାଣି। ଭାରତୀୟ ସେନାର ବିରୋଧକୁ ଭ୍ରୂକ୍ଷେପ ନ କରି ସେଠାରେ ବଙ୍କର ନିର୍ମାଣ ଲାଗି ଓଜନଦାର ଉପକରଣ ଠୁଳ କରିବାରେ ଲାଗିଛି ଚାଇନାର ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ)।

ଗତ ସପ୍ତାହରେ ପୂର୍ବ ଲଦାଖର କେତେକ ଅଞ୍ଚଳରେ ଚାଇନା ସୈନ୍ୟ ଏଲ୍ଏସି ଉଲ୍ଲଂଘନ କରିଥିଲେ। ଫଳରେ ଦୁଇଥର ଉଭୟ ସେନା ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପଙ୍ଗଓଙ୍ଗ ସୋ ହ୍ରଦ ଅଞ୍ଚଳରେ ଭାରତୀୟ ଯବାନଙ୍କ ପାଟ୍ରୋଲିଂକୁ ଅନେକ ଥର ଅଟକାଇଲାଣି ଚାଇନା। ଉତ୍ତେଜନା ବଢୁଥିବାବେଳେ ଭାରତୀୟ ସେନାମୁଖ୍ୟ ଜେନେରାଲ ଏମ୍.ଏମ୍. ନରୱଣେ ଗତ ଶୁକ୍ରବାର ଲେହର ୧୪ କର୍ପସ ମୁଖ୍ୟାଳୟ ଗସ୍ତକରି ବରିଷ୍ଠ କମାଣ୍ଡରମାନଙ୍କ ସହ ସୁରକ୍ଷା ସ୍ଥିତିର ସମୀକ୍ଷା କରିଥିଲେ। ସ୍ଥିତିକୁ ଦେଖି ଭାରତ ମଧ୍ୟ ଉଭୟ ପଙ୍ଗଓଙ୍ଗ ସୋ ହ୍ରଦ ଏବଂ ଗଲୱାନ ଉପତ୍ୟକା ଅଞ୍ଚଳରେ ସେନା ଉପସ୍ଥିତି ବଢ଼ାଇଛି।

## ଭାରତୀୟ ଯବାନଙ୍କୁ ଅଟକ ରଖିବା ଅଭିଯୋଗକୁ ସେନାର ଖଣ୍ଡନ

ନୂଆଦିଲ୍ଲୀ,୨୪।୫(ପି.ଟି.)

ଲଦାଖରେ ଚାଇନା ସୈନ୍ୟ ଭାରତୀୟ ଯବାନଙ୍କୁ ଅଟକ ରଖି ପରେ ଛାଡ଼ିଦେଇଥିବା ଖବର ପ୍ରକାଶ ପାଇଥିଲା। ଗତ ସପ୍ତାହରେ ଲଦାଖ ନିକଟ ପଙ୍ଗଓଙ୍ଗ ସୋ ହ୍ରଦ ଅଞ୍ଚଳରେ ପାଟ୍ରୋଲିଂ ବେଳେ ଉଭୟ ପକ୍ଷର ଯବାନଙ୍କ ମଧ୍ୟରେ ମୁଥ ମରାମରି ହୋଇଥିଲା। ଏହି ସମୟରେ ଇଣ୍ଡୋ-ଟିବେଟାନ ବର୍ଡର ପୋଲିସ (ଆଇଟିବିପି)ର ଜଣେ ଯବାନଙ୍କୁ ଚାଇନା ସେନା ନେଇଯାଇ ଅଟକ ରଖିଥିଲେ ବୋଲି ଏକ ସୂତ୍ରରୁ ଖବର ମିଳିଥିଲା। ରବିବାର ଭାରତୀୟ ସେନା ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ତେବେ ପାଟ୍ରୋଲିଂରେ ଆଇଟିବିପି ଯବାନ ସାମିଲ ହୋଇଥିଲେ କି ନାହିଁ ସେ ସମ୍ପର୍କରେ ଭାରତୀୟ ସେନା ପକ୍ଷରୁ କିଛି କୁହାଯାଇ ନାହିଁ।

ଏହାବ୍ୟତୀତ ଡେମ୍‌ଚୋକ, ଦୌଲତ ବେଗ୍ ଓଲ୍ଡି ସମେତ ଅନ୍ୟ କେତେକ ସମ୍ବେଦନଶୀଳ ଅଞ୍ଚଳରେ ଭାରତୀୟ ସେନା ପାଟ୍ରୋଲିଂକୁ ଜୋର୍‌ଦାର କରିଛନ୍ତି।

ଗତ ୫ ତାରିଖ ସନ୍ଧ୍ୟାରେ ଭାରତ ଓ ଚାଇନାର ପାଖାପାଖି ୨୫୦ ଯବାନ ମୁହାଁମୁହିଁ ହେବା ପରେ ପୂର୍ବ ଲଦାଖରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏହି ଧସ୍ତାଧସ୍ତି ବେଳେ ଉଭୟ ପାର୍ଶ୍ୱର ଶତାଧିକ ଯବାନ ଆହତ ହୋଇଥିଲେ। ୯ ତାରିଖରେ ଉତ୍ତର ସିକିମ୍‌ରେ ଅନୁରୂପ ଘଟଣା ଘଟିଥିବାବେଳେ ଏବେ ପଙ୍ଗଓଙ୍ଗ ସୋ ହ୍ରଦ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି। ସପ୍ତାହେ ମଧ୍ୟରେ ଉଭୟ ପକ୍ଷ କମାଣ୍ଡର ସ୍ତରୀୟ ବୈଠକ ୫ ଥର ବସିଥିଲେ ହେଁ ସମାଧାନର ସୂତ୍ର ବାହାରିପାରି ନାହିଁ। ଚାଇନା ସେନାର ଟେଣ୍ଟ ନିର୍ମାଣକୁ ଭାରତ ପକ୍ଷରୁ ଜୋର୍‌ଦାର ବିରୋଧ କରାଯାଇଛି।

# ବିଦେଶ ଫେରନ୍ତାଙ୍କୁ ୧୪ ଦିନ କ୍ୱାରାଣ୍ଟାଇନ୍

ନୂଆଦିଲ୍ଲୀ,୨୪।୫(ପି.ଟି.)



- ବିମାନ ଯାତ୍ରୀଙ୍କ ଲାଗି ଗାଇଡ୍‌ଲାଇନ ଜାରି

କରୋନା ସଂକ୍ରମଣ ଯୋଗୁ ଦୁଇମାସ ଭାରତରେ ବିମାନ ସେବା ବନ୍ଦ ରହିବା ପରେ ସୋମବାରଠାରୁ ଘରୋଇ ବିମାନ ଚଳାଚଳ ଆରମ୍ଭ ହେବାକୁ ଯାଉଛି। ବିମାନ ଯାତ୍ରୀଙ୍କ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ରବିବାର ଗାଇଡ୍‌ଲାଇନ ଜାରି କରାଯାଇଛି। ଅଗଷ୍ଟ ପୂର୍ବରୁ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ଶନିବାର କହିଥିଲେ। ବିଦେଶରୁ ଆସିବାକୁ ଥିବା ଯାତ୍ରୀ ୧୪ ଦିନ ନିଶ୍ଚୟ କ୍ୱାରାଣ୍ଟାଇନରେ ରହିବେ। ଏଥିପାଇଁ ବିମାନରେ ବସିବା ପୂର୍ବରୁ ଯାତ୍ରୀ ଲିଖିତ ପ୍ରତିଶ୍ରୁତି ଦେବେ। ୭ ଦିନ ସେମାନେ ଟଙ୍କା ଦେଇ ଆନୁଷ୍ଠାନିକ କ୍ୱାରାଣ୍ଟାଇନରେ ରହିବା ପରେ ଅନ୍ୟ ୭ ଦିନ ଘରେ କ୍ୱାରାଣ୍ଟାଇନରେ ରହିବେ। ତେବେ ମାନବୀୟ ଅସୁବିଧା ଯଥା ମହିଳା ଗର୍ଭବତୀ ଥିଲେ, ପରିବାରରେ କାହାର ମୃତ୍ୟୁ କିମ୍ବା ଗୁରୁତର ଅସୁସ୍ଥତା, ସାଙ୍ଗରେ ୧୦ ବର୍ଷରୁ କମ୍ ସନ୍ତାନ ଥିଲେ, ସେମାନଙ୍କୁ ୧୪ ଦିନ ଘରେ କ୍ୱାରାଣ୍ଟାଇନରେ ରହିବାକୁ ଅନୁମତି ମିଳିବ। ଏଥିସହିତ ଆରୋଗ୍ୟ ସେତୁ ଆପ୍ ବ୍ୟବହାରକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଥର୍ମାଲ ସ୍କ୍ରିନିଂ ପରେ ଯେଉଁମାନଙ୍କଠାରେ କରୋନାର କୌଣସି ଲକ୍ଷଣ ନ ଥିବ କେବଳ ସେହିମାନଙ୍କୁ ବିମାନ କିମ୍ବା ଜାହାଜରେ ଯାତ୍ରା କରିବା ଲାଗି ଅନୁମତି ମିଳିବ।

ସେହିପରି ସ୍ଥଳପଥରେ ବିଦେଶରୁ ଆସୁଥିବା ଯାତ୍ରୀଙ୍କୁ ସୀମାରେ ପୁଣିଥରେ ଅନୁରୂପ ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିବ। ସେମାନଙ୍କଠାରେ ଲକ୍ଷଣ ନ ଥିଲେ ଭାରତରେ ପ୍ରବେଶ ଲାଗି ଅନୁମତି ମିଳିବ। ଘରୋଇ ବିମାନ ଯାତ୍ରୀଙ୍କ କ୍ଷେତ୍ରରେ ଆରୋଗ୍ୟ ସେତୁ ଆପ୍ ବାଧ୍ୟତାମୂଳକ ହୋଇଥିବାବେଳେ ବିମାନରେ ବସିବା ପୂର୍ବରୁ ସେମାନଙ୍କର ଥର୍ମାଲ ସ୍କ୍ରିନିଂ ହେବ। ଲକ୍ଷଣ ନ ଥିବା ଯାତ୍ରୀଙ୍କୁ ଯାତ୍ରା ଅନୁମତି ମିଳିବ। ସେମାନଙ୍କୁ ୧୪ଦିନ ସେଲ୍ଫ କ୍ୱାରାଣ୍ଟାଇନରେ ରହିବାକୁ କୁହାଯିବ।




ମେ ମାସରେ ମୃତକଙ୍କ ସଂଖ୍ୟା ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଗ୍ରାଫିକ୍ସ।

# ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା ନ୍ୟୁୟର୍କ ଟାଇମ୍ସ

ନ୍ୟୁୟର୍କ,୨୪।୫

- ଆମେରିକାରେ କରୋନା ମୃତ୍ୟୁସଂଖ୍ୟା ଲକ୍ଷେ ନିକଟତର
- ୧,୦୦୦ ଜଣଙ୍କ ନାମରେ ପ୍ରଥମ ପୃଷ୍ଠା ଉତ୍ସର୍ଗ




ସାରା ବିଶ୍ୱରେ କରୋନାର ପ୍ରକୋପ ଓ ମୃତ୍ୟୁର ତାଣ୍ଡବ। ଏହି ଘାତକ ଭୂତାଣୁରେ ଅଦ୍ୟାବଧି ୫,୪୨୯,୨୩୪ ସଂକ୍ରମିତ ହୋଇଥିବାବେଳେ ୩୪୪,୪୪୮ ଜଣଙ୍କ ଜୀବନ ଗଲାଣି। ସେମାନଙ୍କ ମଧ୍ୟରୁ ସର୍ବାଧିକ ୯୮,୬୯୧ ମୃତକ ହେଉଛନ୍ତି ଆମେରିକାର। ସେହିପରି ୧,୬୬୭,୨୮୪ ସଂକ୍ରମିତ ହୋଇଥିବାବେଳେ ଅନ୍ୟ ୧୭,୧୩୩ ଜଣ ମୃତ୍ୟୁକୁ ଅପେକ୍ଷା କରି ଶଯ୍ୟାଶାୟୀ। ମହାମାରୀର ପରିସଂଖ୍ୟାନ ଦେଖିଲେ ମନେହୁଏ ସତେ ଯେପରି ବିଶ୍ୱର ମହାଶକ୍ତିଶାଳୀ ଆମେରିକା ପଙ୍ଗୁ ହୋଇଯାଇଛି ମାରାତ୍ମକ କୋଭିଡ୍-୧୯ର ବିଷାକ୍ତ ଚୋଟରେ। ଦେଶରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୧ ଲକ୍ଷ ଛୁଇଁବାକୁ ଯାଉଥିବାବେଳେ ପ୍ରସିଦ୍ଧ ଖବରକାଗଜ 'ନ୍ୟୁୟର୍କ ଟାଇମ୍ସ' ରବିବାର ଏହାର ପ୍ରଥମ ପୃଷ୍ଠାକୁ ମୃତକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛି। ସମ୍ପୂର୍ଣ୍ଣ ଫ୍ରଣ୍ଟ ପେଜ୍‌ରେ ୧,୦୦୦ ଜଣ ମୃତକଙ୍କ ନାମ ଉଲ୍ଲେଖ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇ ଏହି ପୃଷ୍ଠାକୁ ଇତିହାସ ସହ ଯୋଡ଼ିଦେଇଛି। ବିନା କୌଣସି ଆର୍ଟିକିଲ, ଫଟୋ କିମ୍ବା ଗ୍ରାଫିକ୍ସରେ ପ୍ରକାଶ ପାଇଛି ଏହି ସୁନାମଧନ୍ୟ ଖବରକାଗଜର ପ୍ରଥମ ପୃଷ୍ଠା, ଯାହାକୁ ନେଇ ୱାର୍ଲ୍ଡ ମିଡିଆଠୁ ନେଇ ସୋସିଆଲ ମିଡିଆ ସବୁଠି ଚାଲିଛି ଆଲୋଚନା ପର୍ଯ୍ୟାଲୋଚନା ଓ ଜୋର୍ ଧରିଛି ଚର୍ଚ୍ଚା।

୨୦୨୦ ମେ ୨୪ ତାରିଖରେ ନ୍ୟୁୟର୍କ ଟାଇମ୍ସର ପ୍ରଥମ କାହାଣୀର ଶିରୋନାମା ହେଉଛି 'ୟୁଏସ୍ ଡେଥ୍‌ସ ନିୟର ୧୦୦,୦୦୦, ଆନ୍ ଇନ୍‌କାଲ୍‌କୁଲେବଲ୍ ଲସ୍' ବା ଆମେରିକାରେ ମୃତ୍ୟୁସଂଖ୍ୟା ପାଖାପାଖି ଲକ୍ଷେ, ଏକ ସଂଖ୍ୟାତୀତ କ୍ଷତି। ଏହାର ସବ୍-ହେଡିଂ ରହିଛି 'ସେମାନେ କେବଳ ଏକ ତାଲିକାରେ ନାମ ନୁହନ୍ତି। ସେମାନେ ଆମେ ଥିଲୁ।' ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟି ଅନୁସାରେ ଆମେରିକାରେ କରୋନାର କେନ୍ଦ୍ରସ୍ଥଳୀ କୁହାଯାଉଥିବା ନ୍ୟୁୟର୍କ ରାଜ୍ୟରେ ୩୮୫,୦୦୦ ସଂକ୍ରମିତ ଥିବାବେଳେ ୨୩,୧୯୫ ଜଣଙ୍କ ଜୀବନ ନେଲାଣି ଏହି ଭୂତାଣୁ। କେବଳ ନ୍ୟୁୟର୍କ ସିଟିରେ ସଂକ୍ରମିତଙ୍କ ସଂଖ୍ୟା ୧୯୭,୦୦୦ରେ ପହଞ୍ଚିଛି ଓ ୧୬,୧୪୯ ପ୍ରାଣ ହରାଇଛନ୍ତି। ଦେଶରେ କରୋନା ସଂକ୍ରମଣରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ସଂଖ୍ୟା ୧୦୦,୦୦୦ ଛୁଇଁବା ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ ନ୍ୟୁୟର୍କ ଟାଇମ୍ସର ପୂରା ଟିମ୍। ଏନେଇ ଗ୍ରାଫିକ୍ସ ଡେସ୍କର ଆସିଷ୍ଟାଣ୍ଟ ଏଡିଟର ସିମୋନ୍ ଲାଣ୍ଡନ କହିଛନ୍ତି, ଏହି ସଂଖ୍ୟାକୁ ଆମେ ଏପରି ଢଙ୍ଗରେ ଉପସ୍ଥାପନ କରିବାକୁ ଉଦ୍ୟମ କରିଛୁ, ଯାହା ଉଭୟ ଜୀବନହାନିର ବ୍ୟାପକତା ଓ ବିବିଧତାକୁ ଦର୍ଶାଉଛି। ଆମେ ଜାଣିଥିଲୁ ଯେ, ଆମେରିକା ଏହି ମାଇଲଖୁଣ୍ଟର ନିକଟତର ହେଉଛୁ। ଆମକୁ ଏହା ମଧ୍ୟ ଜଣାଥିଲା ଯେ ସେହି ସଂଖ୍ୟାକୁ ଗଣନା କରିବା ପାଇଁ କୌଣସି ଉପାୟ ରହିବା ଉଚିତ। ତେଣୁ ପ୍ରଥମ ପୃଷ୍ଠାରେ ୧୦୦,୦୦୦ ମୃତକଙ୍କ ପାଇଁ ଏତିକି ସଂଖ୍ୟାରେ ଡଟ୍ କିମ୍ବା ଷ୍ଟିକ୍ ଫିଗର୍ ଦେଲେ ସେଥିରୁ ଜଣାପଡ଼ିବ ନାହିଁ ଯେ ସେମାନେ କିଏ ଥିଲେ ଓ ସେମାନଙ୍କ ଜୀବନ ଦେଶ ପାଇଁ କେତେ ମୂଲ୍ୟବାନ ଥିଲା। ଏଥିପାଇଁ ଆମେ ପ୍ରତୀକାତ୍ମକ ଭାବେ ଦେଶର ବିଭିନ୍ନ ଭାଗରୁ ୧୦୦୦ ମୃତକଙ୍କ ନାମ ଉଲ୍ଲେଖ କରିଛୁ। ଏହି ନାମଗୁଡ଼ିକୁ ଶତାଧିକ ଅନ୍‌ଲାଇନ୍ ଉତ୍ସ ଓ ଖବରକାଗଜରୁ ଆଣି ସୂଚୀବଦ୍ଧ କରିଥିଲେ ଗବେଷକ ଆଲାଇନ୍ ଡେଲାକ୍ୱେରିଏରେ। ନ୍ୟୁଜ୍‌ରୁମ୍‌ରେ ସମ୍ପାଦନା ମଣ୍ଡଳୀ ସହ ସାମ୍ବାଦିକତା ପାଠ୍ୟକ୍ରମର ୩ ଜଣ ସ୍ନାତକ ଛାତ୍ରୀଛାତ୍ର ସେହି ନାମଗୁଡ଼ିକୁ ପଢ଼ିବା ପରେ ଏପରି ଭାବେ ସଜାଡ଼ିଥିଲେ, ଯାହା ଯାଇଥିବା ପ୍ରତ୍ୟେକ ଜୀବନର ଅନନ୍ୟତାକୁ ପ୍ରତିପାଦିତ କରିଛି।

# ମହାରାଷ୍ଟ୍ରରେ ୫୦ ହଜାର ଟପିଲା ସଂକ୍ରମଣ

ମୁମ୍ବାଇ,୨୪।୫

- ମୁମ୍ବାଇରେ ୨୪ ଘଣ୍ଟାରେ ସର୍ବାଧିକ ୧,୭୨୫ କରୋନା ଆକ୍ରାନ୍ତ
- ଦେଶରେ ଆରୋଗ୍ୟ ହାର ୪୧.୨୮%

ଭାରତରେ କରୋନା ମହାମାରୀ ଦ୍ୱାରା ସର୍ବାଧିକ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ରରେ ମାମଲା ସଂଖ୍ୟା ରବିବାର ୫୦,୦୦୦ ଅତିକ୍ରମ କରିଛି। ସେଠାରେ ୧,୬୩୫ ଜଣଙ୍କ ଜୀବନ ନେଲାଣି କରୋନା ଭୂତାଣୁ। ରାଜ୍ୟରେ ୨୪ ଘଣ୍ଟାରେ ସର୍ବାଧିକ ୩,୦୪୧ ଜଣ ସଂକ୍ରମିତ ହୋଇଛନ୍ତି। ମୁମ୍ବାଇରେ ଦିନକରେ ୧,୭୨୫ ଜଣ ଆକ୍ରାନ୍ତ ହେବା ସହ ୩୮ ଜଣଙ୍କ ଜୀବନ ଯାଇଛି। ଦେଶର ଅର୍ଥନୈତିକ ରାଜଧାନୀ କୁହାଯାଉଥିବା ମୁମ୍ବାଇରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୦,୫୪୨ରେ ପହଞ୍ଚିଥିବାବେଳେ ୯୮୮ ଜଣଙ୍କ ଜୀବନ ଗଲାଣି। ସମ୍ପ୍ରତି ୪,୯୯,୩୮୭ ଜଣ ହୋମ୍ କ୍ୱାରାଣ୍ଟାଇନରେ ଥିବାବେଳେ ୩୫,୧୦୭ ଜଣ ଆନୁଷ୍ଠାନିକ କ୍ୱାରାଣ୍ଟାଇନରେ ରହିଛନ୍ତି।

ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୬,୭୬୭ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିସହିତ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୩୧ ହଜାର ୮୬୮ ହୋଇଥିବାବେଳେ କରୋନା ଜନିତ ମୃତ୍ୟୁସଂଖ୍ୟା ୩,୮୬୭ରେ ପହଞ୍ଚିଛି। ୫୪,୪୪୦ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ଏବେ ୭୩,,୫୬୦ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦେଶରେ କରୋନା ଆକ୍ରାନ୍ତଙ୍କ ଆରୋଗ୍ୟ ହାର ୪୧.୨୮ ପ୍ରତିଶତ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସଂକ୍ରମଣ ବଢୁଥିବାରୁ ବିମାନ ଚଳାଚଳକୁ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ବିରୋଧ କରୁଥିଲେ। ପରେ ନିଷ୍ପତ୍ତି ବଦଳାଇ ସୋମବାରଠାରୁ ମୁମ୍ବାଇରୁ ୨୫ଟି ବିମାନ ଚଳାଚଳ ପାଇଁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି।

# ବିଦେଶ ଯିବାକୁ ଚାହୁଁନାହାନ୍ତି ୭୦ ପ୍ରତିଶତ

ନୂଆଦିଲ୍ଲୀ,୨୪।୫(ପି.ଟି.)

## ସିଆଇଆଇ ସର୍ଭେ

ଜୁଲାଇ ଶେଷ ସୁଦ୍ଧା ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ କରିବା ଲାଗି ସରକାର ଚିନ୍ତା କରୁଛନ୍ତି। ବିମାନ ଚଳାଚଳ କଲେ ମଧ୍ୟ ୭୦ ପ୍ରତିଶତରୁ ଅଧିକ ବିଦେଶ ଯିବାକୁ ଚାହିଁବେ ନାହିଁ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ କରାଯାଇଥିବା ସର୍ଭେ ଅନୁଯାୟୀ ୬୩ ପ୍ରତିଶତ ଲକ୍‌ଡାଉନ ଉଠିବା ପରେ ୩ ମାସ ମଧ୍ୟରେ ଦେଶ ଭିତରେ ଭ୍ରମଣ କରିବାକୁ ଚାହିଁବେ। ଅନ୍‌ଲାଇନ ଜରିଆରେ ଉତ୍ତର ଭାରତରେ ଏହି ସର୍ଭେ କରାଯାଇଥିଲା। ଲକ୍‌ଡାଉନ ପରେ ହୋଟେଲଗୁଡ଼ିକର ସ୍ୱାସ୍ଥ୍ୟପ୍ରଦ ମାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ୬୮ ପ୍ରତିଶତ କହିଛନ୍ତି। ଲକ୍‌ଡାଉନ ଉଠିବାର ମାସକ ମଧ୍ୟରେ ଭ୍ରମଣରେ ଯିବେ ବୋଲଇ ୩୩ ପ୍ରତିଶତ ଇଚ୍ଛାପ୍ରକାଶ କରିଥିବାବେଳେ ଅନ୍ୟ ୩୦ ପ୍ରତିଶତ ୩ ମାସ ଅପେକ୍ଷା କରିବେ ବୋଲି କହିଛନ୍ତି। ୨୫ ପ୍ରତିଶତ ଉଭୟ ଭାରତ ଭିତରେ ଓ ବିଦେଶ ଭ୍ରମଣ କରିବା ସପକ୍ଷରେ ମତ ଦେଇଛନ୍ତି। ୩୭.୪ ପ୍ରତିଶତ ବ୍ୟବସାୟିକ କାର୍ଯ୍ୟରେ ଗସ୍ତ କରିବାକୁ ଚାହୁଁଥିବାବେଳେ ୩୨ ପ୍ରତିଶତ ପରିବାର ସମ୍ପର୍କୀୟଙ୍କୁ ଭେଟିବା ପାଇଁ ଭ୍ରମଣରେ ଯିବାକୁ ଚାହାନ୍ତି।

# ଚାଇନାର ନିରାପତ୍ତା ଆଇନକୁ ବିରୋଧ



**ହଂକଂ,୨୪।୫:** ହଂକଂରେ ଚାଇନାର ଜାତୀୟ ନିରାପତ୍ତା ଆଇନକୁ ବିରୋଧ କରି ରବିବାର ବହୁସଂଖ୍ୟକ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଛନ୍ତି। ଏହି ପ୍ରସ୍ତାବିତ ଆଇନ ସହରର ସ୍ୱାଧୀନତା ପ୍ରତି ବିପଦ ସାଜିବା ସହ 'ଗୋଟିଏ ଦେଶ, ଦୁଇଟି ବ୍ୟବସ୍ଥା' ସିଦ୍ଧାନ୍ତକୁ ପ୍ରୋତ୍ସାହିତ କରିବ ବୋଲି ବିକ୍ଷୋଭକାରୀମାନେ ଏହାର ପ୍ରତିବାଦ କରିଥିଲେ। ପୋଲିସ ଭିଡ଼କୁ ଆୟତ୍ତ କରିବାକୁ ଯାଇ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଦୁଇଦିନ ତଳେ ଚାଇନା ପାର୍ଲାମେଣ୍ଟର ନ୍ୟାଶନାଲ ପିପୁଲ୍ସ କଂଗ୍ରେସରେ ହଂକଂ ସମ୍ପର୍କରେ ଏହି ଆଇନର ଚିଠା ପ୍ରଣୟନ କରାଯାଇଛି। ଆସନ୍ତା ୨୮ରେ ଏହା ଗୃହୀତ ହେବ ବୋଲି କୁହାଯାଉଛି।



ବିଜୟୱାଡ଼ାସ୍ଥିତ ଏକ ଫ୍ଲାଇଓଭର ତଳେ ଖାଦ୍ୟ ପାଇଁ ଧାଡ଼ି ବାନ୍ଧିଛନ୍ତି ଦାଦନ ଶ୍ରମିକ।

# ଆଗକୁ ଗାଁରେ ବିସ୍ଫୋରକ ସ୍ଥିତି

ନୂଆଦିଲ୍ଲୀ,୨୪।୫

## ବିପଦ ସାଜିବେ ସହର ଫେରନ୍ତା



କରୋନା ଲକ୍‌ଡାଉନ ଯୋଗୁ ସହରରେ ଜୀବିକା ହରାଇ ଗାଁକୁ ଫେରିବାରେ ଲାଗିଛନ୍ତି ଦାଦନ ଶ୍ରମିକ। ପୂର୍ବରୁ କେବଳ ସହରାଞ୍ଚଳରେ କରୋନା ବ୍ୟାପୁଥିବାବେଳେ ଏବେ ପ୍ରବାସୀଙ୍କ ଘରବାହୁଡ଼ା ଗ୍ରାମାଞ୍ଚଳରେ ବିପଦ ସୃଷ୍ଟି କରିଛି। ଏହା ଗାଁଗୁଡ଼ିକରେ ସଂକ୍ରମଣ ବୃଦ୍ଧିର କାରଣ ସାଜିବ ବୋଲି କେନ୍ଦ୍ର ସରକାର ସ୍ୱୀକାର କରିଛନ୍ତି। ତେବେ ପ୍ରବାସୀଙ୍କ ଗଣପଳାୟନ ଯୋଗୁ ସୃଷ୍ଟି ହେଉଥିବା ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି ଏବଂ ଏହାର ମୁକାବିଲା ପାଇଁ ସରକାର ଭିତ୍ତିଭୂମି ପ୍ରସ୍ତୁତ କରୁଥିବା ନେଇ ରବିବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ସୂଚନା ଦେଇଛନ୍ତି।

ଭାରତରେ ୪ କୋଟି ଦାଦନ ଶ୍ରମିକ ଅଛନ୍ତି। ଲକ୍‌ଡାଉନ୍ କଟକଣା ଧୀରେ ଧୀରେ କୋହଳ କରାଯିବା ପରେ ୭୫ ଲକ୍ଷ ପ୍ରବାସୀ ଘରକୁ ଫେରିସାରିଛନ୍ତି। ୩୫ ଲକ୍ଷ ପ୍ରବାସୀ ଶ୍ରମିକ ସ୍ପେଶିଆଲ ଟ୍ରେନ୍‌ରେ ଫେରିଥିବାବେଳେ ୪୦ ଲକ୍ଷ ବସ୍‌ରେ ଫେରିଛନ୍ତି। ରେଳ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନାନୁସାରେ ମେ' ୧ରୁ ଅଦ୍ୟାବଧି ୨,୮୧୩ ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଚାଲିଲାଣି। ତହିଁରୁ ୮୦% କେବଳ ୟୁପି ଓ ବିହାରକୁ ଯାଇଛି। ୟୁପିକୁ ୧,୩୦୧ ଟ୍ରେନ୍ ଗଡ଼ିଥିବାବେଳେ ବିହାରକୁ ୯୭୩ଟି ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଯାଇଛି। ଏହି ସମସ୍ତ ଟ୍ରେନ୍ ଗୁଜରାଟ, ମହାରାଷ୍ଟ୍ର ଓ ପଞ୍ଜାବରୁ ବାହାରି ଦୁଇ ରାଜ୍ୟରେ ପହଞ୍ଚିଛି। ଜୁନ୍ ପହିଲାରୁ ଅତିରିକ୍ତ ୨୦୦ ଟ୍ରେନ୍ ଚଳାଚଳ କରିବ ଏବଂ ଆଗକୁ ବସ୍ ସେବା ମଧ୍ୟ ସ୍ୱାଭାବିକ ହେବ। ଯାତାୟାତ ସ୍ୱାଭାବିକ ହେଲେ ସମସ୍ତ ପ୍ରବାସୀ ଘରେ ପହଞ୍ଚିପାରିବେ, ଯାହାକି ଗାଁଗୁଡ଼ିକରେ ବିସ୍ଫୋରକ ସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଉଛି।

**ଇଦ୍ ମୁବାରକ**




ପବିତ୍ର ଇଦ୍ ଅବ୍ୟବହିତ ପୂର୍ବରୁ ରବିବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଆଜିଠୁ ଚାଲିବ ଯାତ୍ରୀବାହୀ ଯାନ

**ଜାରି ହେଲା ସଂଶୋଧିତ ଗାଇଡ୍ ଲାଇନ, କୋହଳ ହେଲା କଟକଣା**

- ଯାତ୍ରୀମାନେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ
- ଆନ୍ତଃରାଜ୍ୟ ଯାତ୍ରୀ ପରିବହନକୁ ଅନୁମତି

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ଦୀର୍ଘ ଦୁଇମାସ ଧରି ବନ୍ଦ ହୋଇରହିଥିବା ବସ୍, ଯାତ୍ରୀବାହୀ ଯାନ ଓ ସିଟି ବସ୍ ଏବେ ଚଳାଚଳ କରିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ଅନୁମତି ଦିଆଯାଇଛି। ଏହାଛଡ଼ା ଦୁଇଚକିଆ ଯାନ, ଟ୍ୟାକ୍ସି, ଚାରି ଚକିଆ ଯାନ ଏବଂ ଅଟୋ ରିକ୍ସାଗୁଡ଼ିକୁ ଚଳାଚଳ ପାଇଁ ମଧ୍ୟ ଅନୁମତି ମିଳିଛି। ରାଜ୍ୟ ରାଜ୍ୟ ମଧ୍ୟରେ ପରସ୍ପର ବୁଝାମଣାରେ ଯାତ୍ରୀ ପରିବହନ ହୋଇପାରିବ। ତେବେ ଚାରିଚକିଆ ଓ ୩ ଚକିଆ ଯାନଗୁଡ଼ିକରେ ଡ୍ରାଇଭରଙ୍କୁ ମିଶାଇ ୩ଜଣ ଯାତ୍ରୀଙ୍କୁ ପରିବହନ କରିବାକୁ ଅନୁମତି ଦିଆଯାଇଛି। ବସ୍‌ଗୁଡ଼ିକରେ ଧାର୍ଯ୍ୟ ସିଟ୍‌ଠାରୁ ଅଧିକ ଯାତ୍ରୀଙ୍କୁ ନେବାକୁ ବାରଣ କରାଯାଇଛି। ବସ୍, ଅନ୍ୟ ଯାତ୍ରୀବାହୀ ଯାନ ଏବଂ ସିଟି ବସଗୁଡିକୁ ଆନ୍ତଃରାଜ୍ୟ ଚଳାଇବାକୁ ଅନୁମତି ପ୍ରଦାନ କରାଯାଇଛି। କଣ୍ଟେନମେଣ୍ଟ(ସଂକ୍ରମିତ) ଅଞ୍ଚଳ ଛାଡ଼ି ଅନ୍ୟସମସ୍ତ ଅଞ୍ଚଳରେ ଯାତ୍ରୀବାହି ଯାନ ଚଳାଚଳ କରିପାରିବ। ରବିବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସଆର୍‌ସି) ପ୍ରଦୀପ ଜେନା ଏହି ସଂଶୋଧିତ ଗାଇଡ୍‌ଲାଇନ ଜାରି କରିଛନ୍ତି।

କରୋନା(କୋଭିଡ-୧୯) ସଂକ୍ରମଣ ଆଶଙ୍କାରେ ମେ’ ୩୧ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ ଘୋଷଣା କରିଛନ୍ତି। ତେବେ ଏହି ପର୍ଯ୍ୟାୟରେ ଅନେକ କଟକଣାକୁ କେନ୍ଦ୍ର ସରକାର କୋହଳ କରିଛନ୍ତି। କେନ୍ଦ୍ର ସରକାର ଘରୋଇ ବେସାମରିକ ବିମାନ ଚଳାଚଳକୁ ଅନୁମତି ଦେଇଛନ୍ତି। ମେ’ ୨୫ତାରିଖ ସୋମବାରଠାରୁ ଘରୋଇ ବିମାନ ଚଳାଚଳ ଆରମ୍ଭ ହେବ। ଏନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ମେ ୨୨ତାରିଖରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଜାରି କରିଛନ୍ତି। ସେହିପରି ଟ୍ରେନ ଯାତ୍ରୀଙ୍କ ପାଇଁ ମଧ୍ୟ ଏସ୍‌ଓପି ଜାରି କରାଯାଇଛି। ଜୁନ୍ ପହିଲାରୁ ଟ୍ରେନ୍ ଆଂଶିକଭାବେ ଚଳାଚଳ କରିବ। ଚତୁର୍ଥ ପର୍ଯ୍ୟାୟ ପାଇଁ ରାଜ୍ୟ ସରକାର ଗାଇଡ ଲାଇନ ଜାରି କରିଥିଲେ। ତେବେ ଏହି ଗାଇଡଲାଇନରେ କେତେକ ସଂଶୋଧନ କରାଯାଇଛି। ସଂଶୋଧିତ ଗାଇଡଲାଇନରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏଓପି ଏବଂ ଭାରତୀୟ ରେଳର ଗାଇଡଲାଇନ ଅନୁଯାୟୀ ଆନ୍ତଃରାଜ୍ୟ ଟ୍ରେନ୍ ଚଳାଚଳ କରିବ। ତେଣୁ ରେଳଷ୍ଟେଶନ, ବିମାନ ବନ୍ଦର କିମ୍ବା ଅନ୍ୟାନ୍ୟ ଯାତ୍ରୀଙ୍କୁ ନେବା ଆଣିବା ଲାଗି ଘରୋଇ ପରିବହନ, ଘରୋଇ ଯାନବାହନ, ଟ୍ୟାକ୍ସି ଗୁଡ଼ିକୁ ୨୪ ଘଣ୍ଟିଆ ଚଳାଚଳ ପାଇଁ ଅନୁମତି ଦିଆଯାଇଛି। ରାଜ୍ୟ ଭିତରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନରେ ଯାତ୍ରୀମାନଙ୍କୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଯାତ୍ରୀମାନେ ନିଜପାଖରେ ସାନିଟାଇଜର ରଖିବେ। ସାମାଜିକ ଦୂରତା ରକ୍ଷା କରି ଯାତ୍ରା କରିବେ। କରୋନା ଲକ୍ଷଣ ଥିବା ଯାତ୍ରୀଙ୍କୁ ଯାତ୍ରା କରିବାକୁ ଅନୁମତି ମିଳିବ ନାହିଁ ବୋଲି ଏସ୍‌ଆର୍‌ସି ଜେନା କହିଛନ୍ତି।

## ଆଗୁଆ ସୂଚନା ନ ଦେଲେ ସରକାରୀ ସୁବିଧା ମନା

ଭୁବନେଶ୍ୱର, ୨୪।୫(ବ୍ୟୁରୋ)

ବିନା ସୂଚନାରେ ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀ ଓଡ଼ିଆଙ୍କୁ ରାଜ୍ୟ ସରକାର କଡ଼ା ଚେତାବନୀ ଦେଇଛନ୍ତି। ରବିବାର ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ ଜେନା କହିଛନ୍ତି ଯେ, ଓଡ଼ିଶାକୁ ଆସିବା ପୂର୍ବରୁ ପ୍ରବାସୀ ଆଗୁଆ ସୂଚନା ଦିଅନ୍ତୁ, ନଚେତ ସରକାରୀ ସୁବିଧା ମିଳିବ ନାହିଁ। ସେହିଭଳି ବିନା ସୂଚନାରେ ଟ୍ରେନରେ ଆସିଲେ ଯାତ୍ରୀଙ୍କୁ ମାଗଣା ଟିକେଟ୍ ବ୍ୟବସ୍ଥା ମିଳିବ ନାହିଁ। କାରଣ ବିନା ସୂଚନାରେ ରାଜ୍ୟକୁ ପ୍ରବାସୀ ଓଡ଼ିଆ ଆସିବା ଫଳରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଆସିବା ପୂର୍ବରୁ ରାଜ୍ୟ ସରକାରଙ୍କୁ ଆବଶ୍ୟକ ସୂଚନା ଦେବା ପାଇଁ ଏସ୍‌ଆର୍‌ସି ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, ଏବେ ରାଜ୍ୟକୁ ଶ୍ରମିକ ସ୍ପେଶାଲ ଟ୍ରେନ୍ ଯାତ୍ରା କରୁଛି। ତେବେ ବିନା ସୂଚନାରେ ରାଜ୍ୟକୁ କେତେକ ପ୍ରବାସୀ ଓଡ଼ିଆ ଯାତ୍ରା କରୁଛନ୍ତି। ଏଥିଯୋଗୁ ସେମାନଙ୍କ ପାଇଁ ହଠାତ୍ କିଛି ବ୍ୟବସ୍ଥା କରାଯାଇପାରୁ ନାହିଁ। ତେଣୁ ଏନେଇ ଅଧିକ ସଚେତନ ତଥା ଦାୟିତ୍ୱସମ୍ପନ୍ନ ହେବାକୁ ଏସ୍‌ଆର୍‌ସି କହିଛନ୍ତି।

# କ୍ୱାରାଣ୍ଟାଇନ ଅବଧି କମିଲା

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ରାଜ୍ୟ ସରକାର କ୍ୱାରାଣ୍ଟାଇନ ଅବଧିରେ ପରିବର୍ତ୍ତନ କରିଛନ୍ତି। ଏଣିକି ପ୍ରବାସୀ ଓଡ଼ିଆମାନେ ୨୧ଦିନ ପରିବର୍ତ୍ତେ ୧୪ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳକୁ ଆସୁଥିବା ପ୍ରବାସୀ ଓଡ଼ିଆ ପଞ୍ଚାୟତସ୍ତରୀୟ କ୍ୱାରାଣ୍ଟାଇନ ସେଣ୍ଟରରେ ୭ଦିନ ରହିବାକୁ ବାଧ୍ୟତାମୂଳକ କରାଯାଇଛି। ଏହାପରେ ଯଦି ସେମାନଙ୍କ ପାଖରେ କରୋନାର କୌଣସି ଲକ୍ଷଣ ଦେଖା ନ ଯାଏ ତେବେ ସମ୍ପୃକ୍ତ ବ୍ୟକ୍ତି ନିଜ ଘରେ ଆଉ ୭ଦିନ କ୍ୱାରାଣ୍ଟାଇନରେ ରହିବାକୁ ହେବ। ଏପରି କି ଯଦି ସ୍ଥାନୀୟ କର୍ତ୍ତୃପକ୍ଷ ଅନୁଭବ କରିବେ ଯେ, ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ କ୍ୱାରାଣ୍ଟାଇନରେ ରହିବାକୁ ଆବଶ୍ୟକ ସୁବିଧା ନାହିଁ ତେବେ ସଂକ୍ରମଣକୁ ରୋକିବାକୁ ସ୍ଥାନୀୟ ପ୍ରଶାସନ ଏହି ଅବଧିକୁ ବଢ଼ାଇପାରିବେ। ସେହିଭଳି ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଥିବା ବ୍ୟକ୍ତିଙ୍କଠାରେ ଯଦି ୧୪ଦିନ ମଧ୍ୟରେ କୋଭିଡ-୧୯ ଲକ୍ଷଣ ଦେଖାଯାଏ କିମ୍ବା ସଂକ୍ରମଣର ଆଶଙ୍କା ରହେ, ତେବେ ସେମାନଙ୍କୁ ସିଧାସଳଖ ଡାକ୍ତରଖାନା ନ ପଠାଇ ୧୦୪ ହେଲ୍‌ପଲାଇନ ନମ୍ବରକୁ କଲ କରି ଡାକ୍ତରଙ୍କ ପରାମର୍ଶ ନେବାକୁ ପଡ଼ିବ। ଯଦି ହସ୍ପିଟାଲ ଯିବା ପାଇଁ ଆବଶ୍ୟକ ପଡ଼େ ତେବେ ଡାକ୍ତର ତାଙ୍କୁ କହିବେ ସେ କୋଭିଡ୍ କେୟାର ସେଣ୍ଟର ନା କୋଭିଡ୍ ହସ୍ପିଟାଲକୁ ଯିବେ।



ପ୍ରଦୀପ ଜେନା

- ୨୧ଦିନ ନୁହେଁ, ୧୪ଦିନ ରହିବେ ପ୍ରବାସୀ ଓଡ଼ିଆ
- ସହରାଞ୍ଚଳକୁ ଆସୁଥିବା ପ୍ରବାସୀ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ବାଧ୍ୟ
- ସରକାରୀ କର୍ମଚାରୀ, ବୃତ୍ତିଧାରୀ, ବ୍ୟବସାୟୀଙ୍କୁ କ୍ୱାରାଣ୍ଟାଇନ ଛାଡ଼

ସେହିଭଳି ସହରାଞ୍ଚଳକୁ ଆସୁଥିବା ପ୍ରବାସୀ ଓଡ଼ିଆ ବାଧ୍ୟତାମୂଳକ ଭାବେ ହୋମ୍ କ୍ୱାରାଣ୍ଟାଇନରେ ରହିବେ। ଏହି ସମୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜାରି ହୋଇଥିବା ସମସ୍ତ କ୍ୱାରାଣ୍ଟାଇନ ସର୍ତ୍ତାବଳୀକୁ ପାଳନ କରିବେ। ଯଦି ତାଙ୍କ ଘରେ ଆବଶ୍ୟକ ସୁବିଧା ନ ଥାଏ ବା କ୍ୱାରାଣ୍ଟାଇନ ଅବଧି ସମୟରେ ସେ ସର୍ତ୍ତାବଳୀକୁ ଉଲ୍ଲଂଘନ କରନ୍ତି ତେବେ ଏଭଳି ପରିସ୍ଥିତିରେ ସ୍ଥାନୀୟ କର୍ତ୍ତୃପକ୍ଷ ତାଙ୍କୁ ସରକାରଙ୍କ ଦ୍ୱାରା ପରିଚାଳିତ ସଙ୍ଗରୋଧ କେନ୍ଦ୍ରରେ ରହିବାକୁ ନିର୍ଦ୍ଦେଶ ଦେଇପାରନ୍ତି। କିମ୍ବା ବ୍ୟକ୍ତି ଚାହିଁଲେ ଚିହ୍ନଟ ହୋଟେଲରେ ପେଡ୍ କ୍ୱାରାଣ୍ଟାଇନରେ ରହିପାରିବେ। ତେବେ ପେଡ୍ କ୍ୱାରାଣ୍ଟାଇନର ସମସ୍ତ ଖର୍ଚ୍ଚ ସମ୍ପୃକ୍ତ ବ୍ୟକ୍ତି ବହନ କରିବେ ଏବଂ ଏହି ଅବଧି ସମୟରେ ତାଙ୍କର ସମସ୍ତ ଗତିବିଧିକୁ ସରକାର ଅନୁଧ୍ୟାନ କରିବେ ବୋଲି ଏସ୍‌ଆର୍‌ସି କହିଛନ୍ତି।

ଅନ୍ୟପକ୍ଷରେ କିଛି ସରକାରୀ କର୍ମଚାରୀ, ବ୍ୟବସାୟୀ, କିଛି କୁଶଳୀ ବ୍ୟକ୍ତି କିମ୍ବା କର୍ମଜୀବୀ କୌଣସି କାମରେ ଓଡ଼ିଶାକୁ ଆସି ୭୨ଘଣ୍ଟା ମଧ୍ୟରେ ଫେରିବାକୁ ଥିବେ, ସେମାନଙ୍କୁ ବାଧ୍ୟତାମୂଳକ କ୍ୱାରାଣ୍ଟାଇନରୁ ମୁକ୍ତ କରାଯାଇଛି। ଯଦି ସେମାନଙ୍କ ଓଡ଼ିଶାରେ ୩ଦିନରୁ ଅଧିକ ଦିନ ରହିବାର ନାହିଁ, ତେବେ ଏଭଳି ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନରେ ରହିବାର ଆବଶ୍ୟକତା ନାହିଁ। ସେହିଭଳି ଯଦି ଓଡ଼ିଶାର କୌଣସି ବ୍ୟକ୍ତି ବାହାର ରାଜ୍ୟକୁ ୩ ଦିନ ପାଇଁ ଯାଉଛନ୍ତି, ତେବେ ସେ ମଧ୍ୟ କ୍ୱାରାଣ୍ଟାଇନରେ ରହିବାର କୌଣସି ଆବଶ୍ୟକତା ନାହିଁ। ଏଥିସହିତ ଯଦି କୌଣସି ବ୍ୟକ୍ତି ଓଡ଼ିଶାକୁ ଆସିବା ପୂର୍ବରୁ କ୍ୱାରେଣ୍ଟାଇନରେ ରହି ସାରିଛନ୍ତି, ତେବେ ସେହି ବ୍ୟକ୍ତିଙ୍କୁ ଆଉ କ୍ୱାରାଣ୍ଟାଇନରେ ରହିବା ଦରକାର ନାହିଁ। ମାତ୍ର ଏଥିପାଇଁ ଉକ୍ତ ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିଥିବା ଏକ ପ୍ରମାଣପତ୍ର ଦେବାକୁ ପଡ଼ିବ ବୋଲି ଏସଆର୍‌ସି ସୂଚନା ଦେଇଛନ୍ତି।

## ବସ୍ ଚଳାଇବା ସମ୍ଭବ ନୁହେଁ: ସଂଘ

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ବସ୍ ସେବା ରାଜ୍ୟରେ ସୋମବାରଠାରୁ ଆରମ୍ଭ କରିହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ବସ୍‌ରେ ଥିବା ସିଟ୍ ଅନୁଯାୟୀ ଯାତ୍ରୀ ଯାଇପାରିବେ ବୋଲି ସରକାର କହିଛନ୍ତି। କିନ୍ତୁ ବସ୍ ମାଲିକ ସଂଘ ପକ୍ଷରୁ ଅନ୍ୟ ଯେଉଁସବୁ ଦାବି ରଖାଯାଇଥିଲା ତାକୁ ନେଇ କୌଣସି ନିଷ୍ପତ୍ତି ସରକାର ନେଇନାହାନ୍ତି। ତେଣୁ ସୋମବାରଠାରୁ ବସ୍ ଚଳାଇବା ସମ୍ଭବପର ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବସ୍ ମାଲିକ ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି ଯେ, ସଂଘ ସହ ରାଜ୍ୟ ସରକାର କିମ୍ବା କୌଣସି ଅଧିକାରୀ ଆଲୋଚନା କରିନାହାନ୍ତି। ବର୍ତ୍ତମାନ ସରକାର ଯେମିତି କହିଛନ୍ତି ସେଭଳି ଗାଡ଼ି ଚଳାଇବା ସମ୍ଭବ ହେବନାହିଁ। ଲକ୍‌ଡାଉନ ଯୋଗୁ ଡ୍ରାଇଭର, କଣ୍ଡକ୍ଟର ଏବଂ ହେଲ୍‌ପର ମଧ୍ୟ ନିଜ ନିଜ ଗ୍ରାମକୁ ଚାଲିଯାଇଛନ୍ତି। ତେଣୁ ବସ୍ ଚଳାଇବା ନେଇ ଆଞ୍ଚଳିକ ବସ୍ ମାଲିକମାନଙ୍କ ସହ ଆଲୋଚନା କରାଯିବାପରେ ଯେକୌଣସି ନିଷ୍ପତ୍ତି ନିଆଯିବ ବୋଲି ଦେବାଶିଷ କହିଛନ୍ତି।

ବସ୍ ଚଳାଇବା ପୂର୍ବରୁ ମାଲିକ ସଂଘ ପକ୍ଷରୁ ୬ଟି ଦାବି ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟତଃ ଯେତିକି ଦିନ ଗାଡ଼ି ଚାଲି ନାହିଁ ସେତିକିଦିନ ପାଇଁ ଟିକସ ଛାଡ଼ କରିବା ଏବଂ ବ୍ୟାଙ୍କ ଋଣ ଛାଡ଼ କରିବା ନେଇ ଦାବି ରଖିଥିଲେ। ହେଲେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି ଯେ, ସଂଘର ଯାହାସବୁ ଦାବି ରହିଛି ସେ ବାବଦରେ ଆଲୋଚନା ହୋଇନାହିଁ। ପରବର୍ତ୍ତୀ ସମୟରେ ଆଲୋଚନା କରାଯାଇ ଯାହା କିଛି ନିଷ୍ପତ୍ତି ନିଆଯିବ।

## ଅଂଶୁଘାତ ମୁକାବିଲା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ତୁରନ୍ତ ଅଚଳ ନଳକୂପ, ପାନୀୟ ଜଳ ପ୍ରକଳ୍ପ ମରାମତି କରିବାକୁ ପରାମର୍ଶ**

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେଲାଣି। ପ୍ରବଳ ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ, ପଶ୍ଚିମ ଏବଂ ଉପକୂଳ ଓଡ଼ିଶାର ୧୦ଟି ଜିଲାରେ ଗ୍ରୀଷ୍ମ ପ୍ରବାହ ଅଧିକ ରହିବ। ଏପିରି କି ପାରଦ ୪୭ଡିଗ୍ରୀ ସେଲସିୟସ ନିକଟକୁ ଚାଲିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏନେଇ ବିଭାଗ ପକ୍ଷରୁ କେତେକ ଜିଲାରେ ୟେଲୋ ଏବଂ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଂଶୁଘାତ ମୁକାବିଲା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଏନେଇ ରବିବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଗ୍ରୀଷ୍ମ ପ୍ରକୋପକୁ ଦେଖି ପରିସ୍ଥିତିର ସମୀକ୍ଷା କରିବା ସହ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଜଳ ଯୋଗାଣ ଅଭାବକୁ ଦୃଷ୍ଟିରେ ରଖି ତୁରନ୍ତ ଅଚଳ ନଳକୂପ ଏବଂ ପାନୀୟ ଜଳ ପ୍ରକଳ୍ପଗୁଡିକୁ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳ ସଙ୍କଟ ଥିବା ଅଞ୍ଚଳରେ ପାଣି ଟ୍ୟାଙ୍କର ଏବଂ ପାନୀୟ ଜଳ କେନ୍ଦ୍ର ସ୍ଥାପନ କରି ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ଅଂଶୁଘାତ ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଅଂଶୁଘାତ ପ୍ରସ୍ତୁତି ଓ ପରିସ୍ଥିତି ବିଷୟରେ ନିୟମିତ ଭାବେ ଜଣାଇବାକୁ କୁହାଯାଇଛି।

# ୪ ଦିନ ୧୦ ଜିଲାରେ ହିଟ୍ ୱେଭ୍

- ୨୫ରେ ୟେଲୋ, ୨୬ରୁ ୨୮ ଅରେଞ୍ଜ ୱାର୍ନିଂ
- ୪୦ ଡିଗ୍ରୀ ଉପରେ ୧୪ ସହର
- ଟିଟିଲାଗଡ଼ର ସର୍ବାଧିକ ୪୫.୮ ଡିଗ୍ରୀ

ଭୁବନେଶ୍ୱର, ୨୪।୫(ବ୍ୟୁରୋ)

ସାରା ରାଜ୍ୟରେ ଅସମ୍ଭାଳ ହୋଇପଡ଼ିଛି ଖରା ତାତି। ଗତ ଦୁଇଦିନ ହେଲା ୪୫ ଡିଗ୍ରୀ ଉପରେ ପାରଦ ରହିଥିବାବେଳେ ରବିବାର ମଧ୍ୟ ୧୪ ସହରରେ ତାପମାତ୍ରା ୪୦ ଡିଗ୍ରୀ ଡେଇଁଥିଲା। ତାଳଚେରରେ ୪୪.୪ ଡିଗ୍ରୀ, ବଲାଙ୍ଗୀର ଓ ଭବାନୀପାଟଣାରେ ୪୪, ମାଲକାନଗିରି ୪୩.୩, ସୋନପୁର ୪୩, ସମ୍ବଲପୁର ଓ ପାରଳାଖେମୁଣ୍ଡିରେ ୪୨.୨ ଓ ଟିଟିଲାଗଡ଼ର ସର୍ବାଧିକ ତାପମାତ୍ରା ୪୫.୮ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୧୦ ଜିଲାରେ ହିଟ୍ ୱେଭ୍ ଜାରି ରହିବ। ଏହାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସେସବୁ ଜିଲାକୁ ୪ ଦିନ ପାଇଁ ହିଟ୍ ୱେଭ୍ ୱାର୍ନିଂ ଜାରି କରିଛି। ସେହି ଜିଲାଗୁଡ଼ିକ ହେଲା ବଲାଙ୍ଗୀର, କଳାହାଣ୍ଡି, ଅନୁଗୋଳ, ବୌଦ୍ଧ, ସୋନପୁର, ନୂଆପଡ଼ା, ବରଗଡ଼, ଝାରସୁଗୁଡା, ମାଲକାନଗିରି ଓ ସମ୍ବଲପୁର। ଛୋଟ ପିଲା, ଅସୁସ୍ଥ ଓ ବୟସ୍କ ବ୍ୟକ୍ତିଙ୍କୁ ଖରାରୁ ଦୂରେଇ ରଖିବାକୁ ପରାମର୍ଶ ଦିଆଯାଇଛି। ହିଟ୍ ୱେଭ୍ ନେଇ ସୋମବାର ଦିନ ଏହି ୧୦ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ମଙ୍ଗଳବାରରୁ ଗୁରୁବାର ପର୍ଯ୍ୟନ୍ତ ଅର୍ଥାତ୍ ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

ସେପଟେ ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି। ୨୬ ଓ ୨୭ରେ କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ୭ ଜିଲାର କିଛି ଅଞ୍ଚଳରେ ବର୍ଷା ହେବାର ଆଶଙ୍କା ରହିଛି। ୨୮ରେ ଉପକୂଳ ଓଡ଼ିଶାର କିଛି ସ୍ଥାନ ସହିତ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ ଜିଲାରେ ସ୍ୱଳ୍ପ ବର୍ଷା ହେବ। ତେବେ ଉକ୍ତଦିନ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ, ଢେଙ୍କନାଳ, ବାଲେଶ୍ୱର ପରି ୧୩ ଜିଲାରେ ଘଡ଼ଘଡ଼ି ବିଜୁଳି ସହ ଝଡ଼ତୋଫାନ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

## ‘ଉମଙ୍ଗ’ରେ ଭୁବନେଶ୍ୱର ପାଣିପାଗ କେନ୍ଦ୍ର

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ମୋବାଇଲ୍ ଆପ୍ ମାଧ୍ୟମରେ ମିଳିବ ପାଣିପାଗର ଆଗୁଆ ସୂଚନା। ଏଣିକି ଘରେ ବସି ଜାଣିହେବ ପାଣିପାଗର ଟିକିନିଖି ସୂଚନା। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଡିଜିଟାଲ ଇଣ୍ଡିଆ ମାଧ୍ୟମରେ ୨୦୧୭ରେ ପ୍ରସ୍ତୁତ ହୋଇଥିବା ଉମଙ୍ଗ ଆପ୍‌ରେ ଏବେ ଭୁବନେଶ୍ୱର ପାଣିପାଗ କେନ୍ଦ୍ରକୁ ଯୋଡ଼ାଯାଇଛି। ନିଜ ଅଞ୍ଚଳର ବର୍ଷା ପବନ ସହ ତାପମାତ୍ରା ଏବଂ ଆଦ୍ରତା ସମ୍ପର୍କରେ ଏହି ଆପ୍‌ରୁ ଅତି ସହଜରେ ତଥ୍ୟ ମିଳିପାରିବ। ଏଥିରେ ପ୍ରାୟ ୧୫୦ଟି ଦେଶର ପାଣିପାଗ ସୂଚନା ଉପଲବ୍ଧ ରହିଥିବାବେଳେ ଯେକୌଣସି ମୁହୂର୍ତ୍ତରେ ସବୁ ସ୍ଥାନର ପାଣିପାଗ ସୂଚନା ଏଥିରୁ ମିଳିପାରିବ। ସେହିଭଳି ଦିନକୁ ୮ଥର ପାଣିପାଗ କେନ୍ଦ୍ର ପକ୍ଷରୁ ଉମଙ୍ଗରେ ପାଣିପାଗ ସୂଚନା ଅପ୍‌ଡେଟ୍ କରାଯିବ। ୪୫୦ଟି ସହରର ସୂଚନା ଦିନକରେ ୨୫ଥର ପାଇବା ସହ ଆଗାମୀ ୭ ଦିନର ପାଣିପାଗ ଅପଡେଟ୍ ଏହି ଆପ୍‌ରେ ଉପଲବ୍ଧ ହେବ।

# କରୋନାର ବିଦାୟ ତାରିଖ ଜଣାଇଲା ଅଧ୍ୟୟନ

**ସିଙ୍ଗାପୁର ଗବେଷକଙ୍କ ପୂର୍ବାନୁମାନ**

- ନଭେମ୍ବର ୧୧ ସୁଦ୍ଧା ଆମେରିକାରୁ ମହାମାରୀ ବିଲୋପ ହେବ
- ସେପ୍ଟେମ୍ବର ଶେଷ ସୁଦ୍ଧା ବ୍ରିଟେନ୍ ଏବଂ ଅକ୍ଟୋବର ୨୪ ବେଳକୁ ଇଟାଲୀ ହେବ କରୋନାମୁକ୍ତ
- ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଲହରର ଆଶଙ୍କା ନାହିଁ

ୱାଶିଂଟନ,୨୪।୫

କରୋନା ସଂକ୍ରମଣରେ ସାରା ବିଶ୍ୱରେ ପ୍ରାୟ ୫୫ ଲକ୍ଷ ଲୋକ ଆକ୍ରାନ୍ତ ହୋଇଥିବାବେଳେ ପାଖାପାଖି ସାଢ଼େ ୩ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏଥିରେ ଆମେରିକା ଶୀର୍ଷରେ ରହିଛି। ଏଠାରେ ରବିବାର ସୁଦ୍ଧା ୧୬ ଲକ୍ଷ ୭୫ ହଜାରରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାବେଳେ ପ୍ରାୟ ଲକ୍ଷେ ଜୀବନଦୀପ ଲିଭିଲାଣି। ଏଭଳି ସ୍ଥିତିରେ ଆମେରିକା ପାଇଁ ସିଙ୍ଗାପୁର ଗବେଷକମାନଙ୍କ ଅଧ୍ୟୟନ ଆଶ୍ୱସ୍ତି ଆଣିଦେଇଛି। କାରଣ ଆମେରିକାରେ କରୋନା ମହାମାରୀର କେବେ ଅନ୍ତ ଘଟିବ ତାହାର ତାରିଖ ସେମାନେ ବତାଇଛନ୍ତି। କେବଳ ଆମେରିକା ନୁହେଁ, ବ୍ରିଟେନ, ଇଟାଲୀ ଭଳି କେତେକ ଦେଶରେ ମଧ୍ୟ ଏହି ମହାମାରୀର ବିଲୋପ ତାରିଖ ସେମାନେ ଜଣାଇଛନ୍ତି। ଏହାସହିତ କରୋନା ସଂକ୍ରମଣର ନିରନ୍ତର ହ୍ରାସ ଜାରି ରହିବ ଏବଂ ଆଉ କୌଣସି ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଲହରର ଆଶଙ୍କା ନାହିଁ ବୋଲି ସେମାନେ ଭବିଷ୍ୟବାଣୀ କରିଛନ୍ତି।

ସିଙ୍ଗାପୁର ଟେକ୍ନୋଲୋଜି ଆଣ୍ଡ ଡିଜାଇନ ୟୁନିଭର୍ସିଟିର ଗବେଷକମାନେ ଗାଣିତିକ ମଡେଲିଂ ଜରିଆରେ ବିଭିନ୍ନ ଦେଶରେ କରୋନା ବିଦାୟ ନେବାର ତାରିଖଗୁଡ଼ିକୁ ପୂର୍ବାନୁମାନ କରିଛନ୍ତି। ତଦନୁଯାୟୀ, ନଭେମ୍ବର ୧୧ ସୁଦ୍ଧା ଆମେରିକା କରୋନା ଭାଇରସ୍ ମୁକ୍ତ ହେବା ଭଳି ସ୍ଥିତି ଉପୁଜିଥିବାବେଳେ ସେପ୍ଟେମ୍ବର ୩୦ ସୁଦ୍ଧା ବ୍ରିଟେନରୁ କରୋନା ସଂକ୍ରମଣର ବିଲୋପ ଘଟିପାରେ। ସେହିପରି ମେ ୮ରେ କରାଯାଇଥିବା ଆକଳନ ଅନୁଯାୟୀ ଇଟାଲୀ ଅକ୍ଟୋବର ୨୪ ସୁଦ୍ଧା ଏହି ମହାମାରୀରୁ ସମ୍ପୂର୍ଣ୍ଣ ଆଶ୍ୱସ୍ତି ପାଇବ। ଦେଶଗୁଡ଼ିକର ପ୍ରତିଦିନର ନୂଆ ମାମଲାଗୁଡ଼ିକୁ ଉକ୍ତ ମଡେଲ ଟ୍ରାକ୍ କରି ଭୂତାଣୁ କେତେଦିନ ଯାଏ ବିସ୍ତାରିତ ହେବ ସେନେଇ ଜାଣିପାରୁଛି। ତଥାପି ପୂର୍ବାନୁମାନ ଏକ ଅନିଶ୍ଚିତତା ବୋଲି ଗବେଷକମାନେ ସୂଚାଇ ଦେଇଛନ୍ତି। ଏହାର କାରଣ ହେଉଛି ଭୂତାଣୁର ଜଟିଳତା। ଏହାସହିତ ଦେଶଗୁଡ଼ିକରେ କଟକଣା ଏବଂ ଟେଷ୍ଟିଂ ପ୍ରୋଟୋକଲ ଭଳି କେତେକ ଫ୍ୟାକ୍ଟର ଅନ୍ୟତମ କାରଣ ହୋଇପାରେ।




ଆମେରିକାରେ ମେ ୬ରୁ ୧୨ତାରିଖ ମଧ୍ୟରେ ପୂର୍ବାନୁମାନଗୁଡିକରେ କ’ଣ ପରିବର୍ତ୍ତନ ଘଟୁଛି ତାହା ଲକ୍ଷ୍ୟ କରାଯାଇଥିଲା। ତାହା ଅପେକ୍ଷାକୃତ ସ୍ଥିର ଥିବା ଜଣାପଡିଛି। ଏହା ସୂଚାଉଛି ଯେ, ମହାମାରୀର ତାତ୍ତ୍ୱିକ ପରିସମାପ୍ତି ପାଇଁ ଦୀର୍ଘ ସମୟ ଲାଗିବ। ସଂକ୍ରମଣର ସ୍ଥିତିକୁ ଆଧାର କରି ଗବେଷକମାନେ ଅତିରିକ୍ତ ନୀତି ଓ ପଦକ୍ଷେପ ଦରକାର ପଡ଼ିବ ବୋଲି ପରାମର୍ଶ ଦେଇଛନ୍ତି। ଏପରି କି ଆମେରିକା ଏବଂ ବ୍ରାଜିଲରେ ବର୍ତ୍ତମାନର ପଦକ୍ଷେପ ଯଦି ସ୍ଥିର ହୋଇରହେ ଏବଂ ଟିକା ବିକଶିତ ନ ହୁଏ ତେବେ ବର୍ଷର ଅବଶିଷ୍ଟ ସମୟରେ ମଧ୍ୟ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିପାରେ ବୋଲି ଗବେଷକମାନଙ୍କ ଅଧ୍ୟୟନରୁ ଜଣାପଡ଼ିଛି। ପୂର୍ବାନୁମାନଗୁଡିକ କେବଳ ଆକଳନ ଏବଂ ବିଭିନ୍ନ କାରଣ ଉପରେ ନିର୍ଭର କରି ଏହା ପରିବର୍ତ୍ତନ ହୋଇପାରେ ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି।

କିଛି ପୂର୍ବାନୁମାନକୁ ଆଧାରକରି ଅତ୍ୟଧିକ ଆଶାବାଦୀ ହେବା ବିପଜ୍ଜନକ ହୋଇପାରେ। କାରଣ ଏହା ହୁଏତ ଆମର ଶୃଙ୍ଖଳା ଏବଂ ନିୟନ୍ତ୍ରଣକୁ ମୁକ୍ତ କରିପାରେ, ଯାହା ସଂକ୍ରମଣର କାରଣ ସାଜିବା ଆଶଙ୍କା ରହିଛି। ତେଣୁ ଅସାବଧାନତାକୁ ଏଡ଼ାଇବାକୁ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। କିଛି ମାସର ଲକ୍‌ଡାଉନ୍ ପରେ ବର୍ତ୍ତମାନ ଆମେରିକାର ସମସ୍ତ ୫୦ ରାଜ୍ୟ ଧୀରେ ଧୀରେ ଖୋଲୁଛି ଏବଂ କଟକଣାଗୁଡ଼ିକ କୋହଳ ହେବାରେ ଲାଗିଛି। ତେବେ ଅତିଶୀଘ୍ର କଟକଣା କୋହଳ ହେବା ଦ୍ୱାରା ସଂକ୍ରମଣ ମାମଲା ବୃଦ୍ଧି ଘଟିପାରେ ବୋଲି ବିଶେଷଜ୍ଞ ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନେ ଚେତାବନୀ ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ମାମୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ମିଳିବ ଘରୋଇ ବିମାନ ସେବା



■ ଭୁବନେଶ୍ୱରରୁ ଉଡ଼ିବ ୧୦ ବିମାନ
■ ହାଇଦ୍ରାବାଦରୁ ଆସିବ ପ୍ରଥମ ବିମାନ

ଭୁବନେଶ୍ୱର, ୨୪।୫ (ବ୍ୟୁରୋ)

ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଅବଧି ସରି ଆସୁଥିବାବେଳେ ଧୀରେ ଧୀରେ ଯାତ୍ରୀ ପରିବହନ ସେବା ସ୍ୱାଭାବିକ ହେବାରେ ଲାଗିଛି। ପ୍ରାୟ ୨ମାସ ଧରି ବନ୍ଦ ରହିଥିବା ଘରୋଇ ବିମାନ ସେବା ସୋମବାରଠାରୁ ଆରମ୍ଭ ହେଉଛି। ଦେଶର ବିଭିନ୍ନ ସ୍ଥାନକୁ ଘରୋଇ ବିମାନ ଚଳାଚଳ କରିବ। ଏଥିପାଇଁ ବିମାନବନ୍ଦର ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି ଚାଲିଛି। ବିମାନବନ୍ଦରରେ ପରିବର୍ତ୍ତିତ କଟକଣା ଓ ନିୟମ ଲାଗୁ ହୋଇଥିବାବେଳେ ଏହି ଅନୁଯାୟୀ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ। ବିଶେଷକରି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଟଚ୍ ଫ୍ରି କରାଯାଇଥିବାବେଳେ ଏଠାରେ ୧୦ ବିମାନ ଉଡ଼ାଣ କରିବ। ଏଥିମଧ୍ୟରେ ଦିଲ୍ଲୀକୁ ୩ଟି ବିମାନ, ୨ଟି ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ, ଚେନ୍ନାଇ, କୋଲକାତା ଓ ଝାରସୁଗୁଡ଼ାକୁ ଗୋଟିଏ ଲେଖାଏ ବିମାନ ଚଳାଚଳ। ତେବେ ଏଥିମଧ୍ୟରୁ ମୁମ୍ବାଇ, କୋଲକାତା ଏବଂ ଅନ୍ୟ କେତେକ ସ୍ଥାନରେ କିଛି ସମସ୍ୟା ଥିବାଯୋଗୁ ୨ରୁ ୩ଟି ବିମାନ ବାତିଲ ହେବାର ସମ୍ଭାବନା ରହିଛି।

ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ଭି.ଭି ରାଓ କହିଛନ୍ତି, ସୋମବାର ସକାଳ ୮ଟା ୧୦ରେ ହାଇଦ୍ରାବାଦରୁ ପ୍ରଥମ ବିମାନ ଭୁବନେଶ୍ୱରରେ ପହଞ୍ଚିବ ଓ ୮ଟା ୪୦ରେ ତାହା ହାଇଦ୍ରାବାଦ ଅଭିମୁଖେ ବାହାରିବ। ସେବା ଆରମ୍ଭ ପୂର୍ବରୁ ରବିବାର ସମସ୍ତ ଷ୍ଟେକ୍ ହୋଲ୍ଡରମାନଙ୍କୁ ନେଇ ଏକ ଟ୍ରାଏଲ ରନ୍ କରାଯାଇଥିଲା। ଯାତ୍ରୀଙ୍କୁ ଟଚ୍ ଫ୍ରୀ ସେବା ଦେବା ପାଇଁ ବିମାନବନ୍ଦର ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ରାଓ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### ଘରେ ନ ମିଳଇ ଲେମ୍ବୁଲୁଣ ପଦାରେ ଲୋଡ଼ଇ ତିନି ତିଅଣ ।

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭାପାଇ ନ ଥାଏ। ଦିନକୁ ଦି' ଓଳି ଦି' ମୁଠା ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ପରଘରେ ନାନା ରକମର ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ନିହାତି ହାସ୍ୟାସ୍ପଦ ମନେହୋଇଥାଏ। ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

### ଘୋଡ଼ା ନ ଖାଇଲେ ଘାସ ଦିଅ ପୁରାଣ ପଣ୍ଡାର ଦୋଷ ।

ଘୋଡ଼ା ଘାସ ଖାଇବ କି ନ ଖାଇବ ତାହା ତା'ର ଏକାନ୍ତ ବ୍ୟକ୍ତିଗତ କଥା ହୋଇଥାଏ। ଏଥିପାଇଁ ଅନ୍ୟକୁ ଦୋଷାରୋପ କରିବାର ମାନେ କିଛି ହୋଇ ନ ଥାଏ । କୌଣସି ଘଟଣା ବା କଥା ପାଇଁ ଅନ୍ୟକୁ ଦାୟୀ କରିବା ଅବିବେକୀର ପରିଚୟ ହୋଇଥିବାସ୍ଥଳେ ଅନ୍ୟ ମୁଣ୍ଡରେ ଅକାରଣେ ଦୋଷ ଛଡ଼େଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**


## classified




**SALE**

Completed 2BHK/ 3BHK flats for sale near V2Showroom, Patrapada, Bhubaneswar-9861037729, 9040337729. D-63979

Immediate ଘରକରି ରହିବା ପାଇଁ ଭୁବନେଶ୍ୱର ବରଗଡ଼ ମୌଜାରେ ଘରବାରି plot ମିଳୁଛି। 9938756259. D-69503

ମଙ୍ଗୁଳି ଛକରୁ 1.5 KM ଦୂରରେ yellow zone plot demarcated ସହିତ ମିଳୁଛି। 8480619769. D-69504

Gold on Booking. 4/5 BHK Duplex at Balianta. Construction-2200 @ 60Lakhs/ 2600 @ 70Lakhs. Mplanets: 9938219397/ 9861022055. D-17327




Monalisa massage club : All types body massage with hiprofile smart lady rooms service available 9708545108. D-17341

Newly open spa centre full body massage smart ladies: 8260347387. D-59948

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69258

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଖାତାଦେଖା, ପରୀକ୍ଷା, ନୂଆ ନାମଲେଖା ପାଇଁ ଚାପରେ ସରକାର

**କରୋନା ଗାଡ଼**

■ ମଙ୍ଗଳବାର ଯୁକ୍ତ ୩ ପରୀକ୍ଷା ନେଇ କୁଳପତିଙ୍କ ସହ ଦ୍ୱିତୀୟ ବୈଠକ
■ ଯୁକ୍ତ ୨ ପିଲାଙ୍କ ପରୀକ୍ଷା, ଖାତାଦେଖା ପାଇଁ ବାଧକ କ୍ୱାରାଣ୍ଟାଇନ ସେଣ୍ଟର
■ ଦିନକ ପରେ ଆରମ୍ଭ ହେବ ମାଟ୍ରିକ ଖାତାଦେଖା

ଭୁବନେଶ୍ୱର, ୨୪।୫(ବ୍ୟୁରୋ)

ଲକ୍‌ଡାଉନ ଦେଶର ବିଭିନ୍ନ କ୍ଷେତ୍ର ଉପରେ ବ୍ୟାପକ ପ୍ରଭାବ ପକାଇଛି। ସମାନଭାବେ ଶିକ୍ଷା କ୍ଷେତ୍ର ଉପରେ ଏହା ବିଶେଷ ପ୍ରଭାବ ପକାଇଥିବା ଯୋଗୁ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ପାଠପଢ଼ା ବର୍ତ୍ତମାନ ଦିଗହରା ହୋଇଛି। ଏବେ ସୁଦ୍ଧା ବିଭିନ୍ନ ଶ୍ରେଣୀର ପରୀକ୍ଷାଫଳ ବାହାରି ପିଲାମାନଙ୍କ ନୂଆ ଶ୍ରେଣୀରେ ନାମଲେଖା ଶେଷ ହେବା କଥା। କିନ୍ତୁ ଏହା ସମ୍ଭବ ହୋଇ ନ ଥିବାବେଳେ ଯୁକ୍ତ ୨ଠାରୁ ଆରମ୍ଭକରି ଯୁକ୍ତ ୩ ଏବଂ ପିଜି ପିଲାମାନଙ୍କ ପରୀକ୍ଷା ଏ ପର୍ଯ୍ୟନ୍ତ ଶେଷ ହୋଇପାରି ନାହିଁ। ଆସନ୍ତା ମଙ୍ଗଳବାର ଦ୍ୱିତୀୟ କୁଳପତିସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ସମସ୍ତ ପରୀକ୍ଷା ପ୍ରସ୍ତୁତି ଏବଂ ଜୁନ୍ ୧୭ରେ କଲେଜ ଖୋଲିବାକୁ ଥିବାବେଳେ ଏଥିଲାଗି ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯିବ। ଗତ ୬ ତାରିଖରେ କୁଳପତିମାନଙ୍କ ସହ ଏକ ବୈଠକ କରାଯାଇ ବାକିଥିବା ସବୁ ପରୀକ୍ଷା ଶେଷ କରିବାକୁ ନିଷ୍ପତ୍ତି ହୋଇଥିଲା। ଉକ୍ତ ନିଷ୍ପତ୍ତି ଅନୁଯାୟୀ, ଯୁକ୍ତ ୩ ମହାବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ୬ଷ୍ଠ ଏବଂ ୪ର୍ଥ ସେମିଷ୍ଟର ପରୀକ୍ଷା ଓ ଏହାର ଫଳ ପ୍ରକାଶ ସେପ୍ଟେମ୍ବର ସୁଦ୍ଧା ଶେଷ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଦୀର୍ଘଦିନ ଧରି କଲେଜ ବନ୍ଦ ରହିବା ପରେ ଏତେବଡ଼ ଦାୟିତ୍ୱ ତୁଲାଇବା କଲେଜ କର୍ତ୍ତୃପକ୍ଷଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଥିବା ବିଭିନ୍ନ ମହଲରେ ଆଲୋଚନା ଚାଲିଛି।

ବୈଠକକରି ନିଷ୍ପତ୍ତି ନେବା ଏବଂ ଏହାକୁ ବାସ୍ତବ କ୍ଷେତ୍ରରେ ଲାଗୁ କରିବା କୁଳପତିମାନଙ୍କ ଲାଗି ଏକ ଚ୍ୟାଲେଞ୍ଜ ହୋଇଛି। ଅନ୍ୟପଟେ ଏ ପର୍ଯ୍ୟନ୍ତ ଯୁକ୍ତ୨ ପରୀକ୍ଷା ଶେଷ ହୋଇ ନ ଥିବାବେଳେ ଏହାକୁ ଚୂଡ଼ାନ୍ତ କରିବା ଏବଂ ଫଳ ପ୍ରକାଶ କରି ସେମାନଙ୍କୁ ଯୁକ୍ତ ୩ଶ୍ରେଣୀରେ ନାମ ଲେଖାଇବା ଆହୁରି ଏକ ବିରାଟ ସମସ୍ୟା ବୋଲି ଅଧିକାଂଶ କଲେଜ କର୍ତ୍ତୃପକ୍ଷ ଏବେଠାରୁ ମନେକଲେଣି। ଏହାକୁ କିଭଳି ଦାୟିତ୍ୱ ସହକାରେ ତୁଲାଇବେ ଏବଂ ଛାତ୍ରୀଛାତ୍ରମାନଙ୍କୁ ଏଥିଲାଗି ଯେପରି କୌଣସି ଅସୁବିଧା ନ ହେବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଯୁକ୍ତ ୩ର ସମସ୍ତ ପରୀକ୍ଷା ଶେଷ କରିବାର ପ୍ରସ୍ତୁତି କେତେ ମାତ୍ରାରେ ହେଲାଣି ତାକୁ ନେଇ ମଙ୍ଗଳବାର ଆଲୋଚନା ହେବ।

ବୈଠକରେ କୁଳପତିମାନେ ଗତଥରର ନିଷ୍ପତ୍ତି ଅନୁଯାୟୀ କେତେମାତ୍ରାରେ ପରୀକ୍ଷା ଲାଗି ପ୍ରସ୍ତୁତି କଲେଣି ଏବଂ ଆଗକୁ ପିଲାମାନେ ଫେରିଲେ ହଷ୍ଟେଲ ସୁବିଧା କ'ଣ କରିଛନ୍ତି ସେନେଇ ଆଲୋଚନା ହେବ ବୋଲି ଜଣାପଡିଛି। ଅନ୍ୟପଟେ ପରୀକ୍ଷା ଶେଷକରି ଫଳ ବାହାରିବା ଲାଗି କେତେମାତ୍ରାରେ ପ୍ରସ୍ତୁତି କରାଯାଇଛି ଓ ନୂଆକରି ନାମଲେଖାଇବାକୁ ଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ଏବେଠାରୁ ବ୍ୟବସ୍ଥା କରାଗଲା କି ନାହିଁ ସେନେଇ ମଧ୍ୟ ଆଲୋଚନା ହେବ।

ସେହିପରି ବାକି ରହିଯାଇଥିବା ଯୁକ୍ତ ୨ ପରୀକ୍ଷା ଜୁଲାଇରେ ଅନୁଷ୍ଠିତ ହେବ। ଏହାର ତାରିଖ ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ । ପୂର୍ବରୁ ଯେଉଁ ବିଷୟରେ ପରୀକ୍ଷା ଶେଷ ହୋଇଯାଇଛି, ସେସବୁ ଖାତାଦେଖା ଜୁନ୍‌ରେ ହେବ ବୋଲି ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରକାଶ କରିଥିଲେ । ହେଲେ ଏ ପର୍ଯ୍ୟନ୍ତ ଯୁକ୍ତ ୨ ପରୀକ୍ଷା ଏବଂ ଖାତାଦେଖା ନେଇ ସରକାର ସେପରି କୌଣସି ଚୂଡ଼ାନ୍ତ ପ୍ରସ୍ତୁତି ଆରମ୍ଭ କରିନାହାନ୍ତି। ମାଟ୍ରିକ ଖାତାଦେଖା ଆରମ୍ଭ ହେବାପରେ ଯୁକ୍ତ୨ ପରୀକ୍ଷା ଉପରେ ଆଲୋଚନା ହେବ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। କିନ୍ତୁ ଯୁକ୍ତ ୨ ପରୀକ୍ଷା କରାଯିବା ଏବଂ ଶେଷ ହୋଇଥିବା ବିଷୟର ଖାତା ମୂଲ୍ୟାୟନ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ଅଧିକାଂଶ ପରୀକ୍ଷା କେନ୍ଦ୍ର(ପ୍ରାୟ ୫୦୦) କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଥିବା ବେଳେ ଏହା ଏକ ବଡ଼ ସମସ୍ୟା ହୋଇ ରହିଛି। ତେଣୁ ପ୍ରାଥମିକ ସ୍ତରରେ ଯୁକ୍ତ ୨ ପରୀକ୍ଷା ହେବା ନେଇ ଆଲୋଚନା ହୋଇଛି। ଏହାକୁ ଶେଷ କରିବା ନେଇ ମଧ୍ୟ ସେପରି କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ମାଟ୍ରିକ ଖାତା ମୂଲ୍ୟାୟନ ତାରିଖକୁ ମଧ୍ୟ ରାଜ୍ୟ ସରକାର ୩ଥର ପରିବର୍ତ୍ତନ କରି ଆସନ୍ତା ମଙ୍ଗଳବାରଠାରୁ ମୂଲ୍ୟାୟନ ହେବ ବୋଲି ଚୂଡ଼ାନ୍ତ କରିଛନ୍ତି।

# ୬୭ ନୂଆ ପଜିଟିଭ୍, ଆଉ ୨ ଜିଲାରେ କରୋନା

ଭୁବନେଶ୍ୱର, ୨୪।୫(ବ୍ୟୁରୋ)

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ଦିନକୁ ଦିନ ଏହି ଭୂତାଣୁ ଗୋଟିଏ ପରେ ଗୋଟିଏ ଜିଲାକୁ ପ୍ରବେଶ କରିବାରେ ଲାଗିଛି। ପୂର୍ବରୁ ରାଜ୍ୟର ୨୬ ଜିଲାରୁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇସାରିଛନ୍ତି। ଏବେ ଆଉ ୨ଜିଲା ଏଥିରେ ସାମିଲ ହୋଇଛି। ନୂଆପଡ଼ା ଓ ବରଗଡ଼ ଜିଲାରୁ ପ୍ରଥମଥର କରୋନା ପଜିଟିଭ୍ ବାହାରିବା ପରେ ଏବେ ରାଜ୍ୟରେ ୨୮ ଜିଲା କରୋନା କବଳକୁ ଚାଲିଯାଇଛି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ, ୨୪ ଘଣ୍ଟାରେ ରାଜ୍ୟରେ ୬୭ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପୁରୀ ଜିଲାରେ ସର୍ବାଧିକ ୧୬ଜଣ ଥିବାବେଳେ ନୟାଗଡ଼ ୧୩, ବଲାଙ୍ଗୀର ୭, ଗଞ୍ଜାମ ୭, ଅନୁଗୋଳ ୬, ଖୋର୍ଦ୍ଧା ୩, ସୁନ୍ଦରଗଡ଼ ୪, କଳାହାଣ୍ଡି ୪, ମାଲକାନଗିରି ୨, କଟକ ୨, ଢେଙ୍କାନାଳ ୧, ଜଗତ୍‌ସିଂହପୁର ୧ ଓ ନୂଆପଡ଼ାରେ ଜଣେ ଆକ୍ରାନ୍ତ ରହିଛନ୍ତି। ତେବେ ବରଗଡ଼ରେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ସମ୍ପର୍କରେ ଜିଲାପାଳ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୩୬କୁ ବୃଦ୍ଧି ପାଇଯାଇଛି। ସେପଟେ ରାଜ୍ୟରେ ପୁଣି ୫୩ଜଣ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଗଞ୍ଜାମର ୩୦ଜଣ ଥିବାବେଳେ ଯାଜପୁର ୧୮, ଖୋର୍ଦ୍ଧା ୩ ଓ କେନ୍ଦୁଝର ୨ଜଣ ରହିଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୫୫୦ରେ ପହଞ୍ଚିଛି। ୭୭୮ଜଣ ଆକ୍ରାନ୍ତ ସକ୍ରିୟ ରହି କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୧୦୪୨ ଜଣ ହସ୍ପିଟାଲ୍ ଆଇସୋଲେଶନରେ ଅଛନ୍ତି। ଅନ୍ୟପକ୍ଷରେ ଶନିବାର ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୧ଲକ୍ଷ ୨୩ହଜାର ୮୩୪ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି।

# ଖୋର୍ଦ୍ଧା କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ଅନିୟମିତତା

■ ବଦଳି ଆଦେଶକୁ ନେଇ ଅସନ୍ତୋଷ ତେଜୁଛି
■ ଅଭିଯୋଗର ତଦନ୍ତ ହେବ : ଜିଲାପାଳ

ଖୋର୍ଦ୍ଧା ଅଫିସ,୨୪।୫

ଖୋର୍ଦ୍ଧା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ବଦଳିରେ ଅନିୟମିତତା ହେଉଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଜିଲାରେ ଏହି ବ୍ୟାଙ୍କ ଅଧୀନରେ ୧୮ଟି ଶାଖା ରହିଛି। ବ୍ୟାଙ୍କ ପରିଚାଳନା ବୋର୍ଡର କାର୍ଯ୍ୟକାଳ ମେ ୭ ତାରିଖରେ ସରିଥିଲା। ଲକ୍‌ଡାଉନ ଯୋଗୁ ନିର୍ବାଚନ ବନ୍ଦ ରହିଛି। ଏହାର କାର୍ଯ୍ୟକାଳ ସରିବା ପରେ ମେ ୭ ତାରିଖରେ ଜିଲାପାଳ ସୀତାଂଶୁ କୁମାର ରାଉତ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଅନ୍ୟପଟେ କାର୍ଯ୍ୟକାଳ ସରିବାର ଦିନକ ପୂର୍ବରୁ ବ୍ୟାଙ୍କ ଚିଠି କ୍ରମାଙ୍କ ୩୨୫/ମେ ୬ ତାରିଖରେ ୨୩ଜଣ କର୍ମଚାରୀଙ୍କୁ ଏହି ବ୍ୟାଙ୍କ ଅଧୀନ ବିଭିନ୍ନ ଶାଖାକୁ ବଦଳି କରାଯାଇଛି। କେତେଜଣଙ୍କୁ ୬ତାରିଖ ଏବଂ ଅନ୍ୟ କେତେଜଣଙ୍କୁ ୭ତାରିଖ ସୁଦ୍ଧା କାର୍ଯ୍ୟରେ ଯୋଗଦାନ ଲାଗି ନିର୍ଦ୍ଦେଶ ରହିଥିଲା। ତେବେ କେତେଜଣ କର୍ମଚାରୀଙ୍କୁ ପ୍ରିୟାପ୍ରୀତି ତୋଷଣ କରି ନିକଟସ୍ଥ ଶାଖା ଏବଂ ଅନ୍ୟ କେତେଜଣଙ୍କୁ ଜାଣିଶୁଣି ଦୂର ଶାଖାକୁ ବଦଳି କରାଯାଇଛି ବୋଲି କେତେଜଣ କର୍ମଚାରୀ ଅଭିଯୋଗ ଆଣିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗପତ୍ର ଦେଇଛନ୍ତି। ଏହି ବଦଳି ନେଇ ଜିଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ଲକ୍‌ଡାଉନ୍ ସମୟରେ କାହିଁକି ଏଭଳି ନିର୍ଦ୍ଦେଶ ଦିଆଯାଇଛି ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପଟେ ବୋର୍ଡ କର୍ତ୍ତୃପକ୍ଷଙ୍କୁ କେତେଜଣ ବ୍ୟାଙ୍କ ଅଧିକାରୀ ହାତବାରିସେ କରି କେନ୍ଦ୍ରୀୟ ବ୍ୟାଙ୍କରୁ ନିକଟସ୍ଥ ଶାଖା ଏବଂ ସ୍ଥାନୀୟ ଶାଖାରୁ କେନ୍ଦ୍ରୀୟ ବ୍ୟାଙ୍କକୁ ବଦଳି ହେଉଥିବା ଜଣେ ବ୍ୟାଙ୍କ ଅଧିକାରୀ କହିଛନ୍ତି। ଜଣେ ସିନିୟର ବ୍ୟାଙ୍କ ମ୍ୟାନେଜର ୨ବର୍ଷ ମଧ୍ୟରେ ନିକଟସ୍ଥ ଶାଖାକୁ ବଦଳି ହୋଇ ପରେ ପୁଣି କେନ୍ଦ୍ରୀୟ ବ୍ୟାଙ୍କରେ ଆସି ଯୋଗଦାନ କରିଛନ୍ତି। ଜଣେ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର (ଏଜିଏମ୍) ର୍ୟାଙ୍କର ବ୍ୟାଙ୍କ ଅଧିକାରୀ ଏକ ନିକଟସ୍ଥ ଶାଖାରେ ବ୍ୟାଙ୍କ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏ ନେଇ ଜିଲାପାଳ ରାଉତ କହିଛନ୍ତି, ବଦଳି ଆଦେଶ ସମ୍ପର୍କରେ କେତେଜଣ କର୍ମଚାରୀ ମୋର ଦୃଷ୍ଟି ଆକର୍ଷଣ କରିଥିଲେ। ଦୀର୍ଘ ଦିନ ଧରି ଗୋଟିଏ ଶାଖାରେ ରହିଥିବା କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା କେନ୍ଦ୍ରୀୟ ବ୍ୟାଙ୍କ ସିଇଓ ସୁବାସ ଚନ୍ଦ୍ର ମିଶ୍ର ରିପୋର୍ଟ ପ୍ରଦାନ କରିଛନ୍ତି। ମୁଁ କିଛି ଦିନ ହେଲା ଏହାର ଦାୟିତ୍ୱ ନେଇଛି। ତେବେ ଏ ସଂକ୍ରାନ୍ତରେ ତଦନ୍ତ କରାଯିବ।

# ଡାଏରୀ ପଏଣ୍ଟରୁ ସିଧାସଳଖ କିଣିହେବ ଓମ୍‌ଫେଡ୍ ସାମଗ୍ରୀ

**ଓମ୍‌ଫେଡ୍ ଜାରି କଲା ନୂତନ ଗାଇଡ୍‌ଲାଇନ**

ଭୁବନେଶ୍ୱର, ୨୪।୫(ବ୍ୟୁରୋ)

ଓମ୍‌ଫେଡ୍ ହୋଲ୍‌ସେଲର, ରିସେଲର୍‌ମାନଙ୍କ ଲାଗି ଏକ ନୂଆ ଗାଇଡ୍‌ଲାଇନ ରବିବାର ଜାରି କରାଯାଇଛି। ଏହି ପରିବର୍ତ୍ତିତ ଗାଇଡ୍‌ଲାଇନ ଅନୁଯାୟୀ, ସମସ୍ତ ବ୍ୟକ୍ତି, ଫାର୍ମ ଏଜେନ୍ସି, ହୋଲ୍‌ସେଲର ଏବଂ ଡିଷ୍ଟ୍ରିବ୍ୟୁଟର ଓମ୍‌ଫେଡ୍‌ର ସବୁ ପ୍ରକାର ଜିନିଷକୁ ରାଜ୍ୟର ଯେକୌଣସି ଡାଏରୀ ପଏଣ୍ଟରୁ ସିଧାସଳଖ କ୍ରୟ କରିପାରିବେ। ଓମ୍‌ଫେଡ୍‌ର ହୋଲ୍‌ସେଲ ପଏଣ୍ଟରେ ଏକ ସର୍ବନିମ୍ନ ବିଲ୍ ପୈଠକରି କ୍ରୟ କରିପାରିବେ। ଭୁବନେଶ୍ୱରର ଡାଏରୀରୁ ସର୍ବନିମ୍ନ ୭ହଜାର ୫୦୦ଟଙ୍କାର ବିଲ୍ ପୈଠକରି କ୍ଷୀର ଜାତୀୟ ଜିନିଷ କିଣିହେବ। ଅନ୍ୟ ଡାଏରୀ ସେଣ୍ଟରଗୁଡିକରେ ୫ହଜାର ଟଙ୍କାର ବିଲ୍ କରି କିଣିହେବ। କ୍ଷୀର ଜାତୀୟ ଜିନିଷ କ୍ରୟ କରିବା ପାଇଁ କୌଣସି ଅସୁବିଧା ନାହିଁ। ଯେଉଁ ହୋଲ୍‌ସେଲରମାନେ ସର୍ବନିମ୍ନ ବିଲ୍ ପୈଠକରି ଓମ୍‌ଫେଡ୍ ଜାତୀୟ ଜିନିଷ କିଣୁଛନ୍ତି ସେମାନେ ଚାହିଁଲେ ରିଟେଲ ଦରରେ ଖାଲି କ୍ଷୀର ଡାଏରୀ ପଏଣ୍ଟରୁ ନେଇପାରିବେ। ସର୍ବନିମ୍ନ ୩୦ଲିଟର କ୍ଷୀର ବିଲ୍ କରି ନେଇହେବ। ଯଦି କୌଣସି ବଡ଼ କାର୍ଯ୍ୟକ୍ରମ ଲାଗି କେହି ବ୍ୟକ୍ତି, ଫାର୍ମ, ଏଜେନ୍ସି, ହୋଲ୍‌ସେଲର ଚାହାନ୍ତି ସେମାନେ ଆଗୁଆ ଆଡ୍‌ଭାନ୍ସ କରି ଡାଏରୀରୁ କ୍ଷୀର ନେଇପାରିବେ। ସେମାନେ ଟେଲିଫୋନ କିମ୍ବା ହ୍ୱାଟ୍ସଆପ୍ ମାଧ୍ୟମରେ ନିଜର ଅର୍ଡର ଦେଇପାରିବେ। ପରିବର୍ତ୍ତିତ ଗାଇଡ୍‌ଲାଇନ ଅନୁଯାୟୀ ଏବେ କୌଣସି ଡିଷ୍ଟ୍ରିବ୍ୟୁଟର ଏବଂ ହୋଲ୍‌ସେଲରଙ୍କୁ ଜିନିଷ ନେବା ସକାଶେ ଏଗ୍ରିମେଣ୍ଟ କରିବା ପାଇଁ ପଡିବ ନାହିଁ ବୋଲି ଉଲ୍ଲେଖ ରହିଛି।

**ପ୍ରଥମ ପୃଷ୍ଠାରୁ...**

## ଅହମଦାବାଦ ହସ୍ପିଟାଲ ...

ଘରୋଇ ଲାବରେଟୋରିଗୁଡ଼ିକୁ ଅନୁମତି ଦିଆଯାଇ ନ ଥିବାରୁ ହାଇକୋର୍ଟ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଏହାର ଅର୍ଥ ରାଜ୍ୟରେ କରୋନା ମାମଲା ସଂଖ୍ୟାକୁ କୃତ୍ରିମ ଭାବେ ନିୟନ୍ତ୍ରଣ କରିବାକୁ ଉଦ୍ୟମ ହେଉଛି। ଉଭୟ ଘରୋଇ ଓ ସରକାରୀ ହସ୍ପିଟାଲରେ ଯେପରି କରୋନା ପରୀକ୍ଷା ହୋଇପାରିବ ସେଥିପାଇଁ ସରକାର ସର୍ବାଧିକ ପରୀକ୍ଷା କିଟ୍ ଯୋଗାଇ ଦିଅନ୍ତୁ।

ହସ୍ପିଟାଲର ସ୍ଥିତିକୁ ବୁଡ଼ିଯାଉଥିବା ଟାଇଟାନିକ ଜାହାଜ ସହ ତୁଳନା କରି ଖଣ୍ଡପୀଠ କହିଛନ୍ତି, ବର୍ତ୍ତମାନ ଗୁଜରାଟର ମୁଖ୍ୟ ହସ୍ପିଟାଲର ଏଭଳି ଅବସ୍ଥା ଦୁଃଖଦାୟକ। ହାଇକୋର୍ଟ ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଙ୍କଜ କୁମାର, ସଚିବ ମିଲିନ୍ଦ ଟରୱାନେ, ହସ୍ପିଟାଲ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଜୟନ୍ତୀ ରବିଙ୍କୁ ଏନେଇ ଜବାବ ମାଗିଛନ୍ତି। ହସ୍ପିଟାଲରେ ରୋଗୀ ଓ କର୍ମଚାରୀ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନୀତୀନ ପଟେଲ ଓ ମୁଖ୍ୟ ସଚିବ ଅନିଲ ମୁକିମ ଅବଗତ ଅଛନ୍ତି କି ନାହିଁ କୋର୍ଟ ତାହା ଜାଣିବାକୁ ଚାହିଁଥିଲେ। ପର୍ଯ୍ୟାପ୍ତ ଭେଣ୍ଟିଲେଟର ଅଭାବରୁ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଅହମଦାବାଦ ସହର ଓ ଉପକଣ୍ଠରେ ଥିବା ସମସ୍ତ ମଲ୍ଟିସ୍ପେଶିଆଲିଟି, ଘରୋଇ ଓ କର୍ପୋରେଟ ହସ୍ପିଟାଲରେ ୫୦ ପ୍ରତିଶତ ଶଯ୍ୟା କୋଭିଡ୍ ଚିକିତ୍ସା ଲାଗି ବାଧ୍ୟତାମୂଳକ ଭାବେ ସଂରକ୍ଷଣ ରଖିବା ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ମଙ୍ଗଳଙ୍କ ପ୍ରଭାବରୁ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ସାଧନ କରିବେ । ମୁଖଭାବରେ ରବି ଓ ଶୁକ୍ରଜନିତ ଅପ୍ରିୟସତ୍ୟ ଭାଷଣ ପ୍ରତ୍ୟେକ ସ୍ତରରେ ସମସ୍ୟା ସୃଷ୍ଟି କରିପାରେ । ଆପଣଙ୍କ ଦକ୍ଷତାର ମୂଲ୍ୟାୟନ ହେବା ସଙ୍ଗକୁ ପୁରସ୍କୃତ ହୋଇପାରନ୍ତି । ଅଫିସ୍ କାମରେ ସାମୟିକ ଭୁଲ୍ ବୁଝାମଣା ଯୋଗୁ ମାନସିକ ସ୍ଥିରତା ରହି ନ ପାରେ ।

**ବୃଷ** ଅର୍ଥନୈତିକ ଅଭିବୃଦ୍ଧି ଘଟିବା କାରଣରୁ ମନ ପ୍ରଫୁଲ୍ଲ ରହିବ । କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି, ଯାହା କି କାମଟି ଅପୂର୍ଣ୍ଣ ରହିଯିବ । ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ସହ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ ।

**ମିଥୁନ** ବୁଧଯୁକ୍ତ କାରଣରୁ ମତିଭ୍ରମ ଘଟିବାର ସୂଚନା ରହିଛି । ଆତ୍ମୀୟମାନେ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ । ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ମନ ଊଣା କରିପାରନ୍ତି । ସାମାଜିକ ସ୍ତରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ସହିତ ମାନସିକ ସ୍ଥିତି ଭଲ ରହି ନ ପାରେ ।

**କର୍କଟ** ରାଶିପ୍ରତି ଶନି ଓ ବୃହସ୍ପତିଙ୍କ ଦୃଷ୍ଟିର କୁପ୍ରଭାବରୁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ । ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ । ବ୍ୟବସାୟରେ ଲାଭ ମିଳିବ, ମାତ୍ର ନିଜର ଅବହେଳାରୁ ଅନ୍ୟ ବାଟରେ ବ୍ୟୟ ହୋଇଯିବାର ଆଶଙ୍କା ରହିଛି । ପାରିବାରିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ ।

**ସିଂହ** ରବି ଅବସ୍ଥାନ କରିଥିବାରୁ ଆଜିର କାମଗୁଡିକ ଯଥାରୀତି ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ପାଖ ପଡୋଶୀଙ୍କ କୁଟିଳ କଥାକୁ ଠିକ୍ ଭାବେ ବୁଝି ପାରିବେନି । ଯାନ୍ତ୍ରିକ କାରବାର, ଯାନବାହନ କ୍ରୟ ବିକ୍ରୟରେ ଅଗ୍ରଗତି ହେବ । ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ଚିନ୍ତିତ ରହିବେ ।

**କନ୍ୟା** କର୍ମଭାବ ପାପଯୁକ୍ତ କାରଣରୁ ପ୍ରତ୍ୟେକ କାମ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିବ । ଏଣେ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡିବେ । ଅବଶ୍ୟ ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ସାଧାରଣ କଥାରେ ପ୍ରିୟ ବ୍ୟକ୍ତିଟି ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି ।

**ତୁଳା** ସମସ୍ୟା ମଧ୍ୟରେ ଲକ୍ଷ୍ୟ ହାସଲ କରିପାରିବାରେ ସଫଳ ହେବେ । ଅବଶ୍ୟ ଆତ୍ମୀୟସ୍ୱଜନ ତଥା ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ । ଆନୁଷ୍ଠାନିକ କାର୍ଯ୍ୟ କରିବା ସଙ୍ଗକୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ । ସହକର୍ମୀମାନେ ଫାଇଦା ହାସଲ କରିବା ଲାଗି ମନ ବଳାଇପାରନ୍ତି ।

**ବିଛା** ଶନି ଗୃହସ୍ଥ ଯୋଗୁ ପ୍ରତ୍ୟେକ କାର୍ଯ୍ୟ ମନ୍ଥର ଗତିରେ ଗଡି ଚାଲିବା କାରଣରୁ ସାମୟିକ ଅନୁଚିନ୍ତା କରିପାରନ୍ତି । ପ୍ରିୟ ବ୍ୟକ୍ତିଟିର ଛଳନା ଓ ପ୍ରତାରଣା ପୂର୍ଣ୍ଣ କଥାରେ ମନରୁ ସରସତା ଉଭେଇଯିବ । ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି । ମାନସିକ ଅବସାଦ ଦୂର ହେବ ଏବଂ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ।

**ଧନୁ** ଶନିଙ୍କ ଯୋଗୁ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ସାମୟିକ କିଛିଟା ଲାଘବ ହେବାର ଅନୁଭବ କରିପାରନ୍ତି । ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ସତର୍କତା ଅବଲମ୍ବନ କରିବା ଭଲ । ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର, ନୂତନ ଚୁକ୍ତିପତ୍ର ସ୍ୱାକ୍ଷର, ନୂତନ ସ୍ଥାନକୁ ଯାତ୍ରା କରିବାର ସୁଯୋଗ ପାଇପାରିବେ ।

**ମକର** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ । ଭାବପ୍ରବଣତାବଶତଃ ବିଚାରବୁଦ୍ଧି ହରାଇ ଦୁଷ୍ଟଲୋକଙ୍କ ସହ ସମ୍ପର୍କ ସ୍ଥାପନ କଲେ ପସ୍ତେଇବେ । ଅତି ନିକଟରେ ରହୁଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ । ଅତ୍ୟଧିକ ଭ୍ରମଣ କିମ୍ବା ଅନିଦ୍ରାଜନିତ ଶାରୀରିକ ପୀଡାରେ କଷ୍ଟ ପାଇପାରନ୍ତି ।

**କୁମ୍ଭ** ରାଶିସ୍ଥ କର୍ମାଧିପ ଉଚ୍ଚାଂଶରେ ଥିବାରୁ ବନ୍ଧୁଙ୍କ ସହ ଆଲୋଚନା,ପିଲାଙ୍କ କୃତିତ୍ୱ, କଳା, ସାହିତ୍ୟାଦିରୁ ସମ୍ମାନ ଲାଭ କରିବେ । ଧନାଧିପତି ଦୁର୍ବଳ ହେବା ଜନିତ ଅର୍ଥସଙ୍କଟ ଲାଗିରହିବ, ଫଳରେ କରଜ କରିବାକୁ ବାଧ ହେବେ । ପରିବାରରେ ବାରମ୍ବାର ପୁରୁଣା କଥାକୁ ବେଶି ଆଲୋଚନା କରିବା ଠିକ୍ ହେବନି।

**ମୀନ** ପାରିବାରିକ ଜୀବନ ସୁଖ, ସନ୍ତୋଷରେ ଅତିବାହିତ ହେବା କାଠିକର ପାଠ ହୋଇପାରେ । ଘର ପାଇଁ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି । ବିଭିନ୍ନ କ୍ଷେତ୍ରରୁ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଫଳବତୀ ହେବ ଏବଂ ପାଇବେ ମଧ୍ୟ । ସଙ୍ଗୀତ ତଥା ସାମ୍ବାଦିକତା ଓ ଏଜେନ୍ସିପ୍ କ୍ଷେତ୍ରରୁ ସୁଫଳ ମିଳିବ ।

ଆଜି ଜ୍ୟେଷ୍ଠ ଶୁକ୍ଳ ତୃତୀୟା ସୋମବାର, ମେ ୨୫ ତାରିଖ, ଇଦ୍-ଉଲ୍-ଫିତର, ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ, ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ତିରୋଧାନ ଦିବସ, ଗୁରୁ ଅର୍ଜୁନଦେବଙ୍କ ପୁଣ୍ୟଦିବସ, ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୮.୪୧ମି. ଗତେ ଘ.୧୦.୨୫ମି. ମଧ୍ୟେ, ରାତ୍ରି ଘ.୦୯.୧୦ମି. ଗତେ ଘ.୧୨.୦୫ମି. ମଧ୍ୟେ, ଘ.୦୧.୩୨ମି. ଗତେ, ଘ.୦୩.୦୦ମି. ମଧ୍ୟେ ଅମୃତବେଳା, ରାତ୍ରି ଘ.୦୩.୪୪ମି. ଗତେ ଘ.୦୪.୨୭ମି. ମଧ୍ୟେ ମାହେନ୍ଦ୍ରବେଳା । ସକାଳ ୦୬.୫୦ମି. ଗତେ ଘ.୦୮.୨୮ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ୩ ସ୍ୱତନ୍ତ୍ର ଟ୍ରେନରେ ଫେରିଲେ ୪୮୪୩ ପ୍ରବାସୀ

**ଖୋର୍ଦ୍ଧା ଅଫିସ/ ଜଟଣୀ, ୨୪।୫(ଡି.ଏନ୍.ଏ.):** କୋଭିଡ-୧୯ ପାଇଁ ବାହାର ରାଜ୍ୟରେ ଫସି ରହିଥିବା ଶ୍ରମିକଙ୍କୁ ରାଜ୍ୟକୁ ଫେରାଇ ଆଣିବାକୁ ଭାରତୀୟ ରେଳପଥ ପକ୍ଷରୁ ଚାଲିଛି ଶ୍ରମିକ ସ୍ପେଶାଲ ଟ୍ରେନ। ଏହିକ୍ରମରେ ଗତ ଦୁଇ ଦିନ ମଧ୍ୟରେ ୪୮୪୩ ପ୍ରବାସୀଙ୍କୁ ନେଇ ୩ଟି ସ୍ୱତନ୍ତ୍ର ଟ୍ରେନ୍ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନରେ ପହଞ୍ଚିଛି। କୋଏମ୍ବାଟୁରରୁ ଆସିଥିବା ସ୍ୱତନ୍ତ୍ର ଟ୍ରେନ ରବିବାର ଭୋର ସମୟରେ ପହଞ୍ଚିଥିଲା। ଏଥିରେ ୨୯ ଜିଲାର ୧୪୭୪ଜଣ ପ୍ରବାସୀ ଓଡ଼ିଆ ଏବଂ ୪୮ଜଣ ଛତିଶଗଡ ପ୍ରବାସୀ ରହିଥିଲେ। ଗଞ୍ଜାମ ଜିଲାର ସର୍ବାଧିକ ୩୪୪ ଜଣ ପ୍ରବାସୀ ରହିଥିଲେ। ହାଇଦ୍ରାବାଦରୁ ଆସିଥିବା ସ୍ୱତନ୍ତ୍ର ଟ୍ରେନ୍ ରବିବାର ଅପରାହ୍ନ ୩ଟା ୩୦ରେ ପହଞ୍ଚିଥିଲା। ଏଥିରେ ୨୭ ଜିଲାର ୧୮୬୮ଜଣ ରହିଥିବା ବେଳେ ବଲାଙ୍ଗୀର ଜିଲାର ସର୍ବାଧିକ ୮୬୧ଜଣ ରହିଥିଲେ। ସେହିପରି କ୍ରିଷ୍ଣାଗିରିରୁ ଆସିଥିବା ସ୍ୱତନ୍ତ୍ର ଟ୍ରେନ ଶନିବାର ବିଳମ୍ବିତ ରାତିରେ ପହଞ୍ଚିଥିଲା। ଏଥିରେ ୬ ଜିଲାର ୧୪୬୩ ପ୍ରବାସୀ ରହିଥିବା ବେଳେ ପୁରୀ ଜିଲାରୁ ସର୍ବାଧିକ ୧୧୮୨ଜଣ ରହିଥିଲେ। ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ଟ୍ରେନ୍‌ରୁ ଏକସଙ୍ଗେ ଓହ୍ଲାଇବାକୁ ବାରଣ କରାଯାଇଥିଲା। ଗୋଟିଏ ଲେଖାଏ ବଗିରୁ ପର୍ଯ୍ୟାୟକ୍ରମେ ଓହ୍ଲାଯାଇ ବାହାରକୁ ଅଣାଯାଇଥିଲା। ପରେ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀମାନେ ପ୍ରବାସୀଙ୍କ ଥର୍ମାଲ ସ୍କ୍ରିନିଂ, ପଞ୍ଜୀକରଣ, ଡାହାଣ ହାତରେ ଷ୍ଟାମ୍ପିଙ୍ଗ୍ ଆଦି ବିଭିନ୍ନ ପ୍ରକ୍ରିୟା ସମ୍ପନ୍ନ କରାଇଥିଲେ। ପରେ ଜିଲାରୁ ଆସିଥିବା ସ୍ୱତନ୍ତ୍ର ବସ ଯୋଗେ ସେମାନଙ୍କୁ ନିଜ ଅଞ୍ଚଳକୁ ପଠାଇ ଦିଆଯାଇଛି। ଅନ୍ୟ ରାଜ୍ୟର ପ୍ରବାସୀଙ୍କୁ ଖୋର୍ଦ୍ଧା ସ୍ଥିତ ପ୍ରାଣନାଥ କଲେଜରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଇ ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ପ୍ରବାସୀମାନେ ଟ୍ରେନରୁ ଓହ୍ଲାଇବା ବେଳେ ପ୍ରଶାସନିକ ଅଧିକାରୀ, ରେଲୱେ କର୍ତ୍ତୃପକ୍ଷ, ଜିଆରପି, ଆରପିଏଫ୍, ସ୍ଥାନୀୟ ପୋଲିସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ।

### ନିର୍ଗୁଣ୍ଡି ଷ୍ଟେଶନରେ ଓହ୍ଲାଇଲେ ୧୭୮୬ ଯାତ୍ରୀ

**ଚୌଦ୍ୱାର,୨୪।୫(ଡି.ଏନ୍.ଏ.):** ତେଲେଙ୍ଗାନାରୁ ଓଡ଼ିଆ ପ୍ରବାସୀଙ୍କୁ ନେଇ ଭଦ୍ରକ ଆସିଥିବା ସ୍ୱତନ୍ତ୍ର ଟ୍ରେନ୍ ନିର୍ଗୁଣ୍ଡି ଷ୍ଟେଶନରେ ରବିବାର ବିଭିନ୍ନ ଜିଲାର ୧୭୮୭ ଜଣ ଯାତ୍ରୀଙ୍କୁ ନେଇ ଓହ୍ଲାଇଥିଲା। ପ୍ରଶାସନ ତରଫରୁ ସେମାନଙ୍କୁ ପଞ୍ଜୀକରଣ, ବିଶୋଧନ ଆଦି କରାଯିବା ସହିତ ସେମାନଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ପରେ ବିଭିନ୍ନ ଜିଲାରୁ ଆସିଥିବା ବସ୍‌ରେ ସେହି ଜିଲାର ପ୍ରଶାସନିକ ଅଧିକାରୀମାନେ ଯାତ୍ରୀମାନଙ୍କୁ ନିଜ ନିଜର ଜିଲାକୁ ନେଇଥିଲେ। ସରକାରୀ ନିୟମ ଅନୁଯାୟୀ ଟ୍ରେନ୍ ଆସିବା ପୂର୍ବରୁ ଷ୍ଟେଶନ୍‌ର ଏକ କିମି ପରିଧି ଭିତରେ ୧୪୪ଧାରା ଜାରି କରାଯାଇଥିଲା। ନିର୍ଗୁଣ୍ଡିରେ ଓହ୍ଲାଇଥିବା ଯାତ୍ରୀମାନଙ୍କ ମଧ୍ୟରୁ ଅନେକଙ୍କ ନାମ ପଞ୍ଜୀକୃତ ତାଲିକାରେ ନ ଥିବାରୁ ସେମାନଙ୍କୁ ଡ୍ରିମସ୍ କଲେଜରେ ଥିବା ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ତହସିଲଦାର ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ଉହାନ୍‌ରେ ବାଦୁଡ଼ିଙ୍କଠାରେ ମିଳିଲା ୩ ପ୍ରକାର ଭୂତାଣୁ

**ନୂଆଦିଲ୍ଲୀ,୨୪।୫**

କରୋନା ଭାଇରସ୍‌କୁ ନେଇ ପୁଣି ଚର୍ଚ୍ଚାର ପରିସରକୁ ଆସିଛି ଚାଇନା। ଉହାନ୍‌ସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି ଯେଉଁଠାରେ ପ୍ରଥମ କୋଭିଡ୍-୧୯ ସଂକ୍ରମଣ ଚିହ୍ନଟ ହୋଇଥିଲା, ସେହିଠାରେ ଏବେ ବାଦୁଡ଼ିଙ୍କଠାରେ ୩ ପ୍ରକାର ଭୂତାଣୁ ଚିହ୍ନଟ ହୋଇଛି। ହେଲେ ସାରା ବିଶ୍ୱରେ କୋଭିଡ-୧୯ ଯେଉଁ ମହାମାରୀର ରୂପ ନେଇଛି ତାହା ଏବେ ବାଦୁଡ଼ିଙ୍କଠାରେ ଦେଖାଯାଇଥିବା ଭୂତାଣୁ ସହିତ କୌଣସି ସମ୍ପର୍କ ନାହିଁ ବୋଲି ଇନ୍‌ଷ୍ଟିଚ୍ୟୁଟ ଡାଇରେକ୍ଟର ୟାଙ୍ଗ ୟାନୀ ସୂଚନା ଦେଇଛନ୍ତି। ଉହାନରେ ପ୍ରଥମ କୋଭିଡ-୧୯ ସଂକ୍ରମଣ ଦେଖା ଦେଇଥିଲା। ଏବେ ଏହି ଭୂତାଣୁ ସାରା ବିଶ୍ୱରେ ପ୍ରାୟ ୩ଲକ୍ଷ ୪୦ହଜାର ଲୋକଙ୍କ ଜୀବନ ନେଇସାରିଲାଣି। ଏହା ପ୍ରଥମେ ବାଦୁଡ଼ିଠାରୁ ସଂକ୍ରମଣ ହୋଇ ଅନ୍ୟ ସ୍ତନ୍ୟପାୟୀ ଜୀବଙ୍କ ଜରିଆରେ ମଣିଷ ଶରୀରକୁ ସଂକ୍ରମିତ ହୋଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଅନ୍ୟମାନେ ଉହାନରୁ ଭାଇରସ୍ ଲିକ୍ ହୋଇଥିବା ନେଇ ଯେଉଁ ଦାବି କରିଥିଲେ, ଏହାକୁ ଉହାନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜିର ନିର୍ଦ୍ଦେଶିକା ସମ୍ପୂର୍ଣ୍ଣ ଖଣ୍ଡନ କରିବା ସହ ଏହା ସମ୍ପୂର୍ଣ୍ଣ ମନଗଢ଼ା ବୋଲି କହିଛନ୍ତି। ନିର୍ଦ୍ଦେଶିକା ୟାନୀଙ୍କ କହିବା ହେଲା ଇନ୍‌ଷ୍ଟିଚ୍ୟୁଟ ଅଫ୍



ଭାଇରୋଲୋଜିରେ ପରୀକ୍ଷା ସମୟରେ ବାଦୁଡ଼ିଙ୍କଠାରୁ ପରୀକ୍ଷାମୂଳକ ପଦ୍ଧତିରେ ବିଭିନ୍ନ ନମୁନା ସଂଗ୍ରହ କରାଯାଇଥାଏ। ତେଣୁ ଏହି କ୍ରମରେ ପରୀକ୍ଷା ସମୟରେ କରୋନା ୩ ପ୍ରକାରର ଭୂତାଣୁ ଠାବ କରାଯାଇଛି। ବାଦୁଡ଼ିଙ୍କଠାରେ ଏବେ ଯେଉଁ ଭୂତାଣୁ ଚିହ୍ନଟ ହୋଇଛି ତାହା ସାର୍ସ(ଏସ୍‌ଏଆର୍‌ଏସ୍) କୋଭିଡ-୨ ସହ ୭୯.୮ ପ୍ରତିଶତ ଖାପ ଖାଉଛି। କୋଭିଡ-୧୯ ସଂକ୍ରମଣ ସୃଷ୍ଟି କରୁଥିବା ଭୂତାଣୁ ସହ ଏହାର କୌଣସି ସମ୍ପର୍କ ନାହିଁ। ପ୍ରଫେସର ସି ଜେଙ୍ଗଲିଙ୍କ ନେତୃତ୍ୱରେ ୨୦୦୪ରୁ ବାଦୁଡ଼ି ଓ କରୋନାଭାଇରସ୍ ସମ୍ପର୍କରେ ଗବେଷଣା ଜାରି ରହିଛି। ବାଦୁଡ଼ିଙ୍କଠାରୁ ଠାବ କରାଯାଉଥିବା ଭୂତାଣୁ କେବଳ ସାର୍ସ-କୋଭିଡ୍-୨ ସହ ଖାପ ଖାଉଛି। ଏହା କୋଭିଡ-୧୯ଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଜଣାପଡ଼ିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏବଂ ସେକ୍ରେଟାରି ଅଫ୍ ଷ୍ଟେଟ ମାଇକ ପୋମ୍ପେଓ ଉହାନ ଭାଇରୋଲୋଜି ଲାବ୍‌ରୁ ଭୂତାଣୁ ସଂକ୍ରମଣ ହୋଇଥିବା ନେଇ ଯେଉଁ ତଥ୍ୟ ରଖିଥିଲେ ସେନେଇ କୌଣସି ପ୍ରମାଣ ନାହିଁ, କେବଳ ଅନୁମାନ କରି ଏଭଳି ମନ୍ତବ୍ୟ ଦେଉଥିଲେ ବୋଲି ଜେଙ୍ଗଲି କହିଛନ୍ତି। ଗତ ଡିସେମ୍ବର ୩୦ରେ କୋଭିଡ୍-୧୯ ଭୂତାଣୁ ସମ୍ପର୍କରେ କେତେକ ସାମ୍ପଲ ଗ୍ରହଣ କରାଯାଇଥିଲା। ଏହି ସାମ୍ପଲଗୁଡ଼ିକରୁ କିଛି ଅଜଣା ଭୂତାଣୁ ଠାବ କରାଯାଇଥିଲା। ଏହି ଭୂତାଣୁ କୋଭିଡ୍-୧୯ ସହିତ ସାମଞ୍ଜସ୍ୟ ରହିଥିବା ପ୍ରଥମେ ଜଣାପଡ଼ିବା ପରେ ଏନେଇ ଜାନୁୟାରୀ ୧୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିକଟରେ ତଥ୍ୟ ପ୍ରଦାନ କରାଯାଇଥିଲା। ପୂର୍ବରୁ ଏହିଭଳି ଭୂତାଣୁ କେବେ ଚିହ୍ନଟ ହୋଇ ନ ଥିଲା ବୋଲି ଜେଙ୍ଗଲି କହିଛନ୍ତି।

# ଖପୁରିଆ ଆଇଟିଆଇକୁ ସାବାସି ଦେଲେ ମୁଖ୍ୟ ସଚିବ

**କଟକ ଅଫିସ୍,୨୪।୫**

ଗୋଟିଏ ପରେ ଗୋଟିଏ ପ୍ରଶଂସା ସାଉଣ୍ଟୁଛି କଟକ ଖପୁରିଆସ୍ଥିତ ସରକାରୀ ଆଇଟିଆଇ। ଗତ ଗୁରୁବାର ପ୍ରତିଷ୍ଠାନ ପକ୍ଷରୁ ତିଆରି ହୋଇଥିବା ଭ୍ରାମ୍ୟମାଣ କରୋନା ନମୁନା ସଂଗ୍ରହ ମେଶିନ କେନ୍ଦ୍ର ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟର ୱେବସାଇଟ୍‌ରେ ସ୍ଥାନ ପାଇଥିଲା। ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ପ୍ରତିଷ୍ଠାନ ପ୍ରସ୍ତୁତ କରିଥିବା ଅଟୋମେଟିକ ସାନିଟାଇଜ ମେଶିନକୁ ପ୍ରଶଂସା କରିଛନ୍ତି। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ଆଇଟିଆଇର ଇଲେକ୍ଟ୍ରୋନିକ୍ସ ଓ ୱେଲଡିଂ ବିଭାଗର ତାଲିମ ଅଧିକାରୀମାନେ ଦୁଇଟି ସାନିଟାଇଜ ମେଶିନ ପ୍ରସ୍ତୁତ କରିଥିଲେ। ଅଟୋମେଟିକ ସାନିଟାଇଜ ମେଶିନରେ ସେନ୍ସର ଲାଗିଥିବାରୁ ହାତକୁ ମେଶିନ ପାଖକୁ ନେବା ମାତ୍ରେ ସାନିଟାଇଜର ସ୍ପ୍ରେ ହୋଇଥାଏ। ସେହିଭଳି ପାଦ ଦ୍ୱାରା ପରିଚାଳିତ ମେଶିନକୁ ଦବାଇବା ଦ୍ୱାରା ଆବଶ୍ୟକ ସାନିଟାଇଜର ବାହାରିଥାଏ। ପ୍ରତିଷ୍ଠାନର ତାଲିମ ଅଧିକାରୀ ଅର୍ଚ୍ଚନା ସାହୁ ଓ ସଞ୍ଜୟ କର ନିଜର ସହଯୋଗୀଙ୍କ ସହ ମୁଖ୍ୟ ଶାସନ ସଚିବଙ୍କୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଭେଟିଥିଲେ। ସେମାନେ ସେଠାରେ ଉକ୍ତ ଦୁଇଟି ମେଶିନର କାର୍ଯ୍ୟ ଓ ଉପଯୋଗିତା ପ୍ରଦର୍ଶନ କରିଥିଲେ। ଏଥିସହ ଏହାକୁ ଲୋକସେବା ଭବନର ସଭାଗୃହ ଓ ସାଧାରଣ ପ୍ରଶାସନ ବିଭାଗର କରିଡରରେ ଲଗାଯାଇଛି। ପ୍ରତିଷ୍ଠାନର ଏହିଭଳି ଉଦ୍ୟମକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିବା ସହ ଅଧିକରୁ ଅଧିକ ନୂଆ ଯନ୍ତ୍ରାଂଶ ଉପରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

# ଓଡ଼ିଶାରୁ ଗଡ଼ିଲା ଶ୍ରମିକ ସ୍ପେଶାଲ ଟ୍ରେନ୍



**ଭୁବନେଶ୍ୱର, ୨୪।୫ (ବ୍ୟୁରୋ)**

- ଘରକୁ ଫେରିଲେ ଛତିଶଗଡ଼ର ୧ହଜାର ଶ୍ରମିକ
- ଭୁବନେଶ୍ୱର ନ୍ୟୁ ରେଲୱେ ଷ୍ଟେଶନରୁ ବାହାରିଲା

ଲକ୍‌ଡାଉନ୍ ପାଇଁ ଓଡ଼ିଶାରେ ଅଟକି ରହିଥିବା ବାହାର ରାଜ୍ୟର ଶ୍ରମିକଙ୍କୁ ଟ୍ରେନ୍ ଯୋଗେ ନିଜ ରାଜ୍ୟକୁ ପଠାଇ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ଶ୍ରମ ବିଭାଗର ନିର୍ଦ୍ଦେଶ ପରେ ଖୋର୍ଦ୍ଧା ଜିଲା ପ୍ରଶାସନ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ତତ୍ତ୍ୱାବଧାନରେ ଭୁବନେଶ୍ୱର ନ୍ୟୁ ରେଲ୍‌ୱେ ଷ୍ଟେଶନରୁ ପ୍ରଥମ ଶ୍ରମିକ ସ୍ପେଶାଲ ଟ୍ରେନ୍ ରବିବାର ଅପରାହ୍ନ ୪ଟାରେ ଛତିଶଗଡ଼ର ରାୟପୁର ଅଭିମୁଖେ ଯାତ୍ରା କରିଛି। ଏଥିରେ ପ୍ରାୟ ହଜାରେ ଶ୍ରମିକ ନିଜ ରାଜ୍ୟକୁ ଫେରିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ରାଜ୍ୟର ୧୩ଟି ଜିଲା ଯଥା କୋରାପୁଟ, ଜଗତ୍‌ସିଂହପୁର, ଭଦ୍ରକ, ଗଜପତି, କେନ୍ଦୁଝର, ଯାଜପୁର, ବାଲେଶ୍ୱର, ଗଞ୍ଜାମ, ପୁରୀ, କଟକ, ଢେଙ୍କାନାଳ, ଅନୁଗୋଳ ଓ ଖୋର୍ଦ୍ଧାରେ କାମ କରୁଥିବା ଶ୍ରମିକଙ୍କୁ ନନ୍ଦନକାନନ ସ୍କୁଲ ପରିସର ଅସ୍ଥାୟୀ କ୍ୟାମ୍ପରେ ରଖାଯାଇଥିଲା। ସେଠାରୁ ସେମାନଙ୍କୁ ନ୍ୟୁ ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନକୁ ନିଆଯିବା ସହ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଠାରେ ମଧ୍ୟାହ୍ନ ଭୋଜନ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ଶ୍ରମିକମାନେ ନିଜ ପଇସାରେ ବିଏମ୍‌ସିଠାରୁ ରେଳ ଟିକେଟ୍ ନେଇ ଯାତ୍ରା କରିଥିଲେ ବୋଲି ସେ କହିଛନ୍ତି। ତେବେ ଏହା ପୂର୍ବରୁ ଟ୍ରେନ୍ ଓ ଷ୍ଟେଶନ ପରିସରକୁ ସମ୍ପୂର୍ଣ୍ଣ ସାନିଟାଇଜ୍ କରାଯାଇଥିଲା। ପ୍ରତିଟି କ୍ଷେତ୍ରରେ ଶ୍ରମିକମାନେ କିପରି ସାମାଜିକ ଦୂରତ୍ୱ ରଖିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ପ୍ରବେଶ, ପ୍ରସ୍ଥାନ, ଯାତ୍ରା ସମୟରେ କ'ଣ ନିୟମ ପାଳନ କରିବାକୁ ହେବ ସେନେଇ ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀଙ୍କୁ ଲିଫ୍‌ଲେଟ୍ ପ୍ରଦାନ କରାଯାଇଥିଲା। ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଶରୀରରେ ସ୍ୱତନ୍ତ୍ର ଷ୍ଟାମ୍ପ ଲଗାଯାଇ ରାଜ୍ୟ ବାହାରୁ ଫେରିଥିବାର ସୂଚନା ରହିଥିଲା। ଏହି ଟ୍ରେନ୍ ଯାତ୍ରାରମ୍ଭ ସମୟରେ ଖୋର୍ଦ୍ଧା ଜିଲାପାଳ ସିତାଂଶୁ କୁମାର ରାଉତ, ଅତିରିକ୍ତ ଜିଲାପାଳ ପ୍ରଫୁଲ କୁମାର ସ୍ୱାଇଁଙ୍କ ସହ ବିଏମ୍‌ସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ବାହାର ରାଜ୍ୟରୁ ଏବେ ପ୍ରବାସୀ ଓଡ଼ିଆ ଟ୍ରେନ୍‌ରେ ନିଜ ଘରକୁ ଫେରୁଛନ୍ତି। ତେବେ ଓଡ଼ିଶାରେ ଅଟକି ରହିଥିବା ବାହାର ରାଜ୍ୟର ଶ୍ରମିକଙ୍କୁ ସେମାନଙ୍କ ରାଜ୍ୟକୁ ଫେରାଇବା ପାଇଁ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ବ୍ୟବସ୍ଥା କରିବାକୁ ଓଡ଼ିଶା ସରକାର ପୂର୍ବତଟ ରେଳପଥକୁ କହିଥିଲେ।

### ଭୂତଳ ଜଳ କମୁଛି

# ଜଳାଭାବରେ ରାଜଧାନୀ

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୨୪।୫(ବ୍ୟୁରୋ)**




**ବିପୁଳ ପରିମାଣ ଜଳ ଅପଚୟ ପ୍ରମୁଖ କାରଣ**

ଓଡ଼ିଶାରେ ଭବିଷ୍ୟତରେ ଜଳ ସଙ୍କଟ ଉଗ୍ରରୂପ ନେବ। ରାଜ୍ୟରେ ଭୂତଳ ଜଳସ୍ତର ଦିନକୁ ଦିନ କମୁଥିବାରୁ ଆସନ୍ତା ୧୦ରୁ ୨୦ବର୍ଷ ମଧ୍ୟରେ ଏହା ସଙ୍କଟଜନକ ପରିସ୍ଥିତି ସୃଷ୍ଟି କରିବ। ବିଶେଷକରି ଭୂତଳ ଜଳସ୍ତର କ୍ଷେତ୍ରରେ ଏହା ଅଧିକ ପରିଲକ୍ଷିତ ହେବ ଏବଂ ରାଜଧାନୀ ଭୁବନେଶ୍ୱର ଏହାଦ୍ୱାରା ସର୍ବାଧିକ ପ୍ରଭାବିତ ହେବ। ଭୂତଳ ଜଳସ୍ତର ଅହେତୁକଭାବେ ହ୍ରାସ ପାଉଥିବାରୁ ବର୍ତ୍ତମାନ ସୁରକ୍ଷିତ ଜୋନ୍‌ରେ ଥିବା ଭୁବନେଶ୍ୱର ସେମି-କ୍ରିଟିକାଲ ଜୋନ୍‌ରେ ପରିଣତ ହେବାକୁ ଆଉ ବେଶି ସମୟ ଲାଗିବନି ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଡାଇରେକ୍ଟୋରେଟ୍ ଅଫ୍ ଗ୍ରାଉଣ୍ଡ ୱାଟର ସର୍ଭେ ଆଣ୍ଡ୍ ଇନ୍‌ଭେଷ୍ଟିଗେଶନ (ଡିଜିଡବ୍ଲ୍ୟୁଏସ୍‌ଆଇ), ଓଡ଼ିଶା ଦ୍ୱାରା ୨୦୧୧ରେ କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ଭୁବନେଶ୍ୱରରେ ଭୂତଳ ଜଳସ୍ତର ଦ୍ରୁତ ଗତିରେ ହ୍ରାସ ପାଉଛି। ୨୦୦୭ରୁ ୨୦୧୧ ମଧ୍ୟରେ ସହରର ପ୍ରମୁଖ ଅଞ୍ଚଳରେ ଭୂତଳ ଜଳସ୍ତର ୧ ମିଟର ହ୍ରାସ ପାଇଛି। ସେହିଭଳି ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳରେ ଦିନକୁ ଦିନ ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି। କିଛି କିଛି ସ୍ଥାନରେ ୧୦ମିଟରରୁ ଅଧିକ ଜଳସ୍ତର ହ୍ରାସ ପାଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ଉଭୟ ଶିଳ୍ପ, ବ୍ୟବସାୟିକ ଏବଂ ଘରୋଇକ୍ଷେତ୍ରରେ ଜଳର ବ୍ୟବହାର ବଢୁଥିବାବେଳେ ବିପୁଳ ପରିମାଣରେ ଜଳ ଅପଚୟ ଏହା ପଛର କାରଣ ବୋଲି କୁହାଯାଉଛି। ସହରରେ କଂକ୍ରିଟ୍‌ର ଅଧିକ ବ୍ୟବହାର ଏବଂ ବହୁଳଭାବେ ଗଛକଟା ମଧ୍ୟ ଜଳସ୍ତର ହ୍ରାସର ଅନ୍ୟତମ ପ୍ରମୁଖ କାରଣ ସାଜିଛି। ରାଜଧାନୀରେ ଏବେ ପ୍ରାୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ରହୁଥିବାବେଳେ ଦିନକୁ ଦିନ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ବର୍ତ୍ତମାନ ପରିସ୍ଥିତିରେ ୬୪ପ୍ରତିଶତ ଭୂତଳ ଜଳ ବ୍ୟବହାର କରାଯାଉଥିବାବେଳେ ୭୦ପ୍ରତିଶତ ବ୍ୟବହାର କରାଯିବାକୁ ଆଉ ବେଶି ସମୟ ଲାଗିବନି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏଭଳି ହେଲେ ଦେଶର ଅନ୍ୟ ସହର ଭଳି ଏହାକୁ ମଧ୍ୟ ସେମି-କ୍ରିଟିକାଲ ଜୋନ୍‌ଭାବେ ଘୋଷଣା କରାଯିବ। ଅନ୍ୟପକ୍ଷରେ ୨୦୨୦ରେ ହେଉଥିବା ଜଳ ବ୍ୟବହାରକୁ ହିସାବ କଲେ ଦିନକୁ ଜଣ ପିଛା ୧୬୫ଲିଟର ହିସାବରେ ଭୁବନେଶ୍ୱରରେ ପ୍ରାୟ ୪୨୨ ମିଲିୟନ ଲିଟର ପାଣିର ଆବଶ୍ୟକତା ରହିଛି। ଏଭଳିସ୍ଥଳେ ଭୂତଳ ଜଳ ଦୈନିକ ୧୨୨ ମିଲିୟନ ଲିଟର ଯୋଗାଇପାରିବ। ୨୦୧୦ରେ ଏହି ଦୈନିକ ଆବଶ୍ୟକତା ମାତ୍ର ୨୦୬ ମିଲିୟନ ଲିଟର ରହିଥିଲା। ମାତ୍ର ୧୦ବର୍ଷ ମଧ୍ୟରେ ସହରର ଜଳ ଆବଶ୍ୟକତା ଦୁଇଗୁଣାରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ଜଳ ସଂରକ୍ଷଣ କ୍ଷେତ୍ରରେ ସହର ବହୁ ପଛରେ ପଡ଼ିଛି। ସହର ଏବଂ ସହର ଉପକଣ୍ଠରେ ଏବେ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଛୋଟ ବଡ଼ ଆପାର୍ଟମେଣ୍ଟ ରହିଛି। ଏହି ଆପାର୍ଟମେଣ୍ଟଗୁଡ଼ିକରେ ଭୂତଳ ଜଳକୁ ମନଇଚ୍ଛା ବ୍ୟବହାର କରାଯାଉଛି। ଭୂତଳ ଜଳର ବ୍ୟବହାରକୁ ନେଇ କୌଣସି ରେଗୁଲେଶନ ନ ଥିବାରୁ ଜଳ ଅପଚୟ ବୃଦ୍ଧିପାଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ତାପମାତ୍ରା ବଢୁଛି, ଯାହାର ପ୍ରଭାବ ଭୂତଳ ଜଳ ଉପରେ ପଡୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ଗ୍ରାଉଣ୍ଡ ୱାଟର ରିଚାର୍ଜ ବହୁ ପରିମାଣରେ କମିଯାଇଛି। ଅପରପକ୍ଷରେ ବର୍ଷାର ଅନିୟମିତତା ଏକ ପ୍ରମୁଖ କାରଣ। ବର୍ଷକର ୩୦ପ୍ରତିଶତ ବର୍ଷା ଗୋଟିଏ ଦିନରେ ହୋଇଯାଉଛି। ତେଣୁ ବର୍ଷାଜଳ ଭୂତଳକୁ ଯିବା ସମ୍ଭବ ହେଉନି ବୋଲି ଜଳ ବିଶେଷଜ୍ଞ ରଞ୍ଜନ ପଣ୍ଡା କହିଛନ୍ତି।

### ରାଜ୍ୟରେ ସ୍ଥିତି ଶୋଚନୀୟ

୨୦୧୯ରେ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ବିଧାନସଭାରେ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୦୯ରୁ ୨୦୧୭ ମଧ୍ୟରେ ରାଜ୍ୟରେ ୧୧୨କୋଟି କ୍ୟୁବିକ୍ ମିଟର ଅର୍ଥାତ୍ ୬.୭୧% ଭୂତଳ ଜଳ ହ୍ରାସ ପାଇଛି। ସେଣ୍ଟ୍ରାଲ ଗ୍ରାଉଣ୍ଡ୍ ୱାଟର ବୋର୍ଡ(ସିଜିଡବ୍ଲ୍ୟୁବି)ର ତଥ୍ୟ ଅନୁଯାୟୀ, ୨୦୦୯ରେ ରାଜ୍ୟ ଭୂତଳ ଜଳସ୍ତର ୧୬୬୯ କୋଟି କ୍ୟୁବିକ୍ ମିଟର ଥିବାବେଳେ ୨୦୧୭ ବେଳକୁ ତାହା ହ୍ରାସପାଇ ୧୫୫୭ କୋଟି କ୍ୟୁବିକ୍ ମିଟରରେ ପହଞ୍ଚିଛି। ୨୦୧୩ରୁ ୨୦୧୭ ମଧ୍ୟରେ ରାଜ୍ୟରେ ଭୂତଳ ଜଳର ବ୍ୟବହାର ୩୦ ପ୍ରତିଶତରୁ ବୃଦ୍ଧିପାଇ ୪୨ପ୍ରତିଶତରେ ପହଞ୍ଚିଛି। ଚାଷକାର୍ଯ୍ୟରେ ଭୂତଳ ଜଳର ବ୍ୟବହାର ବଢୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି। ଭାରତ ବିଶ୍ୱରେ ସର୍ବାଧିକ ଭୂତଳ ଜଳ ବ୍ୟବହାର କରୁଥିବା ରାଷ୍ଟ୍ର ହୋଇଥିବାରୁ ଆଗାମୀଦିନରେ ଜଳ ସଂକଟ ଉତ୍କଟ ରୂପ ନେବ ବୋଲି ଆଶଙ୍କା କରାଯାଉଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ଭୁବନେଶ୍ୱର

ଭାରତୀୟ ରିଜର୍ଭ ବ୍ୟାଙ୍କ, ଖ୍ୟାତି ସମ୍ପନ୍ନ ତଥା ଅଭିଜ୍ଞତା ଥିବା ଭଡ଼ାରେ କାର ଯୋଗାଉଥିବା ସଂସ୍ଥା ଗୁଡିକ, ଯେଉଁମାନେ ତାଲିକା ଭୁକ୍ତ ହେବା ନିମନ୍ତେ (ତିନି କିମ୍ବା ଅଧିକ) ଯୋଗ୍ୟତା ମାନଦଣ୍ଡ ପୂରଣ କରନ୍ତି, ସେମାନଙ୍କଠାରୁ ୦୧.୦୭.୨୦୨୦ ରୁ ୩୧.୦୩.୨୦୨୧ (ଏହା ବୃଦ୍ଧି ହୋଇପାରେ) ଅବଧି ପର୍ଯ୍ୟନ୍ତ କାର୍ଯ୍ୟାଳୟର ବ୍ୟବହାର ପାଇଁ ଯାନ ଯୋଗାଇବା ନିମନ୍ତେ ଏମ୍ପାନେଲମେଣ୍ଟ ହେବା ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି। କାର୍ଯ୍ୟର ଅନୁମାନିକ ମୂଲ୍ୟ ୧୫,୦୦,୦୦୦ ଟଙ୍କା। ଟେଣ୍ଡର ପାଇଁ, MSTC ପୋର୍ଟାଲ୍‌ରେ ଥିବା 'ବିଡ୍‌ର ଶେଷ ତାରିଖ' ହେଉଛି ଜୁନ୍ ୨୨,୨୦୨୦ ଦିନ ୯ଟା ପର୍ଯ୍ୟନ୍ତ। ଟେଣ୍ଡରର ଅଧିକ ବିବରଣୀ ପାଇଁ, ଦୟାକରି ଆରବିଆଇର ୱେବସାଇଟ୍ (https://www.rbi.org.in) ରେ "ଟେଣ୍ଡର" ବିଭାଗ ପରିଦର୍ଶନ କରନ୍ତୁ ଏବଂ ଟେଣ୍ଡର ଅପଲୋଡ କରିବା ପାଇଁ ଦୟାକରି MSTC ୱେବସାଇଟ୍ (https://www.mstcecommerce.com)କୁ ଯାଇ ପଞ୍ଜିକରଣ କରନ୍ତୁ।
କ୍ଷେତ୍ରୀୟ ନିର୍ଦ୍ଦେଶକ

# ମଦ ଦୋକାନୀ କରିବେ ମଦ ହୋମ୍ ଡେଲିଭରୀ

**ଭୁବନେଶ୍ୱର, ୨୪।୫(ବ୍ୟୁରୋ)**

**ଅନୁମତି ସତ୍ତ୍ୱେ ଅନ୍‌ଲାଇନ୍‌ରେ ମିଳିଲାନି ମଦ**
- ନିୟମ ଉଲ୍ଲଂଘନ କଲେ ଦୋକାନ ସିଲ୍ - ଅବକାରୀ ଅଧୀକ୍ଷକ

ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନ୍‌ଲାଇନ ଜରିଆରେ ବିଦେଶୀ ମଦ ବିକ୍ରି ପାଇଁ ଅନୁମତି ଦିଆଯାଇଥିଲା। ରବିବାରଠାରୁ ଏହା କାର୍ଯ୍ୟକାରୀ ହେବାର ଥିଲା। ଏଥିପାଇଁ ଗ୍ରାହକମାନେ ଅନ୍‌ଲାଇନରେ କିପରି ଅର୍ଡର କରିବେ ତାହା ଜାଣିବାକୁ ମଦ ଦୋକାନ ଆଗରେ ଭିଡ଼ ଜମାଇ ନିରାଶ ହୋଇଥିଲେ। ତେବେ ଅନ୍‌ଲାଇନ୍ ସେବା ଯୋଗାଣକାରୀ ସଂସ୍ଥା ସ୍ୱିଗୀ ଓ ଜମାଟୋ ଦ୍ୱାରା ମଦ ହୋମ୍ ଡେଲିଭରୀକୁ ମଦ ଦୋକାନୀମାନେ ବିରୋଧ କରୁଥିବା ଜଣାପଡିଥିଲା। ସନ୍ଧ୍ୟାରେ ଲିକର ମର୍ଚ୍ଚାଣ୍ଟ ସଂଘ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏଣିକି ମଦ ଦୋକାନୀମାନେ ନିଜ କର୍ମଚାରୀଙ୍କ ଦ୍ୱାରା ମଦ ହୋମ୍ ଡେଲିଭରୀ କରିବେ। ଅବକାରୀ ବିଭାଗ ପକ୍ଷରୁ ଷ୍ଟକ୍ ଯାଞ୍ଚ କାର୍ଯ୍ୟ ସୋମବାର ପୂର୍ବାହ୍ନ ସୁଦ୍ଧା ସରିଯିବ। ଏହାପରେ ମଧ୍ୟାହ୍ନରୁ ସନ୍ଧ୍ୟା ଯାଏ ମଦ ଦୋକାନୀଙ୍କ ତତ୍ତ୍ୱାବଧାନରେ ମଦ ହୋମ୍ ଡେଲିଭରୀ ହେବ।

ଏନେଇ ଲିକର ମର୍ଚ୍ଚାଣ୍ଟ ସଂଘର ରମାକାନ୍ତ ପ୍ରଧାନ କହିଛନ୍ତି, ମଦ ଅନ୍‌ଲାଇନ ବିକ୍ରି ପାଇଁ ଦୋକାନୀଙ୍କ ପକ୍ଷରୁ ଆବଶ୍ୟକ କର୍ମଚାରୀ ନ ଥିଲେ। ଏଥିସହ ସରକାରୀ ସ୍ତରର କାଗଜପତ୍ର ଠିକ କରାଯାଉଥିବାରୁ ରବିବାର ଦୋକାନ ଖୋଲିବା ସମ୍ଭବ ହୋଇପାରି ନ ଥିଲା। ସୋମବାରଠାରୁ ମଦ ଦୋକାନ ଖୋଲିବା ସହ ହୋମ୍ ଡେଲିଭରୀ କରାଯିବ। ଅନ୍‌ଲାଇନରେ ମଦ ବିକ୍ରି କରିବାକୁ ଅବକାରୀ ବିଭାଗ ନିକଟରେ ସଂଘ ତରଫରୁ ଦାବି କରାଯିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ମଦ ଦୋକାନ ଖୋଲା ରହିବ, କିନ୍ତୁ ସେଠାରେ କୌଣସି କିଣାବିକା ହୋଇପାରିବ ନାହିଁ। କେବଳ ହୋମ୍ ଡେଲିଭରୀ ହେବ। ସ୍ୱତନ୍ତ୍ର ଟିମ୍ ଏସବୁ ଉପରେ ନଜର ରଖିବ। ନିୟମ ଉଲ୍ଲଂଘନ ହେଲେ ମଦ ଦୋକାନ ସିଲ କରାଯିବ। ରିଟେଲର ମଦ ଦୋକାନ ସମ୍ମୁଖରେ ଫୋନ ନମ୍ବର ରହିବ ବୋଲି ସେ କହିଛନ୍ତି।

# ସକାଳେ ବିରୋଧ, ସନ୍ଧ୍ୟାରେ ରାଜି

**କଟକ ଅଫିସ,୨୪।୫**

ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ହେବା ପରଠୁ ଓଡ଼ିଶାରେ ମଦ ବିକ୍ରି ବନ୍ଦ ରହିଛି। ତେବେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଘୋଷଣା ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଦ ଦୋକାନ ଖୋଲିବା ପାଇଁ ଅନୁମତି ଦେଇଥିଲେ। କିନ୍ତୁ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ମଦ ଦୋକାନ ଖୋଲାଯିବା ନେଇ ଦ୍ୱନ୍ଦ୍ୱ ଦୂର ହୋଇପାରୁନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାର ଅଫ୍‌ଲାଇନ୍ ବଦଳରେ ଅନ୍‌ଲାଇନ୍ ମଦ ବିକ୍ରିକୁ ଅନୁମତି ଦେଇଛନ୍ତି। ଯଦିଓ ରବିବାର ଏହାକୁ ବ୍ୟବସାୟୀମାନେ ବିରୋଧ କରିଥିଲେ; କିନ୍ତୁ ସନ୍ଧ୍ୟାରେ ଜିଲାପାଳଙ୍କ ସହ ବୈଠକ ପରେ ସେମାନେ ଅନ୍‌ଲାଇନ୍‌ରେ ମଦ ବିକ୍ରି ପାଇଁ ରାଜି ହୋଇଛନ୍ତି। କଟକରେ ସୋମବାରଠାରୁ ମଦ ଦୋକାନ ଖୋଲିବା ସହ ହୋମ୍ ଡେଲିଭରି ଦିଆଯିବ। ସକାଳ ୭ରୁ ଦିନ ଗୋଟାଏ ଭିତରେ ଅର୍ଡର ନିଆଯିବ ଏବଂ ଦିନ ଗୋଟାଏରୁ ସନ୍ଧ୍ୟା ୬ଟା ଭିତରେ ଡେଲିଭରି କରାଯିବ।

ରବିବାର ସ୍ଥାନୀୟ ଏକ ହୋଟେଲ୍‌ରେ କଟକ ଜିଲା ବିଦେଶୀ ମଦ ବ୍ୟବସାୟୀ ସଂଘର ବୈଠକ ବସିଥିଲା। ରାଜ୍ୟ ସରକାର ମଦର ହୋମ୍ ଡେଲିଭରି ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା



- ଆଜିଠୁ ଖୋଲିବ ମଦ ଦୋକାନ
- କେବଳ ହୋମ୍ ଡେଲିଭରି
- ସୁରକ୍ଷା ପ୍ରତିଶ୍ରୁତି ଦେଲା ପୋଲିସ

ଆଲୋଚନା ବେଳେ ଦୋକାନୀମାନେ ନିଜ ଅସୁବିଧା ଜଣାଇଥିଲେ। ସଂଘ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ କହିଛନ୍ତି, ମଦ ହୋମ୍ ଡେଲିଭରି ପାଇଁ ବର୍ତ୍ତମାନ ଦୋକାନୀମାନେ ପ୍ରସ୍ତୁତ ହେଉନାହାନ୍ତି। ଲକ୍‌ଡାଉନ୍ ଯୋଗୁ କର୍ମଚାରୀମାନେ ନିଜ ଗାଁକୁ ଚାଲିଯାଇଛନ୍ତି। ଗ୍ରାହକଙ୍କ ଘରେ ମଦ ପହଞ୍ଚାଇବା ପାଇଁ ଅଧିକ କର୍ମଚାରୀଙ୍କ ଆବଶ୍ୟକତା ରହିଛି। ଅନ୍ୟପଟେ ଅନ୍‌ଲାଇନ୍‌ରେ ବ୍ୟବସାୟ କମ୍ ରହିବ। କମ୍ ଆୟରେ ସରକାରଙ୍କୁ ରାଜସ୍ୱ ଦେବା କଷ୍ଟକର ହେବ। ତେଣୁ ଅଫ୍‌ଲାଇନ୍ ବ୍ୟବସାୟ ପାଇଁ ମଧ୍ୟ ସରକାର ଅନୁମତି ଦେବାକୁ ସେ ଦାବି କରିଥିଲେ। ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏନେଇ ଏକ ବୈଠକ ବସିଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅଶୋକ ଶତପଥୀଙ୍କ ଉପସ୍ଥିତିରେ ସଂଘର କର୍ମକର୍ତ୍ତା ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ମଦ ହୋମ୍ ଡେଲିଭରି ବେଳେ କର୍ମଚାରୀମାନେ ବାଟରେ ଆକ୍ରମଣର ଶିକାର ହୋଇପାରନ୍ତି। ସେମାନଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବା ପାଇଁ ଦାବି ହୋଇଥିଲା। ଜିଲାପାଳ ଚୟନୀ ଏନେଇ ଡିସିପି ଅଖିଳେଶ୍ୱର ସିଂଙ୍କ ସହ କଥା ହୋଇ ପୋଲିସ ସୁରକ୍ଷା ଯୋଗାଇଦେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମାସିକ ଟାର୍ଗେଟ୍, ଟିକସ ଉପରେ ଆଲୋଚନା ହୋଇଥିଲା।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**VINOYANA FINANCE**
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
**Shinghania Tower**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର, ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ ୨୦ ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
073105-68553

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଳେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଢ଼ା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୂଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

> କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖନ୍ତି। କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା- ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ। -ଶ୍ରୀଅରବିନ୍ଦ

# ଟଙ୍କା ଆସୁଛି

ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦୁଇ ମାସରୁ କମ୍ ସମୟ ମଧ୍ୟରେ ସୁଧହାର କମାଇଛି। ଏଥିସହିତ ଋଣ ପରିଶୋଧ କିସ୍ତିକୁ ଆଉ ୩ ମାସ ପାଇଁ ସ୍ଥଗିତ ରଖିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ସୁପାରିସ କରିଛି। ସମ୍ଭବତଃ ଏହା ଋଣକାରୀଙ୍କୁ ସାମୟିକ ଆଶ୍ୱସ୍ତି ଦେଇପାରେ, କିନ୍ତୁ ତତ୍‌କ୍ଷଣାତ୍ ଅର୍ଥନୀତିକୁ ପୁନର୍ଜୀବନ ଦେବ ବୋଲି ଆଶା କରିବା ବୃଥା। ଆର୍‌ବିଆଇ ମଧ୍ୟ ମାନିଲାଣି ଆଗକୁ ଭାରତୀୟ ଅର୍ଥନୀତି ସଙ୍କୁଚିତ ହୋଇଯିବ। ଏହା ସ୍ପଷ୍ଟ ଦିଶିଲାଣି ଯେ, ବଜାର ବ୍ୟବସ୍ଥା ଏକ ପ୍ରକାର ସ୍ଥାଣୁ ହୋଇଯାଇଛି। କାରଖାନାରେ ଉତ୍ପାଦ କମିଯାଇଛି। ଲକ୍‌ଡାଉନ୍ ଯୋଗୁ ଅନେକ ଲକ୍ଷ ଲୋକ ଚାକିରି ହରାଇଛନ୍ତି। ଶ୍ରମିକମାନେ ନିଜ ଅଞ୍ଚଳକୁ ଫେରିଯାଇଥିବାରୁ କାରଖାନା ଚଳାଇବା ପାଇଁ ଲୋକ ନାହାନ୍ତି। ନିକଟ ଭବିଷ୍ୟତରେ ଉତ୍ପାଦ ବଢ଼ିବା ଆଶା କ୍ଷୀଣ। ଆଗକୁ ଚାହିଦା ବଢ଼ିଲେ ମଧ୍ୟ ତାହାକୁ ସହଜରେ ପୂରଣ କରାଯାଇପାରିବ ନାହିଁ। ଅର୍ଥନୀତିର ଚାହିଦା-ଯୋଗାଣ କର୍ଭକୁ ଦେଖିଲେ, ଯଦି ଯୋଗାଣ କମିଯିବ ଓ ଚାହିଦା ପୂର୍ବଭଳି ସ୍ୱାଭାବିକ ରହିବ, ତାହା ହେଲେ କମ୍ପାନୀଗୁଡ଼ିକ ଦରଦାମ ବୃଦ୍ଧି କରିବେ। ସେତେବେଳେ କେବଳ ଉପଭୋକ୍ତା ହନ୍ତସନ୍ତ ହେବା ଥୟ। ଏହି ସମୟ ଖୁବ୍ ଶୀଘ୍ର ଆସିଗଲାଣି। ସେଥିପାଇଁ ସରକାର ଏହି ଦିଗକୁ ପ୍ରାଥମିକତା ଦେବା ଦରକାର। ଏବେ ସୁରଟରେ ଅନେକ ସୂତାକଳ ଖୋଲିଲାଣି। ଆବଶ୍ୟକ ସଂଖ୍ୟକ ଶ୍ରମିକ ନ ଥିବାରୁ ଉତ୍ପାଦ କମିବା ସ୍ୱାଭାବିକ। ଯେତେବେଳେ ସମୟ ଓ ସୁଯୋଗ ଥିଲା ସରକାର ସେତେବେଳେ ଶ୍ରମିକଙ୍କ ସାହାଯ୍ୟ କରିବା ଲାଗି କାଣି ଆଙ୍ଗୁଠି ଉଠାଇଲେ ନାହିଁ। ଉଦାହରଣ ସ୍ୱରୂପ, ନିଜ ଘରକୁ ଫେରୁଥିବା ଶ୍ରମିକମାନଙ୍କୁ ଭାରତୀୟ ସେନା ସହାୟତାରେ ଓ ଯାନବାହନର ବ୍ୟବସ୍ଥା କରାଇ ସରକାର ସେମାନଙ୍କୁ ଖାଦ୍ୟ ସହିତ ନିଜ ରାଜ୍ୟରେ ପହଞ୍ଚାଇବାର ସୁବିଧା କରିପାରି ଥାଆନ୍ତେ। କେନ୍ଦ୍ର ସରକାରଙ୍କ ହାତରେ ଏହି କ୍ଷମତା ଥିବା ସତ୍ତ୍ୱେ ତାହାର ସଦୁପଯୋଗ କରାଗଲା ନାହିଁ। ଅନ୍ୟପଟେ ଧନୀଙ୍କୁ ବିଦେଶରୁ ବିମାନ ଯୋଗେ ଆଣିବା ପାଇଁ ସରକାରଙ୍କ ତତ୍ପରତା ଅତି ଭଲଭାବେ ପରିଲକ୍ଷିତ ହୋଇଛି।

ଗୋଟେ ଅର୍ଥନୀତିକୁ ସୁଦୃଢ଼ କରିବାକୁ ହେଲେ କୃଷି ଓ ଶିଳ୍ପର ଉନ୍ନତି ଦରକାର। ଭାରତ କୃଷିପ୍ରଧାନ ଦେଶ ହୋଇଥିଲେ ମଧ୍ୟ ଦୀର୍ଘବର୍ଷ ଧରି ଏହାକୁ ଅଣଦେଖା କରାଯାଇଆସିଛି। କୃଷକଙ୍କ ମଙ୍ଗଳ ପାଇଁ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାରଗୁଡ଼ିକ ଚିନ୍ତିତ ବୋଲି ସର୍ବଦା କହିଆସୁଥିଲେ ମଧ୍ୟ ତାହାର ଉନ୍ନତି ହୋଇପାରୁ ନାହିଁ। ଉତ୍ପାଦିତ ଦ୍ରବ୍ୟ ଠିକ୍ ଭାବେ ବଜାରରେ ପହଞ୍ଚି ବିକ୍ରି ହୋଇପାରିଲେ ଏହି କ୍ଷେତ୍ରକୁ ଲାଭ ମିଳିପାରନ୍ତା। ମାତ୍ର ତାହା ଦେଖାଯାଉ ନାହିଁ। ଲକ୍‌ଡାଉନ୍ ସମୟରେ ଲୋକେ ଖାଦ୍ୟସାମଗ୍ରୀ ଉପରେ ବିଶେଷ ନିର୍ଭର କରୁଥିବାର ସମସ୍ତେ ଅନୁଭବ କରୁଥିବେ। ଉତ୍ପାଦ ତୁଳନାରେ ଲୋକଙ୍କ ଦ୍ୱାରା ଏହା ବହୁ ପରିମାଣରେ ବ୍ୟବହାର ହୋଇଛି, ଅର୍ଥାତ୍ ଖାଦ୍ୟ ଚାହିଦା ମେଣ୍ଟାଇଛି। କିନ୍ତୁ ଗଚ୍ଛିତ ଖାଦ୍ୟସାମଗ୍ରୀ ନିକଟ ଭବିଷ୍ୟତରେ ଶେଷ ହେବାର ଆଶଙ୍କା ଦେଖାଦେଲାଣି। ସରକାରୀ ବ୍ୟବସ୍ଥା ଏହି ଦିଗ ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ଉକ୍ତ କ୍ଷେତ୍ରକୁ ସୁଦୃଢ଼ କରିବା ଆବଶ୍ୟକ ହୋଇପଡ଼ିଲାଣି। ଯେଉଁ ଶ୍ରମିକମାନେ ସହରରୁ ଫେରିଆସି ନିଜ ଅଞ୍ଚଳରେ ରହିଲେଣି ଓ ସେମାନଙ୍କ ମଧ୍ୟରୁ ଯେଉଁମାନେ ବାହାରକୁ ଯିବାକୁ ଅମଙ୍ଗ ଅଛନ୍ତି, ସେମାନଙ୍କୁ କେଉଁ କ୍ଷେତ୍ରରେ ନିୟୋଜିତ କରାଯାଇପାରିବ, ସେ ସମ୍ପର୍କରେ ଏବେଠାରୁ ଚିନ୍ତା କରାଯିବା ଦରକାର। ସେମାନଙ୍କ ମଧ୍ୟରୁ ଅଧିକାଂଶ କୃଷି ସମ୍ପର୍କରେ ଜାଣି ନ ଥିବେ। ସେଥିପାଇଁ ନୂଆ ଶିଳ୍ପ ଗଢ଼ି ସେମାନଙ୍କୁ କାମରେ ଲଗାଇବା ଏକ ଅସମ୍ଭବ ଚିନ୍ତାଧାରା। ଏ ଦିଗରେ ବିଶେଷଜ୍ଞମାନଙ୍କ ମତ ଲୋଡ଼ି କାର୍ଯ୍ୟ କରିବା ହେଉଛି ସରକାରଙ୍କ ଏକମାତ୍ର ପନ୍ଥା। ଅବଶ୍ୟ ଏହା ମଧ୍ୟ ସ୍ୱୀକାରଯୋଗ୍ୟ ଯେ ଭାରତବର୍ଷରେ କୌଣସି ବିଶେଷଜ୍ଞ ବିଶେଷ କିଛି ଜାଣି ନାହାନ୍ତି। ସେଥିପାଇଁ ପୂର୍ବରୁ କୁହାଯାଉଥିଲା ଯେ, କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପରାମର୍ଶ ଅନୁଯାୟୀ ଦୀର୍ଘକାଳ ଲକ୍‌ଡାଉନ୍ ଜାରି ରଖିଲେ। ଏହା ମଧ୍ୟ କୁହାଯାଉଥିଲା ଯେ ମେ' ମାସର ମଧ୍ୟ ଭାଗରେ କୋଭିଡ୍-୧୯ର ଉତ୍ତାପ ସ୍ଥିର ରହିବ। କିନ୍ତୁ ବାସ୍ତବରେ ଦେଖାଯାଉଛି ଏବେ ସଂକ୍ରମଣର ହାର ଦ୍ରୁତ ଗତିରେ ବଢ଼ୁଛି। ତାହା ମଧ୍ୟ ଗୁଜରାଟ ଭଳି ରାଜ୍ୟରେ ଅଧିକ ବୃଦ୍ଧି ପାଉଥିବାର କାରଣ ବୁଝିବା କଷ୍ଟକର। ଓଡ଼ିଶାର ଗ୍ରାମାଞ୍ଚଳରୁ ଯୁବକ ସୁଦୂର ଗୁଜରାଟକୁ ଖଟିବାକୁ ଯିବାଭଳି ଗୁଜରାଟୀମାନେ ବିଦେଶକୁ ଯାଇ ବିଭିନ୍ନ ବେପାରରେ ଲାଗିପଡ଼ିଛନ୍ତି। ସେହିମାନଙ୍କୁ ବିଦେଶରୁ ବିମାନ ଯୋଗେ ବୋହିଆଣିବା ଫଳରେ ଏଇ ବିଦେଶୀ ରୋଗ ଭାରତକୁ ପ୍ରବେଶ କରିପାରିଲା। ସେଥିପାଇଁ ଗୁଜରାଟର ସୁରଟରୁ ଫେରୁଥିବା ସଂକ୍ରମିତ ଶ୍ରମିକଙ୍କ ସଂଖ୍ୟା ଅଧିକ ଥିବା ବେଳେ ପଶ୍ଚିମବଙ୍ଗରେ ରାଜନୈତିକ ପ୍ରଚାରରେ ଅଧିକ ନୂତନ କରୋନା ଭାଇରସ୍ ଆକ୍ରାନ୍ତ ସଂଖ୍ୟା ହ୍ରାସ ପାଇଛି।

ଏବେ କୌତୂହଳରେ କୁହାଯାଉଛି, ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଦେଇଥିବା ୫୦୦ କୋଟି ଟଙ୍କା ଓ ପଶ୍ଚିମବଙ୍ଗକୁ ଦେଇଥିବା ୧୦୦୦ କୋଟି ଟଙ୍କା ଦିଲ୍ଲୀରୁ ବାହାରି ସାରିଲାଣି। ରେଳ କିମ୍ବା ବିମାନ ସେବା ନ ଥିବାରୁ ସେହି ପରିମାଣର ଟଙ୍କା ଉତ୍ତର ପ୍ରଦେଶ ଓ ବିହାର ଦେଇ, ବିନା ଚପଲରେ, ଚାଲି ଚାଲି ଭୁବନେଶ୍ୱର ଓ କୋଲ୍‌କାତାକୁ ଆସୁଛି। ଏହି ଦୃଶ୍ୟକୁ ଅନେକ ଶ୍ରମିକ ଦେଖୁଥିବେ।

# ଏମର୍ଜେନ୍ସି ହେଲେ



ଜିତେନ୍ଦ୍ର କୁମାର ନାୟକ

ଏମର୍ଜେନ୍ସି ବା ଜରୁରିକାଳୀନ ପରିସ୍ଥିତି କ'ଣ କେବଳ ଶାସକଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ଥାଏ? ଭାରତର ଗଣତାନ୍ତ୍ରିକ ଇତିହାସରେ ୧୯୭୫ରେ ଲାଗୁ କରାଯାଇଥିବା ଏମର୍ଜେନ୍ସି ଥିଲା ଗାଦି ରକ୍ଷା ପାଇଁ। ଦୀର୍ଘଦିନ ଧରି ଶାସନରେ ରହିବା ସକାଶେ ସେତେବେଳେ ଯେଉଁ ଦୁର୍ବାର ପ୍ରୟାସ କରାଯାଇଥିଲା ତା'ର କୁଫଳ ଭୋଗିଥିଲେ ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷ। ଶାସକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ବ୍ୟକ୍ତିଙ୍କୁ ଜେଲ ଦେଖାଇ ଦିଆଯାଉଥିଲା। ବାକ୍ ସ୍ୱାଧୀନତାରେ ତୁଣ୍ଡି ବନ୍ଧା ହୋଇଯାଇଥିଲା। ଏହାର ପ୍ରାୟ ୪୫ ବର୍ଷ ପରେ ମୁହଁରେ ତୁଣ୍ଡି ବାନ୍ଧିବାକୁ ମଣିଷ ବାଧ୍ୟ ହୋଇଛି କୌଣସି ଶାସକଙ୍କ ଜୁଲୁମ୍ କିମ୍ବା ନିର୍ଦ୍ଦେଶକୁ ମାନି ନୁହେଁ, ବରଂ ଗୋଟିଏ ଭୂତାଣୁ ଭୟରେ। ସମ୍ଭବତଃ ଏହି ଅଭ୍ୟାସ ଦୀର୍ଘଦିନ ବଜାୟ ରହିବ ବୋଲି ଆଭାସ ମିଳିଲାଣି। ଚାଇନାର ଉହାନ୍‌ରୁ ଆସିଥିବା କୋଭିଡ୍-୧୯ ବିଶ୍ୱ ପରିକ୍ରମା କରିଚାଲିଛି। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଓ ବାରମ୍ବାର ହାତ ଧୋଇବା ଅଭ୍ୟାସକୁ ପ୍ରତିକାର ସ୍ୱରୂପ ଗ୍ରହଣ କରିନେବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ନିବେଦନ କରିଚାଲିଛି। ଭାରତରେ ୩୦ ଜାନୁୟାରୀରେ ପ୍ରଥମେ କରୋନା ଭୂତାଣୁ ସଂକ୍ରମଣ ଦେଖାଦେଇଥିଲା। ୧୮ ମେ'ରେ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ଟପିଥିଲା। ୨୪ ମେ'ରେ ଏହି ସଂଖ୍ୟା ୧ଲକ୍ଷ ୩୧ ହଜାର ୮୬୮ ରହିଥିବାବେଳେ ମୃତ୍ୟୁସଂଖ୍ୟା ୩,୮୬୭ରେ ପହଞ୍ଚି ସାରିଲାଣି। ସ୍ୱାସ୍ଥ୍ୟ ସଙ୍କଟ ଟାଳିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଲକ୍‌ଡାଉନ ବର୍ତ୍ତମାନ ୪.୦ ସଂସ୍କରଣରେ ପଡ଼ି ଗଡ଼ିଚାଲିଛି।

ଦେଶବ୍ୟାପୀ ତାଲାବନ୍ଦ ରୋଗ ନିୟନ୍ତ୍ରଣରେ ବିଶେଷ ସହାୟକ ହେବ ବୋଲି ଉଦ୍ଦେଶ୍ୟ ରଖାଯାଇ ଯେଉଁ ଘୋଷଣାମାନ ପ୍ରାରମ୍ଭରେ କରାଯାଇଥିଲା, ଦିନକୁ ଦିନ ତାହା କୋହଳ ହେଉଥିବାରୁ ତା'ର ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଲାଣି। ଏଥିପାଇଁ ସବୁ ଦୋଷ ପ୍ରବାସୀ ଶ୍ରମିକଙ୍କ ଉପରେ ଅଜାଡ଼ି ଦିଆଯାଉଛି। କାରଣ ଦେଶର ବିଭିନ୍ନ ସ୍ଥାନରେ ଥିବା ଅନେକ ଶ୍ରମିକ ହଇରାଣ ହରକତ ହୋଇ ନିଜ ଭିଟାମାଟିକୁ ଫେରିବାକୁ ସଡ଼କ ଓ ରେଳପଥ ଆଡ଼କୁ ଧାଇଁ ଚାଲିଛନ୍ତି। କେତେକେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଜଳପଥରେ ନୌକାକୁ ସାହାରା କରୁଛନ୍ତି। ସେମାନଙ୍କ ବେଦନାଦାୟକ ଦୃଶ୍ୟକୁ ଗଣମାଧ୍ୟମରେ ଲୋକେ ଆଖିତରାଟି ଅନେଇ ରହୁଛନ୍ତି। ୧୩୫ କୋଟିର ଜନସଂଖ୍ୟା ବିଶିଷ୍ଟ ଦେଶରେ ମାତ୍ର କେଇ କୋଟି ଲୋକଙ୍କୁ ମାସ କେଇଟା ପାଇଁ ଥଇଥାନ କରିବା ଲାଗି କେନ୍ଦ୍ରଠାରୁ ଆରମ୍ଭ କରି ଆଞ୍ଚଳିକ ସରକାର କେହି ସକ୍ଷମ ହୋଇଥିବା ଭଳି ମନେ ହୁଏନାହିଁ। ସମ୍ଭବତଃ ଭାରତରେ ମାନବ ସମ୍ବଳ ସଙ୍କଟର ଏଭଳି କରୁଣଦୃଶ୍ୟ ପୃଥିବୀର ଅନ୍ୟ କୌଣସି ପ୍ରାନ୍ତରେ ନିକଟ ଅତୀତରେ କେହି ଦେଖି ନ ଥିବେ ବୋଲି ଜୋର୍ ଦେଇ କହିହେବ। କୃଷିପ୍ରଧାନ ଭାରତ ବର୍ଷରେ ଗାଁଗଣ୍ଡାରେ ଜନ୍ମିଥିବା ଲୋକ ଦେଖିଥାନ୍ତି ଚାଷ କ୍ଷେତରେ ହଳ ବୁଲାଇଲା ବେଳେ ଦୁଇଟି ଗୋରୁଙ୍କୁ ଯୁଆଳିରେ ଯୋଖାଯାଇଥାଏ। ଲଙ୍ଗଳ କଣ୍ଟି ଚାଷୀ ମୁଠାରେ ଥାଏ। କିନ୍ତୁ ସହରକୁ ରୋଜଗାର ପାଇଁ ଧାଇଁ ଯାଇଥିବା ଶ୍ରମିକ ବେକରେ ଯୁଆଳି ପଡ଼ିବା ହୁଏତ କେଉଁଠି କେବେ କେହି ଦେଖି ନ ଥିଲେ। ଏଇ ଭାରତରେ ନିକଟରେ ଦେଖିବାକୁ ମିଳିଛି ଗୋଟିଏ ଗୋରୁ ଓ ଜଣେ ମଣିଷ ବେକରେ ଯୁଆଳି ପଡ଼ିଛି। ପୁରୁଷଟି ଗୋଟିଏ ଟଣାଗାଡ଼ିରେ ନିଜର ସ୍ତ୍ରୀ ଓ ପିଲାଙ୍କୁ ରାସ୍ତା ଉପରେ ଟାଣି ଟାଣି ନେଉଛି। ପୁଣି ପୁରୁଷ ଥକିଗଲେ ମହିଳା ବେକରେ ଜୁଆଳି ପଡୁଛି। ମାନବ ସମ୍ବଳ ପରିଚାଳନାରେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକର ବିଫଳତା କେବଳ ଏଇ ଗୋଟିଏ ଛବିରେ ଅଟକି ଯିବା ପାଇଁ ଯଥେଷ୍ଟ। ସାମାଜିକ ଦୂରତା କେଉଁ ଗହନର କଥା। ଘରକୁ ଫେରିବା ଲାଗି ଗୋଟିଏ ଗୋଟିଏ ରେଳ ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରେ ଭିଡ଼ର ଆକାର ଦେଖିଲେ ମନେ ହେଉଛି ସତେ ଯେପରି ଏମାନେ ନିଜ ଦେଶରେ ଶରଣାର୍ଥୀ ପାଲଟି ଯାଇଛନ୍ତି। ୯୦୦ କିଲୋମିଟର ଚାଲି ଚାଲି ଜଣେ ଗର୍ଭବତୀ ବାଟରେ ପ୍ରସବ କରିବା ହେଉ ବା ମୁମ୍ବାଇରୁ ବାଲେଶ୍ୱର ଯାଏ ସାଇକେଲରେ ଅବା କେଉଁଠାରେ ୧,୭୦୦ କିଲୋମିଟର ପାଦରେ ଚାଲି ଚାଲି ନିଜ ଗାଁକୁ ଫେରୁଥିବା ଶ୍ରମିକଙ୍କୁ ଦେଖିଲେ ଗଣତାନ୍ତ୍ରିକ ଦେଶର ବାସ୍ତବ ଚିତ୍ର ଦୁନିଆର ଅନ୍ୟାନ୍ୟ ବର୍ଗଙ୍କୁ କେବଳ ଆଲୋଚନାର ଖୋରାକ ଯୋଗାଇଛି।

ଓଡ଼ିଶା କଥା ଦେଖିଲେ ଏଠାରୁ ବାହାରେ ଯାଇ ପ୍ରବାସୀ ଥିବା ଶ୍ରମିକଙ୍କ ଦୁଃଖର କାହାଣୀ ଆଗରୁ ଶୁଣିବାକୁ ପାଉଥିଲୁ। କିନ୍ତୁ ଲକ୍‌ଡାଉନ ସମୟରେ ବାସ୍ତବତା ଏ ଲେଖକ ଜାଣିବାକୁ ପାଇଛି। ସୁରଟ ବୁଲିଯାଇଥିବା ଜଣେ ବନ୍ଧୁ ଏ ପରିପ୍ରେକ୍ଷୀରେ କହିଛନ୍ତି ଯେ, ସେଠାରେ ଶ୍ରମିକମାନେ କିପରି ରହିଥାନ୍ତି ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। କଳକାରଖାନାରେ ତିନି ଶିଫ୍ଟରେ ଆଠ ଘଣ୍ଟା ଲେଖାଏ କାମ ହୋଇଥାଏ। ଗୋଟିଏ କୋଠରିରେ ୩ଟି ଖଟ ପଡ଼ିଥାଏ। ଶିଫ୍ଟ ଅନୁଯାୟୀ ଜଣେ କାମକୁ ପଳାଇଲେ ଆଉଜଣେ ଆସି ସେଥିରେ ଶୋଇଥାଆନ୍ତି। ପୁଣି ସେହିଠାରେ ଆସବାବପତ୍ର ଓ ରୋଷେଇ ବ୍ୟବସ୍ଥା। ଗୋଷ୍ଠୀ ପାଇଖାନାରେ ନିତ୍ୟକର୍ମ ସହ ଗାଧୁଆପାଧୁଆ ଲାଗି ସୁବିଧା। ପ୍ରବାସୀଙ୍କ ଏହିଭଳି ଦୟନୀୟ ଚିତ୍ର କୋଲକାତା, ତିରୁପୁର, ମୁମ୍ବାଇ, ପୁଣେ, ନୂଆଦିଲ୍ଲୀ, ବେଙ୍ଗାଲୁରୁ ଆଦି ସହରରେ ମଧ୍ୟ ଦେଖିବାକୁ ମିଳେ। ଅତି କଷ୍ଟରେ ଜୀବନ ବିତାଉଥିବା ଓଡ଼ିଆ ଶ୍ରମିକମାନେ ନିଜ ଅଞ୍ଚଳକୁ ଫେରିବା ବେଳେ ଏସବୁ ଜଣାଇ ନ ଥାନ୍ତି। ନିକଟରେ କେତେଜଣ ପ୍ରବାସୀ ଓଡ଼ିଶାର କେତେଟି ସଙ୍ଗରୋଧ କେନ୍ଦ୍ରରେ ଥିବାବେଳେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିବାରୁ ସେମାନଙ୍କୁ ସାଧାରଣରେ ନିନ୍ଦା କରାଯାଇଥିଲା। ଅବଶ୍ୟ ପରବର୍ତ୍ତୀ ସମୟରେ ସେମାନେ କ୍ଷମା ପ୍ରାର୍ଥନା କରିଛନ୍ତି। ସାମଗ୍ରିକ ଭାବେ ଦେଖିଲେ ଦେଶର ଅନେକ ସ୍ଥାନରେ ସ୍ତ୍ରୀ, ପିଲାଛୁଆଙ୍କୁ ନେଇ ଓଡ଼ିଆମାନେ ଦୁଃଖରେ ରହି ଏବେ ଘରବାହୁଡ଼ା କଲାବେଳେ ସେମାନଙ୍କ ହୃଦୟତନ୍ତ୍ରୀ ଥରି ଯାଉଥିବ।

ଭାରତୀୟ ସଂଘୀୟ ବ୍ୟବସ୍ଥାର ସ୍ୱରୂପକୁ ନିରେଖିଲେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କୌଣସି ଜଟିଳ ପରିସ୍ଥିତିରେ ନିଷ୍ପତ୍ତି ନେବାରେ କେନ୍ଦ୍ର ହିଁ ସର୍ବମାନ୍ୟ। ଯେତେବେଳେ ଚାଇନାର ଉହାନରେ କରୋନା ଭୂତାଣୁ ସଂକ୍ରମିତ ହେବାରେ ଲାଗିଲା ଓ ତାହା ଅନ୍ୟ ଦେଶକୁ ବ୍ୟାପି ଚାଲିଲା, ସେତେବେଳେ ଭାରତ ଅତ୍ୟଧିକ ସତର୍କତା ଅବଲମ୍ବନ କରିଥିଲେ ସ୍ଥିତି ଭିନ୍ନ ହୋଇଥାଆନ୍ତା। କେବଳ ତତ୍‌କ୍ଷଣାତ ଲକ୍‌ଡାଉନ୍ କରି ସଂକ୍ରମଣକୁ ରୋକିବା ଦିଗରେ ଚିନ୍ତା କରିଥିବା ସରକାର ଲୋକଙ୍କ ମୌଳିକ ସମସ୍ୟାକୁ ବୁଝିବାରେ ସକ୍ଷମ ହୋଇନାହାନ୍ତି ବୋଲି କୁହାଯାଇପାରିବ। ମାର୍ଚ୍ଚ ୨୪ରେ ଲକ୍‌ଡାଉନ୍ ଘୋଷଣା କରାଯିବା ପୂର୍ବରୁ ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ସହ ନିଜ ଅଞ୍ଚଳକୁ ଫେରିଯିବା ଲାଗି ଯଦି ଗୋଟିଏ ସପ୍ତାହର ସମୟ ଦିଆଯାଇ ଥାଆନ୍ତା, ତା'ହେଲେ ଆଜି ହୁଏତ ପରିସ୍ଥିତି ଅସମ୍ଭାଳ ହୋଇ ନ ଥାନ୍ତା। ସେତେବେଳେ ଆକ୍ରାନ୍ତଙ୍କ ସଂଖ୍ୟା ନଗଣ୍ୟ ଥିଲା।

ଭାରତରେ ୩୦ ଜାନୁୟାରୀରେ କୋଭିଡ୍-୧୯ର ପ୍ରଥମ ସଙ୍କେତ ମିଳିଥିବା ବେଳେ ଲକ୍‌ଡାଉନ୍‌ର ସ୍ୱରୂପ ଓ କଟକଣା ବିଷୟରେ ଜଣାଇ ଦିଆଯାଇଥିଲେ ସମସ୍ତେ ସଜାଗ ହୋଇଥାନ୍ତେ, ବିଶେଷକରି ଶ୍ରମିକଙ୍କ ହାତରେ ଦି ପଇସା ଥିବାରୁ ଘରକୁ ସହଜରେ ଫେରିପାରିଥାଆନ୍ତେ। ବିଦେଶରୁ ବୁହାହେଇ ଆସିଥିବା ଲୋକଙ୍କୁ ଖୁଲମଖୁଲା ଛାଡ଼ିଦେବା ଥିଲା ପ୍ରଥମ ଭୁଲ। ଦ୍ୱିତୀୟରେ ଦେଶରେ ବିଭିନ୍ନ ସ୍ଥାନରେ କଳକାରଖାନାରେ କାମ କରୁଥିବା ଲୋକଙ୍କୁ ମାଲିକମାନେ ସୁରକ୍ଷିତ କରି ରଖି ନ ପାରିବା ସମସ୍ୟାକୁ ବଢ଼ାଇ ଦେଇଛି। ଦୀର୍ଘଦିନ ଧରି ଶ୍ରମ ଦେଉଥିବା ଲୋକଙ୍କୁ ଡଷ୍ଟବିନ୍‌ରେ ଫୋପାଡ଼ିବା ଭଳି ବ୍ୟବହାର କରାଯିବା ଯୋଗୁ ସେମାନେ ଅସହାୟ ହୋଇ ରାସ୍ତାରେ ଚାଲିଲେ। ସେମାନଙ୍କ ମଧ୍ୟରୁ କେତେକେ ସେହି ରାସ୍ତାରେ ପଡ଼ି ହିଁ ମରି ଯାଇଛନ୍ତି। ପ୍ରଥମରୁ ଘଳିଆ ନ ମାରି ବିରାଟ ଘାଇ ହେବା ପରେ ଗାଣ୍ଡୁଏ ଲେଖାଏ ମାଟି ଢାଳିବା ପରି ସରକାରୀ ନିୟମ କୌଣସି କାମରେ ଆସିଲା ନାହିଁ।

ଜୀବନ ଓ ଜୀବିକା ଭିତରେ ସଂଘର୍ଷର ଏ ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହାକୁ ଗୋଟିଏ ମାତ୍ର ଏମର୍ଜେନ୍ସି ବଦଳାଇ ପାରିଥାଆନ୍ତା। ଏଠି ବାକ୍ ସ୍ୱାଧୀନତାର କଣ୍ଠରୋଧ କରିବାକୁ କୁହାଯାଉନାହିଁ। ସକାରାତ୍ମକ ଦୃଷ୍ଟିକୋଣରୁ କେନ୍ଦ୍ର ଜରୁରୀ ଭଳି ପରିସ୍ଥିତି ଘୋଷଣା କରି କହିଥାଆନ୍ତା, ଯିଏ ଯେଉଁଠାରେ ଅଛନ୍ତି ସେଠାରେ ଥାଆନ୍ତୁ। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଶାସକ ବା ପ୍ରଶାସକଙ୍କ ଉପରେ କେନ୍ଦ୍ରୀୟ ନେତୃତ୍ୱ ଦାୟିତ୍ୱ ନ୍ୟସ୍ତ କରିପାରିଥାଆନ୍ତା। କରୋନା ନିୟନ୍ତ୍ରଣ ଓ ମାନବ ସମ୍ବଳ ପରିଚାଳନା ଲାଗି ଏବେ ଯେଉଁଭଳି ଅର୍ଥ ଖର୍ଚ୍ଚ କରାଯାଉଛି ତାହାକୁ ମୂଳରୁ ବ୍ୟବସ୍ଥିତ ଢଙ୍ଗରେ ଆବଣ୍ଟନ କରାଯାଇ ପାରିଥିଲେ ଶିଳ୍ପରୁ ଶ୍ରମିକ ଯାଏ, କୃଷି କ୍ଷେତରୁ କୃଷିଜୀବୀ ଯାଏ ସମସ୍ତେ ବଞ୍ଚିବା ଲାଗି ପାଣି ପାଇ ପାରିଥାଆନ୍ତେ। ଶ୍ରମିକମାନଙ୍କୁ ବଞ୍ଚାଇ ରଖିବା ସମ୍ଭବ ନୁହେଁ ବୋଲି ଭାବି ଯେତେବେଳେ ସଂସ୍ଥାଗୁଡ଼ିକ ହାତ ଟେକିଦେଲେ ସେତେବେଳେ ସେଠାକାର ସରକାର କିମ୍ବା ପ୍ରବାସୀଙ୍କ ନିଜ ରାଜ୍ୟ ସରକାର ସେମାନଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଦେଇଥିଲେ ଦୁଇଟି ଉପକାର ମିଳି ପାରିଥାଆନ୍ତା। ଗୋଟିଏରେ ସଂକ୍ରମଣସ୍ତର ବହୁତ କମ୍ ରହିପାରିଥାନ୍ତା ଓ ଦ୍ୱିତୀୟରେ ପ୍ରବାସୀଙ୍କ ଦୁଃଖକୁ ଲାଘବ କରାଯାଇପାରିଥାଆନ୍ତା। କିନ୍ତୁ ତାହା ହେଲାନାହିଁ। ଶୁଣିବାକୁ ମିଳୁଛି ଶିଳ୍ପସମୃଦ୍ଧ ରାଜ୍ୟରେ ଥିବା ପ୍ରବାସୀମାନଙ୍କୁ ହଟାଇ ଦେବା ପାଇଁ ସମ୍ପୃକ୍ତ ସରକାର ଚାହିଁଲେ। କାରଣ ସେମାନଙ୍କ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁ ବୋଲି ଦର୍ଶାଇବାକୁ ଚାହୁଁ ନ ଥିଲେ।

କେନ୍ଦ୍ରଠୁ ରାଜ୍ୟ ଯାଏ କେଉଁଭଳି କେଉଁ ଢଙ୍ଗରେ ଲୋକଙ୍କ ନିକଟରେ ସାହାଯ୍ୟ, ସହାୟତାର ବାର୍ତ୍ତା ପହଞ୍ଚିପାରିବ ଏବଂ ଲୋକଙ୍କ ମନ ଜିଣି ହେବ, ସେଇ ଚିନ୍ତାରେ ରହିଲେ ଶାସକ ଓ ପ୍ରଶାସକ। ସବୁଆଡ଼େ ହିସାବ କରାଗଲା ପ୍ରବାସୀମାନଙ୍କୁ କିପରି ଭାବେ ଫେରାଇ ଆଣିଲେ ଆଗକୁ ଭୋଟ୍ ମିଳିପାରିବ। ଏହି ବାସ୍ତବତାକୁ ସ୍ୱୀକାର କରିବା ଲାଗି ଅନେକେ କୁଣ୍ଠାବୋଧ କରିବେ। ଅନ୍ୟପକ୍ଷରେ ଶହ ଶହ ମାଇଲ୍ ଚାଲିଚାଲି ଆସିଥିବା ଲୋକର ଶାସନ ବ୍ୟବସ୍ଥା ଉପରେ ଏବେ ଆଉ ବିଶ୍ୱାସ ରହିବ କି ନାହିଁ ଦେଖିବାକୁ ଅପେକ୍ଷା କରିବା। ଶିଳ୍ପସଂସ୍ଥା ଓ କଳକାରଖାନାର ମାଲିକମାନେ ଦୁର୍ଦ୍ଦିନରେ ସାହାଯ୍ୟ ଯୋଗାଇଦେବାରେ ଯେପରି ବିଫଳ ହେଲେ ଭବିଷ୍ୟତରେ ଶ୍ରମିକମାନେ ସେମାନଙ୍କ ନିକଟକୁ ଫେରିବେ ଓ କାମରେ ଯୋଗଦେଇ ଉତ୍ପାଦ ବଢ଼ାଇବେ ବୋଲି ସହଜରେ ବିଶ୍ୱାସ ହେଉନାହିଁ। ମାନବ ସମ୍ବଳର ଏଭଳି ପରିଚାଳନାଗତ ତ୍ରୁଟି ସୁଧାରିବା ପାଇଁ ସକାରାତ୍ମକ ଦିଗକୁ ଅନିଶା କଲା ଭଳି ଗୋଟେ ଏମର୍ଜେନ୍ସି କରାଯାଇପାରିଥାଆନ୍ତା।

ଏଇ-୫୮, ଭିଏସ୍ଏସ୍ ନଗର, ଭୁବନେଶ୍ୱର
Email: jitu_air2004@yahoo.co.in

# ବିଦ୍ୟାର୍ଥୀ ଓ ହ୍ୱାଟ୍‌ସଆପ୍ ପୁସ୍ତକ

ନଗେନ୍ଦ୍ର ନାଥ ପଟ୍ଟନାୟକ

ପୁସ୍ତକ ପଢ଼ିବା ମହାଆନନ୍ଦର ବିଷୟ। ବିଦ୍ୟାର୍ଥୀ ଜୀବନରେ ଶିକ୍ଷା ଏକପ୍ରକାର ବାଧ୍ୟତାମୂଳକ। କିନ୍ତୁ ପାଠପଢ଼ା ସମୟରେ ବିବଶ ହୋଇ ପଢୁଥିବା ପିଲା ଏବଂ ଆଗ୍ରହ ତଥା ଆନନ୍ଦ ସହକାରେ ଶିକ୍ଷା ଲାଭ କରୁଥିବା ଛାତ୍ରଙ୍କ ମଧ୍ୟରେ ବିଶେଷ ଫରକ ଦେଖିବାକୁ ମିଳିଥାଏ। ସୁତରାଂ ଶିକ୍ଷଣ ହେଉଛି ଆନନ୍ଦର ଉତ୍ସ ଓ ବିକାଶର ମୂଳାଧାର। ଆମମାନଙ୍କ ଭିତରୁ ଅଧିକାଂଶ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରି ଆନନ୍ଦ ଲାଭ କରନ୍ତି। ତେବେ ଆମର ଏହି ଆତ୍ମସନ୍ତୋଷ କେବଳ ସ୍ୱଳ୍ପ ସମୟ ପାଇଁ।

ବାସ୍ତବରେ ପୁସ୍ତକ ପଢ଼ାରେ ଯେଉଁ ନିରୁତା ଆନନ୍ଦ ମିଳେ ତାହା ସ୍ଥାୟୀ ଓ ଚିରନ୍ତନ। ଏହି ସୁଖ ଉଭୟ ବାହ୍ୟ ଓ ଆଭ୍ୟନ୍ତରୀଣ। ପାଠପଢ଼ା ଯେ କୌଣସି ପ୍ରକାର ହୋଇପାରେ। ଖବରକାଗଜ ହେଉ କି ପତ୍ରପତ୍ରିକା ଅଥବା ଆମ ହାତରେ ଥିବା ମୋବାଇଲ ସ୍ମାର୍ଟଫୋନରେ ଅଙ୍ଗୁଳି ଚଳାଇ ହେଉ ଏ ସବୁରୁ ଆମେ ବହୁ ମୂଲ୍ୟବାନ ଶିକ୍ଷା ଲାଭ କରିଥାଉ। ୱାଟସ୍‌ଆପ ପୁସ୍ତକ କଥା କିନ୍ତୁ ପୂରା ନିଆରା। ଛାପା ବହି ଖଣ୍ଡେ ହାତରେ ଥିଲେ କିମ୍ବା ବହିକୁ ଆଖି ପୂରେଇ ଦେଖିଲେ ଅଥବା ବହିର ଭୁରୁଭୁରୁ ବାସନାରେ ଆମେ ପ୍ରଚୁର ଆନନ୍ଦ ଉପଭୋଗ କରିଥାଉ। ବହି ପଢୁ ପଢୁ ତାକୁ ଛାତି ଉପରେ ଜଡେଇ ଧରି ଆମେ କେତେବେଳେ ମହାଆନନ୍ଦରେ ଶୋଇପଡୁ ଜାଣିପାରୁ ନାହୁଁ। ଯେମିତି କୌଣସି ଗୁଲୁଗୁଲିଆ ଅବୋଧ ଶିଶୁ ସାଙ୍ଗରେ ଖେଳୁ ଖେଳୁ ଆମେ ଆନନ୍ଦରେ ବିଭୋର ହୋଇ ଗାଢ଼ ନିଦରେ ଶୋଇପଡୁ।

ଲକ୍‌ଡାଉନ୍ ସମୟରେ ଆମେ ସବୁ ଘରର ଚାରିକାନ୍ଥ ଭିତରେ ବନ୍ଦୀ ହୋଇ ରହିଛେ। ସଂଗରୋଧର ନିୟମକୁ ମାନି ଚଳୁଛେ। ଆମେ ନିଜ ପରିବାରବର୍ଗଙ୍କ ସହିତ ନିଃସଙ୍ଗ ଜୀବନ ବିତାଉଛେ। ବର୍ତ୍ତମାନ ଜନପଦ, ସହର, ଜିଲା ଓ ସହର ସବୁ ଯେମିତି ଏକଘରକିଆ ହୋଇ ରହିଯାଇଛି। ଏପରି କି ଆମ ଦେଶ ଭାରତବର୍ଷ ମଧ୍ୟ ପୃଥିବୀର ଅନ୍ୟାନ୍ୟ ଦେଶଗୁଡ଼ିକରୁ ବିଚ୍ଛିନ୍ନ ହୋଇ ଏକଲା ହୋଇଯାଇଛି। ଆମେ ସମସ୍ତେ ଏକୁଟିଆ ହୋଇ ସଂଗ୍ରାମ ଜାରି ରଖିଛେ ଅଦୃଶ୍ୟ ଶକ୍ତି ମହାଘାତକ କରୋନା ବିରୋଧରେ। ଏହି ଯୁଦ୍ଧରେ ନା ଆମର ସାଧନ କାମରେ ଆସୁଛି ନା ପରମାଣୁ ଅସ୍ତ୍ରଶସ୍ତ୍ର କ୍ଷେପଣାସ୍ତ୍ର ଓ ବାହୁବଳର ଉପଯୋଗ ହୋଇପାରୁଛି। ଏବେ କୌଣସି ମହିଳା ଗର୍ଭବତୀ ହେଉ କି ଜ୍ୱର ରୋଗ ହେଉ ଚିକିତ୍ସା ପାଇଁ ଯେଉଁ ପରିଚିତ ଡାକ୍ତରବାବୁଙ୍କ ନିକଟକୁ ଯାଉଛି ସେ ତାକୁ ନ ଦେଖିବାକୁ ରୋକଠୋକ ମନା କରିଦେଉଛି। ଏପରି କି ଅକାଳରେ ମୃତ୍ୟୁବରଣ କଲେ ବି କେହି ଶବକୁ କାନ୍ଧରେ ବୋହି ସଂସ୍କାର କରୁନାହାନ୍ତି। ବର୍ତ୍ତମାନର ଲକ୍‌ଡାଉନ୍ ଓ ସାମାଜିକ ଦୂରତ୍ୱ ନିୟମ ପାଳନ କରିବା ପରିପ୍ରେକ୍ଷୀରେ କେବଳ ପୁସ୍ତକ ହିଁ ପରିବର୍ତ୍ତନଶୀଳ ସମାଜକୁ ଉଦ୍ଧାର କରିପାରିବ। ଆଉ ସମାଜ ବି ପୁସ୍ତକକୁ ଆପଣାଇ ନେଇଛି। ଏବେ ଇ-ବୁକର ଚାହିଦା କାହିଁ କେତେ ବଢିଗଲାଣି। ମୋବାଇଲ ଓ କମ୍ପ୍ୟୁଟର ଓ ଲ୍ୟାପଟପ ପରଦାରେ ଦୃଶ୍ୟମାନ ପୁସ୍ତକକୁ ଆମ ଆଖି ହଳକ ପଢିବାରେ ଅଭ୍ୟସ୍ତ ହୋଇଗଲାଣି। କମ୍ପ୍ୟୁଟର ଟେବୁଲ ଉପରେ ମଥାନୋଇଁ ପଢୁ ପଢୁ ଆମ ଆଖିକି କେତେବେଳେ ଯେ ନିଦ ଆସିଯାଉଛି ଜାଣିପାରୁନୁ। ଆମ ଦେଶରେ ଅଡିଓ ପୁସ୍ତକର ଚାହିଦା ବଢିବାରେ ଲାଗିଛି। ଅଡିଓ ପୁସ୍ତକ ଶୁଣି ଆମେ ଘରେ ଖାଦ୍ୟ ରାନ୍ଧିବାଠାରୁ ଆରମ୍ଭ କରି ବାସନକୁସନ ମଜାମଜି, ଘର ଓଳାଇ ସଫାସୁତର କରିବା ଆଦି କାର୍ଯ୍ୟ ଅତି ସହଜରେ ନିଷ୍ପାଦନ କରିପାରୁଛେ।

ବର୍ତ୍ତମାନ ହ୍ୱାଟସ୍‌ଆପ ଜରିଆରେ ପ୍ରସ୍ତୁତ ପୁସ୍ତକ ସବୁ ଉପଲବ୍ଧ ହେଉଛି। ଅବଶ୍ୟ ଅଧିକାଂଶ ଲୋକ ଅଛନ୍ତି ଯେଉଁମାନଙ୍କୁ କି କମ୍ପ୍ୟୁଟର ବ୍ୟବହାର ଆଦୌ ଜଣାନାହିଁ। ଯଦିଓ ମୋବାଇଲ ସମସ୍ତଙ୍କ ନିକଟରେ ରହିଛି। ତେବେ ଯେଉଁମାନେ ହ୍ୱାଟସ୍‌ଆପ ବ୍ୟବହାର କରନ୍ତି ସେମାନଙ୍କ ପାଇଁ ହ୍ୱାଟସ୍‌ଆପ ପୁସ୍ତକ ବନା ହୋଇଥାଏ। ବର୍ତ୍ତମାନର କରୋନା ମହାମାରୀ ସମୟରେ ଏହା ଏକ ନୂତନ ଆବିଷ୍କାର ବୋଲି ଆମେ କହିପାରିବା। ଯେଉଁଠି ଇ-ବୁକ ଓ ଅଡିଓ-ବୁକ ଛପା ପୁସ୍ତକର ଅବିକଳ ନକଲ ସେଇଠି ହ୍ୱାଟସ୍‌ଆପ ପୁସ୍ତକ ଏକବାରେ ଏକ ନୂତନ ପୁସ୍ତକ କହିଲେ ଅତ୍ୟୁକ୍ତି ହେବନାହିଁ। ଏଇ ହ୍ୱାଟସ୍‌ଆପ ପୁସ୍ତକ ପଢାରେ ଆମକୁ ଭରପୂର ଆନନ୍ଦ ମିଳେ। ପୁସ୍ତକ, ଲେଖକ ଓ ପାଠକ-ଏମାନେ ସମସ୍ତେ ପରସ୍ପରର ସହଚର। ନିଃଶୁଳ୍କ ଉପଲବ୍ଧ ହୋଇଥାଏ ହ୍ୱାଟସ୍‌ଆପ୍ ପୁସ୍ତକ। ଏହି ହ୍ୱାଟସ୍‌ଆପ ପୁସ୍ତକ ବିକ୍ରି ହୋଇ ନ ଥାଏ। ଯା ଉପରେ କୌଣସି କଟକଣା ଲାଗୁ କରିବା ବି ସମ୍ଭବ ହୋଇ ନ ଥାଏ। ଏହି ପୁସ୍ତକ ସୁଲଭ ଓ ସହଜରେ ବନା ହୋଇଥାଏ। କପିରାଇଟ ଓ ରୟାଲଟି କ୍ଷେତ୍ରରେ ଯେମିତି କ୍ଷତି ନ ପହଞ୍ଚେ ସେଥିପ୍ରତି ଦୃଷ୍ଟି ଦିଆଯାଇ ଏହି ପୁସ୍ତକ ତିଆରି କରାଯାଇଥାଏ। ଏହା ଏକ ପ୍ରକାର ସ୍ୱତନ୍ତ୍ର ପୁସ୍ତକ, ଯାହାକୁ ପଢିଲେ ପ୍ରଚୁର ସୁଖ ଓ ଆନନ୍ଦ ମିଳିଥାଏ। ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଉଥିବା ୱାଟସ୍‌ଆପ ଏକ ବିଲକୁଲ ନିଆରା ପୁସ୍ତକ। ଲେଖକଙ୍କର ସୃଜନଶକ୍ତି ବିକାଶ କ୍ଷେତ୍ରରେ ଏହା ସୃଷ୍ଟିକରେ ଉତ୍ସୁକତା। ପୁଣି କୌଣସି ଏକ ଅଜଣା ତଥ୍ୟ ବିଷୟରେ ଆମ ମନରେ ବଢାଇଦିଏ କୌତୁହଳ ତଥା ଜିଜ୍ଞାସା। ମୋଟାମୋଟି ହ୍ୱାଟସ୍‌ଆପକୁ ପୁସ୍ତକକୁ ଆମେ ନବଜାତ ଶିଶୁ ବୋଲି କହିପାରିବା। ସଦ୍ୟ ପ୍ରକାଶିତ ପରିସଂଖ୍ୟାନ ଅନୁସାରେ ଏଇ କିଛିଦିନ ହେବ ନିଇତି ଦଶହଜାରରୁ ଊର୍ଦ୍ଧ୍ୱ ଲୋକ ଯାକୁ ପଢିବାକୁ ଭଲ ପାଆନ୍ତି। ଆଉ ପଚିଶରୁ ତିରିଶ ହଜାର ଲୋକ ଯାକୁ ରୋଜ ପଢୁଛନ୍ତି।

କାହାରି ପ୍ରତି ପୁସ୍ତକର ପାତରଅନ୍ତର ଓ ବାଛବିଚାର ଭେଦଭାବ ନ ଥାଏ। ବିଶେଷକରି ହ୍ୱାଟସ୍‌ଆପ୍ ପୁସ୍ତକ ଆଗରେ ଅମିର-ଗରିବ, ସାନ-ବଡ, ପଛୁଆ-ଆଗୁଆ ଓ ପୁରୁଷ-ନାରୀ ସମସ୍ତେ ସମାନ। କେବଳ ପୁସ୍ତକ ଯୋଗୁ ଶିଶୁର ମେଧାଶକ୍ତି ପ୍ରଖର ତଥା ବିକଶିତ ହୋଇଥାଏ। ଖାଲି ସେତିକି ନୁହେଁ, ଶାରୀରିକ ଓ ମାନସିକ ସ୍ତରରେ ମଧ୍ୟ ତା'ର ବିକାଶ ଘଟିଥାଏ। ଏସବୁ ବାଦ୍ ପୁସ୍ତକ ପଢା ବ୍ୟାପକ ଭାବେ ବଢିଚାଲେ। ପୁସ୍ତକ ସମସ୍ତଙ୍କର ଆଉ ସମସ୍ତଙ୍କ ପାଇଁ। ପୁସ୍ତକ ପୁଣି ଆମ ପାଖକୁ ଆସେ ଆଉ ଆମ ନିକଟରୁ ଅନ୍ୟମାନଙ୍କ ପାଖକୁ ଚାଲିଯାଏ। ଏହି ପୁସ୍ତକ କାହା ପ୍ରତି ବାଛବିଚାର ନୀତି ଆପଣାଇ ନ ଥାଏ, ଠିକ୍ ଯେମିତି ଅବୋଧ ଶିଶୁଟିଏ ପରି।

ଜଗମୋହନ ନଗର, ଜାଗମରା, ଖଣ୍ଡଗିରି,
ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

## ସାପ୍ତାହିକ ପଞ୍ଜିକା

**ମେ' ୧୭:** ଲକ୍‌ଡାଉନ୍ ୩୧ ଯାଏ ବଢ଼ିଲା।
**ମେ' ୧୮:** ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖରେ ସୃଷ୍ଟି ହୋଇଥିବା ବାତ୍ୟା 'ଅମ୍ଫନ' ମହାବାତ୍ୟାରେ ପରିଣତ ହୋଇଛି।
**ମେ' ୧୯:** ନେପାଳ ମାନଚିତ୍ରରେ ଭାରତୀୟ ଅଞ୍ଚଳ।
**ମେ' ୨୦:** କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କାର୍ଯ୍ୟନିର୍ବାହୀ ବୋର୍ଡର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।
**ମେ' ୨୧:** ଅମ୍ଫନରେ ୪୫ ଲକ୍ଷ ଲୋକ ପ୍ରଭାବିତ, ପଶ୍ଚିମବଙ୍ଗରେ ୭୨ ମୃତ।
**ମେ' ୨୨:** ପାକିସ୍ତାନ ବିମାନ ଦୁର୍ଘଟଣାରେ ୫୭ ମୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | 4 | 1 | | | | | 3 | E | | | | | |
| 2 | 9 | | | D | | | | | | 5 | | | | |
| | | | | | E | A | B | D | | C | | | | 9 |
| | | | | | | 5 | | | | | 0 | D | | 8 |
| | E | | | | | 6 | | 2 | | 4 | A | | | |
| | | 3 | | | | | | 8 | | | 7 | 2 | | |
| | | B | A | 9 | 0 | | | 4 | 1 | | | | C | |
| | 2 | | | | | | 5 | | 0 | | 8 | | | |
| | | 9 | | E | | | | 7 | | | | 8 | | 1 |
| | 4 | | 7 | | | 0 | 1 | E | C | | D | | 6 | |
| | D | E | | | C | | | | 5 | | | 9 | A | 4 |
| | 6 | | 4 | | | 2 | | B | | | | | 3 | |
| | | 7 | D | B | | 9 | 8 | | | 0 | 6 | | | |
| | 3 | | | 5 | A | E | | | | | | | | C |
| | | | | | 7 | | A | C | | B | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | D | 5 | E | 2 | 1 | 8 | 9 | 6 | C | 7 | 4 | 3 | B | A |
| 1 | E | 8 | D | C | A | 4 | 7 | B | 5 | 2 | 3 | 0 | 6 | 9 |
| 2 | 4 | B | 9 | 6 | 5 | A | 3 | 1 | 8 | D | 0 | C | 7 | E |
| 3 | 9 | 7 | B | 4 | 0 | C | E | 2 | 6 | A | 1 | 5 | D | 8 |
| C | A | 6 | 3 | 8 | 7 | D | 0 | 5 | E | 9 | B | 2 | 1 | 4 |
| 8 | 2 | D | 4 | 0 | B | E | A | 9 | 3 | 6 | C | 1 | 5 | 7 |
| B | 0 | C | 5 | 9 | 2 | 7 | 8 | 3 | 1 | E | D | 4 | A | 6 |
| 6 | 7 | 9 | A | 1 | 3 | 2 | C | D | B | 4 | 5 | 8 | E | 0 |
| 4 | 1 | E | 6 | 7 | C | B | 5 | 0 | 2 | 8 | A | D | 9 | 3 |
| A | 5 | 3 | 8 | D | E | 6 | 1 | 4 | 9 | 0 | 7 | B | 2 | C |
| 7 | 6 | 1 | C | E | 8 | 3 | D | A | 4 | 5 | 2 | 9 | 0 | B |
| 5 | 8 | 4 | 1 | A | 9 | 0 | B | 7 | D | C | 6 | E | 3 | 2 |
| 9 | B | 0 | 2 | 3 | 6 | 5 | 4 | 8 | 7 | 1 | E | A | C | D |
| D | C | A | 7 | B | 4 | 1 | 2 | E | 0 | 3 | 9 | 6 | 8 | 5 |
| E | 3 | 2 | 0 | 5 | D | 9 | 6 | C | A | B | 8 | 7 | 4 | 1 |

ଗତକାଲିର ଉତ୍ତର

## ଏଇ ଭାରତରେ

ଦେଶରେ କୃଷକଙ୍କ ଦୁଃଖ କହିଲେ ସରିବନି। କିନ୍ତୁ ସେମାନଙ୍କ ଦୁଃଖ ଦୂର କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି ମହାରାଷ୍ଟ୍ରର କୃଷକ ପୁଅ ଅଶୋକ ଦେଶମାନେ। ପରଭାନି ଜିଲାରେ ତାଙ୍କ ଜନ୍ମ। ତାଙ୍କ ବାପା ଚାଷ କରିବା ସମୟରେ ପିଲାଦିନେ ସେ ସବୁ ଦୁଃଖ ସହିଛନ୍ତି। ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିଲା। ବହୁ କଷ୍ଟରେ ସେ ଇଞ୍ଜିନିୟରିଂ ଶିକ୍ଷା ଶେଷ କରି ଚାକିରି କରିଥିଲେ। ଗରିବ କୃଷକମାନଙ୍କ ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ସେ ଚାକିରି ଛାଡି ୨୦୧୫ରେ ଆରମ୍ଭ କରିଥିଲେ ଏକ ସ୍କୁଲ 'ସ୍ୱେଦାନ'। ଏଥିରେ ମରୁଡ଼ି ପ୍ରପୀଡିତ ଅଞ୍ଚଳର ଗରିବ କୃଷକମାନଙ୍କ ପିଲାମାନଙ୍କୁ ସେ ମାଗଣାରେ ପଢ଼ାଉଛନ୍ତି। ସେମାନଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ସହ ଜୀବନରେ ସଫଳ ହେବା ଲଗି ବୃତ୍ତିଗତ କୌଶଳ ସମ୍ପର୍କରେ ବି ଶିକ୍ଷା ଦେଉଛନ୍ତି। ଭବିଷ୍ୟତରେ ମରୁଡ଼ିର ମୁକାବିଲା କରିବା ପାଇଁ ପିଲାମାନଙ୍କୁ କୃଷି ସମ୍ପର୍କରେ ମଧ୍ୟ ତାଲିମ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ମେ ୧୯୯୫

- ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ହାରୋଲ୍ଡ ଉଇଲସନ୍ ୭୯ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।
- ହଂକଂଠାରୁ ଲଣ୍ଡନ ଅଭିମୁଖେ ଯାଇଥିବା ବ୍ରିଟିଶ୍ ଏୟାରୱେଜ୍‌ର ବୋଇଂ-୭୪୭ ବିମାନ ମଧ୍ୟରେ ସ୍କଟଲାଣ୍ଡର ୩୯ ବର୍ଷ ବୟସ୍କା ପାଉଲା ଡିକ୍ସନଙ୍କ ଜରୁରିକାଳୀନ ଅପରେଶନ କରାଯିବା ବିମାନ ଉଡ଼ାଣ ଇତିହାସରେ ପ୍ରଥମ।

## ଚିରନ୍ତନୀ

ବୁଝିଲି ଶୁଣିଲି କେତେ ଶତ ପୋଥି ପଢ଼ି ତ
ହେଲି କେତେ ନବ ନବ ପୀରତିରେ ପୀଡ଼ିତ
ମୂଢ଼ କରି ଆପଣାକୁ ଦହିଲି ଏ ଦେହକୁ
ବୁଝିଲି ଏ ଦେହ ଘେନି ରହେ ତାହା ଜଡ଼ିତ।
(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କରୋନା: ଏକ ସାମାଜିକ ଓ ସାଂସ୍କୃତିକ ଆହ୍ୱାନ

ମହାଶୟ,

କରୋନାର ସାମାଜିକ ଓ ସାଂସ୍କୃତିକ ଆହ୍ୱାନ ପରିପ୍ରେକ୍ଷୀରେ ଉଲ୍ଲେଖ କଲାବେଳେ ଆମେ କେବଳ ଭାରତୀୟ କିମ୍ବା ଓଡ଼ିଶାର ସାମାଜିକ ବିଧି ବ୍ୟବସ୍ଥା ମଧ୍ୟରେ ସୀମିତ ରହିବା ଉଚିତ ହେବ ନାହିଁ। ଗୋଟିଏ ଭୂତାଣୁ ସମଗ୍ର ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଭାରତର ମୌଳିକ ଚିନ୍ତାଧାରା ହେଉଛି 'ବସୁଧୈବ କୁଟୁମ୍ବକମ୍'। ଏବେ ସମଗ୍ର ବିଶ୍ୱ ପରସ୍ପରର ହାତ ଛନ୍ଦାଛନ୍ଦି ହୋଇ ଛିଡ଼ା ହେବାକୁ ବ୍ୟସ୍ତ ଓ ବ୍ୟଗ୍ର। ଏପରିସ୍ଥଳେ ଭାରତୀୟଙ୍କ ସାମାଜିକ ଚଳଣି, ଖାଦ୍ୟପେୟ ବ୍ୟବସ୍ଥା ବୋଧହୁଏ ଅନ୍ୟ ରାଷ୍ଟ୍ରମାନଙ୍କ ଅପେକ୍ଷା ସେମାନଙ୍କୁ ସାମାନ୍ୟ ଉତ୍ତମ ସ୍ଥିତିରେ ରଖିଛି। ଭାରତୀୟଙ୍କ ରୋଗପ୍ରତିରୋଧକ କ୍ଷମତା ପ୍ରତିକୂଳ ପରିସ୍ଥିତିରେ କିଛି ଆଶ୍ୱସ୍ତି ଆଣିଛି। ବିଶ୍ୱ ଆଜି ପରିବାରବାଦର ମହତ୍ତ୍ୱକୁ ପୁନର୍ବାର ଉପଲବ୍ଧି କରୁଛି। ପରିବେଶ ନିଜକୁ ସନ୍ତୁଳିତ କରିବାକୁ ସୁଯୋଗ ପାଇଛି। କରୋନା ଆଜି ସହରବାସୀଙ୍କର ବ୍ୟାପକ କ୍ଷତିସାଧନ କରିଥିବା ବେଳେ ଗ୍ରାମାଞ୍ଚଳ ଅପେକ୍ଷାକୃତ ସୁରକ୍ଷିତ। ବୋଧହୁଏ ଗ୍ରାମୀଣ ସଭ୍ୟତା, ଚଳଣି ମଣିଷକୁ ବଞ୍ଚିବାକୁ ନୂଆ ରାହା ଦେଇଛି। ଭାରତ ଭଳି ଏକ କୃଷିପ୍ରଧାନ ଦେଶ ଆଜି ମନୁଷ୍ୟକୁ ପୁନର୍ବାର ଗ୍ରାମାଭିମୁଖୀ ହେବାକୁ ପ୍ରେରଣା ଯୋଗାଉଛି।

-ଅଦ୍ୱୈତ ମହାନ୍ତି, ଗୋମତିଦେବୀ ଆପାର୍ଟମେଣ୍ଟ,
ପଳାଶୁଣୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ରଣପୁର,୨୪।୫(ସ୍ୱ.ପ୍ର.): ସାପ କାମୁଡ଼ାରେ ଶନିବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନ ବଜ୍ରକୋଟ ପଞ୍ଚାୟତ ହରିପୁର ଗ୍ରାମର ଶଙ୍କର ପ୍ରଧାନଙ୍କ ସାନ ପୁଅ ଆରତ ପ୍ରଧାନ(୩୫)। ଆରତ ରାତି ପ୍ରାୟ ୯ଟାରେ ପରିସ୍ରା ଯିବା ପାଇଁ ଘର ବାହାରକୁ ଆସିଥିଲେ। ଏହି ସମୟରେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ଆରତଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# ଅମ୍ଫାନ୍ ପରେ ବନ୍ୟା ଚିନ୍ତା

**କେନ୍ଦ୍ରାପଡ଼ା ଜିଲା**
- ଭୟରେ ୫୫ ପଞ୍ଚାୟତବାସୀ
- କାର୍ଯ୍ୟକାରୀ ହୋଇନାହିଁ ନଦୀବନ୍ଧ ଯୋଜନା
- ନଦୀ ଜଳର ସୁପରିଚାଳନା ଆବଶ୍ୟକ

କେନ୍ଦ୍ରାପଡା ଅଫିସ, ୨୪।୫

ଆସନ୍ତା ଜୁନରୁ ମୌସୁମୀ ବର୍ଷା ଆରମ୍ଭ ହେବ। କେନ୍ଦ୍ରାପଡ଼ା ଜିଲାରେ ବନ୍ୟା ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଏଠାକାର ବିଭିନ୍ନ ନଦୀରେ ବନ୍ଧବାଡ଼ ନାହିଁ। ଫଳରେ ବନ୍ୟା ଆଶଙ୍କା ରହିଛି। କିଛି ଦିନ ପୂର୍ବେ ସାମୁଦ୍ରିକ ବାତ୍ୟା ଅମ୍ଫାନ ପ୍ରଭାବରେ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଏବେ ବନ୍ୟା ଆଶଙ୍କାକୁ ନେଇ ୫୫ ପଞ୍ଚାୟତବାସୀ ଚିନ୍ତିତ ହୋଇପଡ଼ିଛନ୍ତି। ଜଳସେଚନ ବିଭାଗର ଆକଳନ ଅନୁଯାୟୀ, ମାର୍ଶାଘାଇ ଓ ମହାକାଳପଡାର ୯ ଲେଖାଏ ପଞ୍ଚାୟତ,ଆଳିର ୧୬, ପଟ୍ଟାମୁଣ୍ଡାଇର ୧୪, ରାଜନଗରର ୪, ଡେରାବିଶର ୨ ଏବଂ ଗରଦପୁର ବ୍ଲକର ଗୋଟିଏ ପଞ୍ଚାୟତରେ ବନ୍ୟା ହେଲେ ପାଣି ମାଡ଼ିଯିବାର ଆଶଙ୍କା ରହିଛି। ଏନେଇ ଜିଲାର ଜଳସମ୍ପଦ ଓ ଆଳି ତଟବନ୍ଧ ବିଭାଗ ସଚେତନ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

ବନ୍ୟା ସମସ୍ୟାକୁ ନେଇ ବୁଦ୍ଧିଜୀବୀ ବାନାମ୍ବର ସାହୁ କୁହନ୍ତି, ଜିଲା ଦେଇ ଲୁଣା, ଚିତ୍ରୋତ୍ପଳା, ପାଇକା, ମହାନଦୀ, ବିରୂପା, ବ୍ରାହ୍ମଣୀ, ଗୋବରୀ ନଦୀ ପ୍ରବାହିତ ହେଉଛି। ଏହି ନଦୀ ମଧ୍ୟରୁ ବର୍ଷା ଜଳ ଗୋବରୀକୁ ଭରପୂର କରୁଥିବା ବେଳେ ମହାନଦୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ପାଣି ହଠାତ ଆସି ଏହି ଉପାନ୍ତ ଅଞ୍ଚଳରେ ଖେଳେଇ ହୋଇଯାଏ। ମାତ୍ର ଏପର୍ଯ୍ୟନ୍ତ ମହାନଦୀ, ବ୍ରାହ୍ମଣୀ ସିଷ୍ଟମ ଓ ଖରସ୍ରୋତା ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ପ୍ରତିବର୍ଷ ବନ୍ୟାରେ ଅନ୍ୟୁନ ଲକ୍ଷାଧିକ ଲୋକ ହନ୍ତସନ୍ତ ହେଉଛନ୍ତି। ରାଜନଗରର ପରିବେଶବିତ ହେମନ୍ତ କୁମାର ରାଉତଙ୍କ କହିବା ଅନୁସାରେ, ବନ୍ୟା ବାତ୍ୟା ସହ ସାମୁଦ୍ରିକ ଜୁଆର ଜନବସତିକୁ ବହୁ ସମୟରେ କ୍ଷୟକ୍ଷତି ପହଞ୍ଚାଉଛି। ସାମାନ୍ୟ ବନ୍ୟାରେ ଜିଲାର ଅନେକ ଗ୍ରାମକୁ ପାଣି ପଶୁଛି। ବିଶେଷ କରି ରାଜକନିକା ଓ ଆଳି ବ୍ଲକର ସର୍ବାଧିକ ୫୦ ଗାଁ ଏହି ସମୟରେ କ୍ଷତିଗ୍ରସ୍ତ ହେଉଛି। ସେହିପରି ରାଜନଗରର ୩୪, ପଟ୍ଟାମୁଣ୍ଡାଇର ୨୫ ଗାଁ ବନ୍ୟା ଘେରରେ ରହୁଥିବା ବେଳେ ମହାକାଳପଡା, ମାର୍ଶାଘାଇ, କେନ୍ଦ୍ରାପଡା, ଗରଦପୁର ବ୍ଲକ ଅଞ୍ଚଳର କେତେକ ଗାଁ ଏଥିରେ ପ୍ରଭାବିତ ହେଉଛି। ଅଧିକ ବନ୍ୟା ହେଲେ ଗରଦପୁର ବ୍ଲକ ଅଞ୍ଚଳର ସର୍ବାଧିକ ୧୩୨ ଗାଁ, ମାର୍ଶାଘାଇ ବ୍ଲକର ୭୬ ଓ ମହାକାଳପଡାର ୭ଟି ଗାଁ କ୍ଷତିଗ୍ରସ୍ତ ହେଉଛି। ବନ୍ୟାରେ ଚାଷ ଉଜୁଡିବା ସହ ପ୍ରାକୃତିକ ପରିବେଶ ମଧ୍ୟ ନଷ୍ଟ ହେଉଛି। ଏନେଇ ନଦୀ ଶଯ୍ୟା ଖନନ, ବନ୍ଧବାଡର ମରାମତି ଓ ନୂତନ ବନ୍ଧର ଆବଶ୍ୟକତା ରହିଛି ବୋଲି ରାଉତ କୁହନ୍ତି। ବନ୍ୟା ଜଳକୁ ଉପଯୋଗ କରିବା ପାଇଁ ଭଏସ୍ ଅଫ କେନ୍ଦ୍ରାପଡାର ସଭାପତି ମାତୃଦତ୍ତ ମହାନ୍ତି କୁହନ୍ତି, ନଦୀ ଜଳର ସୁମଧୁର ପାଣିକୁ ସମୁଦ୍ରରେ ନ ଛାଡି ପାନୀୟ ଜଳ ଓ ଚାଷ କାର୍ଯ୍ୟରେ ଲଗାଇବା ଆବଶ୍ୟକ। ସେହିପରି ବନ୍ୟା ସମୟରେ ଲୋକଙ୍କ ଦୁର୍ଦ୍ଦଶାରୁ ମୁକ୍ତି ଦେବା ଅପେକ୍ଷା ନଦୀ ଜଳର ସୁପରିଚାଳନା ଓ ଉଦ୍‌ବୃତ୍ତ ଜଳସମସ୍ୟାର ସମାଧାନ କରିବା ଆବଶ୍ୟକ। ଜିଲା ମଧ୍ୟରେ ଥିବା ନଦୀ ସଂଯୋଗୀକରଣ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, ଜିଲାରେ ବନ୍ୟା ସମସ୍ୟା ସହିତ ଉଦ୍‌ବୃତ୍ତ ଜଳର ନିଷ୍କାସନ ବ୍ୟବସ୍ଥା ଆବଶ୍ୟକ। ଏନେଇ ଗତ ବୈଠକରେ ପ୍ରଶାସନିକସ୍ତରରେ ଆଲୋଚନା ହୋଇଛି। ନଦୀବନ୍ଧ ସୁଦୃଢ଼ ସହ ଉଦ୍‌ବୃତ୍ତ ଜଳ ନିଷ୍କାସନ ନିମନ୍ତେ ନାଳ ସଫା ଉପରେ ଗୁରୁତ୍ୱ ଦିଆଯାଇଛି। ଆଗାମୀ ଦିନରେ ଏହାର ସୁଫଳ ଜିଲାବାସୀଙ୍କୁ ମିଳିବ।

# ୫୮ ଦିନ ପରେ ଘରକୁ ଫେରିଲେ ଛତିଶଗଡ଼ ଶ୍ରମିକ

ସାକ୍ଷୀଗୋପାଳ, ୨୪।୫(ଡି.ଏନ.ଏ)

ଲକଡାଉନ ଯୋଗୁ ସତ୍ୟବାଦୀ ବ୍ଲକ କାଦୁଆ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ଛତିଶଗଡ଼ ରାଜ୍ୟର ୭ଟି ଶ୍ରମଜୀବୀ ପରିବାରର ୩୫ଜଣ ସଦସ୍ୟ ୫୮ ଦିନ ପରେ ରବିବାର ନିଜ ଘରକୁ ଫେରିଛନ୍ତି। ଏକ ସ୍ୱତନ୍ତ୍ର ବସ୍‌ରେ ସେମାନଙ୍କୁ ଭୁବନେଶ୍ୱର ପଠାଯାଇଛି। ଭୁବନେଶ୍ୱରରୁ ସେମାନେ ଟ୍ରେନରେ ନିଜ ଘରକୁ ଫେରିବା ନିମନ୍ତେ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଜିଲା ଶ୍ରମ ଅଧିକାରୀ ଦିଲୀପ କୁମାର ପାଣି, ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତ, କାଦୁଆ ସରପଞ୍ଚ ସୁବାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରମିକମାନଙ୍କୁ ଫେରିବା ନେଇ ସୁବିଧା ଯୋଗାଇ ଦେଇଥିଲେ। ପେଟପାଟଣା ପାଇଁ ସେମାନେ ଏଠାରେ ରାଜମିସ୍ତ୍ରି, ହେଲପର ଭାବେ କାମ କରୁଥିବା ବେଳେ ମହିଳା ଓ ଛୋଟପିଲାମାନେ ଗ୍ରାମାଞ୍ଚଳରେ ଚୁଡି ଶଙ୍ଖା ଆଦି ବିକ୍ରୟ କରି ଜୀବିକା ନିର୍ବାହ କରୁଥିଲେ। ଲକଡାଉନ ଯୋଗୁ ସେମାନେ ଫସି ରହିଥିବାରୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେମାନଙ୍କୁ କାଦୁଆ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ଦିଆଯିବା ସହ ଖାଦ୍ୟପେୟ ଯୋଗାଇ ଦିଆଯାଇଥିଲା।

# ଆଜି ଇଦ୍-ଉଲ୍-ଫିତର ଘରୁ ହେବ ନମାଜ ପାଠ

କଟକ ଅଫିସ,୨୪।୫

ଆଜି ପବିତ୍ର ଇଦ୍-ଉଲ୍-ଫିତର। ମୁସଲମାନ ସମ୍ପ୍ରଦାୟର ବଡ଼ପର୍ବ। ସବୁଥର ଏହାକୁ ଧୁମ୍‌ଧାମ୍‌ରେ ପାଳନ କରାଯାଉଥିବା ବେଳେ ଚଳିତବର୍ଷ କିନ୍ତୁ ଏହି ପର୍ବ ଫିକା ପଡ଼ିଛି। କରୋନା ସଂକ୍ରମଣ ରୋକିବା ଲାଗି ସରକାର ସମସ୍ତ ଧାର୍ମିକ ଅନୁଷ୍ଠାନ ବନ୍ଦ ରଖିଛନ୍ତି। ଦେଶରେ ସମସ୍ତ ମସଜିଦ୍ ମଧ ବନ୍ଦ ରହିଛି। କୌଣସି ଇଦ୍‌ରେ ପ୍ରଥମଥର ପାଇଁ ଏପରି ହୋଇଛି। ମସଜିଦ୍ କିମ୍ବା ଇଦ୍‌ଗାହ ବଦଳରେ ଘରେ ରହି ଏହି ପର୍ବ ପାଳିବେ ମୁସଲମାନ ଭଉଣୀଭାଇ। ସମୂହ ନମାଜ ପାଠ ନ କରି ଘରେ ଏହା କରିବା ପାଇଁ ଅଞ୍ଜୁମନ୍ ଇସ୍‌ଲାମିୟା ଯେହେଲେ ସୁନତ୍ ଜମାତ୍‌ର ଚାନ୍ଦ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରବିବାର ସନ୍ଧ୍ୟା ସାଢ଼େ ୬ରେ ଆକାଶରେ ଇଦ୍‌ର ଚାନ୍ଦ ଦେଖିବା ପରେ ମୁସଲମାନେ ଭଉଣୀଭାଇ ରୋଜା ଭାଙ୍ଗିଥିଲେ। ସୋମବାର ଇଦ୍‌ତ୍-ଉଲ୍-ଫିତର୍ ତଥା ଇଦ୍ ପାଳନ କରିବା ପାଇଁ କମିଟି ନିଷ୍ପତ୍ତି ନେଇଛି। ଚଳିତବର୍ଷ ସାମାଜିକ ଦୂରତ୍ୱ ରଖି ଏହି ପର୍ବ ପାଳିବାକୁ ଚାନ୍ଦ୍ କମିଟି ସଭାପତି ମୁଫତି ୱଜୁଉଲ୍ କମର ସୂଚନା ଦେଇଛନ୍ତି। କରୋନା ଗାଇଡ୍‌ଲାଇନ ଅନୁଯାୟୀ ଇଦ୍‌ଗାହରେ ଇମାମ୍, ମୌଜନ ଓ ଖିଦ୍‌ମତ୍‌ରେ ଥିବା ହାତଗଣତି ଲୋକଙ୍କୁ ନେଇ ନମାଜ ପାଠ ହେବ ।

# ବମ୍ ବରାଡ଼ ବାଲୁଙ୍କେଶ୍ୱରଙ୍କ ନୃସିଂହ ନିଉତା

- ମଣ୍ଡପରେ ବିଜେ କଲେ ମହାପ୍ରଭୁ
- ପଣ୍ଡିତ, ପୂଜକ ଦେବୀଦେବଙ୍କୁ ନିମନ୍ତ୍ରଣ କଲେ

ସମ୍ବଲପୁର, ୨୪।୫ (ବ୍ୟୁରୋ)

କୋଭିଡ-୧୯କୁ ଦୃଷ୍ଟିରେ ରଖି ନନ୍ଦପଡାର ଶ୍ରୀ ଶ୍ରୀ ବମ୍ ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ନୃସିଂହ ନିଉତା (ଦେବ ନିମନ୍ତ୍ରଣ) ରବିବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଲକ୍‌ଡାଉନ ଚାଲିଥିବାରୁ ଶୋଭାଯାତ୍ରା ବନ୍ଦ ରହିଛି। ତେଣୁ ନୃସିଂହ ମହାପ୍ରଭୁ ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇ ମନ୍ଦିର ପରିସର ମଣ୍ଡପରେ ବିଜେ କରିଥିଲେ। ଠାକୁରଙ୍କୁ ଆଳତି ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଠାକୁରଙ୍କ ଠାରୁ ଆଜ୍ଞା ନେଇ ବରପିତା, ମନ୍ଦିର ପୂଜକ ଏବଂ ପଣ୍ଡିତ ପ୍ରଥମେ ପଞ୍ଚବ୍ରତ ଓ ହନୁମାନଙ୍କୁ ନିଉତା ଦେଇଥିଲେ। ଏହାସହିତ ନନ୍ଦପଡା ଯଜ୍ଞବରାହ, ବ୍ରହ୍ମପୁରା ଜଗନ୍ନାଥ, ଶ୍ରୀ ଶ୍ରୀ ଲୋକନାଥ ବାବା, ଦକ୍ଷିଣେଶ୍ୱର ହନୁମାନ, ଭୈରବୀ, କୋଶଳେଶ୍ୱର ମନ୍ଦିର, ମାରୱାଡିପଡା ରାମ, ମହାଦେବ, ହାଟପଦା ସତ୍ୟବାଦୀ, ଦଲେଇପଡା ମଦନମୋହନ, ଭାଗବତ ମନ୍ଦିର, ଲିଆଖାଇ, ବାଟମଙ୍ଗଳା, ଗୁପ୍ତେଶ୍ୱର, ମ୍ୟୁନିସିପାଲିଟି ଛକ ହନୁମାନ ମନ୍ଦିର, ପୀରବାବା ଛକ ଭୁବନେଶ୍ୱରୀ ମନ୍ଦିର, ବୈଦ୍ୟନାଥ ଛକ ହନୁମାନ ଓ କାଞ୍ଚ ଦୁର୍ଗା, କଂସାରୀପଡା ରାଧାକୃଷ୍ଣ, ମହାନ୍ତିପଡା ଦଧିବାମନ ମନ୍ଦିରକୁ ଯାଇ ବାଲୁଙ୍କେଶ୍ୱର ବାବା ଓ ଜଗଜ୍ଜନନୀ ମାତା ପାର୍ବତୀଙ୍କ ବିବାହ ଉତ୍ସବରେ ଯୋଗ ଦେବାକୁ ନିଉତା ଦିଆଯାଇଥିଲା। ଅପରପକ୍ଷେ ନନ୍ଦପଡା ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତାମାନେ ସୋମବାର ସକାଳେ ଇଷ୍ଟଦେବୀ ସମଲେଶ୍ୱରୀ, ପାଟଣେଶ୍ୱରୀ, ବାଲିବନ୍ଧା ସୋମନାଥ ବାବା, ଦୁର୍ଗାପାଲିର ଦୁର୍ଗାଦେବୀଙ୍କୁ ପରମ୍ପରା ଅନୁସାରେ ଖିରି, ପୁରି ଓ ନିଉତା ସାମଗ୍ରୀ ଦେଇ ଦେବ ନିମନ୍ତ୍ରଣ କରିବା କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୫ଟାରୁ ସାଢ଼େ ୬ଟା ପର୍ଯ୍ୟନ୍ତ ଆଶୁତୋଷ ମିଶ୍ର ଓ ମନୋଜ ମହାପାତ୍ର ନୃସିଂହ ମହାପ୍ରଭୁଙ୍କୁ ସଜାଇଥିଲେ। ରାତି୭ଟାରେ ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ। ବରପିତା ରାମଚରଣ ମିଶ୍ର ଓ ଯାତ୍ରା କମିଟି କର୍ମକର୍ତ୍ତା ଫଣୀଭୂଷଣ ମିଶ୍ର, ଅମୂଲ୍ୟ କୁମାର ମିଶ୍ର, ସମୀର ରଞ୍ଜନ ବାବୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁଣି ଟ୍ରେନ୍‌ରୁ ଓହ୍ଲାଇପଡ଼ିଲେ ପ୍ରବାସୀ

- ଛତ୍ରପୁରରେ ଚେନ୍ ଟାଣି ଶତାଧିକ ଫେରାର୍, ୭୦ ଠାବ
- କାଳିଜାଈରେ ମିଳି ନ ଥିଲା ସିଗ୍‌ନାଲ, ପଳାଉଥିଲେ ୩୦

ଛତ୍ରପୁର/ଖଲ୍ଲିକୋଟ, ୨୪।୫(ଡି.ଏନ୍.ଏ.)


ଚେନ୍ ଟାଣି ଟ୍ରେନରୁ ଓହ୍ଲାଇ ଚାଲି ଚାଲି ଯାଉଥିବା ଶ୍ରମିକମାନେ।

ରାଜ୍ୟକୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ପ୍ରବାସୀ ଶ୍ରମିକମାନଙ୍କ ଫେରିବା ଜାରି ରହିଛି। ତେବେ ଧାର୍ଯ୍ୟ ହୋଇଥିବା ଷ୍ଟେଶନ ଆସିବା ପୂର୍ବରୁ କେତେକ ସ୍ଥାନରେ ଶ୍ରମିକମାନେ ଚେନ୍ ଟାଣି ଟ୍ରେନରୁ ଓହ୍ଲାଇ ପଡୁଥିବା ଦେଖିବାକୁ ମିଳୁଛି। ରବିବାର ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ବାଲିବଗଡ଼ ରେଲୱେ ଫାଟକ ନିକଟରେ ଚେନ୍ ଟାଣି ଶତାଧିକ ପ୍ରବାସୀ ଫେରାର୍ ହୋଇଥିଲେ। ସେହିପରି ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କାଳିଜାଇ ଷ୍ଟେଶନରେ ସିଗ୍‌ନାଲ ମିଳି ନ ଥିବା କାରଣରୁ ଟ୍ରେନ ଅଟକିବାର ସୁଯୋଗ ନେଇ ୩୦ ଜଣ ଓହ୍ଲାଇ ପଡ଼ିଥିଲେ। ଖସି ପଳାଉଥିବା ପ୍ରବାସୀମାନଙ୍କ ମଧ୍ୟରୁ କେତେଜଣଙ୍କୁ ଆର୍‌ପିଏଫ ଓ ପୋଲିସ ଠାବ କରି କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଆଣିଥିବା ବେଳେ ଅନ୍ୟମାନଙ୍କୁ ଖୋଜିବା ଉଦ୍ୟମ ଜାରି ରହିଥିବା ଜଣାପଡିଛି।

ତେଲଙ୍ଗାନାରୁ ପ୍ରବାସୀ ଶ୍ରମିକମାନଙ୍କୁ ଧରି ଆସିଥିବା ଏକ ଟ୍ରେନ୍ ରବିବାର ଖୋର୍ଦ୍ଧାରୋଡ ଅଭିମୁଖେ ଯାଉଥିଲା। ଟ୍ରେନ୍‌ଟି ବ୍ରହ୍ମପୁର କିମ୍ବା ଜଗନ୍ନାଥପୁର ଷ୍ଟେଶନରେ ନ ଅଟକିବାରୁ କିଛି ଶ୍ରମିକ ବାଲିବଗଡ଼ ରେଲ୍‌ୱେ ଫାଟକ ନିକଟରେ ଚେନ୍ ଟାଣିଥିଲେ। ସେଠାରେ ଶତାଧିକ ପ୍ରବାସୀ ଓହ୍ଲାଇପଡ଼ି ଯିଏ ଯୁଆଡ଼େ ଚାଲିଗଲେ। ଖବରପାଇ ଆର୍‌ପିଏଫ ଓ ଛତ୍ରପୁର ଥାନା ପୋଲିସ ପହଞ୍ଚି ଶ୍ରମିକମାନଙ୍କୁ ଖୋଜିବା ଆରମ୍ଭ କରିଥିଲେ। ଚାଲି ଚାଲି ଯାଉଥିବା କେତେଜଣଙ୍କୁ ସେମାନେ ଠାବ କରିଥିବା ଜଣାପଡ଼ିଛି। ଖବର ଲେଖାଯିବା ସୁଦ୍ଧା ୭୦ ପ୍ରବାସୀଙ୍କୁ ଠାବ କରି ଛତ୍ରପୁର ଉପକଣ୍ଠରେ ଥିବା ଦକ୍ଷତା ତାଲିମ କେନ୍ଦ୍ର କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିବା ସୂଚନା ମିଳିଛି। ସେହିପରି କାଳିଜାଇ ଷ୍ଟେଶନରେ ଅପରାହ୍ନରେ ସିଗନାଲ ନ ଥିବା କାରଣରୁ ଟ୍ରେନ୍ ଅଟକିଥିଲା। ପ୍ରାୟ ୩୦ ଶ୍ରମିକ ଏହି ଷ୍ଟେଶନରେ ଓହ୍ଲାଇ ପଳାଉଥିବା ବେଳେ ନିକଟସ୍ଥ ଭେଜିପୁଟ ଗ୍ରାମରେ କେତେଜଣ ଯୁବକ ସେମାନଙ୍କୁ ଅଟକାଇବା ସହ ପୋଲିସକୁ ଖବର ଦେଇଥିଲେ। ଭେଜିପୁଟ ଫାଣ୍ଡି ଓଆଇସି ରୁନା ପିଡ଼ିକା ପହଞ୍ଚି ୨୭ ଶ୍ରମିକଙ୍କୁ ଗୁରାପଲି ଟୋଲଗେଟକୁ ଆଣି ଟ୍ରକ ଯୋଗେ ଭୁବନେଶ୍ୱର ଅଭିମୁଖେ ପଠାଇଥିଲେ। ଖଲ୍ଲିକୋଟ ବ୍ଲକର ଅନ୍ୟ ୩ ପ୍ରବାସୀଙ୍କୁ ଲଙ୍ଗଳେଶ୍ୱରଠାରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଯାଇଛି।

# ନମ୍ବର ବିହୀନ ଟ୍ରାକ୍ଟରରୁ ୭୨ ବସ୍ତା ଧାନ ଜବତ

**ଚାଲାଣ ହେଉଥିଲା ପଶ୍ଚିମବଙ୍ଗକୁ**

ଜଳେଶ୍ୱର, ୨୪।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ଚାଷୀମାନେ ଧାନ ବିକ୍ରି କରିବା ଲାଗି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ସେମାନେ ପଶ୍ଚିମବଙ୍ଗ ବ୍ୟବସାୟୀଙ୍କ ନିକଟକୁ ସିଧାସଳଖ ଧାନ ପଠାଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ରବିବାର ଉପଜିଲାପାଳ ନିଲୁ ମହାପାତ୍ର, ସିଏସ୍‌ଓ ରବୀନ୍ଦ୍ର ପୁଷ୍ଟି ଓ ଏସିଏସ୍‌ଓ ଅଜୟ ମଲ୍ଲିକ ଓ ଅନ୍ୟ କେତେକ ଅଧିକାରୀ ବିଭିନ୍ନ ସେବା ସମବାୟ ସମିତି ଯାଇ ସରକାରୀ ଧାନ କିଣା ସମ୍ପର୍କରେ ରିପୋର୍ଟ ସଂଗ୍ରହ କରି ଫେରୁଥିବା ବେଳେ ରାଇବଣିଆ ଥାନା ଚାଫଲାଠାରେ ଏକ ନମ୍ବର ବିହୀନ ଟ୍ରାକ୍ଟରରେ ଧାନ ବୋଝେଇ ହୋଇ ରାସ୍ତାକଡରେ ଥିବା ଦେଖିଥିଲେ। ଉପଜିଲାପାଳ ମହାପାତ୍ର ସେଠାରେ ଗାଡିରୁ ଓହ୍ଲାଇ ଧାନ ବୋଝେଇ ହୋଇଥିବା ଟ୍ରାକ୍ଟର ଡ୍ରାଇଭର ଓ ମାଲିକଙ୍କୁ ଖୋଜିଥିଲେ। ହେଲେ କେହି ନ ମିଳିବାରୁ ଉକ୍ତ ଧାନଗାଡିକୁ ନାମ୍ପୋ ସେବା ସମବାୟ ସମିତିକୁ ଆଣିଥିଲେ। ଗାଡିର କୌଣସି କାଗଜପତ୍ର ନ ଥିବାରୁ ଉପଜିଲାପାଳ ଏହାର ତଦନ୍ତ ପାଇଁ ସିଏସ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଉପସ୍ଥିତିରେ ଏହି ଧାନ ନାମ୍ପୋ ସମବାୟ ସମିତିରେ ଜବତ କରି ରଖାଯାଇଛି। ପରେ ଅଧିକାରୀମାନେ ଆମ୍ବଲିଅଠା, ସୁଗୋ, ବର୍ତ୍ତନା ଓ ନାମ୍ପୋ ସମବାୟ ସମିତି ଯାଇ ଧାନକିଣା ସଂପର୍କରେ ତଥ୍ୟ ସଂଗ୍ରହ କରିଥିଲେ।

# କ୍ୱାରାଣ୍ଟାଇନ କେନ୍ଦ୍ରର ଖାଇବାକୁ ନେଇ ଅଶାନ୍ତି

- ସରପଞ୍ଚଙ୍କ ଭାଇଙ୍କ ଗାଳିଗୁଲଜ, ଭିଡିଓ ଭାଇରାଲ
- ତାଲା ପକାଇ ପ୍ରତିବାଦ କଲେ ପ୍ରବାସୀ

ରଣପୁର,୨୪।୫(ସ୍ୱ.ପ୍ର.)



ନୟାଗଡ଼ ଜିଲା ରଣପୁର ବ୍ଲକ କେରେଣ୍ଡାଟାଙ୍ଗି ପଞ୍ଚାୟତ ବାଳକୃଷ୍ଣ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ରବିବାର ସରପଞ୍ଚ ଭାଇଙ୍କ ଦାଦାଗିରି ଦେଖିବାକୁ ମିଳିଛି। ସେ ପଞ୍ଚାୟତର ତେତେଜଣ ଅସାମାଜିକ ଯୁବକଙ୍କୁ ଧରି ଆସି ପ୍ରବାସୀଙ୍କୁ ଗାଳି ଗୁଲଜ କରିବା ସହିତ ହତ୍ୟା ଧମକ ଦେଇଥିବା ପ୍ରବାସୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ପ୍ରବାସୀମାନେ ୨ ଘଣ୍ଟା ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ବସି ରହିଥିଲ। ଖବର ପାଇ ରଣପୁର ବିଡିଓ ପଞ୍ଚାନନ ପଟ୍ଟାୟତ, ତହସିଲଦାର ସଞ୍ଜୟ ସାମନ୍ତରାୟ, ଚାନ୍ଦପୁର ଥାନା ଅଧିକାରୀ ଧନେଶ୍ୱର ନାହାକ ପହଞ୍ଚି ପ୍ରବାସୀଙ୍କୁ ବୁଝାଶୁଝା କରିବା ସହିତ ସରପଞ୍ଚଙ୍କୁ ତାଗିଦ କଲା ପରେ ଘଟଣା ଶାନ୍ତ ପଡିଥିଲା। ସରପଞ୍ଚଙ୍କ ଭାଇ ଗାଳି ଗୁଲଜ କରିବା ସହିତ ମାଡ ମାରିବାକୁ ଧମକ ଦେଉଥିବାର ଏକ ଭିଡିଓ ମଧ ଭାଇରାଲ ହୋଇଛି।

ସୂଚନା ଅନୁସାରେ, ତାମିଲନାଡୁ, ହାଇଦ୍ରାବାଦ, କେରଳରୁ ୪୫ ପ୍ରବାସୀ ଆସି ଏହି ସଙ୍ଗରୋଧ କେନ୍ଦ୍ରରେ ରହୁଛନ୍ତି। ପ୍ରତ୍ୟେକ ଦିନ ସେମାନଙ୍କୁ ଦିଆ ଯାଉଥିବା ଖାଦ୍ୟ ନିମ୍ନମାନର ହେଉଛି। ମାତ୍ର ସରପଞ୍ଚ ସଙ୍ଗରୋଧ କେନ୍ଦ୍ରକୁ ଆସୁ ନାହାନ୍ତି କି ଭଲ ମନ୍ଦ ବୁଝୁନାହାନ୍ତି। ଏହାକୁ ବିରୋଧ କରି ପ୍ରବାସୀମାନେ ହୋହଲ୍ଲା କରିବାରୁ ସରପଞ୍ଚଙ୍କ ଭାଇ ୨ ଦିନ ତଳେ ଆସି ଯେଉଁମାନେ ଖାଦ୍ୟ ଖାଇବେ ନାହିଁ ସେମାନଙ୍କୁ ଟଙ୍କା ଦିଆଯିବ ବୋଲି କହିଥିଲେ। ଫଳରେ ୨୧ ପ୍ରବାସୀ ରବିବାର ଖାଦ୍ୟ ନ ଖାଇ ଟଙ୍କା ନେବାକୁ କହିଥିଲେ। କିନ୍ତୁ ସରପଞ୍ଚ କିମ୍ବା ପଞ୍ଚାୟତର କୌଣସି ବ୍ୟକ୍ତି ନ ଆସିବାରୁ ୨୧ ଜଣ ଉପାସରେ ରହିଥିଲେ। ଏହାକୁ ବିରୋଧ କରି ଅପରାହ୍ନ ୨ଟାରେ ପ୍ରବାସୀ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଖବର ପାଇ କେତେଜଣ ଅସାମାଜିକ ଯୁବକ ଓ ସରପଞ୍ଚଙ୍କ ଭାଇ ପହଞ୍ଚି ଏଭଳି କାଣ୍ଡ ଘଟାଇଥିଲେ। ପୋଲିସ ପହଞ୍ଚିବାରୁ ସେମାନେ ପଳାଇ ଯାଇଥିଲେ। ଏ ସମ୍ପର୍କରେ ବିଡିଓ ପଟ୍ଟାୟତ କହିଛନ୍ତି, ଏହି ସଙ୍ଗରୋଧ କେନ୍ଦ୍ରରେ ଖାଦ୍ୟ ପାନୀୟକୁ ନେଇ ବିଶୃଙ୍ଖଳା ଦେଖା ଦେଇଥିଲା। ଆମେ ଘଟଣାସ୍ଥଳରେ ପହଞ୍ଚି ସରପଞ୍ଚଙ୍କୁ ତାଗିଦ୍ କରିବା ସହ ଏହାର ସମାଧାନ କରିଛୁ। ଆଗକୁ ଏଭଳି ହେବ ନାହିଁ।

## ଭିଡିଓ ଉତ୍ତୋଳନ ନେଇ ପ୍ରବାସୀଙ୍କୁ ଗାଳିଗୁଲଜ
# ରଣପୁର ବିଡିଓଙ୍କ ନାଁରେ ଅଭିଯୋଗ

**ନୟାଗଡ ଅଫିସ/ରଣପୁର,୨୪।୫(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ବ୍ଲକ କେରେଣ୍ଡାଟାଙ୍ଗି ବାଳକୃଷ୍ଣ ବିଦ୍ୟାପୀଠସ୍ଥ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଜଣେ ପ୍ରବାସୀ ଶ୍ରମିକଙ୍କୁ ରଣପୁର ବିଡିଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଛନ୍ତି। ଏନେଇ ଚାନ୍ଦପୁର ଥାନାରେ କେରେଣ୍ଡାଟାଙ୍ଗିର ପ୍ରଶାନ୍ତ ପ୍ରଧାନ ନାମକ ପ୍ରବାସୀ ଶ୍ରମିକ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ହେଁ ମାମଲା ରୁଜୁ କରିନାହିଁ। ଏନେଇ ବିଡିଓ ପଞ୍ଚାନନ ପଟ୍ଟାୟତ କହିଛନ୍ତି, ସେ କୌଣସି ପ୍ରବାସୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିନାହାନ୍ତି କି ହତ୍ୟା ଧମକ ଦେଇନାହାନ୍ତି। ପ୍ରବାସୀ ଶ୍ରମିକଙ୍କ ଅସନ୍ତୋଷକୁ କେନ୍ଦ୍ରକରି ସେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। କେରେଣ୍ଡାଟାଙ୍ଗିର ପ୍ରଶାନ୍ତ କୁହନ୍ତି, ନୂଆଗାଁ ବିଡିଓ ଜଣେ ଯୁବକଙ୍କୁ ମାଡମରା ଘଟଣାର ସମାଧାନ ହୋଇ ନ ଥିବାବେଳେ ରଣପୁର ବିଡିଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ବିଭିନ୍ନ ପ୍ରକାରର ଧମକଚମକ ଦେଇଛନ୍ତି। ପ୍ରବାସୀ ଶ୍ରମିକମାନେ ଅସନ୍ତୋଷ ବ୍ୟକ୍ତ କରୁଥିବାବେଳେ ମୋ ହାତରେ ମୋବାଇଲ ଦେଖି ବିଡିଓ ହଡବଡେଇ ଯାଇଥିଲେ। ପରେ ପୋଲିସ ଯୋଗେ ମୋବାଇଲ ଛଡାଇ ନେଇ କିଛି ଭିଡିଓକୁ ଡିଲିଟ୍ କରି ଦେଇଥିଲେ।

# ଧାନ ବିଲରୁ ହାତୀର ମୃତଦେହ ଉଦ୍ଧାର



ଚମ୍ପୁଆ/ଯୋଡ଼ା, ୨୪।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାଲିବନ୍ଧ ସେକ୍ସନର ଚମକପୁରଠାରେ ଥିବା ଧାନବିଲରୁ ଏକ ଅଣ୍ଡିରା ହାତୀର ମୃତଦେହ ଉଦ୍ଧାର କରାଯାଇଛି। ହାତୀଟି କିପରି ମୃତ୍ୟୁବରଣ କଲା ତାହା ଜଣାପଡ଼ିନାହିଁ।

ରବିବାର ସକାଳେ ଧାନବିଲରେ ହାତୀର ମୃତଦେହ ପଡ଼ିଥିବା ଦେଖି ଲୋକେ ବନବିଭାଗକୁ ଖବର ଦେଇଥିଲେ। ରେଞ୍ଜର କାଶିନାଥ ମୁର୍ମୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତ ହାତୀର ଗୋଟିଏ ଦାନ୍ତ ଥିବା ବେଳେ ଯୋଡ଼ା ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇଥିଲା। ଏହି ସମୟରେ କେନ୍ଦୁଝର ଡିଏଫ୍‌ଓ ସନ୍ତୋଷ ଯୋଶୀ, ଏସିଏଫ ଅଜୟ କୁମାର ସାହୁ, ଚମ୍ପୁଆ ରେଞ୍ଜର କାଶୀନାଥ ମୁର୍ମୁ, ଫରେଷ୍ଟର କ୍ଷୀରୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, କିଛି ଦିନ ପୂର୍ବରୁ ବାମେବାରୀ ସେକ୍ସନ ଅଧୀନ କାଶିଆ ଜଙ୍ଗଲରୁ ଏକ ଗଳିତ ହାତୀର ମୃତଦେହ ଉଦ୍ଧାର କରାଯାଇଥିଲା। ଏନେଇ ଚମ୍ପୁଆ ରେଞ୍ଜର ଓ ବାମେବାରୀ ବନପାଳଙ୍କ ସମେତ ଜଣେ ବନ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। କିଛି ଦିନ ଅନ୍ତରରେ ଆଉ ଏକ ହାତୀର ମୃତ୍ୟୁ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ବାଲିବନ୍ଧ ଫରେଷ୍ଟର ଖଗେଶ୍ୱର ବାରିକ କହିଛନ୍ତି ଯେ, ଉକ୍ତ ଅଞ୍ଚଳରେ ୧୯ଟି ହାତୀ ରହିଥିବା ବେଳେ ସ୍କ୍ୱାଡ୍ ଦ୍ୱାରା ହାତୀପଲକୁ ନୁନୁ ଗୁଣ୍ଡାଣି ଆଡକୁ ଘଉଡାଇ ଦିଆଯାଇଥିଲା। ସେହି ହାତୀପଲରୁ ଗୋଟିଏ ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

# ପରିବା ବିକୁଛନ୍ତି ଗାୟକ, ବାଦ୍ୟକ

**ପାଲାରେ ତାଲା**

- ୨ ମାସ ହେଲା ନାହିଁ ରୋଜଗାର
- ସଙ୍କଟରେ ଉପଖଣ୍ଡର ୩ଶହ କଳାକାର
- ସରକାରୀ ସହାୟତା ପାଇଁ ଦାବି

ପରିକ୍ଷିତ ସାହୁ
ବଇଣ୍ଡା,୨୪।୫


ସଂଘ ସମ୍ପାଦକ ଜଗତମୋହନ ମିଶ୍ରଙ୍କ ସହ ସାଥୀ କଳାକାର।

ଦିନେ ତାଙ୍କ ଉପସ୍ଥିତି ପରିବେଶକୁ ପବିତ୍ର କରିଦେଉଥିଲା। ମନରେ ଧାର୍ମିକ ଭାବନା ଉଦ୍ରେକ କରୁଥିଲା। ତାଙ୍କ ଚରଣ ଓ ଚାମର ସ୍ପର୍ଶ ପାଇଁ ଆପେ ଆପେ ମଥା ନଇଁଯାଉଥିଲା। ହେଲେ ଆଜି ବଦଳି ଯାଇଛି ସେହି ସମୟ। କେଉଁଠି ଏକାଠି ଦେଖାଯାଉନାହାନ୍ତି ସେ କି ତାଙ୍କ ସାଥୀ କଳାକାର। ଗାଁଠାରୁ ସହର ଯାଏ କେଉଁଠାରେ ବି ଶୁଣାଯାଉନି ତାଙ୍କ ସ୍ୱର। ତାଙ୍କୁ ଶୁଣିବା ପାଇଁ ମଧ କେହି ଅଟକି ଯାଉନାହାନ୍ତି ଦଣ୍ଡେ କି ଘଡ଼ିଏ। କାରଣ କରୋନା କଟକଣା ତାଲା ପକାଇଦେଇଛି ପାଲା ପରିବେଷଣରେ। ଯେଉଁଥିପାଇଁ ବେରୋଜଗାର ହୋଇଯାଇଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ବହୁ ଗାୟକ, ବାୟକଙ୍କ ସହ ପ୍ରାୟ ୩ଶହ ପାଲା କଳାକାର। ପରିବାର ଚଳାଇବାକୁ ଏବେ କିଏ ମାଟି ମୁଣ୍ଡାଉଛନ୍ତି ତ କିଏ ରାସ୍ତା ପାର୍ଶ୍ୱରେ ବସି ବିକୁଛନ୍ତି ପରିବା।

ଆଠମଲ୍ଲିକ ଉପଖଣ୍ଡର କିଶୋରନଗର ଓ ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ମୋଟ୍ ୫୨ଟି ପାଲା ପରିବେଷଣ ଦଳ ରହିଛି। ଏମାନଙ୍କୁ ନେଇ ଗଠନ ହୋଇଛି ମା' ମାହେଶ୍ୱରୀ ପାଲା ପରିଷଦ ସଂଘ। ସଭାପତି ଶ୍ରୀକାନ୍ତ ମାହାରଙ୍କ କହିବା ଅନୁଯାୟୀ, ବର୍ଷର ୧୨ ମାସରୁ ୮ ମାସ ସେମାନେ ପାଲା ପରିବେଷଣ କରନ୍ତି। ତାହା ହିଁ ସେମାନଙ୍କ ଜୀବନ ଓ ଜୀବିକା। ଦୀର୍ଘ ୩୫ ବର୍ଷ ହେଲା ଏପରି ଭାବେ ସେମାନେ ପରିବାର ପ୍ରତିପୋଷଣ କରିଆସୁଛନ୍ତି। କେବଳ ଆଠମଲ୍ଲିକ କି ଅନୁଗୋଳ ନୁହେଁ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ପାଲା ପରିବେଷଣ କରି ସେମାନେ ବହୁ ସମ୍ମାନ ପାଇଛନ୍ତି। ଗୋଟିଏ ଦଳରେ ୪ରୁ ୫ଜଣ ରହୁଥିବା ବେଳେ ରାତିକ ପାଇଁ ୪ରୁ ୫ ହଜାର ଟଙ୍କା ନେଇଥାନ୍ତି। ତେବେ ମାନସିକ ଷୋଳ ପାଲା ପାଇଁ ଅଧିକ ଅର୍ଥ ସେମାନେ ଦାବି କରିଥାନ୍ତି। ଏହାଛଡ଼ା ସରକାରଙ୍କ ବିଭିନ୍ନ ସଚେତନତାଧର୍ମୀ କାର୍ଯ୍ୟକ୍ରମରୁ ମଧ କିଛିଟା ଆୟ କରିଥାନ୍ତି। ବିଭିନ୍ନ ପର୍ବପର୍ବାଣି, ଯାନିଯାତ୍ରା ବେଳେ ସେମାନଙ୍କୁ ଅଧିକରୁ ଅଧିକ ଅଞ୍ଚଳରୁ ଡାକରା ଆସିଥାଏ। କିନ୍ତୁ ଲକ୍‌ଡାଉନ ଯୋଗୁ ୨ ମାସ ହେଲା ସବୁକିଛି ବନ୍ଦ ହୋଇଯାଇଛି। ୩ଶହ କଳାକାର ବେକାର ହୋଇଯାଇଛନ୍ତି। ସଂଘ ସମ୍ପାଦକ ଜଗତମୋହନ ମିଶ୍ର କହିଛନ୍ତି, କଟକଣା ଯୋଗୁ ପରିବାର ଚଳାଇବାରେ ଅସୁବିଧା ହେଉଛି। କିଏ ମୂଳ ମଜୁରି କରୁଛନ୍ତି ତ କିଏ ଗାଁରେ କାଁ ଭାଁ ଅଟୋ ଚଳାଇ କିଛି ଆୟ କରିବାକୁ ଉଦ୍ୟମ କରୁଛନ୍ତି। ଲୁହାମୁଣ୍ଡାର ପାଲା କଳାକାର ବିନୋଦ କାଳିଆ, ବଡ଼ବର ଗ୍ରାମର ଶମ୍ଭୁନାଥ ମହାନ୍ତି, ମାଧପୁର ଅଞ୍ଚଳର ଶରଣ ବିଶ୍ୱାଳ କୁହନ୍ତି, ପାଲା ପରିବେଷଣ ବନ୍ଦ ଜୀବନକୁ ଯେପରି ଅଟକାଇ ଦେଇଛି। ଆର୍ଥିକ ସଙ୍କଟର ସମାଧାନ କରିବାକୁ ଆମ ମଧ୍ୟରୁ କେତେଜଣଙ୍କୁ ଦିନ ମଜୁରିଆ ଭାବେ କାମ କରିବାକୁ ପଡୁଛି। ଆଉ କେହି ପରିବା ବେପାର କରି ପରିବାର ସମ୍ଭାଳିନେବାର ଉଦ୍ୟମ କରୁଛନ୍ତି। ସରକାରଙ୍କ ପକ୍ଷରୁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଗଲେ ବଞ୍ଚିଯାଇପାରନ୍ତୁ ବୋଲି ପାଲା କଳାକାରମାନେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଆଜି ଖୋଲିବ କଟକ ମହାନଗର ନିଗମ ଅଧୀନ ପାର୍କ

**କଟକ ଅଫିସ,୨୪।୫:** କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନରେ ଥିବା ପ୍ରମୁଖ ୧୨ଟି ପାର୍କକୁ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। କଟକ ଭିତରେ ଥିବା ପାର୍କ ହିଁ କେବଳ ଖୋଲା ରହିବ। ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ଯାଏ ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲାଯିବ। କମ୍ ଲୋକଙ୍କୁ ପାର୍କ ଭିତରକୁ ପ୍ରବେଶ ଅନୁମତି ମିଳିବ। ଏଥିସହ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯିବ। ଆଗନ୍ତୁକମାନେ କେବଳ ବୁଲାବୁଲି କରିବେ। କିନ୍ତୁ ଜିମ୍ ଉପକରଣ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସିଏମ୍‌ସି ତରଫରୁ ସୂଚନା ଦିଆଯାଇଛି। ଖୋଲାଯିବାକୁ ଥିବା ପ୍ରମୁଖ ପାର୍କଗୁଡ଼ିକ ଭିତରେ ରହିଛି ଖାନ୍‌ନଗର ସ୍ଥିତ ବିଶ୍ୱନାଥ ପଣ୍ଡିତ ପାର୍କ, ଯୋବ୍ରାସ୍ଥିତ ମହାନଦୀ ପାର୍କ, ସହିଦ ପାର୍କ, ବୈଷ୍ଣବ ପାଣି ପାର୍କ, ଗୋପବନ୍ଧୁ ପାର୍କ, ଗୌରୀଶଙ୍କର ପାର୍କ, ଅନ୍ଦରପୁର ପାର୍କ।

### ଆନ୍ଧ୍ରରୁ ଚନ୍ଦ୍ରଭାଗା କୂଳରେ ପହଞ୍ଚିଲେ ୧୧ ମତ୍ସ୍ୟଜୀବୀ

**କୋଣାର୍କ,୨୪।୫(ଡି.ଏନ.ଏ):** ଆନ୍ଧ୍ରପ୍ରଦେଶରୁ ସାମୁଦ୍ରିକ ପଥରେ ଏକ ମାଛଧରା ବୋଟରେ ୧୧ଜଣ ମତ୍ସ୍ୟଜୀବୀ ଆସି ରବିବାର ପୂର୍ବାହ୍ନରେ ଚନ୍ଦ୍ରଭାଗା କୂଳରେ ପହଞ୍ଚିଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ନୋଳିଆ ବସ୍ତିର ବୋଲି ଜଣାପଡ଼ିଛି। ଖବରପାଇ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, କୋଣାର୍କ ଏନଏସି ନୋଡାଲ ଅଫିସର ଭାଗୀରଥି ବରାଳ ଓ ପଞ୍ଚାନନ ଲେଙ୍କା ପହଞ୍ଚି ପଚରାଉଚୁରା ବେଳେ ମତ୍ସ୍ୟଜୀବୀମାନେ ବିନା ପଞ୍ଜୀକରଣରେ ଆସିଥିବା କହିଥିଲେ। ପରେ ସେମାନଙ୍କୁ କୋଣାର୍କ ଶିଶୁ ଓ ମାତୃ ମଙ୍ଗଳ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ସଙ୍ଗରୋଧ ଗୃହରେ ରଖାଯାଇଛି। ପରେ ଏମାନଙ୍କ ସ୍କ୍ରିନିଂ କରାଯାଇ ସ୍ୱାବ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯିବ ବୋଲି ଏନଏସି ନିର୍ବାହୀ ଅଧିକାରୀ ଏମ ଶ୍ରୀନିବାସ କହିଛନ୍ତି। ସୂଚନା ମୁତାବକ, ଏହି ମତ୍ସ୍ୟଜୀବୀମାନେ ଆନ୍ଧ୍ରପ୍ରଦେଶରେ ଥିବାବେଳେ ଲକଡାଉନ ବୃଦ୍ଧି ଯୋଗୁ ସେଠାରେ ଫସି ଯାଇଥିଲେ। ପରେ ଏମାନେ ଏକ ମାଛଧରା ବୋଟ ଯୋଗେ ସମୁଦ୍ର ପଥରେ ଆସି ଦୁଇ ଦିନର ଯାତ୍ରା ପରେ ରବିବାର ଚନ୍ଦ୍ରଭାଗାରେ ପହଞ୍ଚିଛନ୍ତି। ଏହା ପୂର୍ବରୁ ମଧ ୧୬ଜଣ ମତ୍ସ୍ୟଜୀବୀ ଆନ୍ଧ୍ରପ୍ରଦେଶରୁ ଏକ ଡଙ୍ଗା ଯୋଗେ ଚନ୍ଦ୍ରଭାଗା ଆସିଥିଲେ। ଏମାନଙ୍କ ଟେଷ୍ଟ ପରେ ଜଣଙ୍କ ପଜିଟିଭ ବାହାରିଥିଲା।

### ଆଦର୍ଶ ଶିକ୍ଷକ ଜଗନ୍ନାଥ ଚୌଧୁରୀଙ୍କ ପରଲୋକ



**ରାୟଗଡ଼ା ଅଫିସ, ୨୪।୫:** ରାୟଗଡ଼ା ଜିଲାର ଗୁଣୁପୁର ନିକଟବର୍ତ୍ତୀ ସୁବାଇ ଗ୍ରାମର ଆଦର୍ଶ ଶିକ୍ଷକ ଜଗନ୍ନାଥ ଚୌଧୁରୀଙ୍କ ଶନିବାର ନିଜ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସେ ରାୟଗଡ଼ା ଜିଲାର ବିଭିନ୍ନ ସରକାରୀ ଆବାସିକ ବିଦ୍ୟାଳୟରେ ଶିକ୍ଷକତା କରି ସୁନାମ ଅର୍ଜନ କରିଥିଲେ। ସେ ପ୍ରଧାନଶିକ୍ଷକ ଭାବେ ୨୦୦୬ ମସିହାରେ ଅବସର ଗ୍ରହଣ କରିଥିଲେ। ସେ ଜଣେ ମେଳାପି ଓ ପରୋପକାରୀ ବ୍ୟକ୍ତି ଥିଲେ। ସେ ଭାରତୀୟ ସୂଚନା ସେବାର ଅଧିକାରୀ ଡକ୍ଟର ପ୍ରଦୀପ କୁମାର ଚୌଧୁରୀଙ୍କ ସାନବାପା।

### ଖବରକାଗଜ ବିତରକଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ

**ପୁରୀ ଅଫିସ,୨୪।୫:** କରୋନା ଲକ୍‌ଡାଉନ ଦ୍ୱାରା ପୁରୀ ଖବରକାଗଜ ବିତରକମାନେ ପ୍ରଭାବିତ ହୋଇଛନ୍ତି। ସରକାରଙ୍କ ନିୟମ ମାନି ୧୨୦ଜଣ ବିତରକ ପ୍ରାୟ ୧ମାସ ଖବରକାଗଜ ବିତରଣ ବନ୍ଦ କରିଥିଲେ। ଏମିତି ବି ସହରର ହୋଟେଲ ଓ ଦୋକାନ ବନ୍ଦ ଯୋଗୁ ଖବରକାଗଜ ବିତରଣ ସଂଖ୍ୟା କମିଛି। ତେଣୁ ଘୋର ଆର୍ଥିକ ସଙ୍କଟରେ ସେମାନେ ଦିନ କାଟୁଥିବା ବେଳେ ରବିବାର ରୋଟାରି ଇଣ୍ଟରନ୍ୟାଶନାଲ ପକ୍ଷରୁ ବିତରକମାନଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏ ନେଇ ବିତରକମାନେ ରୋଟାରିର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ ସରକାର ଖବରକାଗଜ ବିତରକଙ୍କୁ ସହାୟତା ପ୍ରଦାନ କରିବା ଲାଗି ପୁରୀ ଖବରକାଗଜ ବିତରକ ସଂଘ ଅନୁରୋଧ କରିଛି।

# ଖୋଲିଲା ପାର୍କ, ଜମିଲା ଆସର

## ସେଲ୍‌ଫି ନେଲେ, ଟିକ୍‌ଟକ୍ କଲେ ଯୁବପିଢ଼ି

**ଭୁବନେଶ୍ୱର, ୨୪।୫ (ବ୍ୟୁରୋ)**

କରୋନା କଟକଣା ଧୀରେ ଧୀରେ କୋହଳ ହେବାରେ ଲାଗିଛି। ରାଜଧାନୀ ଭୁବନେଶ୍ୱରର ସମସ୍ତ ଛୋଟ ବଡ଼ ପାର୍କ ରବିବାରଠାରୁ ଖୋଲିଛି। ତେବେ ଆରମ୍ଭରୁ ପାର୍କରେ ଆସର ଜମିଛି। ପ୍ରଥମ ଦିନରେ ଭିଡ଼ କମ୍ ରହିଥିଲେ ମଧ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ବିଶେଷକରି ଯୁବପିଢ଼ୀଙ୍କ ଉପସ୍ଥିତି ଅଧିକ ଦେଖିବାକୁ ମିଳିଛି। ଲୋକେ ଜଗିଂ, ରନିଂ, ୱାକିଙ୍ଗ୍ ଆଦି କରିବା ସହ ପାର୍କର ସବୁଜିମା ସୌନ୍ଦର୍ଯ୍ୟର ଉପଭୋଗ କରିଥିଲେ। କିଏ ସେଲ୍‌ଫି ନେଉଥିଲେ ତ ଆଉ କିଏ ଟିକ୍‌ଟକ୍ କରିବା ସୁଯୋଗକୁ ହାତଛଡ଼ା କରୁ ନ ଥିଲେ। ଲକ୍‌ଡାଉନ୍ ପାଇଁ ବହୁଦିନ ଧରି ସହରବାସୀ ଘରେ ରହିଥିଲେ। ଏବେ ପାର୍କ ଖୋଲିବା ପରେ ସେମାନଙ୍କ ମନରେ ଖୁସି କାହିଁରେ କ'ଣ। ବହୁ ଲୋକ ପରିବାର ସହ ପାର୍କକୁ ଆସି ମନକୁ ହାଲ୍‌କା କରିଥିବାବେଳେ ଆଗକୁ ପାର୍କରେ ଉଚ୍ଛୁଳି ଉଠିବ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ବିଏମ୍‌ସିର ନିଷ୍ପତ୍ତି ଅନୁଯାୟୀ, ସକାଳ ୭ଟାରୁ ୧୦ଟା ଓ ଅପରାହ୍ନ ୪ଟାରୁ ୬ଟା ଯାଏ ପାର୍କ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ତେବେ ପାର୍କରେ ବିଭିନ୍ନ ଉପକରଣର ବ୍ୟବହାର ଉପରେ ରୋକ୍ ଲଗାଯାଇଥିବାବେଳେ ମୁଖ୍ୟତଃ ମୁକ୍ତାକାଶ ବ୍ୟାୟାମଶାଳା, ଛୋଟ ପିଲାଙ୍କ ଖେଳ ଉପକରଣକୁ ସିଲ୍ କରାଯାଇଛି। କରୋନା ସଂକ୍ରମଣକୁ ଏଡ଼ାଇବା ପାଇଁ ଆବଶ୍ୟକ ସତର୍କତା ତଥା ମାସ୍କ ପିନ୍ଧିବା ଓ ସାନିଟାଇଜର ବ୍ୟବହାର କରିବା ସହ ସାମାଜିକ ଦୂରତ୍ୱ ବଜାୟ ରଖି ପାର୍କରେ ବୁଲିବାକୁ ପରାମର୍ଶ ଦିଆଯାଇଛି। ହେଲେ ପାର୍କରେ ଏସବୁ ନିୟମ ଉଲ୍ଲଂଘନ ହେଉଥିବା ପ୍ରଥମରୁ ନଜରକୁ ଆସିଛି।

### ଭୁଲିଗଲେ ସାମାଜିକ ଦୂରତ୍ୱ, ବେକରେ ଝୁଲୁଥିଲା ମାସ୍କ

କରୋନା ସଂକଟକୁ ଅତି ନିକଟରୁ ଦେଖିଛନ୍ତି ସବୁଠୁ ସଚେତନ ଓ ଶିକ୍ଷିତ କୁହାଯାଉଥିବା ରାଜଧାନୀବାସୀ। ସ୍ଥିତି ଏପରି ଥିଲା ସବୁଠୁ ଅଧିକ କଟକଣା ଭୁବନେଶ୍ୱରରେ ହିଁ ଲାଗୁ ହୋଇଥିଲା। ହେଲେ ଏବେ କୋହଳ ସୁଯୋଗ ମିଳିବାକ୍ଷଣି ସହରବାସୀ ହଠାତ୍ ସବୁକିଛି ଭୁଲିଯାଇଛନ୍ତି, ଯାହା ପାର୍କରୁ ହିଁ ବାରି ହୋଇପଡିଥିଲା। କରୋନା ମୁକାବିଲାରେ ସାମାଜିକ ଦୂରତ୍ୱ ନିୟମ ପାଳନ କରିବା ସବୁଠୁ ବଡ଼ ଅସ୍ତ୍ର ହୋଇଥିଲେ ମଧ ପାର୍କରେ ବ୍ୟତିକ୍ରମ ଘଟିଥିଲା। ଯୁବବର୍ଗ ଏକତ୍ରିତ ହୋଇ ବୁଲିବା ସହ ମଉଜମସ୍ତି କରୁଥିବା ଦେଖିବାକୁ ମିଳିଥିଲା। ସେହିପରି କେତେଜଣଙ୍କ ମୁହଁରେ ମାସ୍କ ଥିଲା, ଆଉ କେତେଜଣ ବିନା ମାସ୍କରେ ପାର୍କକୁ ଆସିଥିଲେ। ଆଉକେତେଜଣଙ୍କ ବେକରେ ମାସ୍କ ଝୁଲୁଥିଲା।

ବିଡିଏ ମୁଖ୍ୟ ଉଦ୍ୟାନବିତ୍ ଏ.ଏନ୍. ଧର କହିଛନ୍ତି, ପାର୍କରେ ଅମାନିଆଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ କୁହାଯାଇଛି। ଆବଶ୍ୟକ ପଡ଼ିଲେ ସେମାନେ ନିୟମ ଖିଲାପକାରୀଙ୍କଠାରୁ ଜରିମାନା ଆଦାୟ କରିବେ। ହେଲେ ଲୋକମାନେ ଯଦି ନିୟମ ନ ମାନି ପାର୍କରେ ମନମାନୀ କାର୍ଯ୍ୟ କରିବେ ତା'ହେଲେ ବାଧହୋଇ ପୁଣି ପାର୍କଗୁଡ଼ିକୁ ବନ୍ଦ କରିଦିଆଯିବ ବୋଲି ସେ କହିଛନ୍ତି।

### ପାର୍କରେ ବନ୍ଧୁମିଳନର ପରିବେଶ

ଖରାଦିନ ହୋଇଥିବାରୁ ସକାଳେ ଅଧିକ ଭିଡ଼ ହୋଇଥିଲା। କେତେଜଣ ବରିଷ୍ଠ ନାଗରିକ ପାର୍କରେ ମର୍ଣ୍ଣିଂ ୱାକ୍ କରୁଥିବା ନଜରକୁ ଆସିଥିଲା। ନେତା, ମନ୍ତ୍ରୀ, ଅଧିକାରୀଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତିମାନେ ମଧ ପାର୍କକୁ ଆସି ମନକୁ ଟିକେ ହାଲ୍‌କାର କରିବା ସହ ଶରୀରକୁ ଫିଟ୍ ରଖିବାକୁ ଆରମ୍ଭ କରିଦେଇଥିଲେ କସରତ। ଅନ୍ୟପକ୍ଷରେ ପାର୍କ ଆଣିଦେଇଥିଲା ବନ୍ଧୁମିଳନର ପରିବେଶ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ୍‌ବେଳେ ବରିଷ୍ଠମାନେ ଖୁସିରେ ଗଦ୍‌ଗଦ୍‌ହୋଇଉଠୁଥିଲେ। କରୋନା, ଲକ୍‌ଡାଉନ୍‌କୁ ନେଇ ସବୁଠୁ ବେଶି ଚର୍ଚ୍ଚା ହୋଇଥିଲା।



ଆଇ.ଜି ପାର୍କରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଅନ୍ୟମାନେ ପ୍ରାତଃ ଭ୍ରମଣ କରୁଛନ୍ତି।







ଫରେଷ୍ଟ ପାର୍କରେ ସାମାଜିକ ନିୟମକୁ ଉଲ୍ଲଂଘନ।



ଆଇ.ଜି ପାର୍କରେ ବାରଣ ସତ୍ତ୍ୱେ ଖେଳ ଉପକରଣର ବ୍ୟବହାର କରାଯାଉଛି।

## ଭାରସାମ୍ୟ ହରାଇ ଘରେ ପଶିଗଲା ଟ୍ରକ୍: ଜଣେ ମୃତ

- ଡ୍ରାଇଭର ଶୋଇଥିଲେ, ହେଲ୍‌ପର ଚଲାଉଥିଲେ
- ବର୍ତ୍ତିଗଲେ ପରିବାର ଲୋକେ

**ବାଙ୍କୀ,୨୪।୫(ସ୍ୱ.ପ୍ର.)**

କଟକ ଜିଲା ଡମପଡା ବ୍ଲକ ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତର କରବରଠାରେ ରବିବାର ଭୋର ୪ଟା ସମୟରେ ଏକ ମାଲବାହୀ ଟ୍ରକ୍ ଭାରସାମ୍ୟ ହରାଇ ୨ଟି ଘରେ ପଶିଯାଇଛି। ଏଥିରେ ହେଲ୍‌ପର କାହ୍ନାଙ୍କ ମୃତ୍ୟୁ ଘଟିଥିବା ବେଳେ ଡ୍ରାଇଭର ବିଜୟ କୁମାର ପବନ ସିଂହ ଗୁରୁତର ହୋଇଛନ୍ତି। ଟ୍ରକ୍ ଧକ୍କାରେ ଉଭୟ ଘରର ସମ୍ମୁଖଭାଗ ନଷ୍ଟ ହୋଇଯାଇଥିବା ବେଳେ ପରିବାର ଲୋକେ ବର୍ତ୍ତିଯାଇଛନ୍ତି। ଡମପଡ଼ା ଦମକଳବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ କଟର ସାହାଯ୍ୟରେ ଷ୍ଟିୟରିଂ କାଟି କାହ୍ନାଙ୍କ ମୃତଦେହ ଉଦ୍ଧାର କରିଛି। ଏଥିସହ ବିଜୟଙ୍କୁ ଉଦ୍ଧାର କରି ପ୍ରଥମେ ବାଙ୍କୀ ମୁଖ୍ୟ ଚିକିତ୍ସାଳୟ ଓ ପରେ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରିଛି। ମାଲବାହୀ ଟ୍ରକଟି ରେଲ୍ ଲାଇନ୍‌ରେ ବ୍ୟବହୃତ ହେଉଥିବା ସିମେଣ୍ଟ ଖୁଣ୍ଟ ବୋଝେଇ କରି ଖୋର୍ଦ୍ଧାରୁ ବାଙ୍କୀ ଟାଉନ୍ ଦେଇ କାମାକ୍ଷାନଗର ଯାଉଥିଲା। ଏହି ସମୟରେ ଡ୍ରାଇଭର ବିଜୟ ଗାଡି ନ ଚଲାଇ ପାଖ ସିଟ୍‌ରେ ଶୋଇଥିବା ବେଳେ ହେଲ୍‌ପର କାହ୍ନା ଟ୍ରକ୍ ଚଲାଉଥିଲେ। କରବରଠାରେ କୌଣସି କାରଣରୁ ଟ୍ରକ୍‌ଟି ଭାରସାମ୍ୟ ହରାଇ ବାମ ପଟେ ଥିବା ଘର ଉପରକୁ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ କାହ୍ନାଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ପରିବାରର ଘର କାନ୍ଥ ଭାଙ୍ଗି ଲକ୍ଷାଧିକ ଟଙ୍କା ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଖବରପାଇ ବାଙ୍କୀ ପୋଲିସ ସେଠାରେ ପହଞ୍ଚି ଥାନାରେ ମାମଲା (ନଂ.୧୩୯/୨୦)ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ଭବାନୀ ପଟ୍ଟନାୟକଙ୍କ ଏକାଦଶାହ ସ୍ମୃତି

**ନିମାପଡ଼ା,୨୪।୫(ଡି.ଏନ.ଏ)**

ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ ନେତା, ପୂର୍ବତନ ଏମ୍‌ପି, ପଦ୍ମଶ୍ରୀ ସ୍ୱର୍ଗତ ଭବାନୀଚରଣ ପଟ୍ଟନାୟକଙ୍କ ରବିବାର ଏକାଦଶାହ ଉପଲକ୍ଷେ ଜନ୍ମମାଟି ନିମାପଡ଼ାରେ ଶହୀଦ ସ୍ମୃତି ସଂସଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସ୍ଥାନୀୟ ଶହୀଦ ଭବନ ନିକଟ ମୁକ୍ତାକାଶ ରଙ୍ଗମଞ୍ଚଠାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏମ୍‌ପି ଡା.ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରଫୁଲ୍ଲ ସାମଲ, ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳେଇ, ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡ଼ା, ଶହୀଦ ସ୍ମୃତି ସଂସଦର ସମ୍ପାଦକ ଡ.ବେଣୁଧର ସେନାପତି, ଆଇନଜୀବୀ ସୁଧୀର ମହାନ୍ତି, ରଣଜିତ ସାହୁ, ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଅମିୟ ପଟ୍ଟନାୟକ, ସିପିଆଇ ନେତା କୃଷ୍ଣଚନ୍ଦ୍ର ରାଉତ, ଦେବେନ୍ଦ୍ରନାଥ ସାହୁ, କବିୟିତ୍ରୀ ସଙ୍ଗୀତା ଦାଶଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ପ୍ରଶାସନିକ ଅଧିକାରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ପ୍ରାର୍ଥନା ସଭା କରାଯାଇଥିବାବେଳେ ନେତାଙ୍କ ସହ ଶତାଧିକ ଲୋକ ସ୍ୱର୍ଗତ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମୂହ ପ୍ରାର୍ଥନା କରିଥିଲେ। ସ୍ଥାନୀୟ ଶହୀଦ ଭବନଠାରେ ଶହୀଦ ସ୍ମୃତି ସଂସଦ ପକ୍ଷରୁ ଏକ ସଂଗ୍ରାମୀ ଭବନ ପ୍ରତିଷ୍ଠା ପାଇଁ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର, ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ନିମାପଡ଼ାର ଗାନ୍ଧୀ ଭବାନୀ ଚରଣ ପଟ୍ଟନାୟକ ଅମର ରହେ ଧ୍ୱନିରେ ସଭାସ୍ଥଳ ଓ ନିମାପଡ଼ା ମାଟି ପ୍ରକମ୍ପିତ ହୋଇଉଠିଥିଲା। ଅନ୍ୟପଟେ ଲକଡାଉନ ପାଇଁ ସଭା, ସମିତି ବନ୍ଦ ଥିବାରୁ ମନ୍ତ୍ରୀ, ବିଧାୟକମାନେ କୌଣସି ବକ୍ତବ୍ୟ ରଖି ନ ଥିଲେ। ଶହୀଦ ସ୍ମୃତି ସଂସଦ ସମ୍ପାଦକ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ଅମର ରହେ ଧ୍ୱନିରେ କମ୍ପିଲା ନିମାପଡ଼ା**

## ପୁରୀ: ମୋଟ ଆକ୍ରାନ୍ତ ସଂଖ୍ୟା ୮୧

**ପୁରୀ ଅଫିସ,୨୪।୫**

ପୁରୀ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ରବିବାର ରାଜ୍ୟରେ ୬୭ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏଥିରେ ପୁରୀ ଜିଲାରୁ ସର୍ବାଧିକ ୧୬ ଜଣ ରହିଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୧ ଛୁଇଁଛି। ଏମାନଙ୍କ ମଧ୍ୟରୁ ୪ ସୁସ୍ଥ ହୋଇଥିବାବେଳେ ୭୭ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସବୁଠୁ ଚିନ୍ତାର ବିଷୟ ହେଉଛି ଗତ ୧୫ ଦିନରେ ଜିଲାରୁ ୮୦ ଆକ୍ରାନ୍ତ ଚିହ୍ନଟ ହେଲେଣି। ତେବେ ଅଧିକାଂଶ ଆକ୍ରାନ୍ତ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହେଉଥିବାରୁ ଜିଲାରେ ଗୋଷ୍ଠୀ ସଂକ୍ରମଣର ଆଶଙ୍କା ନ ଥିବା କୁହାଯାଉଛି।

ଜିଲା ପ୍ରଶାସନର ସୂଚନା ଅନୁଯାୟୀ, ରବିବାର ୧୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଅସ୍ତରଙ୍ଗ ବ୍ଲକର ୬, କାକଟପୁରର ୬, ଡେଲାଙ୍ଗର ୨, ବ୍ରହ୍ମଗିରି ଏବଂ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ୧୫ ଜଣ କ୍ୱାରାଣ୍ଟାଇନ ସେଣ୍ଟରରେ ଏବଂ ଅନ୍ୟଜଣେ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ଉକ୍ତ ୧୫ଜଣଙ୍କ ମଧ୍ୟରେ ୧୧ ସୁରଟ, ୩ ପଶ୍ଚିମବଙ୍ଗ ଏବଂ ଜଣେ ତାମିଲନାଡୁ ଫେରନ୍ତା ରହିଛନ୍ତି। ପୁରୀରୁ ଚିହ୍ନଟ ବ୍ୟକ୍ତି ଜଣଙ୍କ ପୂର୍ବରୁ ପଜିଟିଭ ଚିହ୍ନଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜିଲାରେ ଯେଉଁଭଳି ଭାବେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି ଖୁବ୍‌ଶୀଘ୍ର ଏହା ଶତକ ଛୁଇଁଯିବ ବୋଲି କୁହାଯାଉଛି। ପ୍ରଥମ ଆକ୍ରାନ୍ତ ଚିହ୍ନଟ ହେବାର ୩୭ ଦିନ ପର୍ଯ୍ୟନ୍ତ ଜିଲାରେ କୌଣସି ନୂଆ ଆକ୍ରାନ୍ତ ନ ଥିଲେ। ହେଲେ ଗତ ୧୦ ତାରିଖଠାରୁ ହଠାତ୍ ସଂଖ୍ୟା ବଢିଚାଲିଛି। ଶନିବାର ୧୭ ଏବଂ ରବିବାର ୧୬ ଏହି ଦୁଇଦିନରେ ୩୩ ଆକ୍ରାନ୍ତ ଚିହ୍ନଟ ହେବା ସମସ୍ତଙ୍କୁ ଚିନ୍ତାରେ ପକାଇଛି।

**୧୬ ନୂଆ କରୋନା ପଜିଟିଭ ଚିହ୍ନଟ**

## ଶେଷ ପର୍ଯ୍ୟାୟରେ ଚକ କାମ

**ପୁରୀ ଅଫିସ,୨୪।୫:** ଜୁନ୍ ୨୩ରେ ରଥଯାତ୍ରା। ଏହାକୁ ଦୃଷ୍ଟିରେ ରଖି ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନି ରଥର ମୁଖ୍ୟ ମହାରଣା ସେବକଙ୍କ ନେତୃତ୍ୱରେ ଅନ୍ୟ ମହାରଣାମାନେ କାମ ଜାରି ରଖିଛନ୍ତି। ସେମାନଙ୍କୁ ଭୋଇ ସେବକମାନେ ସହଯୋଗ କରୁଛନ୍ତି। ରବିବାର ସୁଦ୍ଧା ତିନି ରଥର ମୋଟ ୪୨ ଚକ ମଧ୍ୟରୁ ୩୯ଟି ପ୍ରସ୍ତୁତ ହୋଇଯାଇଛି। ଆଉ ୩ଟି ଚକର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କରୋନା କଟକଣା ପାଇଁ ୧୨ ଦିନ ବିଳମ୍ବରେ ରଥ କାମ ଆରମ୍ଭ ହୋଇଥିଲେ ମଧ ଚକ କାମ ସରିଥିବାରୁ ମହାରଣା ସେବକମାନେ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରିଛନ୍ତି। ସେହିପରି ପ୍ରତ୍ୟେକ ରଥର ୨ଟି ଲେଖାଏ ୬ଟି ଗରଗରାକୁ ବିନ୍ଧ କରାଯାଇଛି। ରବିବାର ଦଣ୍ଡା ନିର୍ମାଣ କାମ ଆରମ୍ଭ ହୋଇଛି। ତାଳଧ୍ୱଜ ରଥର ୯ଟି ଦଣ୍ଡା, ଦର୍ପଦଳନ ରଥର ୭ଟି ଏବଂ ନନ୍ଦିଘୋଷ ରଥର ୯ଟି ଦଣ୍ଡାକୁ ପ୍ରସ୍ତୁତ କରାଯିବ। ଏହି ଦଣ୍ଡାକୁ ଚାରିପଟୁ ହାଣି ମହାରଣା ସେବକମାନେ ସାଇଜ କରୁଛନ୍ତି। ରଥଖଳାରେ ରୂପକାର ସେବକମାନେ ଖୋଦେଇ କାମ ଜାରି ରଖିଛନ୍ତି। ଗୁଜରେ ସିଂହ ବିରାଳ ଖୋଦେଇ କାର୍ଯ୍ୟ ପ୍ରାୟ ୭୫ ପ୍ରତିଶତ ଶେଷ ହୋଇଛି। ଦୋଳବେଦି ପରିସର ଅସ୍ଥାୟୀ ଶାଳରେ କମାର ସେବକମାନେ ଦଣ୍ଡା କଣ୍ଟା ତିଆରିରେ ଲାଗିଛନ୍ତି।





ଯନ୍ତାଗାଡ଼ରେ ମହାରଣାମାନେ ତୁମ୍ବରେ ଅର ସଂଯୋଗ କରୁଛନ୍ତି।

## ସ୍ନାନ ମଣ୍ଡପ ବୁଲି ଦେଖିଲେ ଜିଲାପାଳ



ଜିଲାପାଳ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ସ୍ନାନମଣ୍ଡପ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ପୁରୀ ଅଫିସ,୨୪।୫**

ଆସନ୍ତା ଜୁନ୍ ୫ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ରତ୍ନସିଂହାସନରୁ ସ୍ନାନମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ୧୦୮ ଗରା ସୁବାସିତ ଜଳରେ କରିବେ ପ୍ରତ୍ୟକ୍ଷ ସ୍ନାନ। ମହାପ୍ରଭୁଙ୍କର ଏହି ଅପୂର୍ବ ସ୍ନାନଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତବର୍ଷ କରୋନାକୁ ଦୃଷ୍ଟିରେ ରଖି ସ୍ନାନଯାତ୍ରାକୁ କିପରି ଶୃଙ୍ଖଳିତ କରାଯାଇପାରିବ ସେ ନେଇ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ରବିବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ବଲୱନ୍ତ ସିଂ ସ୍ନାନମଣ୍ଡପ ବୁଲି ଦେଖିଛନ୍ତି। ମଣ୍ଡପର ସ୍ଥିତି କିପରି ଅଛି ତାହା ପରଖିଛନ୍ତି। ଜିଲାପାଳଙ୍କ ସହ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କ ସମେତ ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା, ମାଧବ ମହାପାତ୍ର, ଅନନ୍ତ ତିଆଡ଼ିଙ୍କ ସମେତ କେତେଜଣ ସେବାୟତ ମଧ ଉପସ୍ଥିତ ଥିଲେ। କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରି ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଥିବାରୁ ସେବାୟତମାନେ କେଉଁଠି, କିପରି ରହି କାର୍ଯ୍ୟ କରିବେ ତାହା ଦେଖିଥିଲେ। ସେହିପରି ମହାପ୍ରଭୁଙ୍କ ସ୍ନାନ ପାଇଁ ପାଣି ଆସିବାକୁ ଥିବା କୂଅ, ଅଧିବାସ ଘର ବୁଲିଥିଲେ। ସ୍ନାନମଣ୍ଡପରେ ସାଜସଜ୍ଜା କାମ କିଭଳି କରାଯିବ ଏବଂ ମନ୍ଦିର ଭିତରେ ଚାଲିଥିବା ଏଏସ୍ଆଇର କାମ ମଧ ଜିଲାପାଳ ଅନୁଧ୍ୟାନ କରିଥିଲେ।

ଧରିତ୍ରୀ DHARITRI
ସୋମବାର, ୨୫ ମେ, ୨୦୨୦



# ଜମି ଅଧିଗ୍ରହଣ ପାଇଁ ଅଟକିଛି ରେଲ୍‌ୱେ ଓଭରବ୍ରିଜ

## ସେପ୍ଟେମ୍ବରରେ ସରିବା କଥା, ହେଲେ ସରିନି ୪୦ ପ୍ରତିଶତ କାମ

**ଜଳେଶ୍ୱର, ୨୪।୫(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ଜଳେଶ୍ୱର-ଦୀଘା ରାଜ୍ୟ ରାଜପଥ ନୂଆବଜାର ଲେଭଲ କ୍ରସିଂଠାରେ ନିର୍ମାଣ ଚାଲିଥିବା ଓଭରବ୍ରିଜ୍ କାମ ଜମି ଅଧିଗ୍ରହଣ ପାଇଁ ଅଟକି ରହିଛି। ଏହାର ମୋଟ ୨୮ଟି ପିଲର ମଧ୍ୟରୁ ୪ଟି ପିଲର ରେଲବାଇ ପକ୍ଷରୁ ନିର୍ମାଣ କରିବାର ଯୋଜନା ରହିଛି। ଏହି ୪ଟି ପିଲର ମଧ୍ୟରୁ ୩ଟି ରେଲବାଇ ସ୍ଥାନରେ ହେଉଥିବା ବେଳେ ୧୪ନଂ. ପିଲର ଲାଗି ଜମି ଅଧିଗ୍ରହଣ ଆବଶ୍ୟକ। କିନ୍ତୁ ପ୍ରଶାସନର ଟାଳଟୁଳ ନୀତି ଯୋଗୁ ତାହା ଅଦ୍ୟାବଧି ହୋଇପାରିନାହିଁ ବୋଲି ରବିବାର ରେଲବାଇ ଖଡଗପୁର ଡିଭିଜନର ନିର୍ବାହୀଯନ୍ତ୍ରୀ ଏସ୍‌ପି ତ୍ରିପାଠୀ ସୂଚନା ଦେଇଛନ୍ତି।



ଓଭରବ୍ରିଜ କାମ ଆରମ୍ଭ ପାଇଁ ରେଲଓ୍ୱେ ପକ୍ଷରୁ ପ୍ରସ୍ତୁତି କରାଯାଉଛି।

ଏହି ଓଭରବ୍ରିଜ୍ ନିର୍ମାଣ ଲାଗି ଦାବି ହୋଇ ଆସୁଥିବା ବେଳେ ୨୦୧୦ ମସିହାରେ ରେଲବାଇ ପକ୍ଷରୁ ସବୁଜସଂକେତ ମିଳିଥିଲା। ପିପିପି ମୋଡରେ ମୋଟ ୬୦କୋଟି ଟଙ୍କା ବ୍ୟୟରେ ଓଭରବ୍ରିଜ୍ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି ଓଭରବ୍ରିଜ୍ ନିର୍ମାଣ ଲାଗି ବିଶେଷ ସରକାରୀ ଜାଗା ଆବଶ୍ୟକ ପଡୁ ନ ଥିଲେ ମଧ୍ୟ ମାତ୍ର ୨ଏକର ଜମି ଅଧିଗ୍ରହଣ ଲାଗି ସରକାର ବିଜ୍ଞାପନ ପ୍ରକାଶ କରିଥିଲେ। ଏହି ପ୍ରକଳ୍ପ ୧୦।୯।୨୦୨୦ରେ ଶେଷ କଥା, ହେଲେ କାର୍ଯ୍ୟର ମାତ୍ର ୪୦ଭାଗ ଶେଷ ହୋଇ ନାହିଁ। ଏବେ ବି ବଡବଜାରରୁ ନୂଆବଜାରକୁ ଯିବା ଲାଗି ଦୀର୍ଘ ସମୟ ପର୍ଯ୍ୟନ୍ତ ଲେଭଲକ୍ରସିଂ ନିକଟରେ ଖରା ବର୍ଷାରେ ଅପେକ୍ଷା କରିବାକୁ ପଡୁଛି। ଜମି ଅଧିଗ୍ରହଣ ହୋଇ ନ ଥିବାରୁ ଏହି କାର୍ଯ୍ୟ କେବେ ଶେଷ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ତ୍ତବିଭାଗ ପକ୍ଷରୁ ଡାଇଭରସନ ରୋଡ ନିର୍ମାଣ ହୋଇ ନ ଥିବାରୁ ସାଧାରଣ ଲୋକ ଓ ଯାନବାହନ ଯିବାଆସିବାରେ ସମସ୍ୟା ଉପୁଜୁଛି। ଅତିଶୀଘ୍ର ଜମି ହସ୍ତାନ୍ତର କରିବା ଲାଗି ରେଳବାଇ ପକ୍ଷରୁ ପୂର୍ତ୍ତ ବିଭାଗ ମୁଖ୍ୟ ସଚିବ ଓ ବାଲେଶ୍ୱର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିବା ତ୍ରିପାଠୀ ସୂଚନା ଦେଇଛନ୍ତି। ଦୀର୍ଘ ୨ମାସ ଲକ୍‌ଡାଉନ ପରେ ରେଳବିଭାଗ ପକ୍ଷରୁ ଓଭରବ୍ରିଜ୍ କାମ ଆରମ୍ଭ ପାଇଁ ପ୍ରସ୍ତୁତି ଚାଲିଥିବା ପୂର୍ତ୍ତବିଭାଗ ପକ୍ଷରୁ କୌଣସି ପ୍ରସ୍ତୁତି ଦେଖିବାକୁ ମିଳିନାହିଁ। ଏ ସମ୍ପର୍କରେ ପିଡବ୍ଲ୍ୟୁଡି ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଲକ୍‌ଡାଉନ ଯୋଗୁ ଆନ୍ଧ୍ରରୁ ଶ୍ରମିକମାନେ ଆସିପାରି ନାହାନ୍ତି। ସେଥିପାଇଁ କାର୍ଯ୍ୟ ବିଳମ୍ୱ ହେଉଛି। ସରକାର ଜମି ଅଧିଗ୍ରହଣ ଲାଗି ଚେଷ୍ଟା ଜାରି ରଖିଛନ୍ତି। ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

## ସଂକ୍ଷେପରେ

### ଇଟା କାନ୍ଥ ପଡ଼ି ଶିଶୁକନ୍ୟା ମୃତ

**ଧର୍ମଶାଳା, ୨୪।୫ (ଡି.ଏନ୍.ଏ.):** ଦୁଇ ମହଲା ଛାତ ଉପରେ ନିର୍ମିତ ୫ ଇଞ୍ଚିଆ କାନ୍ଥ ଖସି ପଡ଼ି ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଉତ୍ତର ଶାସନ ଗ୍ରାମର ସୁରେଶ ନାୟକଙ୍କ ଝିଅ ରାନୀ(୪)ଙ୍କର ରବିବାର ମୃତ୍ୟୁ ଘଟିଛି। ଘଟଣା ମୁତାବକ, ସକାଳୁ ଛାତ ଉପରେ ମାଙ୍କଡ଼ମାନେ ଦୌଡ଼ାଦୌଡ଼ି କରୁଥିଲେ। ଫଳରେ ଛାତ ଉପରେ ନିର୍ମିତ ୫ଇଞ୍ଚିଆ କାନ୍ଥ ଭାଙ୍ଗି ତଳକୁ ଖସିପଡ଼ିଥିଲା। ଏହି ସମୟରେ ରାନୀ ଘର ବାହାରେ ଖେଳୁଥିବାରୁ ସବୁ ଇଟା ତାଙ୍କ ଉପରେ ପଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି।

### ହ୍ୟୁଣ୍ଡାଇ, ମାରୁତି କର୍ମଚାରୀ କରୋନା ଆକ୍ରାନ୍ତ

**ନୂଆଦିଲ୍ଲୀ, ୨୪।୫:** କରୋନା ମହାମାରୀରୁ ଦେଶବାସୀଙ୍କୁ ସୁରକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ସାରା ଦେଶରେ ଲକ୍‌ଡାଉନ-୪ ଲାଗୁ କରାଯାଇଛି। ଏହି ଲକ୍‌ଡାଉନ ଅବଧି ମଧରେ ସରକାର ବହୁ କୋହଳ ନୀତି ଅବଲମ୍ୱନ କରିଛନ୍ତି। ଫଳରେ ଦେଶର ଆର୍ଥିକ ବ୍ୟବସ୍ଥାରେ ସୁଧାର ଆସିବ ସେଥିପାଇଁ ବିଭିନ୍ନ କାର୍ଯ୍ୟ ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଛି। ସରକାରଙ୍କ ଏହି ନିର୍ଦ୍ଦେଶାବଳୀ ଅନୁସାରେ ଦେଶର ୨ପ୍ରମୁଖ କାର ନିର୍ମାଣକାରୀ କମ୍ପାନୀ ହ୍ୟୁଣ୍ଡାଇ ଓ ମାରୁତି ସୁଜୁକି ସେମାନଙ୍କର କାରଖାନା ଗତ ସପ୍ତାହରୁ ଚଳାଇବା ଆରମ୍ଭ କରିଥିଲେ। ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ତା'ର ହରିୟାଣା(ମାନେସର)କାରଖାନାର ଉତ୍ପାଦନ କାର୍ଯ୍ୟ ଆରମ୍ଭ କରିଥିଲା। ସରକାରଙ୍କ ସମସ୍ତ ଗାଇଡ୍‌ଲାଇନ ଅନୁସାରେ କାରଖାନା କାର୍ଯ୍ୟ କରୁଥିଲା, କିନ୍ତୁ ମେ ୨୨ରେ ୨ଜଣ କରୋନାରେ ଆକ୍ରାନ୍ତ ଥିବା କମ୍ପାନୀ ଜାଣିବାକୁ ପାଇଲା। ଉକ୍ତ ୨ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ପ୍ରଦାନ ସହ କାରଖାନାର ଅନ୍ୟ କାହାର କରୋନା ସଂକ୍ରମଣର ଲକ୍ଷଣ ରହିଛି କିମ୍ବା ଉକ୍ତ ୨ ଆକ୍ରାନ୍ତ କାହା କାହା ସହ ମିଳାମିଶା କରିଛନ୍ତ, ସେସବୁ ଉପରେ ଅଧିକ ଗୁରୁତ୍ୱ ଦେବା ସହ ସ୍ଥାନୀୟ ପ୍ରଶାସନକୁ ମଧ ଆବଶ୍ୟକ ସହଯୋଗ କରୁଥିବା ବିଷୟରେ କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ମଧ ତା'ର ତାମିଲନାଡୁ (ଚେନ୍ନାଇ) କାରଖାନା ଚାଲୁ କରିଥିଲା। ହ୍ୟୁଣ୍ଡାଇରେ ମଧ ୩ଜଣ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିବା କମ୍ପାନୀ ମୁଖପାତ୍ର ସୂଚନା ଦେଇଛନ୍ତି। କମ୍ପାନୀ ସମ୍ପୂର୍ଣ୍ଣ ଭାବରେ ସରକାରୀ କଟକଣା ଓ ନିୟମାବଳୀକୁ ଅନୁସରଣ କରି କାରଖାନାର ପ୍ରଡକସନ କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ କିପରି ଏବଂ କେଉଁ କାରଣରୁ କମ୍ପାନୀର ଉକ୍ତ ୩ଜଣ କର୍ମଚାରୀ ଏହି ସଂକ୍ରମଣରେ ଆକ୍ରାନ୍ତ ହେଲେ ସେ ବିଷୟରେ କମ୍ପାନୀ ଗୁରୁତ୍ୱର ସହ ଏହି ଘଟଣାକୁ ନେଇଛି। କାରଖାନାର ଆକ୍ରାନ୍ତ ୩ଜଣ ରୋଗୀଙ୍କୁ କମ୍ପାନୀ ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ ସହ କାରଖାନାର ଅନ୍ୟ କର୍ମଚାରୀଙ୍କ ବିଷୟରେ ଆବଶ୍ୟକ ତଥ୍ୟ ସଂଗ୍ରହ କରାଯାଉଛି।

## କରୋନା ପଜିଟିଭଙ୍କ ହୋମ୍ କ୍ୱାରାଣ୍ଟାଇନ୍‌କୁ ନେଇ ଉତ୍ତେଜନା

**ବଲାଙ୍ଗୀର ଅଫିସ/ଲୋଇସିଂହା, ୨୪।୫ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତର ଜଣେ ଯୁବତୀ କରୋନା ପଜିଟିଭ ବୋଲି ଶନିବାର ରାତିରେ ଜଣାପଡିଥିଲା। ସଂକ୍ରମିତ ଯୁବତୀ ଜଣକ କିଛିଦିନ ପୂର୍ବରୁ ଦିଲ୍ଲୀରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ରବିବାର ଏ ନେଇ ଖବର ପ୍ରଚାରିତ ହେବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଅନ୍ୟ ପ୍ରବାସୀମାନେ ଗାଁକୁ ଫେରିଲେ ସ୍କୁଲ କ୍ୱାରଣ୍ଟାଇନ୍‌ରେ ରହୁଥିବାବେଳେ ଦିଲ୍ଲୀ ଫେରନ୍ତା ଯୁବତୀଙ୍କୁ କିଭଳି ଭାବେ ହୋମ୍ କ୍ୱାରାଣ୍ଟାଇନ୍ ସୁବିଧା ଦିଆଗଲା ବୋଲି କେତେକ ଲୋକ ପ୍ରଶ୍ନ କରିଥିଲେ। ଏଣୁ ସରପଞ୍ଚଙ୍କ ଭୂମିକାକୁ ନେଇ ପ୍ରଶ୍ନ କରିବା ସହ ଗାଁର କେତେକ ଲୋକେ ଗାଳିଗୁଲଜ କରିବା ସହ ତାଙ୍କ ଘରକୁ ଢେଲା ମାଡ କରଥିଲେ। ଖବର ପାଇ ଲୋଇସିଂହା ପୋଲିସ ଭରସୁଜା ଯାଇ ସ୍ଥିତି ଅନୁଧ୍ୟାନ କରିଛି।

## ହାତୀ ଉପଦ୍ରବରେ ଲୋକେ ଆତଙ୍କିତ

**ବନ୍ତ/ଯୋଡ଼ା, ୨୪।୫ (ସ୍ୱ.ପ୍ର./ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଏବଂ କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଚମ୍ପୁଆ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି।

ବନ୍ତ ବ୍ଲକ ରାଉତରାପୁର, ପାଟକନା ଓ ମହାନ୍ତିପଡ଼ା ଗ୍ରାମବାସୀ ଗତ କିଛି ଦିନ ହେଲା ଦନ୍ତା ଉତ୍ପାତରେ ଅତିଷ୍ଠ ହୋଇ ପଡ଼ିଲେଣି। ରାତିରେ ହାତୀ ଭୟ ସାଙ୍ଗକୁ ୩ ଦିନ ଧରି ବିଜୁଳିକାଟ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଲାଣି। ନିକଟସ୍ଥ ହଦଗଡ଼ ହାତୀ ଅଭୟାରଣ୍ୟରୁ ୨ଟି ଦନ୍ତା ଆସି ଗ୍ରାମ ନିକଟସ୍ଥ ସାଳନ୍ଦୀ ନଦୀ ସେପାଖ ଜଙ୍ଗଲରେ ରହୁଛନ୍ତି। ରାତିରେ ଗାଁରେ ପଶି ପନିପରିବା ନଷ୍ଟ କରିବା ସହିତ ଘର ଭାଙ୍ଗୁଥିବା ଅଭିଯୋଗ ହୋଇଛି। ହତୀ ଘଉଡାଇବା ପାଇଁ ଶନିବାର ରାତିରୁ ୨ ସେକ୍ସନ ଫୋର୍ସ ମୁତୟନ ରହିଥିବା ଭଦ୍ରକ ରେଞ୍ଜର ରଞ୍ଜିତ ମହାନ୍ତି ସୂଚନା ଦେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଆଗରପଡ଼ା ଥାନାଧିକାରିଣୀ ସୁକାନ୍ତି କେରେଇଙ୍କ ଆବାହତ୍ୱରେ ଉପରୋକ୍ତ ସମସ୍ୟାର ସମାଧାନ ନେଇ ବୈଠକ ଡକା ଯାଇଥିଲା। ଏହି ବୈଠକରେ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ସହିତ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ। ହାତୀ ସୁରକ୍ଷା ପାଇଁ ସମଗ୍ର ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ ନ କରି ଯେତେବେଳେ ଯେଉଁ ଗ୍ରାମରେ ହାତୀ ରହୁଛନ୍ତି ସେହି ଗ୍ରାମରେ ବିଦ୍ୟୁତ୍ ବିଚ୍ଛିନ୍ନ କରିବାକୁ ଗ୍ରାମବାସୀ କହିଥିଲେ। ଗତ ବର୍ଷ ମଧ ୨ ଟି ଦନ୍ତା ଉକ୍ତ ଗ୍ରାମମାନଙ୍କରେ ବ୍ୟାପକ କ୍ଷତି ଘଟାଇଥିଲେ। ଏହାର ସ୍ଥାୟୀ ପ୍ରତିକାର ପାଇଁ ଲୋକେ ଦାବି କରିଛନ୍ତି।

ସେହିପରି ଯୋଡ଼ା ବ୍ଲକ ବଳଦା ପଞ୍ଚାୟତର ବିଭିନ୍ନ ଗ୍ରାମରେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲ ଗୋବର୍ଦ୍ଧନ ଦେହୁରୀଙ୍କ ଘର ଭାଙ୍ଗିବା ସହ ଘରେ ଥିବା ପ୍ରାୟ ୨ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିବାଦ ପରେ ସିଡିପିଓଙ୍କ ବଦଳି

**ଦିଗପହଣ୍ଡି, ୨୪।୫(ଡି.ଏନ୍.ଏ.:** ଗଞ୍ଜାମ ଜିଲା ଦିଗପହଣ୍ଡି ସିଡିପିଓ ଯଶୋବନ୍ତି ସାହୁଙ୍କୁ ଅଚାନକ ବଦଳି କରାଯାଇଛି। ରବିବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ସିଡିପିଓଙ୍କୁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରୋଗ୍ରାମ ଅଫିସର ଭାବେ ଅବସ୍ଥାପିତ କରାଯାଇଛି। ଦିଗପହଣ୍ଡି ବିଡ଼ିଓ ହଳଧର ଶବରଙ୍କୁ ଅସ୍ଥାୟୀ ଭାବେ ସିଡିପିଓ ଦାୟିତ୍ୱ ଦିଆଯାଇଛି। ଦିଗପହଣ୍ଡି ବ୍ଲକର ପଞ୍ଜୀକୃତ ଗର୍ଭବତୀ ଓ ପ୍ରସୂତିଙ୍କୁ ମାସିକ ୧୨ଟି ଅଣ୍ଡା ବଦଳରେ ୫ଟି ଅଣ୍ଡା ମିଳୁଥିବାବେଳେ ପ୍ରାକ ବିଦ୍ୟାଳୟରେ ପଞ୍ଜିକୃତ ଶିଶୁଙ୍କୁ ମାସିକ ୨୦ଟି ଅଣ୍ଡା ବଦଳରେ ୬ଟି ମିଳୁଥିବା ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସିଡିପିଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ବଦଳି କରିଥିବା ଜଣାପଡିଛି। ସିଡିପିଓ ସାହୁଙ୍କୁ ପଚାରିବାରୁ ଅଣ୍ଡା ବଣ୍ଟନରେ କୌଣସି ଅନିୟମିତତା ହୋଇ ନ ଥିବା କହିଛନ୍ତି।

## ପୋଲିସ ଭ୍ୟାନ୍‌ରେ ପ୍ରସବ କଲେ ପ୍ରବାସୀ

**ଝାରସୁଗୁଡା ଅଫିସ, ୨୪।୫**

ଝାରସୁଗୁଡା ଜିଲା ପୋଲିସର ଏକ ପିସିଆର ଭ୍ୟାନରେ ରବିବାର ଜଣେ ପ୍ରବାସୀ ମହିଳା ଶ୍ରମିକ ପ୍ରସବ କରିଛନ୍ତି। ତେବେ ମହିଳାଙ୍କୁ ପ୍ରସବ କରାଇ ଚର୍ଚ୍ଚାକୁ ଆସିଛନ୍ତି ଝାରସୁଗୁଡା ଥାନା ଦାୟିତ୍ୱରେ ଥିବା ମହିଳା ଇନ୍ସପେକ୍ଟର ସାବିତ୍ରୀ ବଳ। ମହିଳା ଜଣକ ଜଣେ ଶିଶୁ କନ୍ୟାକୁ ଜନ୍ମ ଦେଇଥିବା ବେଳେ ଉଭୟ ମା' ଓ ଶିଶୁ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ବିହାର କାଇମୁର ଜିଲା ଦୁର୍ଗାବତି ଥାନା କୃପାଳପୁର ଅଞ୍ଚଳର ରାକେଶ କୁମାର ସ୍ତ୍ରୀ ପାୟଲ ଓ ୩ବର୍ଷର ଶିଶୁକନ୍ୟା ସହିତ ଶ୍ରମିକ ସ୍ପେଶାଲ ଟ୍ରେନରେ ରବିବାର ଘରକୁ ଫେରୁଥିଲେ। ସିକନ୍ଦରାବାଦ-ବିହାର(ଟ୍ରେନ ନଂ.୦୭୦୮୫)ର ଏକ ସାଧାରଣ ବଗିରେ ସେମାନେ ବସିଥିଲେ। ଦିନ ପ୍ରାୟ ୨ଟା ବେଳକୁ ପାୟଲଙ୍କ ପ୍ରସବ ବେଦନା ହେବାରୁ ରାକେଶ ରେଳ କର୍ମଚାରୀଙ୍କୁ ଜଣାଇଥିଲେ। ରେଳ କର୍ମଚାରୀ ଏ ନେଇ ଝାରସୁଗୁଡା ରେଳ ଷ୍ଟେଶନ କର୍ତ୍ତପକ୍ଷଙ୍କୁ ସୂଚନା ଦେଇଥିଲେ। ଷ୍ଟେଶନ କର୍ତ୍ତୃପକ୍ଷ ଝାରସୁଗୁଡା ଥାନା ପୋଲିସ ଓ ଆମ୍ବୁଲାନ୍ସକୁ ଜଣାଇଥିଲେ। ଟ୍ରେନ ଅପରାହ୍ନ ୨ଟା୨୦ରେ ଝାରସୁଗୁଡା ଷ୍ଟେଶନରେ ଲାଗିଥିଲା। ଥାନା ଅଧିକାରୀ ବଳ ପିସିଆର ଭ୍ୟାନ ସହ ଷ୍ଟେଶନରେ ପହଞ୍ଚିଥିବା ବେଳେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ପାୟଲଙ୍କ ପ୍ରସବ ବେଦନା ଅଧିକ ହେବାରୁ ଥାନା ଅଧିକାରୀ ବଳ ପିସିଆର ଭ୍ୟାନରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିଲେ। ହେଲେ ଷ୍ଟେଶନର ଅନତି ଦୂରରେ ମହିଳାଙ୍କ ପ୍ରସବ ବେଦନା ବଢ଼ି ଯାଇଥିଲା। ସେହି ଗାଡିରେ ପାୟଲଙ୍କୁ ପ୍ରସବ କରିବାରେ ଥାନା ଅଧିକାରୀ ବଳ ସାହାଯ୍ୟ କରିଥିଲେ। ଶେଷରେ ପାୟଲ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ।



ମା' ଓ ଶିଶୁଙ୍କ ସହିତ ଡାକ୍ତରଖାନାରେ ଥାନା ଅଧିକାରୀ ସାବିତ୍ରୀ ବଳ।

ତେବେ ଘଟଣାସ୍ଥଳରୁ ହସ୍ପିଟାଲ ପ୍ରାୟ ୭ କି.ମି ଦୂର ହୋଇଥିବାରୁ ଉଭୟ ମା' ଓ ଶିଶୁଙ୍କୁ ସୁରକ୍ଷିତ ଭାବେ ଡାକ୍ତରଖାନାରେ ପହଞ୍ଚାଇବା ତାଙ୍କ ଲାଗି ଚ୍ୟାଲେଞ୍ଜ ଥିଲା ବୋଲି ବଳ କହିଛନ୍ତି। ହସ୍ପିଟାଲ ପହଞ୍ଚିବା ପରେ ତୁରନ୍ତ ମା' ଓ ଶିଶୁର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯାଇଥିଲା। ସେମାନେ ଏବେ ସୁସ୍ଥ ଅଛନ୍ତି। ଅନ୍ୟପକ୍ଷେ ଥାନା ଅଧିକାରୀଙ୍କ ନାଁ ହିସାବରେ ଝିଅର ନାଁ ସାବିତ୍ରୀ ଦେବାକୁ ରାଜେଶ ଓ ପାୟଲ ନିଷ୍ପତ୍ତି ନେଇଛନ୍ତି।

## ଶାଳଗଛ କଟାକୁ ଗ୍ରାମବାସୀଙ୍କ ବିରୋଧ

**ସୋର, ୨୪।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ଦେବଗିରି ପାଦଦେଶ ବନ୍ଧସାହି ସଂରକ୍ଷିତ ଜଙ୍ଗଲରେ ଅମ୍ଫନ ପ୍ରଭାବରେ ଶାଳଗଛର କେତେକ ଡାଳ ଭାଙ୍ଗିପଡିଥିଲା। ଜଙ୍ଗଲ ବିଭାଗ ଓ ବନ ସୁରକ୍ଷା ସମିତି ମିଳିତ ଭାବେ ଡାଳ କାଟିବା ପରିବର୍ତ୍ତେ ମୂଲ୍ୟବାନ ଶାଳକାଠ କାଟିନେଉଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରି କାଠଗୁଡ଼ିକ ଅଟକ ରଖିଛନ୍ତି।

ବାତ୍ୟାରେ ଏହି ଜଙ୍ଗଲରେ କେତେକ ଶାଳ ଗଛର ଡାଳ ଭାଙ୍ଗିଯାଇଥିଲା। ଗଛ ସୁରକ୍ଷିତ ଥିବା ବେଳେ ଜଙ୍ଗଲ ବିଭାଗ କର୍ମଚାରୀ ଏହାର ସୁଯୋଗ ନେଇ ଜଙ୍ଗଲ ସୁରକ୍ଷା କମିଟି ସହଯୋଗରେ ଜୀବନ୍ତ ଗଛଗୁଡ଼ିକ କାଟି ଗଦା କରିଥିଲେ। ଏହାପରେ ଭଲଗଛସବୁ କାଟିବା ସହିତ ଟ୍ରକରେ ବୋହି ନେବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏହି ସମୟରେ



ଶାଳ କାଠକୁ ଜଗି ରହିଥିବା ଗ୍ରାମବାସୀ।

ବନ କର୍ମଚାରୀମାନେ ପହଞ୍ଚି କାଠକୁ ନେଇଯିବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀଙ୍କ ସହ ଯୁକ୍ତିତର୍କ ହୋଇଥିଲା। ତଥାପି ଗ୍ରାମବାସୀ କାଠ ନ ଛାଡ଼ିବାକୁ ଜିଦ୍ ଧରିବାରୁ କର୍ମଚାରୀମାନେ ବାଧ ହୋଇ ଫେରି ଆସିଥିବା ଜଣାଯାଇଛି। ଗ୍ରାମର ଓ୍ୱାର୍ଡ଼ମେମ୍ବର ମାନ ସିଂଙ୍କ ନେତୃତ୍ୱରେ ସପନା ସିଂ, ବୁଦ୍ଧୁ ସିଂ, ଗିରିଧାରୀ ନାୟକ, ଭାଲୁ ନାୟକ, ଶନ ପାତ୍ର, ଶୁକୁର ସିଂ, ଅନୁ ପାତ୍ର ପ୍ରମୁଖ କାଠକୁ ଜଗି ରହିବା ସହିତ ରେଞ୍ଜରଙ୍କୁ ଏ ସମ୍ପର୍କରେ ଅବଗତ କରିଛନ୍ତି।

## ସ୍ନାନଯାତ୍ରାରେ ସାମିଲ ହେବେ ୧୫୦ ସେବକ

**ପୁରୀ ଅଫିସ, ୨୪।୫**

- ଦଇତାପତି ନିଯୋଗ ବୈଠକରେ ନିଷ୍ପତ୍ତି
- ୧୫ ଦିନିଆ ଅଣସର ନେଇ ଆଲୋଚନା

ଜୁନ୍ ୫ରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପରେ ମହାପ୍ରଭୁ ପ୍ରତ୍ୟକ୍ଷ ସ୍ନାନ କରିବେ। ଏଥିପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି ପର୍ବ। ମହାମାରୀ କରୋନାର ବିଭୀଷିକା ମଧ୍ୟରେ କିପରି ଦାରୁବିଗ୍ରହଙ୍କ ଏହି ସ୍ୱତନ୍ତ୍ର ପର୍ବ ସମ୍ପନ୍ନ ହେବ ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଇଛି। କିପରି ସର୍ବନିମ୍ନ ସେବକଙ୍କ ଦ୍ୱାରା ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ ହେବ ସେ ନେଇ ସ୍ନାନଯାତ୍ରା ସହ ସମ୍ପୃକ୍ତ ସେବାୟତଙ୍କ ତାଲିକା ମାଗିଛି ପ୍ରଶାସନ। ୨୫ ତାରିଖ ସୁଦ୍ଧା ତାଲିକା ଦେବାକୁ ୧୦ ସେବାୟତ ନିଯୋଗକୁ କୁହାଯାଇଛି। କେତେକ ନିଯୋଗ ସେମାନଙ୍କ ତାଲିକା ପ୍ରଦାନ କରିସାରିଛନ୍ତି। ରବିବାର ଶ୍ରୀମନ୍ଦିର ପରିସରରେ ଦଇତାପତି ନିଯୋଗ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଶାସନକୁ ପ୍ରଦତ୍ତ ତାଲିକା ସହ ବିଭିନ୍ନ ପ୍ରସଙ୍ଗରେ ଏଥିରେ ଆଲୋଚନା କରାଯାଇଛି। ସ୍ନାନଯାତ୍ରା ପହଣ୍ଡିରେ ୧୫୦ ଦଇତାପତି ସେବକ ସାମିଲ ହେବେ। ମହାପ୍ରଭୁଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ମନ୍ଦିର ପ୍ରଶାସନକୁ ସହଯୋଗ କରିବେ ବୋଲି ସମସ୍ତେ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି।

ସ୍ନାନଯାତ୍ରାରେ ଚତୁର୍ଦ୍ଧାବିଗ୍ରହଙ୍କୁ ପହଣ୍ଡି କରି ସ୍ନାନମଣ୍ଡପକୁ ଆଣିବେ ଦଇତାପତି ସେବକ। ତେବେ ଶ୍ରୀଜଗନ୍ନାଥଙ୍କୁ ୫୦ଜଣ, ଶ୍ରୀବଳଭଦ୍ରଙ୍କୁ ୫୦, ଦେବୀ ସୁଭଦ୍ରାଙ୍କୁ ୩୦ ଏବଂ ଶ୍ରୀସୁଦର୍ଶନଙ୍କୁ ୨୦ ଏହିପରି ମୋଟ ୧୫୦ ସେବକ ପହଣ୍ଡି କରି ଆଣିବେ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ସମୟ ଅଭାବରୁ ପ୍ରତିବର୍ଷ ୧୪ଦିନ ଅଣସର ହେଉଛି। କିନ୍ତୁ ଏଥର ୧୫ ଦିନ ଅଣସର ନୀତି କରାଯିବା ନେଇ ଆଲୋଚନା କରାଯାଇଥିଲା। ଯେହେତୁ ଏଥର ଭକ୍ତଙ୍କ ଦର୍ଶନ ଉପରେ କଟକଣା ରହିବ ତେଣୁ ସ୍ନାନମଣ୍ଡପରେ ନୀତିକାନ୍ତି ସଅଳ ସାରି ଠାକୁରଙ୍କ ଅଣସର ପିଣ୍ଡିକୁ ବିଜେ କରାଯାଇ ସ୍ନାନପୂର୍ଣ୍ଣିମାରେ ହିଁ ଅଣସର ନୀତି କରାଯିବ। ଫଳରେ ୧୫ଦିନ ଅଣସର କରାଯାଇପାରିବ ବୋଲି ଆଲୋଚନା ହୋଇଛି। ଏଥିପାଇଁ ନୀତି ନିର୍ଘଣ୍ଟ କରାଯିବ ବୋଲି ସହମତି ପ୍ରକାଶ ପାଇଛି। କରୋନାକୁ ନେଇ ମଧ ବୈଠକରେ ତର୍ଜମା କରାଯାଇଛି। ସରକାରଙ୍କ କୋଭିଡ୍ କଟକଣାକୁ ପାଳନ କରି କିପରି ଠାକୁରଙ୍କ ସେବା କରିହେବ ତାହା ଉପରେ ଧ୍ୟାନ ଦେବାକୁ ପଡ଼ିବ। ଦଇତାପତିମାନେ କ୍ୱାରାଣ୍ଟାଇନରେ ରହିବା ଓ କୋଭିଡ୍ ଟେଷ୍ଟ କରାଇବା ସଂକ୍ରାନ୍ତରେ ମଧ ଆଲୋଚନା ହୋଇଛି। ସରକାରଙ୍କ ଗାଇଡ଼ଲାଇନ ଅନୁସାରେ କାମ କରାଯିବ ବୋଲି ସହମତି ପ୍ରକାଶ ପାଇଛି।

## ୨ ସ୍ୱାସ୍ଥ୍ୟକର୍ମୀ କରୋନା ପଜିଟିଭ୍, ଜଗନ୍ନାଥପ୍ରସାଦ ଶଟ୍‌ଡାଉନ୍

**ଜଗନ୍ନାଥପ୍ରସାଦ, ୨୪।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଅଞ୍ଚଳରେ କାର୍ଯ୍ୟରତ ୨ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ସ୍ୱାବ୍ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ଶନିବାର ରାତିରେ ରିପୋର୍ଟ ପଜିଟିଭ ଆସିବା ପରେ ସେମାନଙ୍କୁ ସଙ୍ଗେ ସଙ୍ଗେ ବ୍ରହ୍ମପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଥିସହ ଜଗନ୍ନାଥପ୍ରସାଦ ପଞ୍ଚାୟତ ଇନ୍ଦ୍ରଗଡ ସାହିକୁ ରବିବାର ସକାଳୁ ଶଟ୍‌ଡାଉନ୍ କରାଯାଇଛି।

ସ୍ୱାସ୍ଥ୍ୟକର୍ମୀ ଦ୍ୱୟ କିପରି ସଂକ୍ରମିତ ହେଲେ ଜଣାପଡି ନ ଥିଲେ ମଧ ବିଭିନ୍ନ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରେଜିଷ୍ଟ୍ରେଶନ୍ କରୁଥିବା ସୂଚନା ମିଳିଛି। ସେମାନଙ୍କ ପରିବାର ସଦସ୍ୟଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖି ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଛି। ଅନ୍ୟପକ୍ଷରେ ସେମାନେ କାର୍ଯ୍ୟକରୁଥିବା ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନଙ୍କର ମଧ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଜଗନ୍ନାଥପ୍ରସାଦ ବିଡିଓ ସୁରେଶ ଚନ୍ଦ୍ର



ଇନ୍ଦ୍ରଗଡସାହିକୁ ଶଟ୍‌ଡାଉନ୍ କରାଯାଇଛି।

ପଣ୍ଡା ଓ ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ସୋମବାର ସକାଳ ୯ଟାରୁ ମଙ୍ଗଳବାର ସକାଳ ୯ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଜଗନ୍ନାଥପ୍ରସାଦ ପଞ୍ଚାୟତକୁ ଶଟ୍‌ଡାଉନ୍ କରାଯିବ ବୋଲି ସରପଞ୍ଚ ଦେବୀପ୍ରସାଦ ମହାପାତ୍ର କହିଛନ୍ତି। ଏହି ସମୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ ସହ ସ୍ୱାସ୍ଥ୍ୟ ଟିମ୍ ଘର ଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚ କରିବେ। ଆବଶ୍ୟକ ପଡିଲେ ଶଟ୍‌ଡାଉନ୍ ଅବଧି ବୃଦ୍ଧି କରାଯିବ ବୋଲି ସରପଞ୍ଚ ମହାପାତ୍ର ସୂଚନା ଦେଇଛନ୍ତି।

## ବସିଛନ୍ତି ଶ୍ରମିକ, ପୋଖରୀ ଖୋଳୁଛି ମେଶିନ

**ନୟାଗଡ଼ ଅଫିସ, ୨୪।୫**

- ପ୍ରଶାସନର ଦୃଷ୍ଟି ପଡୁନି
- ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ
- ଘଟଣାର ତଦନ୍ତ ଦାବି

କରୋନା ଯୋଗୁ କାମ ନ ପାଇ ଶ୍ରମିକ ହାତ ବାନ୍ଧି ବସିଛନ୍ତି। ହେଲେ ନୟାଗଡ଼ ଜିଲାର ଗାଁଗଣ୍ଡାରେ ମେଶିନ ସାହାଯ୍ୟରେ ପୋଖରୀ ଖୋଳାଯାଉଛି। ଏ ଦିଗରେ ପ୍ରଶାସନର ଦୃଷ୍ଟି ପଡୁନାହିଁ। ଫଳରେ ଏଥିରେ ଲଗାମ ଲଗାଯାଇ ପାରୁନାହିଁ ବୋଲି ଅଭିଯୋଗ ହୋଇଛି। ତେବେ ଅଭିଯୋଗ ପରେ ବି ପଦକ୍ଷେପ ହେଉ ନ ଥିବାରୁ ଶ୍ରମିକ ନୀରବତା ଅବଲମ୍ବନ କରିବାକୁ ବାଧ ହେଉଛନ୍ତି।

ଖଣ୍ଡପଡ଼ା ବ୍ଲକ ଖଳିସାହି କଣ୍ଟିଲୋ ରାସ୍ତାରେ ଏମଜି୍ଏନ୍‌ଆର୍‌ଇଜିଏସ୍‌ରେ ଜେସିବି ଦ୍ୱାରା ପୋଖରୀ ଖନନ ଚାଲିଛି। ସ୍ଥାନୀୟ ଶ୍ରମିକମାନେ ଏହାର ପ୍ରତିବାଦ କଲେ ସେମାନଙ୍କୁ ଧମକଚମକ ଦିଆଯାଇ କାମ କରାଯାଉଥିବା ନେଇ କେତେଜଣ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଓଡ଼ଗାଁ ବ୍ଲକର ରୋହିବାଙ୍କ, କୁରାଳ,



ଜେସିବି ସାହାଯ୍ୟରେ ପୋଖରୀ ଖୋଳାଯାଉଛି।

କୋରପିଠା, ନନ୍ଦିଘୋର ଓସ୍ତିଆ, ପନ୍ତିଖାରୀର ମଶାବାରୀ ଓ ନୟାଗଡ ବ୍ଲକର କାଳିକାପ୍ରସାଦ ପଞ୍ଚାୟତ ଅଞ୍ଚଳରେ ପୋଖରୀକୁ ଜେସିବିରେ ଖୋଳି ଟ୍ରାକ୍ଟର ଯୋଗେ ମାଟି ବୁହାହେଉଛି ବୋଲି ଅଭିଯୋଗ ହୋଇଛି। ଏନେଇ ଖଣ୍ଡପଡା, ନୟାଗଡ ଏବଂ ଓଡଗାଁ ଅଞ୍ଚଳର କେତେଜଣ ଜବ୍‌କାର୍ଡଧାରୀ କହିଛନ୍ତି, ଆମକୁ ଜବକାର୍ଡ ମିଳିଛି ହେଲେ କାମ ମିଳୁନି। ଅଭିଯୋଗ କଲେ ସୁଫଳ ବି ମିଳୁନି। କିନ୍ତୁ ମେଶିନ ଦ୍ୱାରା କାମ ଚାଲିଛି। କାମ ସରିବା ପରେ କାଗଜକଲମରେ ଶ୍ରମ ଦିବସ ସୃଷ୍ଟି କରାଯାଇ ସରକାରୀ ଅନୁଦାନକୁ ହଡପ କରାଯାଉଛି। ନିଜର ବିଶ୍ୱସ୍ତ ଜବକାର୍ଡଧାରୀଙ୍କ ନାଁ ସାମିଲ କରି ସେମାନଙ୍କୁ କିଛି ଟଙ୍କା ଦେଇ ସନ୍ତୁଷ୍ଟ କରି ଦିଆଯାଉଛି। ପୁଣି ଏଥିରେ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ସହଯୋଗ ରହୁଛି। ଏନେଇ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ କୁହନ୍ତି, ଖଣ୍ଡପଡା ଖଳିସାହିରେ ପୋଖରୀ କାର୍ଯ୍ୟ ଜେସିବି କରୁଥିବା ନେଇ ଅଭିଯୋଗ ପାଇବା ପରେ ବିଡିଓଙ୍କୁ ତଦନ୍ତ କରିବାକୁ କହିଛି। ଅନ୍ୟପକ୍ଷେ ମେଶିନ କାମ କରିବା ନେଇ ଯେତେବେଳେ ଅଭିଯୋଗ ଆସିଛି ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇ ତଦନ୍ତ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ମ୍ୟାଗିର ନୂଆ ଉଚ୍ଚାରଣ

ନୂଆଦିଲ୍ଲୀ: ମ୍ୟାଗି ନୁଡୁଲ୍ସକୁ ନେଇ ଏବେ ପୁଣି ଥରେ ଚର୍ଚ୍ଚା । ତେବେ ଏଥର ଚର୍ଚ୍ଚା ଏହାର ଉଚ୍ଚାରଣକୁ ନେଇ । ଏହାକୁ ନେଇ ଏବେ ଲୋକେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି । କାହିଁକି ନା ବହୁଦିନ ଧରି ସମସ୍ତେ ମ୍ୟାଗି ନୁଡୁଲ୍ସ କହି ଆସୁଥିଲେ ଏବଂ ଏହା ଲୋକଙ୍କ ପାଖରେ ବେଶ୍ ଗ୍ରହଣୀୟ ହୋଇ ରହିପାରିଛି । କିନ୍ତୁ ଏବେ ଅଷ୍ଟ୍ରେଲିଆର ଏକ ମାଷ୍ଟର ସେଫ୍ ଏପିସୋଡ୍‌ରେ ଏକ ବିଜ୍ଞାପନରେ ମ୍ୟାଗିକୁ ସ୍ପଷ୍ଟଭାବେ ମ୍ୟାଜି ଉଚ୍ଚାରଣ କରାଯାଉଛି । ୧୦ ସେକେଣ୍ଡର ଏହି କମର୍ସିଆଲ୍ ବିଜ୍ଞାପନରେ ମ୍ୟାଜି ଉଚ୍ଚାରଣ ଏବେ ଲୋକଙ୍କ ମଧ୍ୟରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି ।




# ଫ୍ରାନ୍ସରେ ଅନୁଶାସନ, ବ୍ରିଟେନ୍‌ରେ ମନମାନି

**ପ୍ୟାରିସ/ଲଣ୍ଡନ:** ୟୁରୋପ ଦୁଇ ବୃହତ୍ତମ ଦେଶ । ବୃହତ୍ ଅର୍ଥବ୍ୟବସ୍ଥାର ଅଧିକାରୀ । ହେଲେ କରୋନାର ଭାଇରସ୍‌ର ଗମ୍ଭୀରତାକୁ ବିଚାରକୁ ନେଲେ ଉଭୟ ଦେଶର ଆଚାର, ବିଚାର ଭିନ୍ନ । କରୋନା ସଙ୍କଟ ସମୟରେ ସତର୍କତା, ସଚେତନତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିଲେ ମଧ୍ୟ ଫ୍ରାନ୍ସ ଏବଂ ବ୍ରିଟେନ୍‌ରେ କୋଭିଡ୍-୧୯କୁ ନେଇ ଦେଖିବାକୁ ମିଳିଛି ପରସ୍ପର ବିରୋଧୀ ମନୋଭାବ ।

ଫ୍ରାନ୍ସରେ ଲକ୍‌ଡାଉନ୍ କୋହଳ କରାଯିବା ପରେ ଶୁକ୍ରବାରଠାରୁ ସମୁଦ୍ର ଉପକୂଳରେ ଆରମ୍ଭ ହୋଇଛି ଗହଳଚହଳ । 'ଲା ଗ୍ରାଣ୍ଡ ମୋଟେ'ରୁ ଏହାର ଶୁଭାରମ୍ଭ କରାଯାଇଛି । ସୂର୍ଯ୍ୟସ୍ନାନ କରିବାକୁ ୬୬ଟି ସ୍ପଟ୍ ଆରମ୍ଭ କରାଯାଇଥିବାବେଳେ ମାତ୍ର କେଇ ଘଣ୍ଟା ମଧ୍ୟରେ ସବୁତକ ସ୍ପଟ୍ ରିଜର୍ଭ ହୋଇଯାଇଥିଲା । ତେବେ ପ୍ରଶାସନ ପକ୍ଷରୁ ସାମାଜିକ ଦୂରତ୍ୱ ନିୟମକୁ କଡ଼ାକଡ଼ି ପାଳନ କରାଯାଇଥିଲା । ପ୍ରତି ସ୍ପଟ୍ ଚତୁଃପାର୍ଶ୍ୱରେ ଘେରାବନ୍ଦୀ କରାଯାଇଥିଲା । ଜଣେ ଅନ୍ୟଜଣଙ୍କ ସ୍ପଟ୍ ଅତିକ୍ରମ କରିବାକୁ ଅନୁମତି ନ ଥିଲା । ଦୈନିକ ସକାଳେ ଏବଂ ସନ୍ଧ୍ୟାରେ ୩ଘଣ୍ଟା ଲାଗି ବିଚ୍ ଖୋଲିବ । ତେବେ ଏହି ସମୟରେ ଆବଶ୍ୟକ ନୀତିନିୟମ ପାଳନ କରିବାକୁ ସମସ୍ତଙ୍କ ଲାଗି ବାଧ୍ୟତାମୂଳକ କରାଯାଇଛି । ସୂଚନାଯୋଗ୍ୟ, ଫ୍ରାନ୍ସରେ ପାଖାପାଖି ୧.୯୦ ଲକ୍ଷ ଲୋକ କରୋନା ସଂକ୍ରମଣର ଶିକାର ହୋଇଛନ୍ତି । ୨୮ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ୬୩ ହଜାର ଲୋକ ସୁସ୍ଥ ହୋଇସାରିଲେଣି ।

ଏବେ ଆସିବା ୟୁରୋପ୍‌ର ଅନ୍ୟତମ ସମୃଦ୍ଧିଶାଳୀ ଦେଶ ବ୍ରିଟେନ ପାଖକୁ । ଏଠାରେ ସଂକ୍ରମଣ ଯଦିଓ ଆଗଭଳି ଦ୍ରୁତ ନାହିଁ, ତଥାପି ଦିନକୁ ୨୫୦୦ରୁ ଊର୍ଦ୍ଧ୍ୱ ମାମଲା ଆସୁଛି । ନିକଟରେ ଦେଶର ଆର୍ଥିକସ୍ଥିତିକୁ ଟ୍ରାକ୍‌କୁ ଆଣିବାକୁ ଲୋକଙ୍କୁ କାର୍ଯ୍ୟକ୍ଷେତ୍ରକୁ ଯିବାକୁ ଅନୁମତି ଦେଇଛନ୍ତି ସରକାର । ଏହାକୁ ବାଦ୍‌ଦେଲେ ବ୍ୟାୟାମ, ପ୍ରାତଃ ଏବଂ ସାନ୍ଧ୍ୟ ଭ୍ରମଣ ଲାଗି ସବୁଜ ସଙ୍କେତ ମିଳିଛି । ହେଲେ ଏଠାକାର ସମୁଦ୍ର ତଟର ଅସମ୍ଭାଳ ଭିଡ଼କୁ ଦେଖିଲେ ଏମିତି ଲାଗୁଛି, ଯେମିତି ବ୍ରିଟେନ୍ ଏବେ କରୋନାମୁକ୍ତ । ମାଉଥ୍, ଡୋରସେଟ୍, ବ୍ରିଷ୍ଟନ ସମୁଦ୍ର କୂଳ ହେଉ ଅବା ଏଡିନବର୍ଗ ଏବଂ ଲଣ୍ଡନର ପାର୍କ ସବୁଠି ହାଉଯାଉ ଗହଳି । ପୋଲିସ ବୁଝାଇବା ସତ୍ତ୍ୱେ ଲୋକେ କିଛି ମାନୁନାହାନ୍ତି । ଗତ ସପ୍ତାହକ ମଧ୍ୟରେ ବ୍ରିଟେନରେ ୧୮ ହଜାର ନୂଆ ସଂକ୍ରମଣ ମାମଲା ସାମ୍ନାକୁ ଆସିଛି । ୩୬ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇସାରିଲେଣି । ତଥାପି ଏଠାରେ ନିୟମକୁ ବାଏଁ ବାଏଁ ଉଡ଼ାଇଦେବା ସଂକ୍ରମଣକୁ ନିମନ୍ତ୍ରଣ ବୋଲି ବିଶେଷଜ୍ଞମାନେ କହିଛନ୍ତି ।

## ହର୍ନ ବଜାଇ ଲକ୍‌ଡାଉନ୍‌କୁ ବିରୋଧ

ଲକ୍‌ଡାଉନ୍‌କୁ ବିରୋଧକରି ସ୍ପେନ୍‌ରେ ଉଠିଛି ପ୍ରତିବାଦର ସ୍ୱର । ହଜାର ହଜାର ସଂଖ୍ୟାରେ ନାଗରିକ ରାସ୍ତାକୁ ଚାଲିଆସିବା ପରେ ପରିସ୍ଥିତି ଏବେ ଅସମ୍ଭାଳ ହୋଇଯାଇଛି । ପ୍ରତିବାଦକାରୀମାନେ ସଡ଼କ ସଡ଼କ ଜାମ୍ କରି ଗାଡ଼ିର ହର୍ନ ବଜାଇ ଲକ୍‌ଡାଉନକୁ ବିରୋଧ କରିଥିଲେ । ସେମାନଙ୍କୁ ରାସ୍ତାରୁ ହଟାଇବାକୁ ଯାଇ ପ୍ରଶାସନ ବି ଚିନ୍ତାରେ ପଡ଼ିଯାଇଥିଲା । ସ୍ପେନ୍ ସରକାର ଦେଶର ସାଧାରଣ ନାଗରିକଙ୍କୁ ଭୁଆଁ ବୁଲାଉଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ଅଣାଯାଇଛି । ଲକ୍‌ଡାଉନ୍ କାରଣରୁ ଦେଶର ଅର୍ଥବ୍ୟବସ୍ଥା ଭୁଶୁଡ଼ିଗଲାଣି । ଏହାର ପ୍ରତିବାଦରେ ବାର୍ସିଲୋନା, ମାଡ୍ରିଡ୍, ସେଭିଲା ଆଦି ସ୍ଥାନରୁ ହଜାର ହଜାର ଜନତା ଜାତୀୟ ପତାକା ଧରି କାର୍, ବାଇକ୍ ଧରି ରାସ୍ତାକୁ ଓହ୍ଲାଇଆସିଥିଲେ । ସେମାନେ ଗାଡ଼ିର ହର୍ନ ବଜାଇ ଲକ୍‌ଡାଉନର ତୀବ୍ର ବିରୋଧ କରିଥିଲେ । ବିରୋଧୀ ଦଳର ନେତା ସାଣ୍ଟିଏଗୋ ଅବସ୍କଲ୍ ମଧ୍ୟ ପ୍ରତିବାଦକାରୀଙ୍କ ସହ ବିକ୍ଷୋଭରେ ସାମିଲ ହୋଇଥିଲେ ।

# ଘରେ ଲାଗୁନି ପ୍ରିୟଙ୍କାଙ୍କ ମନ


ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ:** କରୋନା ଭାଇରସ୍ ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବାରୁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବଲିଉଡ୍ ସେଲିବ୍ରିଟିମାନେ ମଧ୍ୟ ଲକ୍‌ଡାଉନ୍ ଯୋଗୁ ଘରେ ଅଛନ୍ତି । ଏଥିରୁ ବାଦ୍ ପଡ଼ିନାହାନ୍ତି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା । କିନ୍ତୁ ଘରେ ରହି ରହି ପ୍ରିୟଙ୍କା ବୋର୍ ହୋଇଗଲେଣି । ଘରେ ଆଉ ମନ ଲାଗୁନି । ତେଣୁ ଅଧିକ ସମୟ ସୋସିଆଲ ମିଡିଆରେ କଟାଉଛନ୍ତି । ପ୍ରଶଂସକଙ୍କ ସହ ଜଡ଼ିତ ରହିବାକୁ ପ୍ରତିଦିନ କିଛି ନା କିଛି ଫଟୋ ଶେୟାର କରୁଛନ୍ତି । ଏବେ ପ୍ରିୟଙ୍କା ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ କିଛି ଫଟୋ ଶେୟାର କରିଛନ୍ତି । ଫଟୋଗୁଡ଼ିକ ବେଶ୍ ଭାଇରାଲ ହେବାରେ ଲାଗିଛି । ଫଟୋରେ ପ୍ରିୟଙ୍କାଙ୍କ ଭିନ୍ନ ଲୁକ୍ ଦେଖିବାକୁ ମିଳିଛି । ଏକ ଫଟୋରେ ପ୍ରିୟଙ୍କା ଡଷ୍ଟି ରୋଜ୍ କଲରର ମନୋକୋନି ପିନ୍ଧିଛନ୍ତି । ଚିକ୍ କ୍ୟାଟ-ଆଇ ଚଷମା ପିନ୍ଧିଛନ୍ତି । ଯାହା ତାଙ୍କ ଚେହେରାକୁ ଭିନ୍ନ ଲୁକ୍ ଦେଇଛି । ଆଉ ଏକ ଫଟୋରେ ପ୍ରିୟଙ୍କାଙ୍କ ଉପରେ ସୂର୍ଯ୍ୟକିରଣ ପଡ଼ିଥିବା ଦେଖିବାକୁ ମିଳିଛି । ସେ ମୁହଁକୁ ଡ୍ରେସ୍‌ରେ ଘୋଡ଼ାଇଥିବା ଦେଖିବାକୁ ମିଳିଛି । ଏହି ଫଟୋ ଶେୟାର କରି ସେ କ୍ୟାପ୍‌ଶନ ଲେଖିଛନ୍ତି, ଆଶା ବନାମ ବାସ୍ତବତା । ପ୍ରଶଂସକମାନେ ପ୍ରିୟଙ୍କା ଫଟୋଗୁଡ଼ିକୁ ଅଧିକ ମାତ୍ରାରେ ଲାଇକ୍ କରିବା ସହ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି । ପ୍ରିୟଙ୍କା ବର୍ତ୍ତମାନ ସ୍ୱାମୀ ନିକ୍ ଜୋନାସ୍‌ଙ୍କ ପରିବାର ସହ ଆମେରିକାରେ ରହୁଛନ୍ତି । ଯଦିଓ ଆମେରିକାରେ କରୋନା ସ୍ଥିତି ଖୁବ୍ ଜଟିଳ । ତଥାପି ପ୍ରିୟଙ୍କା ବହୁ ସଚେତନ ଅଛନ୍ତି । ନିଜର ଖୁବ୍ ଯତ୍ନ ନେଉଛନ୍ତି ।

# ଟାଇଟାନିକ୍ ଭଗ୍ନାବଶେଷ ଉଦ୍ଧାର ସମ୍ଭବ ନୁହେଁ



ଟାଇଟାନିକ୍ ଜାହାଜ ବିଷୟରେ ଜାଣିଥିବେ ନିଶ୍ଚିତ । ଯାହା ଉପରେ ଫିଲ୍ମ ନିର୍ମାଣ କରାଯାଇଥିଲା । ଟାଇଟାନିକ୍ ବିଶ୍ୱର ବୃହତ୍ତମ ଜାହାଜ ଭାବେ ପରିଚିତ ହେବା ଆଜକୁ ୧୦୮ ବର୍ଷ ବିତିଗଲାଣି । ଏହା ୧୦ ଏପ୍ରିଲ ୧୯୧୨ରେ ବ୍ରିଟେନର ସାଉଥ୍‌ମ୍ପଟନ୍ ବନ୍ଦରରୁ ନ୍ୟୁୟର୍କ ଅଭିମୁଖେ ଯାତ୍ରା କରିଥିଲା । ଯାତ୍ରା କରିବାର ମାତ୍ର ୪ ଦିନ ପରେ ଉତ୍ତର ଆଟ୍‌ଲାଣ୍ଟିକ ମହାସାଗରରେ ଏକ ହିମଖଣ୍ଡ ସହିତ ଧକ୍କା ହୋଇ ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା । ଫଳରେ ଏହାର ଭଗ୍ନାଂଶ ୩.୮ କିଲୋମିଟର ଗଭୀରରେ ରହିଗଲା ।

ଟାଇଟାନିକ୍ ଦୁର୍ଘଟଣାରେ ପ୍ରାୟ ୧୫୦୦ ଲୋକ ପ୍ରାଣ ହରାଇଥିଲେ । ଏହାକୁ ସେହି ସମୟର ସବୁଠାରୁ ବଡ଼ ସାମୁଦ୍ରିକ ଦୁର୍ଘଟଣା ବିବେଚନା କରାଯାଏ । ୧୯୮୫ରେ ଟାଇଟାନିକ୍‌ର ଧ୍ୱଂସାବଶେଷ ପ୍ରଥମେ ଅନୁସନ୍ଧାନକାରୀ ରବର୍ଟ ବଲାର୍ଡ ଏବଂ ତାଙ୍କ ଦଳ ଦ୍ୱାରା ଆବିଷ୍କୃତ ହୋଇଥିଲା । ଜାହାଜ ଯେଉଁଠାରେ ବୁଡ଼ି ଯାଇଥିଲା ସେଠାରେ ଘନ ଅନ୍ଧକାର ଏବଂ ତାପମାତ୍ରା ୧ ଡିଗ୍ରୀ ସେଲସିୟସ ଥିଲା । ଯାହାକି ବର୍ତ୍ତମାନ ସମୟରେ ଏପରି ଗଭୀରକୁ ଯିବା ଏବଂ ନିରାପଦରେ ଫେରିବା ଅତ୍ୟନ୍ତ କଷ୍ଟକର । ଧ୍ୱଂସାବଶେଷ ଖୋଜିବା ତ ଦୂର କଥା । ଜାହାଜ ଏତେ ବଡ଼ ଏବଂ ଓଜନିଆ ଥିଲା ଯେ, ପ୍ରାୟ ୪ କିଲୋମିଟର ଗଭୀରରୁ ଭଗ୍ନାଂଶ ବାହାର କରିବା ଅସମ୍ଭବ । ବିଶେଷଜ୍ଞଙ୍କ ଅନୁଯାୟୀ, ଟାଇଟାନିକ୍‌ର ଭଗ୍ନାଂଶ ଆସନ୍ତା ୨୦-୩୦ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ତରଳିଯିବ । ପ୍ରକୃତରେ ସମୁଦ୍ରରେ ଥିବା ଜୀବାଣୁ ଏହାର ଲୌହ ଗଠନକୁ ଶୀଘ୍ର ବଦଳାଇ ଦେଉଛନ୍ତି । ଯେଉଁ କାରଣରୁ ଏଥିରେ କଳଙ୍କି ଲାଗିଯାଉଛି ।

# ଖୋଲିବ ଭାଟିକାନ୍ ମ୍ୟୁଜିୟମ

**ନୂଆଦିଲ୍ଲୀ:** ପର୍ଯ୍ୟଟକମାନଙ୍କ ପାଇଁ ଖୁସି ଖବର । ଆସନ୍ତା ମାସରୁ ଖୋଲିବାକୁ ଯାଉଛି ଭାଟିକାନ୍ ମ୍ୟୁଜିୟମ । କରୋନା ଭାଇରସ୍ ପାଇଁ ଲକ୍‌ଡାଉନ୍ ଥିବାରୁ ଏହି ମ୍ୟୁଜିୟମକୁ ବନ୍ଦ କରି ଦିଆଯାଇଥିଲା । ଏବେ ଖୋଲିବା ନେଇ ସ୍ପଷ୍ଟ କରାଯାଇଛି ।

ଏହି ମ୍ୟୁଜିୟମରେ ବହୁ ପ୍ରାଚୀନ କୃତି ସହିତ ରୋମାନ୍ ମିଶରର ଅନେକ କଳାକୃତି ମଧ୍ୟ ସ୍ଥାନ ପାଇଛି । ତେବେ ସାମାଜିକ ଦୂରତ୍ୱ ରକ୍ଷା ସହିତ ଲୋକଙ୍କ ସଂଖ୍ୟା ନିୟନ୍ତ୍ରଣ କରିବା ପାଇଁ ଏଠାକୁ ଯିବା ଲାଗି ଏଥର ଅନ୍‌ଲାଇନ୍ ବୁକିଂ କରାଯାଉଛି । ଏହା ସହିତ ଏଠାକୁ ଯାଉଥିବା ପର୍ଯ୍ୟଟକମାନଙ୍କୁ ସେମାନଙ୍କର ତାପମାତ୍ରା ଯାଞ୍ଚ କରିବା ସହିତ ମାସ୍କ, ସାନିଟାଇଜର, ଗ୍ଲୋବ୍ସ ଆଦି ବ୍ୟବହାର କରିବାକୁ ପଡ଼ିବ । ବହୁଦିନ ଧରି ଲକ୍‌ଡାଉନ୍ ହୋଇଥିବାରୁ ଭାଟିକାନ୍ କଫର୍ସର ଧନରାଶି ବହୁ ପ୍ରଭାବିତ ହୋଇଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାରର ସତର୍କତା ସହିତ ମ୍ୟୁଜିୟମକୁ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି । ମ୍ୟୁଜିୟମକୁ ଗତବର୍ଷ ୭ ମିଲିୟନରୁ ଅଧିକ ଲୋକ ବୁଲିବାକୁ ଯାଇଥିଲେ । ତେଣୁ ପର୍ଯ୍ୟଟକମାନଙ୍କ ଦ୍ୱାରା ବିପୁଳ ପରିମାଣର ଅର୍ଥ ଏକତ୍ର ହୋଇ ପାରିଥିଲା । ମ୍ୟୁଜିୟମର ବାର୍ଷିକ ଆୟ ୧୦୦ ମିଲିୟନରୁ ମଧ୍ୟ ଅଧିକ ହୋଇଥାଏ ।



# ବିଶ୍ୱର ଧନୀ ଜୁଆଡ଼ି



**ୱାଶିଂଟନ୍:** କୁହାଯାଏ, ଜୁଆ ଖେଳିଲେ ଲୋକେ ସର୍ବନାଶ ହୁଅନ୍ତି । ଅର୍ଥାତ୍ ସବୁ ସମ୍ପତ୍ତି ହରାଇ ବସନ୍ତି । ମାତ୍ର ଏମିତି ଜଣେ ଜୁଆଡ଼ି ଅଛନ୍ତି, ଯେ କି କୋଟିପତି । ଗୋଟିଏ ରାତିରେ ଜୁଆ ଖେଳି ସେ ୮୩ କୋଟି ଟଙ୍କା ରୋଜଗାର କରିଥିଲେ । ଭାରତରେ ଜୁଆଖେଳ ବେଆଇନ । ମାତ୍ର ବିଶ୍ୱରେ ଅନେକ ଦେଶ ଅଛି, ଯେଉଁଠାରେ ଆଇନଗତ ଜୁଆଡ଼ି ଅଛନ୍ତି । ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯେ କି, ବିଶ୍ୱର ସବୁଠାରୁ ଧନୀ 'ଜୁଆଡ଼ି' ଭାବରେ ପରିଗଣିତ । ଜୁଆ ଖେଳି ସେ କୋଟି କୋଟି ଟଙ୍କା ରୋଜଗାର କରନ୍ତି । ଏହି କାରଣରୁ ତାଙ୍କୁ 'ପୋକର କିଙ୍ଗ' ମଧ୍ୟ କୁହାଯାଏ । ଜାଣି ଆଶ୍ଚର୍ଯ୍ୟ ହେବେ ଏହି ବ୍ୟକ୍ତି ହଲିଉଡର ଅନେକ ସୁପରହିଟ୍ ଫିଲ୍ମରେ ମଧ୍ୟ କାମ କରିଛନ୍ତି । ଡାନ୍ ବିଲଜେରିୟାନ୍ ନାମକ ଏହି ୩୯ ବର୍ଷୀୟ ଆମେରିକୀୟ ଯୁବକଙ୍କ ପିତା ଜଣେ ପ୍ରତିଷ୍ଠିତ ବ୍ୟବସାୟୀ । ଏକ ସାକ୍ଷାତକାରରେ ଡାନ୍ କହିଥିଲେ, ତାଙ୍କ ପିଲାଦିନରେ କେହି ତାଙ୍କ ପ୍ରତି ବିଶେଷ ଧ୍ୟାନ ଦେଇ ନ ଥିଲେ, ତେଣୁ ସେ ଯାହା ଚାହୁଁଥିଲେ ତାହା କରୁଥିଲେ ।

ବିଳାସପୂର୍ଣ୍ଣ ଜୀବନଶୈଳୀ ପାଇଁ ସେ ସାରା ବିଶ୍ୱରେ ପରିଚିତ । ଲସ୍‌ଭେଗାସରେ ତାଙ୍କର ଏକ ଘର ଅଛି, ଯାହାର ମୂଲ୍ୟ ପ୍ରାୟ ୩୨କୋଟି ଟଙ୍କା । ଯେଉଁଠାରେ ସେ ଅଧିକାଂଶ ସମୟ ପାର୍ଟି କରିଥାନ୍ତି । ଗତବର୍ଷ ତାଙ୍କର ଏକ ଫଟୋ ଭାଇରାଲ ହୋଇଥିଲା । ଯେଉଁଥିରେ ସେ ପିନ୍ଧିଥିବା ଏକ ଘଣ୍ଟାର ମୂଲ୍ୟ ପ୍ରାୟ ୧.୩୬ କୋଟି ଟଙ୍କା ବୋଲି କୁହାଯାଇଥିଲା । ବନ୍ଧୁକ ଏବଂ ବିଳାସପୂର୍ଣ୍ଣ ଗାଡ଼ିକୁ ଡାନ୍ ଖୁବ୍ ପସନ୍ଦ କରନ୍ତି । ସେ ଧନୀ ତଥା ଜଣାଶୁଣା ବ୍ୟକ୍ତିତ୍ୱ ହୋଇଥିବାରୁ ତାଙ୍କ ନିକଟରେ ଝିଅଙ୍କ ଲମ୍ବା ଧାଡ଼ି ମଧ୍ୟ ଲାଗେ । ସୋସିଆଲ ମିଡିଆରେ ତାଙ୍କର ଏପରି ଅନେକ ଫଟୋ ଅଛି, ଯେଉଁଥିରେ ତାଙ୍କ ଚତୁଃପାର୍ଶ୍ୱରେ ଝିଅମାନେ ଘେରି ରହିଛନ୍ତି । ଏହି କାରଣରୁ ତାଙ୍କୁ 'ପ୍ଲେ ବୟ' ମଧ୍ୟ କୁହାଯାଏ ।

# ଗୀତ ଗାଇଲେ ମାଧୁରୀ



**ମୁମ୍ବାଇ:** କରୋନା ସଂକ୍ରମଣକୁ ନେଇ ସାରା ଦେଶରେ ଲକ୍‌ଡାଉନ ଚାଲିଛି । ଏହି ସମୟରେ ଘରେ ଥିବା ଲୋକେ ସୁରକ୍ଷିତ ରହିଛନ୍ତି । କାରଣ କରୋନା ଯୋଦ୍ଧା ହସ୍ପିଟାଲରେ ଓ ରାସ୍ତା ଉପରେ ରହି ଆମକୁ ସୁରକ୍ଷା ଦେଉଛନ୍ତି । ଏହି କରୋନା ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ବଲିଉଡ୍ ଧକ୍‌ଧକ୍ ଗର୍ଲ ମାଧୁରୀ ଦୀକ୍ଷିତ ତାଙ୍କର ପ୍ରଥମ ଗୀତ ସମର୍ପିତ କରିଛନ୍ତି । ମାଧୁରୀଙ୍କ ଗୀତ 'କ୍ୟାଣ୍ଡେଲ' ଏବେ ସୋସିଆଲ ମିଡିଆରେ ରିଲିଜ ହୋଇଛି । ମାଧୁରୀ ଜଣେ ଭଲ ଅଭିନେତ୍ରୀ ଓ ଡ୍ୟାନ୍ସର ହୋଇଥିବାବେଳେ ସେ ଯେ ଜଣେ ଭଲ ଗାୟିକା ତାହା ଏହି ଗୀତରୁ ଜଣାପଡିଛି । କିଛିଦିନ ତଳେ ତାଙ୍କ ଜନ୍ମଦିନ ଅବସରରେ ମାଧୁରୀ ଘୋଷଣା କରିଥିଲେ କି ତାଙ୍କ ଗୀତ କ୍ୟାଣ୍ଡେଲ ଖୁବ୍‌ଶୀଘ୍ର ରିଲିଜ୍ ହେବ । ଯାହାକି କରୋନା ଯୋଦ୍ଧାଙ୍କୁ ସମର୍ପିତ କରାଯାଇଛି । ଆଉ ଏହା ରିଲିଜ୍ ହେବା ପରେ ଏବେ ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ମାଧୁରୀ ନିଜେ ଇନଷ୍ଟାଗ୍ରାମରେ ଏହି ଗୀତକୁ ଶେୟାର କରିବା ସହ ଲେଖିଛନ୍ତି, ଖୁସି ଲାଗୁଛି, ଉତ୍ସାହିତ ବି ଅଛି କିନ୍ତୁ ସାମାନ୍ୟ ନର୍ଭସ ବି ଲାଗୁଛି । ଏହା ମୋର ପ୍ରଥମ ଗୀତ ଆଶା କରୁଛି ଆପଣମାନଙ୍କୁ ପସନ୍ଦ ଆସିବ । ଫେସବୁକ ଓ ଇନଷ୍ଟାଗ୍ରାମରେ ଏହା ରିଲିଜ କରାଯାଇଛି, ଭାବୁଛି ଆପଣମାନଙ୍କୁ ଏହା ଭଲ ଲାଗିବ । ଏହାକୁ ନେଇ ବଲିଉଡ୍ ନିର୍ଦ୍ଦେଶକ ତଥା ମାଧୁରୀଙ୍କ ଜଣେ ଭଲ ବନ୍ଧୁ କରନ ଜୋହର ଏଥିପାଇଁ ଧକ୍‌ଧକ୍ ଗର୍ଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ମାଧୁରୀଙ୍କ ଭଳି ଜଣେ ଟ୍ୟାଲେଣ୍ଟେଡ ବନ୍ଧୁ କ'ଣ ନ କରିପାରିବେ । କରନ ଆହୁରି ମଧ୍ୟ ଲେଖିଛନ୍ତି, 'ଦ ୱାର୍ଲଡ ଅଫ୍ ମ୍ୟୁଜିକ ୱେଲକମ୍ସ ୟୁ ମାଧୁରୀ !' କ୍ରିସ୍ ଆକ୍ଟର ହ୍ରିତିକ ରୋଶନ ମଧ୍ୟ ଏହି ଗୀତ ଶୁଣିବା ପରେ ମାଧୁରୀଙ୍କର ଖୁବ୍ ପ୍ରଶଂସା କରିଛନ୍ତି ।

# ଚାଲିଗଲା ହିଟ୍‌ଲରଙ୍କ କୁମ୍ଭୀର 'ସାର୍ଟନ'

**ମସ୍କୋ:** ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବର୍ଲିନ୍‌ରେ ହୋଇଥିବା ବୋମା ବିସ୍ଫୋରଣରୁ ବର୍ତ୍ତିଯାଇଥିବା ଏକ ବିରଳ ପ୍ରଜାତିର କୁମ୍ଭୀର 'ସାର୍ଟନ'ର ମସ୍କୋ ଚିଡ଼ିଆଖାନାରେ ମୃତ୍ୟୁ ଘଟିଛି । ତାକୁ ଆନୁମାନିକ ବୟସ ୮୪ ବର୍ଷ ହୋଇଥିଲା । ଏହି କୁମ୍ଭୀରଟି ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ଆଡ୍‌ଲଫ ହିଟ୍‌ଲରଙ୍କ ଦ୍ୱାରା ପାଳିତ ହେଉଥିଲା ବୋଲି ଶୁଣିବାକୁ ମିଳେ । ବୟସାଧିକ କାରଣରୁ ଏହାର ମୃତ୍ୟୁ ଘଟିଥିବା ଚିଡ଼ିଆଖାନା ପକ୍ଷରୁ ସୂଚନା ଦିଆଯାଇଛି । 'ସାର୍ଟନ୍'ର ଜନ୍ମ ଆମେରିକାରେ ହୋଇଥିଲା । ଏହାକୁ ୧୯୩୬ରେ ଉପହାରସ୍ୱରୂପ ବର୍ଲିନ୍ ଚିଡ଼ିଆଖାନାକୁ ପ୍ରଦାନ କରାଯାଇଥିଲା । ୧୯୪୩ରେ ଜୁ' ଉପରେ ହୋଇଥିବା ବୋମାବର୍ଷଣରୁ 'ସାର୍ଟନ' ବଞ୍ଚିଯାଇଥିଲା । ଘଟଣାର ୩ ବର୍ଷ ପରେ ବ୍ରିଟିଶ ସୈନିକମାନେ ଏହାକୁ ଠାବ କରିଥିଲେ । ଏହାପରେ ସେମାନେ ତାକୁ ସୋଭିଏଟ୍ ରୁଷ୍‌କୁ ପ୍ରଦାନ କରିଥିଲେ । ଏହି ବୋମା ବିସ୍ଫୋରଣରେ ଚିଡ଼ିଆଖାନାରେ ରହୁଥିବା ଅଧିକାଂଶ ଜୀବଜନ୍ତୁ ପ୍ରାଣ ହରାଇଥିବାବେଳେ 'ସାର୍ଟନ୍' ବଞ୍ଚିଯିବା ଘଟଣା ଏବେ ବି ରହସ୍ୟ ଘେରରେ ରହିଛି । ମସ୍କୋ ଚିଡ଼ିଆଖାନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି, 'ସାର୍ଟନ୍' ନିଜ ଭିତରେ ଏକ ଯୁଗ । ଦୀର୍ଘ ୭୪ ବର୍ଷ ଧରି ତାକୁ ଯତ୍ନର ସହ ରଖାଯିବା ଜୁ' ପାଇଁ ଗର୍ବର କଥା । ଚିଡ଼ିଆଖାନା କର୍ମଚାରୀଙ୍କଠାରୁ ଆଦର ପାଇ କୁମ୍ଭୀରଟି ପୋଷା ମାନିଯାଇଥିଲା । ବ୍ରଶ୍ ଦ୍ୱାରା ଦୈନିକ କରାଯାଉଥିବା ମସାଜ୍‌କୁ 'ସାର୍ଟନ୍' ବେଶ୍ ଉପଭୋଗ କରୁଥିଲା । ତେବେ ବେଳେବେଳେ ସେ ହିଂସ୍ର ହୋଇଉଠୁଥିଲା । ଏହି ସମୟରେ ସେ କଂକ୍ରିଟ, ଚାମଚ ଭଳି ଶକ୍ତ ଧାତୁକୁ ଖଣ୍ଡଖଣ୍ଡ କରି ପକାଉଥିଲା । ହିଟ୍‌ଲରଙ୍କ ପାଳିତ କୁମ୍ଭୀର ଭାବେ ପରିଚିତ ଥିବାରୁ ଅନେକ ଦିନ ଧରି ଚର୍ଚ୍ଚାରେ ରହିଥିଲା ସେ । ତେବେ ପ୍ରକୃତରେ 'ସାର୍ଟନ'କୁ ହିଟ୍‌ଲର ପାଳିଥିଲେ କି ନାହିଁ ତାହା ଏଯାଏ ଅସ୍ପଷ୍ଟ ରହିଥିବା ଜୁ' କର୍ତ୍ତୃପକ୍ଷ କହିଛନ୍ତି ।

ବର୍ଲିନ୍ ବୋମା ବିସ୍ଫୋରଣରୁ ବର୍ତ୍ତିଯାଇଥିଲା
ମସ୍କୋ ଚିଡ଼ିଆଖାନାରେ ୮୪ ବର୍ଷରେ ମୃତ୍ୟୁ



## ସ୍ୱାସ୍ଥ୍ୟ ସୂଚନା



-ବୟସ ବଢ଼ିବା ସହ ଅସ୍ଥିଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଅସ୍ଥିକୁ ମଜଭୁତ କରିବା ପାଇଁ ଅଧିକ କ୍ୟାଲସିୟମଯୁକ୍ତ ଖାଦ୍ୟ ଖାଆନ୍ତୁ।

-ବ୍ୟାୟାମ କରିବା ସମୟରେ କେତେକେ ଏନର୍ଜି ଡ୍ରିଙ୍କ୍ କିମ୍ବା ସଫ୍ଟ ଡ୍ରିଙ୍କ୍ ପିଇଥାଆନ୍ତି। ହେଲେ ଏଭଳି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। ୱାର୍କଆଉଟ୍ ସମୟରେ ଅଳ୍ପ ପାଣି ହିଁ ପିଅନ୍ତୁ।

-ବ୍ୟାୟାମ କରିବା ପୂର୍ବରୁ ନିଜର ଓଜନ କେତେ ଅଛି ଚେକ୍ କରିନିଅନ୍ତୁ। ଯଦି ଆବଶ୍ୟକତାଠାରୁ ଅଧିକ ଅଛି ତେବେ ଏହାକୁ କିପରି ନିୟନ୍ତ୍ରିତ କରିବେ ସେ ନେଇ ଡାକ୍ତର କିମ୍ବା ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।

-ମଧ୍ୟାହ୍ନ ଭୋଜନରେ ଅଧିକ ଫ୍ୟାଟ୍‌ଯୁକ୍ତ ଖାଦ୍ୟ ଖାଇପାରନ୍ତି। ହେଲେ ରାତ୍ର ଭୋଜନରେ ଏପରି ଖାଦ୍ୟ ଯେତେ ଅଳ୍ପ ଖାଇବେ ତାହା ସେତେ ଭଲ।

-ତଟକା ଫଳମୂଳ ଏବଂ ଏଥିରୁ ପ୍ରସ୍ତୁତ ଜୁସ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ତେଣୁ ଏହାକୁ ବ୍ରେକ୍ ଫାଷ୍ଟ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

-ସବୁବେଳେ ଲିଫ୍ଟ ବ୍ୟବହାର ନ କରି ପାହାଚ ଚଢ଼ି ଉପର ଫ୍ଲୋର୍‌କୁ ଯାଆନ୍ତୁ। କାରଣ ପାହାଚ ଚଢ଼ିବା ଏକ ଭଲ ଏକ୍ସରସାଇଜ।

## ହାର୍ଟ ବିଟ୍‌ରେ ଚାଲିବ ପେସ୍‌ମେକର



ନ୍ୟୁୟର୍କସ୍ଥିତ ବଫାଲୋ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଆପ୍ଲାଏଡ୍ ସାଇନ୍ସର ବୈଜ୍ଞାନିକମାନେ ଏପରି ଏକ ପେସମେକର (ହାର୍ଟକୁ କ୍ରିୟାଶୀଳ କରିବା ଏବଂ ଏହାର ସ୍ପନ୍ଦନକୁ ସନ୍ତୁଳିତ ରଖିବା ପାଇଁ ବ୍ୟବହାର କରାଯାଏ) ପ୍ରସ୍ତୁତ କରିଛନ୍ତି, ଯାହା ହାର୍ଟ ବିଟ୍ (ହୃତ୍ ସ୍ପନ୍ଦନ)ରେ ଚାଲିପାରିବ। ଏଥିପାଇଁ ବ୍ୟାଟେରିର ଆଦୌ ଆବଶ୍ୟକତା ନାହିଁ ବୋଲି ପ୍ରସ୍ତୁତକାରୀ ବୈଜ୍ଞାନିକମାନେ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଉକ୍ତ ଗବେଷଣାର ମୁଖ୍ୟ ଏମ. ଆମିନ୍ କାରାମି କହନ୍ତି, 'ଏହି ନୂତନ ପେସ୍‌ମେକର ଆକାର ଛୋଟ ପକେଟ ଘଣ୍ଟା ପରି। ଏହାକୁ ହୃତପିଣ୍ଡରେ ପ୍ରତିରୋପଣ କରାଯିବା ପରେ ତାହ ହୃତ୍‌ସ୍ପନ୍ଦନ ଦ୍ୱାରା ହିଁ ଚାଲିପାରିବ। ହୃତ୍‌ସ୍ପନ୍ଦନ ଦ୍ୱାରା ସୃଷ୍ଟି ହେଉଥିବା କମ୍ପନ ଏହି ପେସମେକରକୁ ଚାଲିବା ପାଇଁ ଆବଶ୍ୟକ ଶକ୍ତି ଯୋଗାଇଥାଏ। କେବଳ ସେତିକି ନୁହେଁ, ଏଥିରୁ ହାର୍ଟ ସମ୍ବନ୍ଧୀୟ କେତେକ ତଥ୍ୟ ମଧ୍ୟ ସଂଗ୍ରହ କରାଯାଇପାରିବ।

# କରୋନା ଭାଇରସ୍ ପ୍ରତିଷେଧକ ଟିକା



ନିକୁଞ୍ଜ ବିହାରୀ ସାହୁ



"କରୋନା ଭାଇରସ୍‌ର ସଫଳ ମୁକାବିଲା କରିବା ନିମନ୍ତେ ପ୍ରତିଷେଧକ ଟିକା ହିଁ ଏକ ମାତ୍ର ଫଳପ୍ରଦ ବ୍ୟବସ୍ଥା। ଏହି ଭାଇରସ୍‌ର ଆବିର୍ଭାବର ମାତ୍ର ଅଳ୍ପ କେଇ ମାସ ଅତିବାହିତ ହୋଇଥିଲେ ସୁଦ୍ଧା ବିଭିନ୍ନ ଦେଶରେ ବୈଜ୍ଞାନିକମାନେ ପ୍ରତିଷେଧକ ଟିକା ବିକାଶ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇ ଆସୁଛନ୍ତି। ମାତ୍ର ପ୍ରତିଷେଧକ ଟିକାର ବିକାଶ ଏକ ସମୟସାପେକ୍ଷ ପ୍ରକ୍ରିୟା ହୋଇଥିବାରୁ ଏଥିପାଇଁ ହୁଏତ ଆମକୁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ।"

କରୋନା ଭାଇରସ୍‌ର ସଫଳ ମୁକାବିଲା କରିବା ନିମନ୍ତେ ପ୍ରତିଷେଧକ ଟିକା ହିଁ ଏକ ମାତ୍ର ଫଳପ୍ରଦ ବ୍ୟବସ୍ଥା। ଏହି ଭାଇରସ୍‌ର ଆବିର୍ଭାବର ମାତ୍ର ଅଳ୍ପ କେଇ ମାସ ଅତିବାହିତ ହୋଇଥିଲେ ସୁଦ୍ଧା ବିଭିନ୍ନ ଦେଶରେ ବୈଜ୍ଞାନିକମାନେ ପ୍ରତିଷେଧକ ଟିକା ବିକାଶ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇ ଆସୁଛନ୍ତି। ମାତ୍ର ପ୍ରତିଷେଧକ ଟିକାର ବିକାଶ ଏକ ସମୟସାପେକ୍ଷ ପ୍ରକ୍ରିୟା ହୋଇଥିବାରୁ ଏଥିପାଇଁ ହୁଏତ ଆମକୁ ଆଉ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ। ଅଧିକାଂଶ ଟିକା କରୋନା ଭାଇରସ୍‌ର ବାହାର ପୃଷ୍ଠରେ ଥିବା ସ୍ପାଇକ୍ ପ୍ରୋଟିନ୍ (Spike Protien)କୁ ଟର୍ଗେଟ୍ କରିଥାନ୍ତି। ଭାଇରସ୍ ଏହି ଅଙ୍ଗକୁ ବ୍ୟବହାର କରି ମନୁଷ୍ୟ ଜୀବକୋଷ ସହିତ ସହଜରେ ସଂଯୁକ୍ତ ହୋଇଥାଏ। ବିକାଶ ପଥରେ ଥିବା ବିଭିନ୍ନ ଟିକା ଭାଇରସ୍‌ର ଏହି ଅଙ୍ଗକୁ ଅକାମୀ କରିଦେଇ ମନୁଷ୍ୟ ଶରୀରରେ ସଂକ୍ରମଣର ଆଶଙ୍କାକୁ ହ୍ରାସ କରେ। ବୈଜ୍ଞାନିକମାନଙ୍କ ମତ ଯେ ଏହି ସ୍ପାଇକ୍ ପ୍ରୋଟିନ୍ ମନୁଷ୍ୟ ଶରୀରରେ ଏଭଳି କିଛି ଆଣ୍ଟିବଡି (Antibody) ସୃଷ୍ଟିକରେ, ଯାହା ଭାଇରସ୍‌ର ପରବର୍ତ୍ତୀ ସଂକ୍ରମଣକୁ ପ୍ରତିହତ କରେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (WHO)ର ତାଲିକା ଅନୁଯାୟୀ ବିଶ୍ୱ ସାରା ପ୍ରାୟ ୧୦୦ଟି ସରକାରୀ ଓ ବେସରକାରୀ କମ୍ପାନୀ ପ୍ରତିଷେଧକ ଟିକାର ବିକାଶରେ ଚେଷ୍ଟା ଚଳାଇ ଥିବାବେଳେ ପ୍ରସ୍ତୁତି ପଥରେ ଥିବା ଏଭଳି କିଛି ପ୍ରମୁଖ ଟିକା ସମ୍ପର୍କରେ ନିମ୍ନରେ ଆଲୋକପାତ କରାଗଲା।

**ଚାଇନା ଟିକା Ad୫-nCoV**

ଚାଇନାର ଏକ ବାୟୋଟେକ୍ କମ୍ପାନୀ କାନସିନୋ ବାୟୋଲଜିକ୍ସ (CanSino Biologics) ଦ୍ୱାରା ବିକଶିତ ଏହି ଟିକା ପ୍ରଥମେ ମନୁଷ୍ୟ କ୍ଷେତ୍ରରେ ପରୀକ୍ଷଣ ପର୍ଯ୍ୟାୟରେ ପହଞ୍ଚିଥିଲା। ଏହା ବର୍ତ୍ତମାନ କ୍ଲିନିକାଲ ପରୀକ୍ଷଣର ଦ୍ୱିତୀୟ ପର୍ଯ୍ୟାୟରେ ଅଛି। ଏହି ଟିକା ଆଡେନୋ ଭାଇରସ୍ ନାମକ ଏକ ନିଷ୍କ୍ରିୟ ଭାଇରସ୍ ଜରିଆରେ ମନୁଷ୍ୟ ଜୀବକୋଷ ମଧ୍ୟକୁ ଭାଇରସ୍‌ର ବାହାର ପୃଷ୍ଠରେ ଥିବା ସ୍ପାଇକ୍ ପ୍ରୋଟିନର ଡି.ଏନ୍.ଏ.କୁ ସ୍ଥାନାନ୍ତରିତ କରିଥାଏ, ଯାହା ପରବର୍ତ୍ତୀ ସମୟରେ ଜୀବକୋଷ ମଧ୍ୟରେ ଏହି ସ୍ପାଇକ୍ ପ୍ରୋଟିନର ଗଠନ କରିଥାଏ। ଏହି ଟିକାର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ସମାପ୍ତ ପାଇଁ ପ୍ରାୟ ୬ ମାସ ସମୟ ଲାଗିବ ଏବଂ ଆସନ୍ତା ବର୍ଷ ଏହି ଟିକା ବଜାରରେ ଉପଲବ୍ଧ ହେବ ବୋଲି ଆଶା କରାଯାଏ।

**ବ୍ରିଟିଶ ଟିକା : ChAdOx୧**

ବ୍ରିଟେନର ଅକ୍ସଫୋର୍ଡ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଏହି ଟିକା ଏବେ କ୍ଲିନିକାଲ୍ ପରୀକ୍ଷଣର ମିଳିତ ୨ୟ ଓ ୩ୟ ପର୍ଯ୍ୟାୟରେ ଅଛି। ଏହି ଟିକାର ସଫଳତା ନେଇ ବୈଜ୍ଞାନିକମାନେ ଏତେ ଆଶାବାଦୀ ଅଛନ୍ତି ଯେ ସେମାନେ ଏହି ଟିକାର ସମୂହ ଉତ୍ପାଦନ ନିମନ୍ତେ ଅର୍ଡର ଦେଇ ସାରିଲେଣି ଏବଂ ଆଗାମୀ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଏହାର ୧୦ ଲକ୍ଷ ନମୁନା ପ୍ରସ୍ତୁତ କରାଯିବ ବୋଲି ଜଣାଯାଏ।

ChAdOx୧ର କାର୍ଯ୍ୟପ୍ରଣାଳୀ ମୂଳତଃ ଚାଇନା ଟିକା Ad୫-nCoV ସହିତ ସମାନ। ଏହି ଟିକା ଏକ ନିଷ୍କ୍ରିୟ ଭାଇରସ୍ ଜରିଆରେ ମନୁଷ୍ୟ ଜୀବକୋଷ ମଧ୍ୟକୁ କରୋନା ଭାଇରସ୍‌ର ବାହାର ପୃଷ୍ଠରେ ଥିବା ସ୍ପାଇକ୍ ପ୍ରୋଟିନର ଡି.ଏନ୍.ଏ.କୁ ସ୍ଥାନାନ୍ତରିତ କରିଥାଏ, ଯାହା ଜୀବକୋଷ ମଧ୍ୟରେ ଏହି ସ୍ପାଇକ୍ ପ୍ରୋଟିନର ଗଠନ କରିଥାଏ। ଏହା ଆମ ଶରୀରର ପ୍ରତିରୋଧକ ବ୍ୟବସ୍ଥାକୁ ସକ୍ରିୟ କରି ଏପରି କିଛି ଅଣୁ ପ୍ରସ୍ତୁତ କରେ, ଯାହା କରୋନା ଭାଇରସ୍‌ର ସ୍ପାଇକ୍ ପ୍ରୋଟିନ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅକାମୀ କରିଦିଏ। ଫଳରେ କରୋନା ଭାଇରସ୍‌ର ସଂକ୍ରମଣକୁ ପ୍ରତିହତ କରିହୁଏ। ଯଦିଓ ଏହି ଟିକାର ସମସ୍ତ କ୍ଲିନିକାଲ ପରୀକ୍ଷଣ ଆସନ୍ତା ବର୍ଷ ମଇ ମାସ ସୁଦ୍ଧା ସମାପ୍ତ ହେବ ବୋଲି ଆଶା କରାଯାଏ, ତଥାପି ବୈଜ୍ଞାନିକମାନେ ପ୍ରାରମ୍ଭିକ ପରୀକ୍ଷଣର ଫଳାଫଳକୁ ଭିତ୍ତି କରି ସ୍ୱଳ୍ପ ଦିନ ମଧ୍ୟରେ ବଜାରକୁ ଏହି ଟିକାର ଜରୁରୀ ଯୋଗାଣ କରିପାରିବେ ବୋଲି ଭରସା ଦେଇଛନ୍ତି।

**ଆମେରିକୀୟ ଟିକା : INO-୪୮୦୦**

ଏକ ଆମେରିକୀୟ ସଂସ୍ଥା ଇନୋଭିଓ ଫାର୍ମାସ୍ୟୁଟିକାଲ୍ସ (Inovio Pharmaceuticals) ଦ୍ୱାରା ବିକଶିତ ଏହି ଟିକା ଏବେ କ୍ଲିନିକାଲ୍ ପରୀକ୍ଷଣର ପ୍ରଥମ ପର୍ଯ୍ୟାୟରେ ଅଛି। ଏହା ଏକ ନୂତନ ଟିକାକରଣ ପଦ୍ଧତି ଉପରେ ପର୍ଯ୍ୟବସିତ, ଯାହାଦ୍ୱାରା ଶରୀର କିଛି କରୋନା ଭାଇରସ୍‌ର ଖଣ୍ଡ ନିଜେ ପ୍ରସ୍ତୁତ କରିଥାଏ। ଏହି ପଦ୍ଧତିରେ ଶରୀର ମଧ୍ୟକୁ ଡି.ଏନ୍.ଏ.ର କିଛି ଖଣ୍ଡ ପ୍ରବେଶ କରାଯାଇଥାଏ ; ଯେଉଁଥିରେ କରୋନା ଭାଇରସ୍‌ର ସ୍ପାଇକ୍ ପ୍ରୋଟିନର ଜିନୀୟ ସଂକେତ ସଞ୍ଚିତ ଥାଏ। ବିଶ୍ୱାସ କରାଯାଏ ଯେ, ଶରୀର ଏହି ଜିନୀୟ ସଂକେତକୁ ଅବଧାରଣା ପୂର୍ବକ ନିଜେ ଏହି ସ୍ପାଇକ୍ ପ୍ରୋଟିନ୍ ସଂଶ୍ଳେଷିତ କରି କରୋନା ବିପକ୍ଷରେ ରୋଗ ପ୍ରତିରୋଧକତା ସୃଷ୍ଟି କରିବ। କମ୍ପାନୀର ଯୋଜନା ମୁତାବକ ଆସନ୍ତା ବର୍ଷ ପ୍ରଥମାର୍ଦ୍ଧ ବେଳକୁ ଏହି ଟିକାର ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ ସମାପ୍ତ ହେବ।

**ନିଷ୍କ୍ରିୟ ପାରମ୍ପରିକ ଚାଇନା ଟିକା**

ଇତି ମଧ୍ୟରେ ଚାଇନାର ଏକ ସରକାରୀ ଫାର୍ମାସ୍ୟୁଟିକାଲ୍ ସଂସ୍ଥା ମତ କିମ୍ବା ନିଷ୍କ୍ରିୟ କରୋନା ଭାଇରସ୍‌ର ନମୁନାକୁ ନେଇ ପାରମ୍ପରିକ ପଦ୍ଧତିରେ ଏକ ଟିକା ବିକଶିତ କରିଛି। ଏହା ଗତ ଏପ୍ରିଲ ମାସରେ ପରୀକ୍ଷଣର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରବେଶ କରିଛି। ଏହି ପଦ୍ଧତି ଅନୁସାରେ ପ୍ରୟୋଗଶାଳାର କିଛି ନିଷ୍କ୍ରିୟ କରୋନା ଭାଇରସ୍‌ର ନମୁନାକୁ ଶରୀର ମଧ୍ୟରେ ପ୍ରବେଶ କରାଯାଏ। ଶରୀରର ପ୍ରତିରୋଧକ ବ୍ୟବସ୍ଥା ଏହି ନମୁନାକୁ ଚିହ୍ନିପାରି ଏପରି କିଛି ଆଣ୍ଟିବଡି ପ୍ରସ୍ତୁତ କରିଥାଏ, ଯାହା ପରବର୍ତ୍ତୀ ସମୟରେ ପ୍ରକୃତ କରୋନା ସଂକ୍ରମଣ ହେଲେ ଭାଇରସ୍‌କୁ ମାରିଦିଏ। ଏବେ ପରୀକ୍ଷଣର ଦ୍ୱିତୀୟ ପର୍ଯ୍ୟାୟରେ ଥିବା ଏହି ଟିକା ଅତି ଶୀଘ୍ର ତୃତୀୟ ପର୍ଯ୍ୟାୟରେ ପ୍ରବେଶ କରିବ ଏବଂ ପ୍ରକୃତ ଟିକା ବଜାରରେ ଉପଲବ୍ଧ ହେବା ନିମନ୍ତେ ବର୍ଷେ ସମୟ ଲାଗିଯିବ ବୋଲି ଆକଳନ କରାଯାଏ।



- ଏଜୁକେଶନ୍ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ: ୮୦୧୮୭୦୮୮୪୮

# ଆଲର୍ଜି ହୋଇଥିଲେ...



**ଆଜିକାଲି ଆଲର୍ଜି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ଏପରି ସମସ୍ୟାରୁ ନିଜକୁ ରକ୍ଷା କରିବା ପାଇଁ କେତେକ ଦିଗ ପ୍ରତି ନଜର ଦେବା ଦରକାର। ଜାଣନ୍ତୁ ସେ ସମ୍ପର୍କରେ...**

-ରହୁଥିବା ଘରର ଭିତର ପରିବେଶକୁ ସଫାସୁତର ରଖନ୍ତୁ। ତା' ସହ ଘରର ବାହାର ପରିବେଶ ଯେପରି ସଫା ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

-ଦିନ ସମୟରେ ଘରର ଝରକାଗୁଡ଼ିକ ଖୋଲା ରଖନ୍ତୁ। ଏହାଦ୍ୱାରା ଘର ଭିତରକୁ ପର୍ଯ୍ୟାପ୍ତ ପରିମାଣର ସୂର୍ଯ୍ୟକିରଣ ପ୍ରବେଶ କରିପାରିବ। ତା'ସହ ଘର ଭିତରକୁ ପବନ ଆସିବା ଦ୍ୱାରା ଘର ଭିତରେ ଥିବା ଜୀବାଣୁ ନଷ୍ଟ ହୋଇଯିବେ।

-କେତେକ ଖାଦ୍ୟ ଖାଇଲେ ତାହା ଆଲର୍ଜିର କାରଣ ସାଜିଥାଏ। ତେଣୁ ସେପରି ଖାଦ୍ୟଠାରୁ ନିଜକୁ ଦୂରେଇ ରଖନ୍ତୁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

-ହଠାତ୍ କୌଣସି ଥଣ୍ଡା ସ୍ଥାନରୁ ଗରମ ସ୍ଥାନକୁ ଯାଆନ୍ତୁ ନାହିଁ କିମ୍ବା ଗରମ ସ୍ଥାନରୁ ଥଣ୍ଡା ସ୍ଥାନକୁ ଆସନ୍ତୁ ନାହିଁ।

-ଯଦି ଖରାରୁ ଆସିଛନ୍ତି ତେବେ ସାଙ୍ଗେ ସାଙ୍ଗେ ଥଣ୍ଡା ପାଣି ପିଅନ୍ତୁ ନାହିଁ।

-ଘରୁ ବାହାରକୁ ଗଲେ ମୁହଁକୁ ମାସ୍କ କିମ୍ବା ରୁମାଲରେ ଢାଙ୍କିବାକୁ ଭୁଲନ୍ତୁ ନାହିଁ।

-ଶୋଇବା ବିଛଣାରେ ବ୍ୟହାର କରାଯାଉଥିବା ବେଡଶିଟ୍, ତକିଆ କଭର ଆଦିକୁ ନିୟମିତ ସମୟ ଅନ୍ତରାଳରେ ଉଷୁମ ପାଣିରେ ସଫା କରନ୍ତୁ।

-ପୋଷା ଜୀବଜନ୍ତୁଙ୍କ ସଂସ୍ପର୍ଶରେ ଆସନ୍ତୁ ନାହିଁ। କାରଣ କେତେକ ଜୀବଜନ୍ତୁଙ୍କ ଶରୀରରେ ଏପରି ବ୍ୟାକ୍ଟେରିଆ ଅଛନ୍ତି, ଯାହ ଆଲର୍ଜି ସୃଷ୍ଟି କରିଥାଆନ୍ତି।

# ନୂଆ ବ୍ଲାକ୍ ହୋଲ୍ ଠାବ

ପୃଥିବୀଠାରୁ ପ୍ରାୟ ୧୦୦୦ ଆଲୋକବର୍ଷ ଦୂରରେ ଏକ ନୂଆ ବ୍ଲାକ ହୋଲ୍‌କୁ ଠାବ କରାଯାଇଛି। ଏହି ବ୍ଲାକ୍ ହୋଲ ଆମ ସୋଲାର ସିଷ୍ଟମର ନିକଟରେ ଅବସ୍ଥିତ। କେବଳ ସେତିକି ନୁହେଁ, ଏହାକୁ ଜଣେ ଖାଲି ଆଖିରେ ମଧ୍ୟ ଦେଖିପାରିବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ୟୁରୋପିୟାନ ସଦର୍ନ ଅବଜରଭେଟରି ଇନ୍‌ଷ୍ଟିଚ୍ୟୁଟ୍‌ର (ଇଏସଓଆଇ) ମହାକାଶ ବିଜ୍ଞାନୀମାନେ। ଅନ୍ଧାର ରାତି ହେଉ କି ପରିଷ୍କାର ଆକାଶରେ ବାଇନୋକୁଲାର କିମ୍ବା ଟେଲିସ୍କୋପ ବିନା ଏହାକୁ ଜଣେ ଦେଖିପାରିବ। ଏହି ନୂଆ ବ୍ଲାକ୍ ହୋଲ୍‌କୁ 'ଏଚଆର-୬୮୧୯' ନାମରେ ନାମିତ କରାଯାଇଛି। ତେବେ ଏହା ପଛରେ ଆଉ କି କି ରହସ୍ୟ ରହିଛି ତାହା ଭଲ ଭାବରେ ଜାଣିବାକୁ ଆଉ କିଛି ବର୍ଷେ ସମୟ ଲାଗିବ ବୋଲି କହନ୍ତି ଇଏସଓଆଇର ବୈଜ୍ଞାନିକ ଥୋମାସ ରିଭିନିୟସ।

# ରିଫ୍ରିଜିଂ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ



ଆଜିକାଲି ଖାଦ୍ୟକୁ ସଂରକ୍ଷିତ କରି ରଖିବାର ଅନେକ ପ୍ରକାର ଉପାୟ ରହିଛି। ଆମେ ରାନ୍ଧିଥିବା ଖାଦ୍ୟ ବଳି ପଡ଼ିଲେ ତାହାକୁ ରେଫ୍ରିଜରେଟରରେ ରଖିଦେଇଥାଉ। ପରବର୍ତ୍ତୀ ସମୟରେ ତାହାକୁ ବାହାର କରି ଖାଇଥାଉ। ପୁଣି ବଳକା ଖାଦ୍ୟକୁ ତା' ଭିତରେ ରଖିଦେଉ। ଏହାକୁ 'ରିଫ୍ରିଜିଂ' କୁହାଯାଏ। ହେଲେ ପୁଷ୍ଟିବିଜ୍ଞାନୀଙ୍କ ମତରେ ଏହି (ରିଫ୍ରିଜିଂ)ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। କଥା କ'ଣ କି ରେଫ୍ରିଜରେଟରରେ ଥିବା ଖାଦ୍ୟକୁ ବାରମ୍ବାର ବାହାର କଲେ ସେଥିରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାଆନ୍ତି। ତେଣୁ ସେପରି ଖାଦ୍ୟକୁ ପରେ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ରେଫ୍ରିଜରେଟରରେ ଖାଦ୍ୟ ଆବଶ୍ୟକତାଠାରୁ ଅଧିକ ଦିନ ରହିଲେ ତାହାର ଗୁଣବତ୍ତା ନଷ୍ଟ ହୋଇଯାଇଥାଏ। ତା' ସହ ସେହି ଖାଦ୍ୟର ପୋଷକତତ୍ତ୍ୱ ମଧ୍ୟ ହ୍ରାସ ପାଇଥାଏ। ତେଣୁ ଖାଦ୍ୟପଦାର୍ଥ ହେଉ ଅବା ପନିପରିବା-ଏଗୁଡ଼ିକୁ ରେଫ୍ରିଜରେଟରରେ ଆବଶ୍ୟକତାଠାରୁ ଅଧିକ ଦିନ ନ ରଖିବା ଭଲ।

# ଲୋ ବ୍ଲଡ୍‌ପ୍ରେସର ଓ ଖାଦ୍ୟ



ଯଦି ଆପଣ ଲୋ ବ୍ଲଡ୍‌ପ୍ରେସର ପରି ସମସ୍ୟା ସହ ଜଡ଼ିତ ତେବେ ଆପଣଙ୍କୁ ନିଜ ଖାଦ୍ୟପେୟ ପ୍ରତି ନଜର ଦେବାକୁ ପଡିଥାଏ। ସାଧାରଣତଃ ଏପରି ରୋଗୀଙ୍କୁ ପ୍ରଚୁର ପାଣି ପିଇବାକୁ ଏବଂ ଲୁଣ କମ୍ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାଆନ୍ତି। ସବୁଜ ତଥା ତଟକା ପନିପରିବା ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। କାରଣ ଏହା ଲୋ ବ୍ଲଡ୍‌ପ୍ରେସର ରୋଗୀଙ୍କ ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଲୋ ବ୍ଲଡ୍‌ପ୍ରେସର ରୋଗୀ ଓଟସ ଖାଇପାରନ୍ତି। କାରଣ ଏଥିରେ ଫାଇବର ଭରି ରହିଥାଏ। ଏହାକୁ ଖାଇଲେ ଲୋ ବ୍ଲଡ୍‌ପ୍ରେସର କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ଏଥିପାଇଁ ରସୁଣ ମଧ୍ୟ ଲାଭପ୍ରଦ। ଅଙ୍ଗୁରରେ ଆଇରନ୍ ଭରି ରହିଛି। ଏହାକୁ ଖାଇଲେ ଲୋ ବ୍ଲଡ୍‌ପ୍ରେସର କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ।

## ବ୍ୟକ୍ତି ନୁହେଁ, ଅନୁଷ୍ଠାନ ଥିଲେ ଭବାନୀ ଚରଣ

କଟକ ଅଫିସ: ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧୀବାଦୀ ନେତା ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ଜଣେ ବ୍ୟକ୍ତି ନ ଥିଲେ ବରଂ ଏକ ଅନୁଷ୍ଠାନ ଓ ତ୍ୟାଗର ପ୍ରତୀକ ଥିଲେ ବୋଲି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଛନ୍ତି। ମହାନଦୀ ବିହାରଠାରେ ରବିବାର କଟକ ମହାନଗର ନାଗରିକ ପରିଷଦ ପକ୍ଷରୁ ଭବନୀ ଚରଣ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ସେ ଏହା କହିଛନ୍ତି । ପ୍ରଫେସର ବୈଷ୍ଣବ ଚରଣ ବିଶ୍ୱାଳ, ଡ. ସତ୍ୟ ରାୟ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ।

## ସଂକ୍ଷେପରେ

### ଓଡ଼ିଶା ଆସିଛି ୧୦୧ ଶ୍ରମିକ ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର,୨୪।୫(ବ୍ୟୁରୋ): ଲକଡାଉନ ସ୍ଥିତି ମଧ୍ୟରେ ଓଡ଼ିଶାକୁ ୧୦୧ ଶ୍ରମିକ ସ୍ପେଶାଲ ଟ୍ରେନ୍ ଆସିଛି। ଗତ ମେ ୩ରୁ ୨୪ ତାରିଖ ମଧ୍ୟରେ ଗୁଜରାଟରୁ ୪୮, ତେଲଙ୍ଗାନାରୁ ୧୬, ତାମିଲନାଡୁରୁ ୧୨, ମହାରାଷ୍ଟ୍ର ୮, ଆନ୍ଧ୍ରପ୍ରଦେଶରୁ ୮, କର୍ଣ୍ଣାଟକରୁ ୫, କେରଳରୁ ୩ ଏବଂ ଦିଲ୍ଲୀରୁ ଗୋଟିଏ ଶ୍ରମିକ ସ୍ପେଶାଲ ଟ୍ରେନ୍ ଓଡ଼ିଶା ଆସିଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ ପାଇଛି। ଏଥିସହ ସୋମବାର ଆଉ ୧୪ ଟ୍ରେନ୍ ଓଡ଼ିଶା ପହଞ୍ଚିବ ବୋଲି ଜଣାପଡ଼ିଛି। ସମ୍ପୃକ୍ତ ଟ୍ରେନ୍‌ରେ ଶ୍ରମିକଙ୍କ ସୁରକ୍ଷା ପ୍ରତି ରେଳ କର୍ତ୍ତୃପକ୍ଷ ସଦାସର୍ବଦା ଚେଷ୍ଟିତ ଥିବା ପ୍ରକାଶ କରିଛନ୍ତି।

### ମାନିଲେନି ସାମାଜିକ ଦୂରତ୍ୱ

କଣ୍ଟାପଡ଼ା,୨୪।୫(ଡି.ଏନ୍.ଏ.): କରୋନା ଲାଗି ଦେଶରେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ସରକାର ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଉଛନ୍ତି। ହେଲେ କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ଦୋକାନୀ କିମ୍ବା ଗ୍ରାହକ ଏହାକୁ ମାନୁ ନ ଥିବା ଦେଖିବାକୁ ମଳିଛି। ସୂଚନା ଅନୁଯାୟୀ, ରବିବାର କଣ୍ଟାପଡା ବଜାରରେ ଥିବା ଏକ ମାଛ ଦୋକାନରେ ଗ୍ରାହକଙ୍କ ଭିଡ଼ ଜମିଥିଲା। ଦୋକାନୀ କିମ୍ବା ଗ୍ରାହକଙ୍କ ମୁହଁରେ ମାସ୍କ ନ ଥିବା ବେଳେ ସାମାଜିକ ଦୂରତ୍ୱ ମଧ ରହି ନ ଥିଲା। ଏ ଦିଗରେ ସେମାନେ ସଚେତନ ଥିଲା ଭଳି ଲାଗୁ ନ ଥିଲା। ଏଭଳି ଦାୟିତ୍ୱହୀନତା ଆଗକୁ ମହଙ୍ଗା ପଡିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ନିଶା ମାଗିବାରୁ ଯୁବକଙ୍କୁ ଆକ୍ରମଣ

ଭୁବନେଶ୍ୱର,୨୪।୫ (ବ୍ୟୁରୋ): ନିଶା ମାଗିବାରୁ ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଥିବା ପୋଲିସ ଫାଣ୍ଡି ଆଗରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ସେ ହେଲେ ୟୁନିଟ-୨ ଅଞ୍ଚଳରେ ରହୁଥିବା ଗୌତମ ମାଳି। ଖବରପାଇ ପୋଲିସ ପହଞ୍ଚି ଗୌତମଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଆକ୍ରମଣ କରିଥିବା ଯୁବକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ଆକ୍ରମଣ କରିଥିବା ଯୁବକଙ୍କ କହିବାନୁଯାୟୀ, ସେ ଫାଣ୍ଡି ସମ୍ମୁଖରେ ଛିଡା ହୋଇଥିବା ବେଳେ ଗୌତମ ତାଙ୍କୁ ନିଶା ଖାଇବା ପାଇଁ ମାଗିଥିଲା। ମୁଁ ତାକୁ ଚିହ୍ନି ନ ଥିବା ବେଳେ ମୋ ନିକଟରେ ନିଶା ନ ଥିବା କହିଥିଲି। ଏହାପରେ ସେ ମୋତେ ଗାଳିଗୁଲଜ କରିବାରୁ ମୁଁ ତାଙ୍କୁ ମାଡ଼ ମାରିଥିଲି ବୋଲି କହିଥିଲେ।

### ଦୁଇ ଦୋକାନରୁ ଚୋରି

ଭୁବନେଶ୍ୱର,୨୪।୫ (ବ୍ୟୁରୋ): ରାଜଧାନୀରେ ଶନିବାର ରାତିରେ ଦୁଇଟି ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ନାକା ଗେଟ ନିକଟରେ ଥିବା ଯଶୋଦା ଫାର୍ମାସି ମେଡିଶିନ ଦୋକାନର ଶଟର ତାଡି ଦୁର୍ବୃତ୍ତମାନେ ୧୦ହଜାର ଟଙ୍କା, ମେଡିଶିନ ସହ ହାର୍ଡଡିସ୍କ ନେଇଯାଇଛନ୍ତି। ଏ ନେଇ ଦୋକାନ ମାଲିକ ରଞ୍ଜିତ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୮୦/୨୦)ରୁଜୁକରି ତଦନ୍ତ ଚଳାଇଛି। ସେହିପରି ନୟାପଲ୍ଲୀ ଥାନା ଆଇଆରସି ଭିଲେଜର ରାଜା ଏଣ୍ଟରପ୍ରାଇଜେସ୍‌ରୁ ଦୁର୍ବୃତ୍ତମାନେ ୧୫ହଜାର ଟଙ୍କା, ମୋବାଇଲ ଫୋନ ସାମଗ୍ରୀ ଓ ପିଲାଙ୍କ ଖେଳନା ଚୋରି କରିନେଇଛନ୍ତି। ଏ ନେଇ ମାଲିକ ପ୍ରଫୁଲ୍ଲ ବାରିକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୯୩/୨୦) ରୁଜୁକରି ତଦନ୍ତ ଚଳାଇଛି।

# କଏଦୀଙ୍କ ପାଖରେ ମୋବାଇଲ୍ ଫୋନ

**ପଦାକୁ ଆସିଲା ଝାରପଡ଼ା ଜେଲ ଗୁମର**
- ଗୁଗୁଲ ପେ'ରେ ଟଙ୍କା ଦେବା ପରେ କଥାବାର୍ତ୍ତା ସୁଯୋଗ
- ଟଙ୍କା ନ ଦେବାରୁ ଜଣେ କଏଦୀଙ୍କୁ ମାଡ଼
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଜେଲର

ଭୁବନେଶ୍ୱର,୨୪।୫ (ବ୍ୟୁରୋ)

ଝାରପଡା ଜେଲ ଭିତରକୁ ଯାଉଛି ମୋବାଇଲ୍ ଫୋନ୍। କଏଦୀମାନେ ନିଜ ପାଖରେ ଏକାଧିକ ମୋବାଇଲ୍ ରଖି ଲୁଚାଛପାରେ ବେପାର କରୁଛନ୍ତି। ଗୁଗୁଲ୍ ପେ'ରେ ଟଙ୍କା ପାଇବା ପରେ ଅନ୍ୟ କଏଦୀମାନଙ୍କୁ ଫୋନ୍‌ରେ କଥା ହେବାକୁ ସୁଯୋଗ ଦେଉଛନ୍ତି। କେତେଜଣ ଓଡ଼ିଆ କଏଦୀ ଜେଲ ଭିତରେ ଏଭଳି ବ୍ୟବସାୟ କରୁଛନ୍ତି। ଜଣେ ଅଣଓଡ଼ିଆ କଏଦୀ ପରିବାର ଲୋକଙ୍କ ସହ କଥାବାର୍ତ୍ତା ପରେ ଟଙ୍କା ନ ଦେବାରୁ ଏହି ଓଡ଼ିଆ କଏଦୀମାନେ ତାଙ୍କୁ ନିସ୍ଥୁକ ମାଡ଼ ମାରିଛନ୍ତି। ଏନେଇ ଲକ୍ଷ୍ମୀସାଗର ଥାନାରେ ମହମ୍ମଦ ଆରିଫ ନାମକ କଏଦୀ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ପୋଲିସ ଏକ ମାମଲା (ନଂ-୧୨୧/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମହମ୍ମଦଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଘର ଦିଲ୍ଲୀ ହୋଇଥିବାବେଳେ ସେ ଏକ ମାମଲାରେ ଝାରପଡା ଜେଲରେ କଏଦୀ ଭାବେ ରହିଛନ୍ତି। ହେଲେ ଜେଲ ଭିତରେ ଥିବା ସଂଗ୍ରାମ ପାତ୍ର, ରାଜା, ସୌମ୍ୟରଞ୍ଜନ ପ୍ରଧାନ, ଅଶ୍ୱିନୀ କୁମାର ସାମନ୍ତରାୟ, ଶରତ ମହାକୁଡ଼ ନିଜ ପାଖରେ ଚୋରାରେ ଫୋନ୍ ରଖିଛନ୍ତି। ସେମାନେ ଅନ୍ୟ କଏଦୀଙ୍କୁ ପରିବାର ସହ କଥା କରାଇ ଦେବାକୁ କହି ଗୁଗୁଲ ପେ'ରେ ସେମାନଙ୍କ ପରିବାର ଲୋକଙ୍କଠାରୁ ଟଙ୍କା ନେଇଥାନ୍ତି। ଏହିପରି ଜାନୁୟାରୀ ମାସରୁ କଏଦୀ ମହମ୍ମଦ ଆରିଫଙ୍କୁ ପରିବାର ଲୋକଙ୍କ ସହ କଥା କରାଇ ଗୁଗୁଲ ପେ'ରେ ଟଙ୍କା ନିଅନ୍ତି। ଏବେ ଅଭିଯୁକ୍ତମାନେ ଫୋନ୍‌ରେ କଥା ହେବା ପାଇଁ ରେଟ୍ ବଢ଼ାଇ ଦେଇଛନ୍ତି। ଅଧିକ ଅର୍ଥ ଦାବି କରିବା ପରେ ମହମ୍ମଦ ସେମାନଙ୍କୁ ଏକାଥରେ ଟଙ୍କା ଦେଇଦେବେ ବୋଲି କହିଥିଲେ। ହେଲେ ଉକ୍ତ ଟଙ୍କା ନ ଦେବାରୁ ୫ଜଣ ଅଭିଯୁକ୍ତ ତାଙ୍କୁ ଧମକ ଦେବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ମହମ୍ମଦ ଜେଲରଙ୍କୁ ଜଣାଇବା ସହ ଥାନାରେ ଏକ ଅଭିଯୋଗ ଦେଇଛନ୍ତି। ଅନ୍ୟପକ୍ଷରେ ୩ ଦିନ ପୂର୍ବରୁ ଜେଲ ଭିତରେ ଦୁଇ ଗୋଷ୍ଠୀ ହାତାହାତି ହୋଇଥିଲେ। ଏଥିରେ ଦୁଇଜଣ ଆହତ ମଧ ହୋଇଥିବା ସୂଚନା ମିଳିଛି।

ଏନେଇ ଜେଲର ଧୀରେନ ବାରିକ କହିଛନ୍ତି ଯେ, ମହମ୍ମଦ ଆରିଫ ନାମକ କଏଦୀଙ୍କ ଅଭିଯୋଗର ତଦନ୍ତ ଚାଲିଛି। ସେମାନଙ୍କ ନିକଟକୁ ମୋବାଇଲ ଫୋନ୍ କିଭଳି ଆସୁଛି ଯାଞ୍ଚ କରାଯିବ। ଏହାପଛରେ ଜେଲ୍‌ର କେହି କର୍ମଚାରୀ ସମ୍ପୃକ୍ତ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି ଯେ, ଜେଲ୍‌ର ଜଣେ କଏଦୀ କରିଥିବା ଅଭିଯୋଗ ଆଧାରରେ ଏକ ମାମଲା ହୋଇଛି। ଏନେଇ ତଦନ୍ତ ଚାଲିଥିବାରୁ କିଛି କହିବା ସମ୍ଭବ ନୁହେଁ।



**ଇଦ୍ ମୁବାରକ** | ଇଦ୍ ଅବ୍ୟବହିତ ପୂର୍ବରୁ ରବିବାର ପୁରୀ ଶ୍ରୀକ୍ଷେତ୍ର କଲୋନୀସ୍ଥିତ ଆର୍ଟ ଗ୍ୟାଲେରିରେ ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ଦାଶଙ୍କ ସ୍ୟାଣ୍ଡ ଆନିମେଶନ।


ସ୍ନାନଯାତ୍ରା ଓ ରଥଯାତ୍ରାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ସମ୍ମୁଖ ଶେଡ୍‌କୁ ଖୋଲିଦିଆଯାଇଛି।

## ୬ ବଖରା ଜଳିଗଲା

ଚୌଦ୍ୱାର,୨୪।୫(ଡି.ଏନ୍.ଏ.):

ଚୌଦ୍ୱାର ଥାନା ଅଧୀନ ନଖରା ପଞ୍ଚାୟତର ଚାରିଘରିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଶରତ ମାଝି ଓ ବସନ୍ତ ମାଝିଙ୍କର ୬ ବଖରା ଚାଳଘର ଜଳିଯାଇଛି। ପରିବାରର ସମସ୍ତେ ଶୋଇଥିବାବେଳେ କୌଣସି କାରଣରୁ ହଠାତ୍ ଶରତଙ୍କ ଘରେ ନିଆଁ ଲାଗିଯାଇଥିଲା। ନିମିଷକ ମଧ୍ୟରେ ଏହା ବସନ୍ତଙ୍କ ଘରକୁ ବ୍ୟାପି ଯାଇଥିଲା। ଏହାଦେଖି ଗ୍ରାମବାସୀ ଦମକଳକୁ ଜଣାଇବା ସହ ନିଜେ ମଧ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ। ଚୌଦ୍ୱାରରୁ ଦମକଳ ଯାଇ ପହଞ୍ଚିଲା ବେଳକୁ ୬ବଖରା ଘର ସହିତ ଘର ଭିତରେ ଥିବା ଧାନ, ଚାଉଳ, ଲୁଗାପଟା, ବାସନକୁସନ, ଆସବାବପତ୍ର ଆଦି ପୋଡ଼ି ପାଉଁସ ହୋଇଯାଇଥିଲା। ରବିବାର ସକାଳେ ଆଦିଶକ୍ତି ଯୁବ ପରିଷଦର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ବିପନ୍ନମାନଙ୍କୁ ଚୁଡ଼ା, ବିସ୍କୁଟ, ଶାଢ଼ି, ଲୁଙ୍ଗି,ଗାମୁଛା ଆଦି ପ୍ରଦାନ କରିଥିଲେ।

## କ୍ୱାରାଣ୍ଟାଇନ ସେଣ୍ଟର ଛାଡ଼ିଲେ ୧୩୪ ପ୍ରବାସୀ

ଗୋପ,୨୪।୫(ଡି.ଏନ.ଏ)

ଗୋପ ବ୍ଲକର ୪ଟି କ୍ୱାରାଣ୍ଟାଇନ ସେଣ୍ଟରରୁ ୧୪ଦିନ ରହିବା ପରେ ୧୩୪ଜଣ ପ୍ରବାସୀଙ୍କୁ ରବିବାର ବ୍ଲକ ପ୍ରଶାସନ ପକ୍ଷରୁ ଘରକୁ ପଠାଯାଇଛି। ପରେ ଏମାନେ ଆଉ ୭ ଦିନ ନିଜ ଘରେ ସଙ୍ଗରୋଧ ହୋଇ ରହିବେ ବୋଲି ବିଡିଓ ଦୀପ୍ତିରାଣୀ ଦାସ ସୂଚନା ଦେଇଛନ୍ତି। ଗୋପ ବ୍ଲକରେ ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀଙ୍କ ଲାଗି ୭୧ଟି କ୍ୱାରାଣ୍ଟାଇନ ସେଣ୍ଟର ଖୋଲାଯାଇଥିଲା। ବିଭିନ୍ନ ପଞ୍ଚାୟତରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ୧୨୫୭ଜଣ ପ୍ରବାସୀ ରହିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରବାସୀଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ମାତ୍ର ୭୧ଟି କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ପ୍ରବାସୀଙ୍କ ମଧ୍ୟରୁ ଏହି ୧୩୪ଜଣଙ୍କ ୧୪ ଦିନ ପୂରି ଯାଇଥିବାବେଳେ ଏମାନଙ୍କୁ ଛଡ଼ାଯାଇଛି ।

## ମଣ୍ଡିରେ ପଡ଼ିଛି ଧାନ, ଚିନ୍ତାରେ ଚାଷୀ

ବ୍ରହ୍ମଗିରି,୨୪।୫(ଡି.ଏନ୍.ଏ.):

ରବି ଋତୁରେ ମଣ୍ଡିରେ ଧାନ କିଣିବା ପାଇଁ ସରକାର ଚଳିତ ମାସ ୮ ତାରିଖକୁ ଧାର୍ଯ୍ୟ କରି ଚାଷୀମାନଙ୍କୁ ଧାନ ବିକ୍ରି ପାଇଁ ଟୋକନ ବାଣ୍ଟି ଥିଲେ। କିନ୍ତୁ ସେବା ସମବାୟ ସମିତିକୁ ଟାର୍ଗେଟ ଦେଇ ନ ଥିବାରୁ ମଣ୍ଡି ଖୋଲାଯାଇ ଧାନ କିଣାଯାଇ ପାରି ନ ଥିଲା। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସରକାର ଟାର୍ଗେଟ ଦେଇ ପୁଣି ମଣ୍ଡି ଖୋଲିଥିଲେ। ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ସେବା ସମବାୟ ସମିତି ଅଧୀନରେ ୨୫୯ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ଏହି ଚାଷୀଙ୍କ ଠାରୁ ୧୦ହଜାର ୮ଶହ କୁଇଣ୍ଟାଲ ଧାନ କିଣାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ନେଇ ଗତ ୨୧ ଓ ୨୨ ତାରିଖରେ ମୋଟ ୧ ହଜାର ୩୦ କୁଇଣ୍ଟାଲ ଧାନ କିଣାଯାଇଛି। ଅବଶିଷ୍ଟ ଚାଷୀଙ୍କ ଠାରୁ ଧାନ କିଣାଯାଉନାହିଁ। ଫଳରେ ଚାଷୀ ଧାନ ଆଣି ମଣ୍ଡିରେ ଗଦା କରିଛନ୍ତି। ଅସରାଏ ବର୍ଷାରେ ଧାନ ଭିଜିଯିବ ବୋଲି ଚାଷୀମାନେ କହିଛନ୍ତି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ କହିଛନ୍ତି, ଚାଷୀମାନେ ଯେଉଁଭଳି ଅସୁବିଧାରେ ନ ପଡ଼ନ୍ତି ସେଥିଲାଗି ସତର୍କ ଅଛୁ। ପର୍ଯ୍ୟାୟକ୍ରମେ ମଣ୍ଡିରୁ ଧାନ କିଣି ଆମେ ନେଉଛୁ।

## ଘରୋଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବାକୁ ମସୁଧା

କଟକସଦର,୨୪।୫(ଡି.ଏନ.ଏ)

୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନ ସିଧାସଳଖ ଗ୍ରାମର ପଞ୍ଚାୟତଗୁଡ଼ିକୁ ଯୋଗାଇଦେବେ। ସେଥିପାଇଁ କଟକସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତର ଆକାଉଣ୍ଟକୁ ଏକ ନିର୍ଦ୍ଦିଷ୍ଟ ଘରୋଇ ବ୍ୟାଙ୍କରେ ଖୋଲିବା ପାଇଁ ମସୁଧା ଚଳାଇଥିବା ଜଣାପଡ଼ିଛି। ବ୍ଲକର ସମସ୍ତ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉକ୍ତ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଶୀଘ୍ର ନମ୍ବର ବ୍ଲକ କାର୍ଯ୍ୟାଳୟରେ ଦାଖଲ ପାଇଁ ମୌଖିକ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନେଇ ଅଧିକାଂଶ ସରପଞ୍ଚ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କାରଣ ପ୍ରତି ପଞ୍ଚାୟତରେ ୫ କି.ମି. ବ୍ୟାସରେ ରାଷ୍ଟ୍ରୟତ୍ତ ଓ ଗ୍ରାମ୍ୟବ୍ୟାଙ୍କର ଶାଖା ରହିଛି। ଏଠାରେ ଋଣ, ବିନା ଅର୍ଥରେ ଆକାଉଣ୍ଟ ଖୋଲିବାକୁ ସୁବିଧା ମିଳିପାରୁଛି। କଟକ ଯାଇ ନୂଆ ଆକାଉଣ୍ଟ ସରପଞ୍ଚମାନେ ଖୋଲିଲେ ଭବିଷ୍ୟତରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଅସହଯୋଗ କରିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି । ଅନ୍ୟପକ୍ଷେ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅର୍ଥପାଇଁ ଥିବା ଆକାଉଣ୍ଟଟି ପଞ୍ଚଦଶ ଅର୍ଥ କମିଶନଙ୍କ ଅର୍ଥ କାରବାରରେ ବଳବତ୍ତର ରହିବ ବୋଲି ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ପତ୍ର ସଂଖ୍ୟା ୭୬୦୪/୧୭/୪/୨୦୨୦ରେ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ପୁରୁଣା ଆକାଉଣ୍ଟକୁ ବନ୍ଦ କରିବାର ଯଥାର୍ଥତା ନାହିଁ ବୋଲି ଅନେକ ସରପଞ୍ଚ ନିଜ ପରିଚୟ ଗୋପନ ରଖି କହିଛନ୍ତି। ଏ ନେଇ ବିଡିଓ ରାଜୀବ ଲୋଚନ ପରିଡ଼ା ମତାମତ ଦେବା ପାଇଁ ମନା କରି ଦେଇଛନ୍ତି।

# ପୂର୍ଣ୍ଣାଙ୍ଗ ହୋଇପାରୁନି ଚିକିତ୍ସା ଭିତ୍ତିଭୂମି

କଟକ ଅଫିସ,୨୪।୫

**ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନ୍‌ସର ପ୍ରତିଷ୍ଠାନ**



କେବଳ ଓଡ଼ିଶା ନୁହେଁ, ପୂର୍ବ ଭାରତରେ କର୍କଟ ରୋଗର ଚିକିତ୍ସା ପାଇଁ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନସର ପ୍ରତିଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ୨୦୧୭ରେ ଏହି ଅନୁଷ୍ଠାନ ସମ୍ପ୍ରସାରିତ ହୋଇ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରୁ 'ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନସର ପ୍ରତିଷ୍ଠାନ' ଭାବେ ନାମିତ ହୋଇଛି। ସେବେଠାରୁ ଏଠାରେ ଶଲ୍ୟ ଓ ସ୍ତ୍ରୀ ରୋଗ ବିଭାଗ ପାଇଁ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରାଯାଇଛି। କିନ୍ତୁ ବିଡ଼ମ୍ବନା ହେଉଛି ଏଭଳି ଅଗ୍ରଣୀ ଓ ନିର୍ଭରଯୋଗ୍ୟ ଚିକିତ୍ସାକେନ୍ଦ୍ରରେ ଅନେକ ବିଭାଗରେ ଆଦୌ ସୁବିଧା ନାହିଁ ତ ଆଉ କିଛି ବିଭାଗ ଅଧାଗଡ଼ା ଅବସ୍ଥାରେ ରହିଛି। ଏହି ପ୍ରତିଷ୍ଠାନକୁ ଏକ ପୂର୍ଣ୍ଣାଙ୍ଗ ଚିକିତ୍ସାଳୟରେ ପରିଣତ କରିବା ପାଇଁ କିଛି ପ୍ରସ୍ତାବକୁ ବିଚାର ପାଇଁ ନିଆଯିବା ଦରକାର ବୋଲି ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ କହିଛନ୍ତି।

### ପାଲିଏଟିଭ କେୟାର

ପ୍ରତ୍ୟେକ କ୍ୟାନସର ପୀଡ଼ିତ ବହୁବିଧ ଯନ୍ତ୍ରଣା ଦେଇ ଗତି କରିଥାନ୍ତି। ପ୍ରାଥମିକତା ଆଧାରରେ ସେମାନଙ୍କ ଏହି ସମସ୍ୟା ପ୍ରତି ବିଶେଷ ଦୃଷ୍ଟି ଦିଆଯିବା ଜରୁରୀ। ନୂଆକରି ଖୋଲିଥିବା ଏହି ବିଭାଗ ଡାକ୍ତର ଅଭାବରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ନିଶ୍ଚେତକ ବିଭାଗର କେତେଜଣ ଡାକ୍ତର ଏବେ ଏହି ବିଭାଗ ଦାୟିତ୍ୱରେ ରହିଛନ୍ତି। ନିଶ୍ଚେତକ ବିଭାଗର ପିଜି ପାଠ୍ୟକ୍ରମ ନ ଥିବାରୁ ସିନିୟର ରେସିଡେଣ୍ଟ ପଦବୀ ମଧ ପୂରଣ ହୋଇପାରୁନାହିଁ।

### ମୁଖ୍ୟ ଅପରେଶନ ଥିଏଟର, ଓଟି ଆଇସିୟୁ

ଗୋଟିଏ ବଡ଼ ଅପରେଶନ ଥିଏଟରକୁ ସଂଲଗ୍ନ କରି ୨୫ ଶଯ୍ୟାବିଶିଷ୍ଟ ଆଇସିୟୁର ବ୍ୟବସ୍ଥା କରାଗଲେ ଏକସଙ୍ଗରେ ୨୫ ଜଣଙ୍କ ସର୍ଜରି ହେବା ପରେ ଆଇସିୟୁରେ ସେମାନଙ୍କ ଯତ୍ନ ନିଆଯାଇ ପାରିବ।

ସେହିପରି ମେଡିକାଲ ଅନ୍‌କୋଲୋଜି ବିଭାଗରେ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ଏବଂ ସିନିୟର ରେସିଡେଣ୍ଟ ଡାକ୍ତର ନ ଥିବାରୁ ରୋଗୀ ସେବା କିଛି ମାତ୍ରାରେ ପ୍ରଭାବିତ ହୋଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଅପରେଶନ ଥିଏଟରରେ ବ୍ୟବହାର କରାଯାଉଥିବା ଯନ୍ତ୍ରାଂଶଗୁଡ଼ିକୁ ଅଣୁଜୀବ ମୁକ୍ତ କରିବା ପାଇଁ ସେଣ୍ଟ୍ରାଲ ଷ୍ଟେରିଲାଇଜେଶନ ବିଭାଗ ସହ କର୍ମଚାରୀ ଆବଶ୍ୟକ। ଏହା ବ୍ୟତୀତ ହସ୍ପିଟାଲ ପାଇଁ ନିଜସ୍ୱ ଭାବେ ମୂତ୍ରାଶୟ କର୍କଟ ବିଭାଗ ଡାକ୍ତର, ବୋନ୍ ମ୍ୟାରୋ କ୍ୟାନସର ଚିକିତ୍ସା ପାଇଁ ହେମାଟୋଲୋଜିଷ୍ଟ ଏବଂ ଶଲ୍ୟ ଚିକିତ୍ସା ପରେ କ୍ଷତ ପୂରଣ ଲାଗି ପ୍ଲାଷ୍ଟିକ ସର୍ଜରି ଡାକ୍ତରଙ୍କ ଆବଶ୍ୟକତା ରହିଛି। ଏବେ ତାହା ଏସ୍‌ସିବିରୁ ଡାକ୍ତର ଡକାଇ କାମ ଚଳାଯାଉଛି।

### ହସ୍‌ପିସ୍ ସେଣ୍ଟର

କର୍କଟ ରୋଗୀଙ୍କ ଚିକିତ୍ସା ପାଇଁ ସମସ୍ତ ବିକଳ୍ପ ଶେଷ ହୋଇଯିବା ପରେ ଶେଷରେ ତାଙ୍କୁ ହସ୍‌ପିସ୍ କେନ୍ଦ୍ରରେ ରଖି ଯତ୍ନ ନିଆଯାଏ। ବିଶେଷ କରି ଏଭଳି କେନ୍ଦ୍ର କ୍ୟାନସର ହସ୍ପିଟାଲଠାରୁ ଦୂରରେ କରାଯାଇଥାଏ। କିନ୍ତୁ ଏଭଳି ସୁବିଧା ଏଯାଏ ରାଜ୍ୟରେ କେଉଁଠି ବି ଉପଲବ୍ଧ ହୋଇନାହିଁ। ଏହି ସୁବିଧା ମିଳିଲେ ଶେଷ ପର୍ଯ୍ୟାୟର ରୋଗୀମାନେ ମଧ ଯନ୍ତ୍ରଣାରୁ ଉପଶମ ପାଇପାରିବେ।

## ସ୍ମୃତିରେ ରହିବ ସ୍ୱେଚ୍ଛାସେବୀଙ୍କ ତ୍ୟାଗ

କଟକ ଅଫିସ,୨୪।୫:

କରୋନା କଟକଣା ସମୟରେ ସହରବାସୀଙ୍କ ସୁଖଦୁଃଖରେ ସହଭାଗୀ ହୋଇଥିବା ସଙ୍ଗଠନକୁ ସମ୍ବର୍ଦ୍ଧିତ କରିଛି ରାଜ୍ୟ ଛାତ୍ର ବିଜେଡି। ଖାନନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପଡ଼ିଆରେ ଛାତ୍ର ବିଜେଡି ମହାସଚିବ ହରିଶଙ୍କର ରାଉତଙ୍କ ନେତୃତ୍ୱରେ ଏହି ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ପୋଲିସ ଓ ପ୍ରଶାସନ ବ୍ୟତୀତ ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ ଜୀବନକୁ ବାଜି ଲଗାଇ କରୋନା ମୁକାବିଲାରେ ସାମିଲ ହୋଇଥିଲେ। ସେମାନଙ୍କ ତ୍ୟାଗ, ନିଷ୍ଠା ସହରବାସୀଙ୍କ ମନରେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ। ଜୟ ଜଗନ୍ନାଥ ଫାଉଣ୍ଡେଶନ, ସ୍ୱପ୍ନ ଫାଉଣ୍ଡେଶନ, କିପ୍ ସ୍ମାଇଲିଂ ଚାରିଟେବୁଲ ଟ୍ରଷ୍ଟ, ଜୟ ମହାବୀର ଫାଉଣ୍ଡେଶନ, ଅର୍ପଣ ଫାଉଣ୍ଡେଶନ ସମେତ ସହରର ଅନେକ ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶୁତୋଷ ସାହୁ, ମୃତ୍ୟୁଞ୍ଜୟ ମହାନ୍ତି, ଚିନ୍ମୟ ବରାଳ, ଶୁଭେନ୍ଦୁ ରାଉତ, ଚିନ୍ମୟ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜଧାନୀରେ ମାତିଛନ୍ତି ବୋଲେରୋ ଲୁଟେରା

ଭୁବନେଶ୍ୱର,୨୪।୫(ବ୍ୟୁରୋ):

- ରାତି ଅଧରେ ଘର ଆଗରୁ ନେଇ ଗଲେ ଗାଡ଼ି
- ଲକ୍‌ଡାଉନ୍‌ରେ ଚୋରି ହେଲାଣି ୭
- ସ୍ପେଶାଲ ସ୍କ୍ୱାଡ୍‌କୁ ତଦନ୍ତ ଦାୟିତ୍ୱ ଦେଲେ ଡିସିପି

ରାଜଧାନୀରେ ମାତିଛନ୍ତି ବୋଲେରୋ ଲୁଟେରା। ବିଭିନ୍ନ ସ୍ଥାନରୁ ସେମାନେ ନକଲି ଚାବିରେ ଗାଡ଼ି ଷ୍ଟାର୍ଟ କରି ନେଇଯାଉଛନ୍ତି। ଏଥିଯୋଗୁ ରାଜଧାନୀବାସୀଙ୍କ ଚିନ୍ତା ବଢ଼ିଛି। ଶନିବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଏମ୍‌ଆଇଡି-୧-୮/୮ ବିଡିଏ କଲୋନୀରୁ ଏକ ବୋଲୋରୋ (ନଂ. ଓଆର୍-୦୨ଏଏ-୦୧୧୦) ଚୋରି ହୋଇଛି। ଏହି ଗାଡ଼ିର ମାଲିକ ତଥା କଟକ ବଡମ୍ବା ଅଞ୍ଚଳର ପ୍ରଦୀପ କୁମାର ସ୍ୱାଇଁ ଏ ସଂକ୍ରାନ୍ତରେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଆଇପିସି ଦଫା ୩୭୯ରେ କେସ୍ ନଂ-୧୬୯/୨୦ ରୁଜୁ କରିଛି। ସମ୍ପୃକ୍ତ ଘର ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ ଜାରି ରହିଛି। ଲକ୍‌ଡାଉନ୍ ସମୟରେ ୭ ବୋଲେରୋ ଚୋରି ହୋଇଥିବା ଜଣାପଡ଼ିଛି। ବାରମ୍ବାର ସହରରୁ ବୋଲେରୋ ଏବଂ ଚାରିଚକିଆ ଗାଡ଼ି ଚୋରି ହେଉଥିବାରୁ ଡିସିପି ଏହାର ତଦନ୍ତ କରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍‌କୁ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି। ଏହି ର୍‍ୟାକେଟ ପଛରେ ପୁରୀ ଏବଂ ପିପିଲିର ଏକ ଗ୍ୟାଙ୍ଗ୍ କାମ କରୁଥିବା ପୋଲିସ ସୁରାକ ପାଇଛି।

ସୂଚନା ଅନୁଯାୟୀ, ପ୍ରଦୀପ ଶନିବାର ଚନ୍ଦ୍ରଶେଖରପୁର ଏମ୍‌ଆଇଡି-୧-୮/୮ ବିଡିଏ କଲୋନୀରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ସେ ତାଙ୍କ ବୋଲେରୋକୁ ଘର ଆଗରେ ପାର୍କିଂ କରିଥିଲେ। ରାତି ପ୍ରାୟ ୨.୪୫ରେ ଅନ୍ୟ ଏକ ବୋଲେରୋରେ ୪ ଜଣ ଦୁର୍ବୃତ୍ତ ଆସିଥିଲେ। ସେମାନେ ଉକ୍ତ ଘର ନିକଟ କିଛି ଦୂରରେ ସେମାନଙ୍କ ଗାଡ଼ି ରଖିଥିଲେ। ପରେ ନକଲି ଚାବିରେ ପ୍ରଦୀପଙ୍କ ଗାଡ଼ିର ଡୋର ଲକ୍ ଖୋଲିଥିଲେ। ଗାଡ଼ି ଷ୍ଟାର୍ଟ କରିବାବେଳେ ଶବ୍ଦ ଶୁଣି ପ୍ରଦୀପ ନିଦରୁ ଉଠି ବାହାରକୁ ଆସିଥିଲେ। ଜଣେ ଦୁର୍ବୃତ୍ତ ମୁଖା ପିନ୍ଧି ଗାଡ଼ି ଚଲାଉଥିବାବେଳେ ଅନ୍ୟ ୩ଜଣ ତାଙ୍କ ବୋଲେରୋକୁ ନେଇ ଫେରାର ହୋଇଯାଇଥିଲେ। ସେହିପରି ଗତ ୧୦ ତାରିଖରେ ହାଉସିଂବୋର୍ଡ କଲୋନୀରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘର ଆଗରୁ ଏଭଳି ଭାବେ ବୋଲେରୋ ଚୋରି ହୋଇଥିଲା। ଗତ ୨୨ ତାରିଖରେ ବିଜେବି ନଗର ଟେଲିକମ୍ ଅଫିସ ଆଗରୁ ଏକ ବୋଲେରୋ ଚୋରି ହୋଇଥିଲା। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ୩ଟି, ଖଣ୍ଡଗିରିରେ ୨ଟି ଏବଂ ଚନ୍ଦ୍ରଶେଖରପୁରରେ ୨ଟି ବୋଲେରୋ ଚୋରି ହୋଇଥିବା ପୂର୍ବରୁ ଅଭିଯୋଗ ସତ୍ତ୍ୱେ ପୋଲିସ କାହାକୁ ଗିରଫ କରିପାରିନାହିଁ।

# ମୂକ କରିଦେଲା ଜନ୍ମଲଗ୍ନ, ଦୁଃଖରେ ବୁଡ଼େଇଲା ଜୀବନ

କଟକ ଅଫିସ,୨୪।୫

**ଚିତ୍ରା ନାୟକଙ୍କ ଭାଗ୍ୟଚିତ୍ର**
- ଦୁର୍ଘଟଣାରେ ଅଚଳ ହୋଇଗଲେ ଝିଅ-ଜ୍ୱାଇଁ
- ନାତୁଣୀ ସହ ସେମାନଙ୍କ ଗୁଜୁରାଣ ମେଣ୍ଟାଉଛନ୍ତି ଚିତ୍ରା

ଜନ୍ମଲଗ୍ନରୁ ସେ ପାଲଟି ଯାଇଥିଲେ ମୂକ। ବିବାହର କେଇଟା ବର୍ଷ ଭିତରେ ଆରପାରିକୁ ଚାଲିଗଲେ ସ୍ୱାମୀ। ଏକମାତ୍ର ଝିଅକୁ ପାଳିପୋଷି ବିବାହ ଦେବା ପରେ ମନେହେଲା, ସବୁ ଚିନ୍ତା ଗଲା। କିନ୍ତୁ ଦୁର୍ଭାଗ୍ୟ ପୁଣି ଦୁଃଖ ନେଇ ଲେଉଟିଲା। ଗୋଟିଏ ଦୁର୍ଘଟଣାରେ ଅଚଳ ପାଲଟିଗଲେ ଝିଅ-ଜ୍ୱାଇଁ। ପରିଣତ ବୟସରେ ଏବେ ତାଙ୍କ ମୁଣ୍ଡରେ ଅକ୍ଷମ ଝିଅ-ଜ୍ୱାଇଁଙ୍କ ସହ ନାତୁଣୀର ଗୁଜୁରାଣ ଦାୟିତ୍ୱ। ଏ ହେଉଛି ଦିବ୍ୟାଙ୍ଗ ଚିତ୍ରା ନାୟକଙ୍କ ଭାଗ୍ୟଚିତ୍ର।

କାଠଯୋଡ଼ି ବିହାର ବସ୍ତିର ଏକ ନୁଆଣିଆ ଚାଳଘରେ ରୁହନ୍ତି ଚିତ୍ରା। ଜନ୍ମରୁ ସେ ମୂକ। ବିବାହର କିଛି ବର୍ଷ ପରେ ସ୍ୱାମୀଙ୍କ ମୃତ୍ୟୁ ଦୁଃଖରେ ଭାଙ୍ଗିପଡ଼ିଥିବା ଚିତ୍ରାଙ୍କ ପାଇଁ ଏକମାତ୍ର ଆଶ୍ୱାସନା ଥିଲା ଝିଅ ବର୍ଣ୍ଣିତା। ଝିଅକୁ ଦେଉଳସାହିର ପିଣ୍ଟୁ ନାୟକଙ୍କୁ ବିବାହ ଦେବା ପରେ ସେମାନଙ୍କ ଦାମ୍ପତ୍ୟ ଜୀବନ ସୁଖରେ କଟିଲା। ସେମାନଙ୍କର ଗୋଟିଏ ଝିଅ ମାମୁନି। ୪ ମାସ ତଳେ ଝିଅ-ଜ୍ୱାଇଁ ଅଟୋରେ ଧବଳେଶ୍ୱର ପୀଠକୁ ଯାଉଥିଲେ। ହଠାତ୍ ସାମ୍ନାରୁ ଏକ ଟ୍ରକ୍ ଆସି ସେମାନଙ୍କ ଗାଡ଼ିକୁ ଧକ୍କା ଦେଲା। ସେହି ଦୁର୍ଘଟଣାରୁ ସେମାନଙ୍କ ଜୀବନ ସିନା ବଞ୍ଚିଗଲା ; କିନ୍ତୁ ଶରୀର ଅଚଳ ହୋଇଗଲା। ମେଡିକାଲରୁ ଫେରିବା ପରେ ବର୍ଣ୍ଣିତାଙ୍କ ଶାଶୁଘର ସେମାନଙ୍କୁ ଗ୍ରହଣ କଲେନାହିଁ। ଫଳରେ ଚିତ୍ରା ନିଜ ଝିଅ-ଜ୍ୱାଇଁ ଓ ନାତୁଣୀକୁ ନିଜ ଘରକୁ ନେଇ ଆସିଲେ। ଚିତ୍ରା କାମ କରି ଯାହା କିଛି ରୋଜଗାର କରନ୍ତି, ସେଥିରେ ସେ ୩ ପ୍ରାଣୀଙ୍କ ପେଟକୁ ଦାନା ଦିଅନ୍ତି। ପିଣ୍ଟୁ ଓ ବର୍ଣ୍ଣିତା ବାଡ଼ିକୁ ଆଶ୍ରା କରିଛନ୍ତି। ନୁଆଣିଆ ଚାଳଘରେ ରହୁଥିବା ଚିତ୍ରା ଏବେ ସରକାରୀ ସହାୟତା ଆଶାରେ ଦୁଃଖର ଜୀବନ କାଟୁଛନ୍ତି।


ଝିଅ ଜ୍ୱାଇଁଙ୍କ ସହ ଚିତ୍ରା ନାୟକ ।

## ଥାନାରେ ମିଳୁନି ନ୍ୟାୟ
## ଜିଲାପାଳଙ୍କୁ ଭେଟିଲେ ବଳାତ୍କାର ପୀଡ଼ିତା

**କେନ୍ଦ୍ରାପଡା ଅଫିସ, ୨୪।୫:** ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୨୧ ତାରିଖରେ ବଳାତ୍କାର କରାଯାଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମାତ୍ର ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ତାଙ୍କ ପରିବାର ସଦସ୍ୟ ରବିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୧ ତାରିଖ ମଧ୍ୟାହ୍ନରେ ସେ ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ମାମଲା (ନଂ.୧୭୫/୨୦) ରୁଜୁ କରାଯାଇଛି। ଏନେଇ ତଦନ୍ତ ଜାରି ରହିଛି।

### ସଂକ୍ଷେପରେ

## ଧର୍ମଶାଳାକୁ ଫେରିଲେ ୯୪୯ ପ୍ରବାସୀ

**ଧର୍ମଶାଳା, ୨୪।୫ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକକୁ ଶନିବାର ସୁଦ୍ଧା ୯୪୯ ଜଣ ପ୍ରବାସୀ ଓଡ଼ିଆ ଫେରିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସର୍ବାଧିକ ୨୯୫ ଜଣ ତେଲଙ୍ଗାନାରୁ ଫେରିଥିବା ବେଳେ ତାମିଲନାଡୁରୁ ୨୦୦, ଗୁଜରାଟରୁ ୧୩୩, ଆନ୍ଧ୍ରପ୍ରଦେଶରୁ ୯୨, କର୍ଣ୍ଣାଟକରୁ ୬୯, ପଶ୍ଚିମବଙ୍ଗରୁ ୬୬ ଓ ମହାରାଷ୍ଟ୍ରରୁ ୫୨, ଛତିଶଗଡ଼ରୁ ୮, ଝାଡଖଣ୍ଡରୁ ୭, ଉତ୍ତରପ୍ରଦେଶରୁ ୭, କେରଳରୁ ୪, ବିହାରରୁ ୨, ଗୋଆରୁ ୫, ଦିଲ୍ଲୀରୁ ୩, ମଧ୍ୟପ୍ରଦେଶରୁ ୨, ରାଜସ୍ଥାନରୁ ୨, ହରିୟାଣାରୁ ଜଣେ ଫେରିଛନ୍ତି। ଏମାନଙ୍କୁ ବିଭିନ୍ନ ପଞ୍ଚାୟତରେ ସରକାରୀ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ଧର୍ମଶାଳା ବିଡିଓ ସ୍ମିତା ରଥ ସୂଚନା ଦେଇଛନ୍ତି।

## ଝାଡ଼ାବାନ୍ତିରେ ମହିଳାଙ୍କ ମୃତ୍ୟୁ

**ଭାପୁର, ୨୪।୫(ଡି.ଏନ.ଏ.):** ଝାଡ଼ାବାନ୍ତିରେ ଜଣେ ମହିଳାଙ୍କ ମୃତ୍ୟୁଘଟିଛି। ସେ ହେଲେ ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ ହରିଜନ ସାହିର କାଲୁ ନାଏକଙ୍କ ସ୍ତ୍ରୀ ଶାନ୍ତି ନାଏକ(୨୮)। ତାଙ୍କର ଶନିବାର ରାତି ୩ଟାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ତାଙ୍କର ଝାଡାବାନ୍ତି ହୋଇଥିଲା। ଏନେଇ ଫତେଗଡ ପୋଲିସ (ନଂ-୬/୨୦)ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅଫ୍‌ଲାଇନରେ ମଦ ବିକ୍ରି ଅଭିଯୋଗ

**ନୟାଗଡ ଅଫିସ, ୨୪।୫:** ରାଜ୍ୟ ସରକାର ଅନଲାଇନ୍‌ରେ ମଦ ବିକ୍ରି ପାଇଁ ବ୍ୟବସ୍ଥା କରିଥିଲେ ମଧ୍ୟ ନୟାଗଡରେ ଏହାର ଅଲଗା ଚିତ୍ର ଦେଖିବାକୁ ମିଳିଛି। ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରି ଅଫଲାଇନ୍‌ରେ ମଦବିକ୍ରି ଚାଲିଛି। ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥ ପାର୍ଶ୍ୱ ନୟାଗଡ ବସଷ୍ଟପ ନିକଟରେ ଏଭଳି ମଦ ବିକ୍ରି ଚାଲିଥିଲେ ମଧ୍ୟ ଧରପଗଡ ନାହିଁ। ସେହିପରି ସହରର ଅନ୍ୟ ସ୍ଥାନରେ ଥିବା ମଦ ଦୋକାନ ଗୁଡିକରେ ମଧ୍ୟ ଅଫଲାଇନ୍‌ରେ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

**ବିଞ୍ଝାରପୁର, ୨୪।୫ (ଡି.ଏନ୍.ଏ.):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବିଞ୍ଝାରପୁର ଥାନା ଅଧୀନ ଝାଡୁଆସାହି କାଲାମହଲ୍ଲା ଗ୍ରାମର ତପନ ଜେନା(୪୨)ଙ୍କୁ ସେହି ଗ୍ରାମର କେତେଜଣ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗ୍ରାମର କେତେଜଣ ବ୍ୟକ୍ତି ଶନିବାର ବିଳମ୍ବିତ ରାତିରେ ତପନଙ୍କୁ ଆକ୍ରମଣ କରିଥିବା ତାଙ୍କ ସ୍ତ୍ରୀ ଅନୀତା ଥାନାରେ ଅଭିଯୋଗ କରିଛନ୍ତି। ତପନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ ୧୪୧/୨୦ନଂ.ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଶିବଚରଣ ବେହେରା କହିଛନ୍ତି।

## ବିଦ୍ୟୁତ୍ ଖୁଣ୍ଟ ପଡ଼ି ବୃଦ୍ଧା ଗୁରୁତର

**କେନ୍ଦ୍ରାପଡା ଅଫିସ, ୨୪।୫:** କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ ରଙ୍ଗାଳ ଗ୍ରାମରେ ରବିବାର ଅପରାହ୍ନରେ ବିଦ୍ୟୁତ ଖୁଣ୍ଟ ପଡ଼ି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ ଡଲି ମହାନ୍ତି(୫୦)। ତାଙ୍କୁ ଚିକିତ୍ସା ପାଇଁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଗ୍ରାମର ଉଦିତ କୁମାର ଲେଙ୍କା କୁହନ୍ତି, ସାମୁଦ୍ରିକ ଝଡ ଅମ୍ଫାନ୍ ସମୟରେ ବିଦ୍ୟୁତ ତାର ଛିଣ୍ଡି ଖୁଣ୍ଟଟି ନଇଁ ପଡ଼ିଥିଲା। ସେହିବାଟ ଦେଇ ଡଲି ଯାଉଥିବା ସମୟରେ ତାଙ୍କ ଉପରେ ଏହା ପଡିଯାଇଥିଲା।

# ଲକ୍‌ଡାଉନ୍: ଦୁର୍ଦ୍ଦଶାରେ ହସ୍ତଶିଳ୍ପ କାରିଗର

**ଯାଜପୁର ଅଫିସ, ୨୪।୫**



- ଉତ୍କୃଷ୍ଟ ମାନର ସାମଗ୍ରୀ ଘରେ ପଡ଼ିରହିଛି
- ବିକ୍ରି ଅଭାବ, ଭୋକ ଉପାସରେ ଦିନ କଟୁଛି
- ବର୍ଷେ ବିତିଲା, ସମସ୍ତେ ଫନୀ ସହାୟତା ପାଇଲେନି

ଯାଜପୁର ଜିଲାରେ ଲକ୍‌ଡାଉନ ଯୋଗୁ ଦୁର୍ଦ୍ଦଶାରେ ପଡ଼ିଛନ୍ତି ହସ୍ତଶିଳ୍ପ କାରିଗର। ସେମାନଙ୍କୁ ବିଭିନ୍ନ ଯୋଜନାରେ ତାଲିମ ପ୍ରଦାନ କରାଯାଇ ସାମର୍ଥ୍ୟ କରାଯାଇଛି। କିନ୍ତୁ ଲକ୍‌ଡାଉନ ଯୋଗୁ ଉତ୍କୃଷ୍ଟମାନର ପଥର ଖୋଦେଇ, କାଇଁଚ, ଝୋଟ, ବାଉଁଶ, କାଷ୍ଠ, ଟେରାକୋଟା, ଚାନ୍ଦୁଆ ଆଦି ସାମଗ୍ରୀ ତିଆରି କରି ଘରେ ବସି ରହିଛୁ ବୋଲି କାରିଗରମାନେ କୋହଭରା କଣ୍ଠରେ କହିଛନ୍ତି। ଏହାବାଦ ବର୍ଷେ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଫନୀ ବାତ୍ୟା ଯୋଗୁ ସମସ୍ତ କ୍ଷତିଗ୍ରସ୍ତ କାରିଗର ସହାୟତା ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ଫଳରେ ସେମାନଙ୍କ ଆର୍ଥିକ ଅନଟନଜନିତ ଯନ୍ତ୍ରଣା ବଢ଼ିଯାଇଛି।

୨୦୧୯ ମେ ୩ରେ ହୋଇଥିବା ପ୍ରଳୟଙ୍କରୀ ବାତ୍ୟା ଫନୀରେ ଯାଜପୁର ଜିଲାର ହସ୍ତଶିଳ୍ପ କାରିଗରଙ୍କ ଜୀବିକା ଛଡ଼ାଇ ନେଇଥିଲା। ବହୁ ଦାବି, ଆନ୍ଦୋଳନ, ବିକ୍ଷୋଭ ପ୍ରଦର୍ଶନ ପରେ ଫନୀ ସହାୟତା ରାଶି ୮,୨୦୦ ଟଙ୍କା ଲେଖାଏ ପ୍ରଦାନ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। କାରିଗରଙ୍କ କର୍ମଶାଳା, ନିର୍ମାଣ ସାମଗ୍ରୀ, କଞ୍ଚାମାଲ ଆଦି କ୍ଷତିକୁ ଆକଳନ କଲେ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି କୁହାଯାଇଥିଲା। ଏହି ସହାୟତା ପାଇବାକୁ ମଧ୍ୟ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିଛି। ଏଥିରୁ ଜିଲା ଶିଳ୍ପ କେନ୍ଦ୍ର ଅଧିକାରୀଙ୍କ କାର୍ଯ୍ୟଦକ୍ଷତା କେତେ ତାହା ସ୍ପଷ୍ଟ ବାରି ହେଉଛି। ଜିଲାର ଶିଳ୍ପ ବିକାଶ ପାଇଁ ଗୁରୁଦାୟିତ୍ୱ ବହନ କରୁଥିବା ଜିଲା ଶିଳ୍ପ କେନ୍ଦ୍ର (ଡିଆଇସି) ଆବଶ୍ୟକତା ଅନୁଯାୟୀ ସକ୍ରିୟ ହେଉ ନ ଥିବା ଯୋଗୁ ଜିଲାରେ ହସ୍ତଶିଳ୍ପ ବିକାଶର ଗତି ଦିନକୁଦିନ ଏଭଳି ଭାବେ ମନ୍ଥର ହେବାରେ ଲାଗିଛି। ଉପଯୁକ୍ତ ବଜାର ସୁବିଧା ଏବଂ ଭିତ୍ତିଭୂମିର ବିକାଶ ଦିଗରେ ଆବଶ୍ୟକ ସହାୟତା ମିଳୁ ନ ଥିବାରୁ ହସ୍ତଶିଳ୍ପ ସାମଗ୍ରୀର ଉଚିତ ଲାଭ ମିଳିପାରୁନାହିଁ। ଏଥିସହ କଞ୍ଚାମାଲ ଓ ପ୍ରୋତ୍ସାହନ ଅଭାବରୁ ହସ୍ତଶିଳ୍ପ କାରିଗରମାନେ ଅଭାବ ଅନଟନରେ କାଳାତିପାତ କରି ଆସୁଛନ୍ତି। ଏଭଳିସ୍ଥିତିରେ ଲକ୍‌ଡାଉନ୍ ହସ୍ତଶିଳ୍ପ କାରିଗରଙ୍କ ଦୁଃଖ ବୋଝକୁ ଦୁଇଗୁଣ କରିଛି।

ଧର୍ମଶାଳା ବ୍ଲକର ଅଣ୍ଡିଆ, କମାଗଡ ଆଦି ଗ୍ରାମର କାରିଗରମାନଙ୍କ କାଇଁଚ, ନିର୍ମାଣ ସାମଗ୍ରୀ ଏବଂ ଶୁଖୁଆପଦା, କଙ୍କଗଡ, ଛତିଆ ଆଦି ଗ୍ରାମର ପଥର କାରିଗରଙ୍କ ନିର୍ମାଣ ସାମଗ୍ରୀ ବିକ୍ରି ହୋଇ ନ ପାରି ପଡ଼ିରହିଛି। ସେହିପରି ପ୍ରଥମାଖଣ୍ଡି, ଯାଜପୁର ଓ ଗୋପାଳପୁର ଆଦି ଗ୍ରାମର ମାଟି ହସ୍ତଶିଳ୍ପ କାରିଗର, କୁଣ୍ଡପାଟଣା, ବାଲିପାଟଣା, ଅତଳାପୁର, ସାମନ୍ତପୁର, ବୈଦ୍ୟରାଜପୁର, ବୁଗୁଡି, ପଣସୁଧା, ଲକ୍ଷ୍ମୀନଗର ଗ୍ରାମର ଶତାଧିକ କଂସାପିତ୍ତଳ ସାମଗ୍ରୀ କାରିଗରଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ଟେରାକୋଟା କାର୍ଯ୍ୟରେ ପ୍ରଥମାଖଣ୍ଡି, ଗୋପାଳପୁର, ଲକ୍ଷ୍ମୀନଗର ଆଦି ଗ୍ରାମର କାରିଗରମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଆତ୍ମନିଯୁକ୍ତି ଜରିଆରେ ବେକାରି ସମସ୍ୟାର ସମାଧାନ କରାଯାଉଛି ଏବଂ କାରିଗରମାନଙ୍କୁ ପ୍ରଶିକ୍ଷଣ ଦେଇ ବ୍ୟାଙ୍କ ଋଣ ଯୋଗାଇ ଆତ୍ମନିଯୁକ୍ତି ପାଇଁ ନିରନ୍ତର କାର୍ଯ୍ୟକରି ଚାଲିଛି ବୋଲି ବିଭାଗ ପକ୍ଷରୁ ଦାବି କରାଯାଉଛି। ହେଲେ ବାସ୍ତବରେ ତାହା ନ ହେବା ଯୋଗୁ କାରିଗରି ବିଦ୍ୟାକୁ ତ୍ୟାଗ କରି ଅଧାରୁ ଅଧିକ ଶିଳ୍ପୀ ଏବେ ରାଜସ୍ଥାନ, ଗୁଜରାଟ, ବମ୍ବେ, ଦିଲ୍ଲୀ ପ୍ରମୁଖ ସ୍ଥାନକୁ ଦାଦନ ଖଟିବାକୁ ଯାଉଛନ୍ତି।

ଲକ୍‌ଡାଉନ୍‌ରେ କ୍ଷତିଗ୍ରସ୍ତ କାରିଗର ଶୁଖୁଆପଦାର ଅଶୋକ ମହାରଣା କହିଛନ୍ତି, ୩ ମାସ ହେଲା ଗ୍ରାମର ପ୍ରାୟ ୧୫୦ ଶିଳ୍ପୀ ପରିବାର ନିର୍ମାଣ ସାମଗ୍ରୀ ଧରି ବସି ରହିଛନ୍ତି। କୌଣସି ସାମଗ୍ରୀ ବିକ୍ରି ହୋଇପାରୁନାହିଁ। ହାତ ଉଧାରି କରି ୩ ମାସ ହେଲା କଷ୍ଟେମଷ୍ଟେ ଚଳିଯାଉଛି। ସରକାର ଆମ ପେଟପାଟଣା ପ୍ରତି ଆଦୌ ଚିନ୍ତା କଲେ ନାହିଁ। ଲକ୍ଷ୍ମୀନଗର ଗ୍ରାମର କଂସାପିତ୍ତଳ କାରିଗର ସଦାନନ୍ଦ ସାହୁ କହିଛନ୍ତି, ଯାହା କିଛି ସଞ୍ଚୟ ଥିଲା ସେଥିରେ ସପ୍ତାହ ପର୍ଯ୍ୟନ୍ତ କଷ୍ଟେମଷ୍ଟେ ଚଳିଲୁ। ସାମଗ୍ରୀ ବିକ୍ରି ହେଉ ନ ଥିବାରୁ ହାତବାନ୍ଧି ବସିଛୁ ବୋଲି ସେ ବାଷ୍ପରୁଦ୍ଧ କଣ୍ଠରେ କହିଛନ୍ତି। ଜିଲା ଶିଳ୍ପକେନ୍ଦ୍ରର ଜିଏମ୍ ପ୍ରଭାକର ରାଓଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ କହିଛନ୍ତି, ଆଉ ପ୍ରାୟ ୫୦୦ ପରିବାର ଫନୀ ସହାୟତା ରାଶି ପାଇବେ। ଲକ୍‌ଡାଉନ୍ କାରଣରୁ କ୍ଷତିଗ୍ରସ୍ତ ହସ୍ତଶିଳ୍ପ ପରିବାରଙ୍କୁ କୌଣସି ସହାୟତା ରାଶି ଦେବାକୁ ସରକାର ଘୋଷଣା କରିନାହାନ୍ତି। ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ସେ କହିଛନ୍ତି।

# ଟିଏମ୍‌ସିରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବେ

**ଯାଜପୁର ଅଫିସ, ୨୪।୫**

### ସୁସ୍ଥ ହୋଇ ଫେରିଲେଣି ୯୦ କରୋନା ରୋଗୀ

ଯାଜପୁର ଜିଲାର ୧୮ ଜଣ କରୋନା ସଂକ୍ରମିତ ରବିବାର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏଥିରେ ଦଶରଥପୁର ବ୍ଲକର ୧୧, ଯାଜପୁରର ୨, ବରୀର ୨, ବଡ଼ଚଣାର ୧ ଓ ଧର୍ମଶାଳା ବ୍ଲକର ୨ ଜଣ ରହିଛନ୍ତି। ଏହାକୁ ମିଶାଇ ମୋଟ ୯୦ ଜଣ ସୁସ୍ଥ ହୋଇସାରିଛନ୍ତି। ତେବେ ସୁସ୍ଥ ହୋଇଥିବା ବ୍ୟକ୍ତିମାନଙ୍କୁ ଘରକୁ ପଠାଯାଇଥିବାବେଳେ ବିଭିନ୍ନ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର(ଟିଏମ୍‌ସି)ରେ ରହୁଥିବା ବ୍ୟକ୍ତିମାନଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ ଆଧାରରେ ସେମାନଙ୍କୁ ମଧ୍ୟ ଘରକୁ ଛଡ଼ାଯାଉଛି ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ସୁସ୍ଥ ଓ ନେଗେଟିଭ ରିପୋର୍ଟ ଥିବା ବ୍ୟକ୍ତିବିଶେଷ ଘରକୁ ଗଲେ ମଧ୍ୟ ନିଜ ନିଜ ଘରେ କ୍ୱାରାଣ୍ଟାଇନ୍‌ରେ ରହିବେ। ଲୋକମାନଙ୍କ ସହ ନ ମିଶିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ଯେଉଁମାନଙ୍କ ରିପୋର୍ଟ ନେଗେଟିଭ ଆସୁଛି ସେମାନଙ୍କୁ ସମ୍ପୃକ୍ତ ମେଡିକାଲ ଅଫିସର ଏକ ପ୍ରମାଣପତ୍ର ଦେବେ। ସେହି ବ୍ୟକ୍ତିମାନେ ନିଜ ଗୃହରେ କ୍ୱାରାଣ୍ଟାଇନରେ ରହୁଛନ୍ତି ବୋଲି ଅଙ୍ଗନୱାଡ଼ି, ଆଶାକର୍ମୀ, ସରପଞ୍ଚ ସେମାନଙ୍କ ଘର ଦ୍ୱାରରେ ଏକ ନୋଟିସ୍ ମାରିବେ ଓ ତାହାର ନିୟମିତ ଅନୁଧ୍ୟାନ କରିବେ। ବିଶେଷଜ୍ଞମାନଙ୍କ ମତରେ ଉପଯୁକ୍ତ ଖାଦ୍ୟ, ଚିକିତ୍ସା ଦ୍ୱାରା ଏହି ବ୍ୟକ୍ତିମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିପାଇବ ଓ ପରବର୍ତ୍ତୀ ସମୟରେ ସେମାନେ ସାଧାରଣ ଜୀବନ ନିର୍ବାହ କରିପାରିବେ। କିନ୍ତୁ ସେମାନେ ଘରେ କ୍ୱାରାଣ୍ଟାଇନ୍‌ରେ ରହିବା ସମୟତକ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଅବଶିଷ୍ଟ ୧୪ଦିନ ସେମାନେ ସଙ୍ଗରୋଧକୁ ନିଶ୍ଚିତ ଭାବେ ନିୟମ ଅନୁସାରେ ପାଳନ କରିବାକୁ ଜିଲାପାଳ ଦାସ ଅନୁରୋଧ କରିଛନ୍ତି।

# ଟିଏମ୍‌ସି ତଥ୍ୟ ଇ-ଅଫିସ ମାଧ୍ୟମରେ ଦିଅ

**ଜଗତ୍‌ସିଂହପୁର ଅଫିସ, ୨୪।୫**



- ବାତ୍ୟା ପରର ସ୍ଥିତି, କୋଭିଡ୍ ଉପରେ ସମୀକ୍ଷା

କରୋନା ସଂକ୍ରମଣ ବଢୁଥିବାରୁ ପ୍ରତ୍ୟହ ଜିଲାକୁ ପ୍ରବାସୀଙ୍କ ଆଗମନ ହେଉଛି। ସେମାନଙ୍କୁ ଜିଲାର ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ରେ ରଖାଯାଉଛି। କିନ୍ତୁ ଟିଏମ୍‌ସିରେ ପ୍ରବାସୀଙ୍କ ରହିବା ପାଇଁ ପୂର୍ବରୁ ଥିବା ଅବଧିରେ ସଂଶୋଧନ ହୋଇଛି। ଏଣିକି ପ୍ରବାସୀ କ୍ୱାରାଣ୍ଟାଇନ କେନ୍ଦ୍ରରେ ୭ ଦିନ ଓ ଘରେ ଅର୍ଥାତ୍ ହୋମ କ୍ୱାରାଣ୍ଟାଇନ୍‌ରେ ୭ ଦିନ ରହିବାକୁ ନିଷ୍ପତ୍ତି ନିଆଯାଇଛି। ଟିଏମ୍‌ସିରେ ପ୍ରବାସୀଙ୍କ ଖାଦ୍ୟ ଆଦି ବାବଦ ପ୍ରାପ୍ୟ ପାଇବା ପାଇଁ ହେଲେ ବିଡିଓମାନେ ନିର୍ଭୁଲ ତଥ୍ୟ ଇ-ଅଫିସ ମାଧ୍ୟମରେ ପଠାଇବାକୁ ପଡିବ। ତାହା ନ ହେଲେ ଅର୍ଥ ବରାଦ କରାଯାଇ ପାରିବ ନାହିଁ। ସେହିପରି ପ୍ରତ୍ୟହ ପ୍ରବାସୀ ଜିଲାକୁ ଫେରିବାଠାରୁ ଟିଏମ୍‌ସିରେ ରହିବା ପର୍ଯ୍ୟନ୍ତ ସମସ୍ତ ତଥ୍ୟ କୋଭିଡ୍ ପୋର୍ଟାଲରେ ଅପଡେଟ୍ ହେବା ଜରୁରୀ। ରବିବାର ଜିଲାରେ ବାତ୍ୟା ପରର ସ୍ଥିତି ଓ କୋଭିଡ୍-୧୯ ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସୱାନ ଭିସି ରୁମ୍‌ରେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଜିଲାର ବିଡିଓ, ତହସିଲଦାର ଓ ନିର୍ବାହୀ ଅଧିକାରୀଙ୍କ ସହ ଅନୁଷ୍ଠିତ ସମୀକ୍ଷାରେ ଜିଲାପାଳ ଏକଥା ମଧ୍ୟ କହିଥିଲେ ବାତ୍ୟା ଅମ୍ଫାନ୍‌ରେ ପାଖାପାଖି ୧୭ ହଜାର ଲୋକଙ୍କୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ସମସ୍ତ ତହସିଲଦାର ମେ' ୨୬ ତାରିଖ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ସହିତ ଯୁଗ୍ମ ରିପୋର୍ଟ ପଠାଇବାକୁ ପଡିବ। ଗ୍ରାମ ପଞ୍ଚାୟତ ନୋଡାଲ ଅଧିକାରୀ ଓ ପୌର ପରିଷଦ ୱାର୍ଡ ନୋଡାଲ ଅଧିକାରୀମାନେ ସେମାନଙ୍କ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ଓ ପ୍ରବାସୀଙ୍କ ତଥ୍ୟ କୋଭିଡ୍ ପୋର୍ଟାଲରେ ଅପଲୋଡ୍ କରିବାକୁ ହେବ। ସମସ୍ତ ବ୍ଲକର ବିଡିଓ, ସେମାନଙ୍କ ପଞ୍ଚାୟତ ନୋଡାଲ ଅଧିକାରୀ, କମ୍ପ୍ୟୁଟର ପ୍ରୋଗ୍ରାମର ଓ ପୌର ପରିଷଦ ନିର୍ବାହୀ ଅଧିକାରୀମାନେ ପ୍ରତ୍ୟେକ ଦିନ ଟିଏମ୍‌ସି ଓ ପ୍ରବାସୀଙ୍କ ତଥ୍ୟ କୋଭିଡ୍ ପୋର୍ଟାଲରେ ଅପଲୋଡ୍‌କୁ ସୁନିଶ୍ଚିତ କରାଇବେ। ଗ୍ରାମାଞ୍ଚଳ ଓ ସହରାଞ୍ଚଳର କ୍ୱାରାଣ୍ଟାଇନ୍ ଅବଧି ୧୪ ଦିନକୁ କମାଇ ଦିଆଯାଇଥିଲେ ସୁଦ୍ଧା ଲକ୍ଷଣ ନ ଥିବା ଲୋକଙ୍କୁ ହୋମ୍ କ୍ୱାରଣ୍ଟୋଇନ୍‌କୁ ପଠାଇ ଦିଆଯିବ। ବିଡିଓମାନେ ସରପଞ୍ଚଙ୍କ ସହିତ ପ୍ରବାସୀଙ୍କୁ ଦିଆଯାଉଥିବା ସୁବିଧାସୁଯୋଗ ଆଦି ତଦାରଖ କରିବେ ବୋଲି ଜିଲାପାଳ କହିଥିଲେ। ରବିବାର ଛତିଶଗଡ଼ର ୨୫୮ ଜଣ ଶ୍ରମିକଙ୍କୁ ୪ଟି ବସ ଯୋଗେ ସେମାନଙ୍କ ରାଜ୍ୟକୁ ପଠାଇ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଜରୁରୀ ବିଭାଗ ସହକାରୀ ଜିଲାପାଳ ଶାଶ୍ୱତ ଦାସ, ଜିଲାପାଳଙ୍କ ଓଏସ୍‌ଡି ଶଶାଙ୍କ ଶେଖର ଲେଙ୍କାଙ୍କ ସମେତ ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ।

# କୃଷି କାର୍ଯ୍ୟାଳୟରେ ସାମାଜିକ ଦୂରତା ଭୁଲିଗଲେ ଚାଷୀ

**ରସୁଲପୁର, ୨୪।୫ (ଡି.ଏନ୍.ଏ.)**



କରୋନା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ୍ ଚାଲିଥିବା ବେଳେ ରସୁଲପୁର ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା। ଘାସମରା ଔଷଧ ନେବାକୁ ଆସିଥିବା ଚାଷୀମାନେ ସାମାଜିକ ଦୂରତା ରକ୍ଷା ନ କରି କୃଷି କାର୍ଯ୍ୟାଳୟ ଫାଟକ ଆଗରେ ଭିଡ଼ ଜମାଇଥିଲେ। ଏ ନେଇ କୃଷି ଅଧିକାରୀ ଭାଗ୍ୟଧର ସାହୁ ପୋଲିସକୁ ଜଣାଇବା ପରେ ପୋଲିସ ଉପସ୍ଥିତିରେ କାର୍ଯ୍ୟାଳୟ ଫାଟକ ଖୋଲା ଯାଇଥିଲା। ମାତ୍ର ଚାଷୀମାନେ କରୋନା କଟକଣା ନ ମାନିବାରୁ ଚାଷୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୋଲିସ ଘଟଣାସ୍ଥଳ ଛାଡ଼ି ଚାଲି ଯାଇଥିଲା। ଏହାଛଡ଼ା ସାମାଜିକ ଦୂରତା ରକ୍ଷା ନ କଲେ ଔଷଧ ମିଳିବ ନାହିଁ ବୋଲି କୃଷି ଅଧିକାରୀ ଭାଗ୍ୟଧର ସାହୁ କହିବାରୁ ଚାଷୀମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ୧୨ଶହରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମହଜୁଦ୍ ଥିବା ୧୬୦୦ ଲିଟର ଘାସମରା ଔଷଧ ଅଧାଦାମ୍‌ରେ ବଣ୍ଟନ କରାଯାଇଥିଲା। ଏ ଦିଗରେ କୃଷି ଅଧିକାରୀ ସାହୁଙ୍କୁ ପଚାରିବାରେ ଘାସମରା ଔଷଧ ଷ୍ଟକ୍ ସୀମିତ ଥିବାରୁ ଚାଷୀମାନେ ଭିଡ଼ ମଧ୍ୟରେ ଠେଲାପେଲା ହୋଇଥିଲେ। ତେବେ ଚାଷୀମାନେ ପୋଲିସକୁ ଗାଳିଗୁଲଜ କରିବାରୁ ସେମାନେ ଭିଡସ୍ଥଳରୁ ଚାଲିଗଲେ। ଏହାସହ ଚାଷୀଙ୍କୁ ସାମାଜିକ ଦୂରତା ବଜାୟ ରଖିବା ସହ ମାସ୍କ ପିନ୍ଧିବାକୁ କହିବାରୁ ସେମାନେ କୃଷି ଅଧିକାରୀଙ୍କୁ ଗାଳିଗୁଲଜ କରିଥିଲେ ବୋଲି କହିଛନ୍ତି।

## ପ୍ରସ୍ତାବିତ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ପ୍ରକଳ୍ପ ବିରୋଧରେ ବିକ୍ଷୋଭ

**ଏରସମା, ୨୪।୫(ସ୍ୱ.ପ୍ର.)**

ଏରସମା ବ୍ଲକ ଜିରାଇଲୋ ପଞ୍ଚାୟତ ଭିଟାମାଟି ସୁରକ୍ଷା ସମିତି ପକ୍ଷରୁ ରବିବାର ପ୍ରସ୍ତାବିତ ଚିଙ୍ଗୁଡି ପ୍ରକ୍ରିୟାକରଣ ପ୍ରକଳ୍ପ ବିରୋଧରେ ବିକ୍ଷୋଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଞ୍ଚ ସଭାପତି ଅଭିଜିତ ସାହୁ ଓ ସମ୍ପାଦକ ପ୍ରଶାନ୍ତ ରାଉତଙ୍କ ନେତୃତ୍ୱରେ ନାଉବେଲରୀ




ଛକରୁ ସାମାଜିକ ଦୂରତା ରକ୍ଷା କରି ଏକ ଶୋଭାଯାତ୍ରା ପ୍ରସ୍ତାବିତ ଚିଙ୍ଗୁଡି ପ୍ରକ୍ରିୟାକରଣ ପ୍ରକଳ୍ପ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଭାପତି ସାହୁ ଅଧକ୍ଷତା କରି କହିଥିଲେ, ଏହି ପ୍ରକଳ୍ପକୁ ବିରୋଧ କରି ପଞ୍ଚାୟତବାସୀ ୫୪ ଦିନ ଧାରଣାରେ ବସିଥିଲେ। ଫଳରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ତେବେ ଲକ୍‌ଡାଉନ ଯୋଗୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ଏବେ ପ୍ରସ୍ତାବିତ ସ୍ଥାନକୁ ଆସି କାର୍ଯ୍ୟ କରିବାକୁ ଯୋଜନା କରିବା ଦୁର୍ଭାଗ୍ୟଜନକ। ଏଥିରେ ଜଟାଧାରୀ ସ୍ୱାଇଁ, ବିଷ୍ଣୁ ସ୍ୱାଇଁ, ବାବାଜୀ ସେଠୀ, ବିଶ୍ୱଜିତ ସାହୁ, ରବୀନ୍ଦ୍ର ପାଇଟାଳ, ସୁରେନ୍ଦ୍ର ସ୍ୱାଇଁ, ପ୍ରମୋଦ ମଲ୍ଲିକ, ଭକ୍ତ ବେହେରା, ଅଜୟ ଗାଉଣିଆ ପ୍ରମୁଖ ଯୋଗଦେଇ କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି ସ୍ଲୋଗାନ ଦେଇଥିଲେ।

# ଭାରସାମ୍ୟ ହରାଇ ଓଲଟିଲା କାର୍

**ଓଡ଼ଗାଁ, ୨୪।୫(ସ୍ୱ.ପ୍ର.)**

### ଚାପିହୋଇ ଶ୍ୱଶୁର ମୃତ, ଜ୍ୱାଇଁ ଆହତ



ନୟାଗଡ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ୨୧ ନମ୍ବର ରାଜ୍ୟ ରାଜପଥ ପଥରା ଛକ ନିକଟରେ ରବିବାର ଅପରାହ୍ନ ପ୍ରାୟ ୩ଟାରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଶ୍ୱଶୁର କାର୍ ତଳେ ଚାପି ହୋଇ ମୃତ୍ୟୁବରଣ କରିଥିବାବେଳେ କାର୍ ଚାଳକ ଜ୍ୱାଇଁ ସାମାନ୍ୟ ଆହତ ହୋଇଛନ୍ତି। ମୃତକ ହେଲେ ଜଗତ୍‌ସିଂହପୁର ଜିଲା ରାହାମା ଅଞ୍ଚଳର ରଞ୍ଜନ ସାହୁ(୬୦)। ଆହତ ହେଲେ କାର ଚାଳକ ତଥା ମୃତକଙ୍କ ଜ୍ୱାଇଁ ପୁରୀର ଶିବପ୍ରସାଦ ସେନାପତି(୩୬)। ଉଭୟେ କୌଣସି କାର୍ଯ୍ୟରେ ସକାଳୁ ଭୁବନେଶ୍ୱରରୁ କନ୍ଧମାଳ ଜିଲା ରାଇକିଆ ଯାଇ ଫେରୁଥିବା ବେଳେ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆହତ ଶିବପ୍ରସାଦଙ୍କ ସୂଚନା ଅନୁସାରେ ସେ କାର୍ ଚଳାଇ ଆସୁଥିବାବେଳେ ହଠାତ୍ ଭାରସାମ୍ୟ ହରାଇବାରୁ କାରଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଉଭୟେ କାର୍ ତଳେ ଚାପି ହୋଇରହିଥିବା ବେଳେ ସ୍ଥାନୀୟ ଲୋକେ ଦମକଳବାହିନୀ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ତଦନ୍ତ ଚଳାଇଛି। ଏନେଇ ଥାନାରେ (ନଂ-୧୨୦।୨୦)ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବଂଶୀଧର ବିଶ୍ୱାଳ ସୂଚନା ଦେଇଛନ୍ତି।

## ଜବ୍ କାର୍ଡଧାରୀଙ୍କୁ କାମ ଯୋଗାଇଦେବାକୁ ନିର୍ଦ୍ଦେଶ

**ସୁକିନ୍ଦା, ୨୪।୫:** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ଲକ ଅଧୀନ ସମସ୍ତ ଜବ୍ କାର୍ଡଧାରୀଙ୍କୁ କାମ ଯୋଗାଇଦେବାକୁ ବିଡିଓ ବିଶ୍ୱଜିତ ଦାସ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମିକମାନଙ୍କ ଅସୁବିଧା ଦୂର କରିବା ସକାଶେ ପ୍ରତି ପଞ୍ଚାୟତରେ ବିଭିନ୍ନ ପ୍ରୋଜେକ୍ଟ ତିଆରି କରି ସେମାନଙ୍କୁ କାମ ଯୋଗାଇ ଦେବାକୁ ଜେଇ, ଗ୍ରାମରୋଜଗାର ସେବକ ଓ ପିଇଓମାନଙ୍କୁ ବିଡିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାଦ୍ୱାରା ପ୍ରାୟ ୧୦ହଜାର ଜବ୍ କାର୍ଡଧାରୀ ଉପକୃତ ହୋଇପାରିବେ।

# ମହଙ୍ଗା ପଡ଼ିଲା ବ୍ଲାକ୍‌ମେଲିଂ ପୂର୍ବତନ ପ୍ରେମିକ ଗିରଫ

**ବିଞ୍ଝାରପୁର, ୨୪।୫ (ଡି.ଏନ୍.ଏ)**

ବିବାହିତା ମହିଳାଙ୍କୁ ବ୍ଲାକମେଲିଂ କରିବା ଅଭିଯୋଗରେ ପୂର୍ବତନ ପ୍ରେମିକ ଗିରଫ ହୋଇଛନ୍ତି। ଘଟଣା ଘଟିଛି ବିଞ୍ଝାରପୁର ଥାନା ଆଉଁରୀ ପଞ୍ଚାୟତ ଅଞ୍ଚଳରେ। ଅଭିଯୁକ୍ତ ଜଣକ ହେଲେ ବରୀ ଥାନା ବାଲିବିଲ ଅଞ୍ଚଳର ଜଗନ୍ନାଥ ଦାସଙ୍କ ପୁଅ ସଞ୍ଜୟ (୩୮)। ସଞ୍ଜୟ ପୂର୍ବରୁ ସମ୍ପୃକ୍ତା ମହିଳାଙ୍କ ଶାଶୂଘରକୁ ଯାଇ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଦେଖାଇବା ସହ ଶାରୀରିକ ସମ୍ପର୍କ ରଖିବାକୁ ତାଙ୍କୁ ବାଧ୍ୟ କରୁଥିଲେ। ଏ ସମ୍ପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଉଥିଲେ। ତେବେ ଶନିବାର ବିଳମ୍ବିତ ରାତିରେ ସଞ୍ଜୟ ସମ୍ପୃକ୍ତା ମହିଳାଙ୍କ ଘରକୁ ଯାଇଥିବା ବେଳେ ଗ୍ରାମବାସୀ ତାଙ୍କୁ କାବୁ କରି ନିଘୁଞ୍ଚ ମାଡ଼ ମାରିବା ସହ ଏକ ଘରେ ବନ୍ଦ କରି ରଖିଥିଲେ। ରବିବାର ସକାଳେ ଅଳକୁଣ୍ଡ ଫାଣ୍ଡି ଅଧିକାରୀ ଗଣେଶଚନ୍ଦ୍ର ଘଡାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି ବିଞ୍ଝାରପୁର ଥାନାକୁ ଆଣିଥିଲେ। ଏ ନେଇ ୧୪୨/୨୦ ନଂ.ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଥିବା ଆଇଆଇସି ଶିବଚରଣ ବେହେରା କହିଛନ୍ତି।

# ନୟାଗଡ଼ରେ ପୁଣି ୧୩ ଆକ୍ରାନ୍ତ

**ନୟାଗଡ଼ ଅଫିସ/ ଦଶପଲ୍ଲା, ୨୪।୫(ଡି.ଏନ.ଏ.)**

### ୧୫ ଦିନରେ ୪୫ ଛୁଇଁଲା ସଂଖ୍ୟା

ନୟାଗଡ଼ ଜିଲାର ନୟାଗଡ଼ ବ୍ଲକ କରୋନା ମାନଚିତ୍ରରେ ସାମିଲ ହୋଇଛି। ଜିଲାର ଭାପୁର, ଖଣ୍ଡପଡା ଓ ନୂଆଗାଁ ବ୍ଲକକୁ ଛାଡିଦେଲେ ଅନ୍ୟ ୫ଟି ବ୍ଲକକୁ କରୋନା ଗ୍ରାସ କରି ସାରିଲାଣି। ୧୫ ଦିନ ଭିତରେ ଜିଲାରେ ଏହି ରୋଗୀ ସଂଖ୍ୟା ୪୫କୁ ଛୁଇଁଲାଣି। ରବିବାର ନୟାଗଡ ବ୍ଲକର ୧୧ ଓ ଦଶପଲ୍ଲା ବ୍ଲକର ୨ ମୋଟ୍ ୧୩ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ସରକାରୀ ଭାବେ ଘୋଷଣା କରାଯାଇଛି। ନୟାଗଡ ବ୍ଲକର ଲାଠିପଡା ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୪, ଇଟାମାଟି ନାରାୟଣୀ ଗାର୍ଲସ ହାଇସ୍କୁଲ ସେଣ୍ଟରରେ ୭ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଦଶପଲ୍ଲା ବ୍ଲକ ଘୋଳାହାଣ୍ଡି ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଅନୁରୂପଭାବେ ୨ଜଣ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ପ୍ରବାସୀମାନେ ସୁରଟ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରୁ ଆସି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ ବୋଲି ସିଡିଏମଓ ଶ୍ୱେତ ମହାପାତ୍ର ସୂଚନା ଦେଇଛନ୍ତି। ଜିଲାର ଓଡ଼ଗାଁ ୨୩, ଗଣିଆ ବ୍ଲକର ୪, ଦଶପଲ୍ଲାରୁ ୪, ରଣପୁର ୩, ନୟାଗଡ଼ ବ୍ଲକରୁ ୧୧ ଏପରି ମୋଟ ଆକ୍ରାନ୍ତ ସଂଖ୍ୟା ୪୫ରେ ପହଞ୍ଚିଥିବାବେଳେ ଜଣେ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିରୁ ୪୪ଜଣ ଭୁବନେଶ୍ୱରରେ ଚିକିତ୍ସାଧୀନ ଅଛନ୍ତି। ସେହିପରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ୨୧ ଦିନ ରହିବା ପରେ ଜିଲାର ୮୦ଜଣ ପ୍ରବାସୀ ଘରକୁ ଫେରିଛନ୍ତି।

# ବିଳମ୍ବରେ ମଧ୍ୟାହ୍ନଭୋଜନ ଦେବାରୁ ଖାଇଲେନି ପ୍ରବାସୀ

**ନାଉଗାଁ, ୨୪।୫(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଧୀନ ଘୋଡାଂଶ ପଞ୍ଚାୟତରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଖାଦ୍ୟ ପ୍ରଦାନରେ ବିଳମ୍ବ ଯୋଗୁ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରବାସୀମାନେ ଖାଦ୍ୟ ଗ୍ରହଣ ନ କରି ପ୍ରତିବାଦ କରିଥିଲେ। ଏଥିସହିତ କେନ୍ଦ୍ରରେ ନାନା ଅସୁବିଧା ହେଉଥିବା ଅଭିଯୋଗ କରିଥିଲେ। ପରେ ବୁଝାଶୁଝା କରିବାରୁ ସେମାନେ ଖାଦ୍ୟ ଗ୍ରହଣ କରିଥିଲେ। ସୂଚନା ଅନୁସାରେ, ଘୋଡାଂଶ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଓ ବାସୁଦେବ ଉଚ୍ଚ ବିଦ୍ୟାଳୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଥାକ୍ରମେ: ୮୩ ଓ ୪୩ଜଣ ପ୍ରବାସୀ ରହୁଛନ୍ତି। ସକାଳ ଜଳଖିଆରେ ସେମାନଙ୍କୁ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଥିବା ବେଳେ ମଧ୍ୟାହ୍ନଭୋଜନ ୩ଟାପରେ ପ୍ରଦାନ କରାଯାଉଛି। ଯାହାକୁ ନେଇ ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ବିଳମ୍ବରେ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଥିବାରୁ ସେମାନେ ଖାଦ୍ୟ ଖାଇ ନ ଥିଲେ। ଫଳରେ ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ଖାଦ୍ୟ ପୁଡିଆ ପଡ଼ି ରହିଥିଲା। ସେହିପରି ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସର ଠିକଭାବେ ସାନିଟାଇଜ ନ ହେବା, ଝରକାରେ ତାର ଜାଲି ନ ଲଗାଇବା ଓ ନିମ୍ନ ମାନର ଖାଦ୍ୟ ପ୍ରଦାନ ସହିତ ବିଳମ୍ବରେ ଖାଦ୍ୟ ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଥିଲା। ଏପରି କି ପ୍ରଶସାନିକ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଉକ୍ତ କଥାକୁ କର୍ଣ୍ଣପାତ କରି ନ ଥିବା ପ୍ରବାସୀ ପ୍ରକାଶ କରିଛନ୍ତି। ଉତ୍ତେଜନା ପରେ ସରପଞ୍ଚଙ୍କ ପ୍ରତିନିଧି ଓ ନୋଡାଲ ଅଧିକାରୀ ପହଞ୍ଚି ପ୍ରବାସୀଙ୍କୁ ବୁଝାଶୁଝା କରି ଖାଇବାକୁ ଦେଇଥିଲେ। ଏ ସମ୍ପର୍କରେ ସରପଞ୍ଚଙ୍କ ପ୍ରତିନିଧି ତରୁଣକାନ୍ତ ବାରିକ କହିଛନ୍ତି, ରୋଷେଇ ସମୟରେ ଗ୍ୟାସ ଚୁଲାର ସମସ୍ୟା ଯୋଗୁ ଖାଦ୍ୟ ଦେବାର ବିଳମ୍ବ ହୋଇଥିଲା। ପିଇଓ ଅରୁଣ ପ୍ରଧାନ କହିଛନ୍ତି, ବାସୁଦେବ ବିଦ୍ୟାଳୟର କେତେଜଣ ପ୍ରବାସୀ ଖାଇଥିଲେ। ଆଉ କେତେଜଣ ଖାଇ ନ ଥିଲେ। ସେମାନଙ୍କୁ ବୁଝାଶୁଝା କରିବା ପରେ ଖାଇଥିଲେ। ମହାବିଦ୍ୟାଳୟର ପ୍ରବାସୀଙ୍କୁ ବୁଝାଇବା ପରେ ସମସ୍ତେ ଖାଦ୍ୟ ଗ୍ରହଣ କରିଥିଲେ। ଆଗକୁ ଏପରି ଅସୁବିଧା ହେବନାହିଁ ବୋଲି ଉଭୟ ପ୍ରକାଶ କରିଛନ୍ତି।

# କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ୧୪୪

- ୩୬୪୬ ସ୍ୱାବ୍ ସଂଗ୍ରହ , ୫ ଆକ୍ରାନ୍ତ ଚିକିତ୍ସିତ
- ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲିବ ଦୋକାନ

**ବାରିପଦା ଅଫିସ,୨୪।୫**

ମହାମାରୀ କରୋନା ଭୂତାଣୁର ସଂକ୍ରମଣ ପ୍ରତିରୋଧ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲାର ସମସ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର (ଟିଏମ୍‌ସି), କ୍ୱାରାଣ୍ଟାଇନ୍ ଓ ଆଇସୋଲେଶନ କେନ୍ଦ୍ରରେ ୧୪୪ ଧାରା ଜାରି କରାଯାଇଛି। ସତର୍କତା ପଦକ୍ଷେପ ସ୍ୱରୂପ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ଗୁରୁତ୍ୱ ଦିଆଯାଇଥିବା ବେଳେ ଉକ୍ତ କେନ୍ଦ୍ରକୁ ଆବଶ୍ୟକ ନ ଥାଇ ବାହାର ଲୋକ ଆସୁଥିବାରୁ ସମସ୍ତ ଟିଏମ୍‌ସି କେନ୍ଦ୍ରକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଏହି କେନ୍ଦ୍ରର ୫୦ ମିଟର ପରିଧି ଅଞ୍ଚଳରେ ୧୪୪ ଧାରା ନିର୍ଦ୍ଦେଶନାମା ଅନ୍ୟାଦେଶ ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଛି। ଉକ୍ତ ଟିଏମ୍‌ସି ସମେତ ସମଗ୍ର ଜିଲାରେ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ କଟକଣା ଜାରି କରାଯାଇଛି। ସେହିଭଳି ଜିଲାର ସମସ୍ତ ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ, ତାଲିମ କେନ୍ଦ୍ର, କୋଚିଂ ପ୍ରତିଷ୍ଠାନ ଆଦି ପୂର୍ବପରି ବନ୍ଦ ରହିବ। ହୋଟେଲ, ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ଅତିଥି ସେବା କ୍ଷେତ୍ରରେ ପୂର୍ବଭଳି କଟକଣା ବଳବତ୍ତର ରହିବ। ସିନେମା ହଲ୍, ଶପିଂ ମଲ୍, ଜିମ୍, ଅବସର ବିନୋଦନ ପାର୍କ, ଥିଏଟର, ବାର୍ ଏବଂ ଅଡିଟୋରିୟମ ଆଦି ଜନସମାଗମ ସ୍ଥାନକୁ ବନ୍ଦ ରଖାଯାଇଛି। ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଷ୍ଟାଡିୟମ, କ୍ରୀଡ଼ା କସରତ ଆଦି କାର୍ଯ୍ୟକ୍ରମକୁ କ୍ରୀଡ଼ାବିତ୍ ଓ ଖେଳାଳିମାନଙ୍କ ପାଇଁ ଅନୁମତି ଦିଆଯାଇଥିବାବେଳେ ଦର୍ଶକଙ୍କ ପାଇଁ କଟକଣା ଲାଗୁ ରହିଛି। ଅନୁମତିପ୍ରାପ୍ତ ଦୋକାନ, ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ଉଲ୍ଲେଖଯୋଗ୍ୟ ଯେ, କରୋନା ସନ୍ଦେହରେ ଜିଲାର ୩୬୪୬ ଜଣଙ୍କ ସ୍ୱାବ୍ ସଂଗ୍ରହ ପରେ ପରୀକ୍ଷା ପାଇଁ ପଠାଯାଇଥିଲା। ରବିବାର ସୁଦ୍ଧା ସେଥିମଧ୍ୟରୁ ୩୫୦୮ ଜଣଙ୍କ ରିପୋର୍ଟ ଆସିଥିବା ବେଳେ ୩୪୯୪ଟି ରିପୋର୍ଟ ନେଗେଟିଭ୍ ଓ ୧୪ଟି ପଜିଟିଭ୍ ଆସିଛି। ୧୩୮ଟି ରିପୋର୍ଟ ଅପେକ୍ଷାରେ ରହିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୯ ଜଣ ସୁସ୍ଥହୋଇ ଘରକୁ ଫେରିଥିବା ବେଳେ ବର୍ତ୍ତମାନ ଆଉ ୫ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି।

# ସଙ୍ଗରୋଧ କେନ୍ଦ୍ରରେ ଶିକ୍ଷକଙ୍କୁ ଆକ୍ରମଣ

**ତୋଟାପଡ଼ାରେ ଉତ୍ତେଜନା**

**ଖଇରା, ୨୪।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ତୋଟାପଡା ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ବାଇକ ନେବା ଘଟଣାରେ କେନ୍ଦ୍ର ଦାୟିତ୍ୱରେ ଥିବା ଖେଳ ଶିକ୍ଷକ ଲକ୍ଷ୍ମୀଧର ପରିଡାଙ୍କୁ ନିକଟସ୍ଥ ଗଗନଧୂଳି ଗ୍ରାମର ୪ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି । ସରପଞ୍ଚ ମଧୁସୂଦନ ମାଝି, ତୋଟାପଡା ଏମଇ ସ୍କୁଲର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ସେଣ୍ଡଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ମହାରାଷ୍ଟ୍ରରେ ରହୁଥିବା ଗଗନଧୂଳି ଗ୍ରାମର ୨ଜଣ ବ୍ୟକ୍ତି ୮ଦିନ ତଳେ ମାର୍କୋଣାରେ ପହଞ୍ଚିବା ପରେ ୨ଟି ବାଇକରେ ତୋଟାପଡା ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରକୁ ଆସି ରହିଥିଲେ। ଦୁଇ ବାଇକକୁ ବିଶୋଧନ ପାଇଁ ଉକ୍ତ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା । ଶନିବାର ବିଶୋଧନ ପରେ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ବ୍ୟକ୍ତିଙ୍କର ପୁଅ ଶିକ୍ଷକ ପରିଡାଙ୍କୁ ବାଇକ ଚାବି ମାଗିଥିଲେ। ସିକ୍ୟୁରିଟି ଗାର୍ଡ ପାଖରେ ଚାବି ଅଛି ଏବଂ ସେ ଆସିଲେ ଦେବେ ବୋଲି ଶିକ୍ଷକ କହିବା ପରେ ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା । ସନ୍ଧ୍ୟାରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଡକାଯାଇ ସମାଧାନ କରାଯାଇଥିଲା । ହେଲେ ଉକ୍ତ ଯୁବକଙ୍କ କ୍ରୋଧ ଥମି ନ ଥିଲା । ରବିବାର ପୂର୍ବାହ୍ନରେ ଶିକ୍ଷକ ଜଣକ ବାରାପୁର ବଜାରରୁ ଘରକୁ ଫେରୁଥିବା ବେଳେ ତୋଟାପଡା ଛକ ନିକଟରେ ଉକ୍ତ ଯୁବକ ଓ ତାର ଅନ୍ୟ ୩ଜଣ ସହଯୋଗୀ ତାଙ୍କୁ ବାଡିରେ ନିସ୍ତୁକ ପିଟିଥିଲେ। ଉକ୍ତ ଶିକ୍ଷକ ସେଠାରେ ସଂଜ୍ଞାହୀନ ହୋଇ ତଳେ ପଡିଯାଇଥିଲେ। ଏହି ଘଟଣାରେ ଶିକ୍ଷକଙ୍କ ଗ୍ରାମର ଲୋକେ ଉତ୍ତ୍ୟକ୍ତ ହୋଇ ପଡୋଶୀ ଗଗନଧୂଳି ଗାଁ ରାସ୍ତାରେ ବାଉଁଶବାନ୍ଧି ପ୍ରତିବାଦ କରିଥିଲେ। ଶିକ୍ଷକଙ୍କ ଆକ୍ରମଣକୁ ଖଇରା ଶାଖା ଓଷ୍ଟା ପକ୍ଷରୁ ତିବ୍ର ନିନ୍ଦା କରାଯିବା ସହ ତୁରନ୍ତ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଭାପତି ଦୀନବନ୍ଧୁ ଦାଶ ଦାବି କରିଛନ୍ତି । ଖଇରା ବିଡିଓ ଦେବେନ୍ଦ୍ର ବଳଙ୍କୁ ଯୋଗାଯୋଗ କରିବାରେ ପ୍ରଥମେ ତାଙ୍କୁ ଚିକିତ୍ସା ବନ୍ଦୋବସ୍ତ କରାଯାଇଛି । ସେ ସୁସ୍ଥ ହେବା ପରେ ଥାନାକୁ ଅବଗତ କରାଯିବ ବୋଲି କହିଛନ୍ତି ।

## ସଂକ୍ଷେପରେ

### ପାଟଣା ଥାନାରେ ଯୋଗ ଦେଲେ ନୂଆ ଅଧିକାରୀ



ପାଟଣା,୨୪।୫(ସ୍ୱ.ପ୍ର.): ଅଭିଯୁକ୍ତଙ୍କୁ ଥାନା ଭିତରେ ଥାର୍ଡଡିଗ୍ରୀ ପ୍ରୟୋଗ କରି ବିବାଦରେ ଛନ୍ଦି ହୋଇ କେନ୍ଦୁଝର ଜିଲା ପାଟଣା ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନା ନିଲମ୍ବିତ ହେବା ପରେ ରବିବାର ନୂତନ ଥାନାଧିକାରୀ ଭାବେ ସୋମନାଥ ଜେନା ଯୋଗ ଦେଇଛନ୍ତି। ଏଥିପୂର୍ବରୁ ସେ କେନ୍ଦୁଝର ଟାଉନ୍ ଥାନା ସହ ପଣ୍ଡାପଡା, ଘଷିପୁରା,ଆନନ୍ଦପୁର, ନୟାକଟ ଓ ରାମଚନ୍ଦ୍ରପୁରରେ ଥାନାଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ସେ ଜିଲା ହେଡ୍‌କ୍ୱାର୍ଟରରେ କୋଭିଡ୍-୧୯ କାର୍ଯ୍ୟରେ ନିୟୋଜିତ ଥିଲେ। ନୂତନ ଦାୟିତ୍ୱ ଗ୍ରହଣ ପରେ ଥାନାଧିକାରୀ ସୋମନାଥ ଆଇନ ଶୃଙ୍ଖଳା ସହ ଲୋକଙ୍କ ସହ ସୁସମ୍ପର୍କ ରକ୍ଷା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏଥିପୂର୍ବରୁ ପାଟଣା ଥାନା ଅଧିକାରୀ ଭାବେ କାର୍ଯ୍ୟରତ ସନ୍ଧ୍ୟାରାଣୀ ଜେନା ଥାନା ଭିତରେ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ଗଡ଼େଇ ତଡ଼େଇ ମାଡ଼ ମାରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାର ତଦନ୍ତ ପରେ ଶନିବାର ଡିଜିପି ବିବାଦୀୟ ଆଇଆଇସି ସନ୍ଧ୍ୟାରାଣୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ।

### ବିଦ୍ୟୁତ ସଂସ୍ପର୍ଶରେ ଶିଶୁ ମୃତ

କେନ୍ଦୁଝର, ୨୪।୫(ସ୍ୱ.ପ୍ର.)-କେନ୍ଦୁଝର ସଦର ବ୍ଲକ ଜନାର୍ଦ୍ଦନପୁର ଗ୍ରାମର ଉମାକାନ୍ତ ଦେହୁରୀଙ୍କ ୨ବର୍ଷର ପୁଅ ପ୍ରତ୍ୟୁଷ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ଉମାକାନ୍ତଙ୍କ ଭାଇ କଣ୍ଠ ଘର ନିର୍ମାଣ କରୁଥିବାରୁ ଘରର ଆର୍ଥିଂ ଓ ବିଦ୍ୟୁତ ତାରକୁ ବାହାରେ ରଖିଦେଇଥିଲେ। ଉକ୍ତ ତାର ଦେଇ ବିଦ୍ୟୁତ ସରବରାହ ହେଉଥିଲା। ଉକ୍ତ ଶିଶୁ ସେହି ରାସ୍ତା ଦେଇ ଯାଉଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡ଼ାକ୍ତର ଚିକିତ୍ସା କରିବା ପୂର୍ବରୁ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୦) ରୁଜୁ କରିଛି। ରବିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉଲ୍ଲେଖଯୋଗ୍ୟ, ଫୁଲ ନାଏକ ନାମ୍ନୀ ମହିଳା ଗୁରୁବାର ଜନାର୍ଦ୍ଦନପୁରସ୍ଥିତ ବାପଘରକୁ ଆସିଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ।

### ବିଡିଓଙ୍କ ସରକାରୀ ଗାଡ଼ିରେ ଡାକ୍ତରଖାନା ଗଲେ ମହିଳା

**ଆମ୍ବୁଲାନ୍ସ ଆସିଲାନି**

ସୋର, ୨୪।୫(ଡି.ଏନ.ଏ.)
ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ସରଶଂଖ ଗ୍ରାମରେ ଥିବା ସଂଗରୋଧ କେନ୍ଦ୍ରରେ ଶନିବାର ମଧରାତ୍ରିରେ ଜଣେ ମହିଳା ଅନ୍ତେବାସିନୀଙ୍କ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ବିଡିଓ ସରକାରୀ ଗାଡିରେ ବାଲେଶ୍ୱର କୋଭିଡ୍ କେୟାର ସେଣ୍ଟରକୁ ସ୍ଥାନାନ୍ତର କରିଛନ୍ତି। ଏହି କେନ୍ଦ୍ରରେ ଥିବା ମହିଳା ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ନୋଡାଲ ଅଫିସର ଦାୟିତ୍ୱରେ ଥିବା ଡ. ସତ୍ୟନାରାୟଣ ନାୟକ ମଧରାତ୍ରରେ ଯାଇ ସମ୍ପୃକ୍ତ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ତାଙ୍କୁ ବାଲେଶ୍ୱର କୋଭିଡ୍ କେୟାର ସେଣ୍ଟରକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ଆମ୍ବୁଲାନ୍ସ ତୁରନ୍ତ ଉପଲବ୍ଧ ନ ହେବାରୁ ତାଙ୍କୁ ବିଡିଓ ସୁଶାନ୍ତ କୁମାର ବାରିକ ନିଜ ସରକାରୀ ଗାଡିରେ ବାଲେଶ୍ୱର ସ୍ଥାନାନ୍ତର କରିଛନ୍ତି। ସେହିପରି ବ୍ଲକ ଅଧୀନ ଦହିପୁର ଗ୍ରାମରେ ଥିବା ସଂଗରୋଧ କେନ୍ଦ୍ରରେ ରହୁଥିବା ଜଣେ ଅନ୍ତେବାସୀ ଜ୍ୱରରେ ଦୁଇ ଦିନ ଧରି ପୀଡିତ ଥିବା ବେଳେ ରାତି ୮ଟା ସମୟରେ ତାଙ୍କର ସ୍ୱସ୍ଥ୍ୟ ପରୀକ୍ଷା କରାଯାଇ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ରବିବାର ସବିରା କେନ୍ଦ୍ରରୁ ଜଣଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିବା ବେଳେ ଶିରାପୁର ଗ୍ରାମରେ ଥିବା କେନ୍ଦ୍ରରୁ ୨ ଜଣଙ୍କୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦିଆଯାଇଛି।

# ପଶ୍ଚିମବଙ୍ଗ ଗଲେ ଅଗ୍ନିଶମ ବିଭାଗ, ଓଡ୍ରାଫର ୪୦ ଟିମ୍



ପୁନରୁଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ଯାଉଛନ୍ତି ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍‌ର ସଦସ୍ୟମାନେ।

**ବାଲେଶ୍ୱର ଅଫିସ, ୨୪।୫**

ମହାବାତ୍ୟା ଅମ୍ପନ ଯୋଗୁ ପଶ୍ଚିମବଙ୍ଗରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେଠାରେ ପୁନରୁଦ୍ଧାର କାର୍ଯ୍ୟ ପାଇଁ ସହଯୋଗର ହାତ ବଢାଇଛି ଓଡିଶା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ଅଗ୍ନିଶମ ବିଭାଗର ୩୦ଟି ଟିମ ଏବଂ ଓଡ୍ରାଫ୍‌ର ୧୦ଟି ୟୁନିଟ୍ ଶନିବାର ମଧ୍ୟରାତ୍ରିରେ ପଶ୍ଚିମବଙ୍ଗ ଯାତ୍ରା କରିଛନ୍ତି। ମୁଖ୍ୟ ଅଗ୍ନିଶମ ଅଧିକାରୀ ତଥା ଓଏଫଡିଆରଏ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ ଅଗ୍ନିଶମ ଟିମ୍‌ର ନେତୃତ୍ୱ ନେଉଥିବା ବେଳେ ଡେପୁଟି କମାଣ୍ଡାଣ୍ଟ କାହ୍ନୁଚରଣ ହାଁସଦା ଓଡ୍ରାଫ ୟୁନିଟ୍‌ର ନେତୃତ୍ୱ ନେଉଛନ୍ତି।

ରାତି ପ୍ରାୟ ଗୋଟାଏ ବେଳେ ସ୍ଥାନୀୟ ଫକୀରମୋହନ ଗୋଲେଇରେ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିବା ସହିତ ଟିମ୍ ସଦସ୍ୟମାନଙ୍କୁ ଶୁଭକାମନା ଜଣାଇଥିଲେ। ଅଗ୍ନିଶମ ବିଭାଗ ଟିମ୍‌ରେ ଫାୟାରମ୍ୟାନ, କର୍ମଚାରୀ ଓ ଅଧିକାରୀମାନଙ୍କୁ ମିଶାଇ ପ୍ରାୟ ୩୫୦ଜଣ ସଦସ୍ୟ ରହିଥିବା ବେଳେ ଓଡ୍ରାଫ ଟିମ୍‌ରେ ପ୍ରାୟ ୨୫୦ଜଣ ସଦସ୍ୟ ରହିଛନ୍ତି । ପେଟ୍ରୋଲ ଚାଳିତ ଯାନ୍ତ୍ରିକ ସରଞ୍ଜାମ, ଆସ୍କା ଲାଇଟ, ଜେନେରେଟର, ଗଛ ଓ ଇଲେକ୍ଟ୍ରିପୋଲ କଟିଂ ମେଶିନ, ସର୍ଚ୍ଚ ଲାଇଟ ସମେତ ଅନ୍ୟାନ୍ୟ ଅତ୍ୟାଧୁନିକ ଉପକରଣକୁ ସାଙ୍ଗରେ ନେଇ ଏହି ଟିମ ଉଦ୍ଧାର କାର୍ଯ୍ୟରେ ସାମିଲ ହେବେ। ମୁଖ୍ୟତଃ ରାସ୍ତା ସଫା ଏବଂ ପୁନରୁଦ୍ଧାର କାର୍ଯ୍ୟରେ ଏହି ଟିମ ନିୟୋଜିତ ହେବେ ବୋଲି ଜଣାପଡିଛି । ବିଗତ ଦିନରେ ଓଡିଶାରେ ହୋଇଥିବା ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଅଭିଜ୍ଞତାକୁ ପାଥେୟ କରି ଏହି ଟିମ୍ ସଦସ୍ୟମାନେ ସଫଳତାର ସହ ସେମାନଙ୍କ କାର୍ଯ୍ୟଦକ୍ଷତା ପ୍ରମାଣିତ କରିବେ ବୋଲି ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଆଶା ପୋଷଣ କରିଛନ୍ତି ।

## ଚମ୍ପୁଆ ବଜାର ଉପରେ ପ୍ରଶାସନର ଚଢ଼ାଉ

**ଚମ୍ପୁଆ, ୨୪।୫(ଡି.ଏନ.ଏ.)**

ମହାମାରୀ କରୋନାକୁ ପ୍ରତିହିତ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ଦୋକାନ ବଜାର ଖୋଲାକୁ କୋହଳ କରାଯାଇଥିବା ବେଳେ କେତେକ ଆବଶ୍ୟକ ନିୟମ ମାନିବାକୁ ପରାମର୍ଶ ଦିଆଯାଇଛି। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ସହିତ ଜରିମାନା ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଅଞ୍ଚଳର କେତେକ ଦୋକାନୀ ଏହି ନିୟମକୁ ଅଣଦେଖା କରୁଥିବା ନଜରକୁ ଆସିଛି। ଏପରି କି ଗ୍ରାହକ ବିବରଣୀ, ମାସ୍କ ଓ ସାମାଜିକ ଦୂରତ୍ୱ ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ରବିବାର ଚମ୍ପୁଆ ତହସିଲଦାର ଆଲୋକ କୁମାର ପଟେଲ, ବିଜ୍ଞପିତ ଅଞ୍ଚଳ ପରିଷଦର ବିଜୟ କୁମାର ମିଶ୍ର, ପ୍ରକାଶ ଚନ୍ଦ୍ର କୁଣ୍ଡ ପ୍ରମୁଖ ପୋଲିସ ସହାୟତାରେ ଦୋକାନଗୁଡିକ ଉପରେ ଚଢାଉ କରିଥିଲେ। ଅନିୟମିତତା ଅଭିଯୋଗରେ ୩ଟି ଦୋକାନ ସିଲ୍ କରାଯାଇଥିବା ତହସିଲଦାର ପଟେଲ ସୂଚନା ଦେଇଛନ୍ତି। ଏପରି କି ଚଢ଼ାଦରରେ ମାଛ, ମାଂସ ବିକ୍ରି ନ କରିବାକୁ ତାଗିଦ୍ କରାଯାଇଛି। ଏହାର ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

## ନାବାଳିକାଙ୍କ ଗଳିତ ମୃତଦେହ ଉଦ୍ଧାର

**ବାଲେଶ୍ୱର ଅଫିସ, ୨୪।୫**

ବାଲେଶ୍ୱର ଜିଲା ସଦର ଥାନା ବୁଢାବଳଙ୍ଗ ନଦୀ ବାରୁଣୀ ପୋଲ ନିକଟରୁ ରବିବାର ପୂର୍ବାହ୍ନରେ ଏକ ନାବାଳିକାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଗତ ୨୧ତାରିଖରେ କରଞ୍ଜିଆ ଅଞ୍ଚଳର କାସିମାବାଦ ଗ୍ରାମର ଦୁଃଖି ମାରାଣ୍ଡିଙ୍କ ୧୨ବର୍ଷର ନାବାଳିକା କନ୍ୟା ନଦୀକୂଳକୁ କୋଳି ଖାଇବାକୁ ଯାଇଥିବା ବେଳେ ହଠାତ୍ ତାର ପୂର୍ବରୁ ଥିବା ବାତ ରୋଗ ବାହାରିଥିଲା। ଫଳରେ ସେ ନଦୀ ଭିତରେ ପଡିଯାଇଥିଲେ। ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ନ ପାରି ତାଙ୍କ ଘରକୁ ଖବର ଦେଇଥିଲେ। ପରିବାର ଲୋକ ମଧ୍ୟ ବିଫଳ ହୋଇଥିଲେ। ରବିବାର ତାଙ୍କର ମୃତଦେହ ନିକଟସ୍ଥ ବାରୁଣୀ ପୋଲ ପାଖରେ ଭାସୁଥିବାର ଦେଖି ସ୍ଥାନୀୟ ଲୋକ ମାନେ ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଚିହ୍ନଟ କରିଥିଲା। ପରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଦୁର୍ଘଟଣାରେ ଜଣେ ମୃତ, ୧ ଗୁରୁତର

**ରାଇରଙ୍ଗପୁର,୨୪।୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଯାମଦା ଥାନା ଅଧୀନ ରାଇରଙ୍ଗପୁର-ଯାମଦା ରାସ୍ତାର ତାଳଗାଁ ନିକଟରେ ରବିବାର ଅପରାହ୍ନରେ ଏକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ୧୩ନଂ. ୱାର୍ଡର ସିଗନାଲ ବସ୍ତୀ ଅଞ୍ଚଳର କରୁଣାକର ମାଝି ଓ ରାଜୀବ କୁମାର ମାହାଲି ବାଇକ୍ ଯୋଗେ ଯାଉଥିବା ବେଳେ ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାଇରଙ୍ଗପୁର ମେଡିକାଲକୁ ପଠାଇଥିବା ବେଳେ ସେଠାରେ କରୁଣାକରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରାଜୀବଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୨/୨୦୨୦) ରୁଜୁ ହୋଇଛି।

## ମନ୍ଦିର,ମସ୍‌ଜିଦ୍‌ରେ ୧୪୪ ଧାରା ଜାରି କଲା ପ୍ରଶାସନ

### ଇଦ୍‌ଗାରେ ଏଥର ନମାଜ ପଢ଼ିବେ ୫ ଜଣ

**ଭଦ୍ରକ ଅଫିସ, ୨୪।୫**

ମହାମାରୀ କରୋନା ପାଇଁ ଏଥର ସବୁ ମନ୍ଦିର ଓ ମସ୍‌ଜିଦ୍‌ରେ ୧୪୪ ଧାରା ଜାରି ହୋଇଛି। ଏଥିଯୋଗୁ ସୋମବାର ପାଳନ ହେବାକୁ ଥିବା ଇଦ୍ ପର୍ବ ଏକ ପ୍ରକାର ଫିକା ପଡ଼ିବ ବୋଲି କୁହାଯାଉଛି। ଇଦ୍ ପର୍ବରେ ସ୍ଥାନୀୟ ଇଦ୍‌ଗାରେ ସାମୂହିକ ନମାଜ ପାଠ ହୋଇଥାଏ। ପ୍ରାୟ ୫ ହଜାରରୁ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଏକାଠି ହୋଇ ନମାଜ ପାଠ କରିଥାନ୍ତି। ଏଥର କାରୋନା କଟକଣା ବଳବତ୍ତର କାରଣରୁ ମସ୍‌ଜିଦ୍‌ରେ ସର୍ବାଧିକ ୫ଜଣ ନମାଜ ପାଠ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଚଉଦ ମହଲା ମୁସଲିମ ଜମାତର ସଭାପତି ମହମ୍ମଦ ଅବଦୁଲ ବାରି କୁହନ୍ତି ପ୍ରଶାସନର ନିଷ୍ପତ୍ତିକୁ ଆମେ ସମ୍ମାନ ଜଣାଇବୁ। ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଏସ୍‌ପି କୈଳାସ ପରିଡା, ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ମହମ୍ମଦ ଅବଦୁଲ ବାରି ପ୍ରମୁଖ ଆଲୋଚନା ସମୟରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୧୪୪ ଧାରା ଜାରି କାରଣରୁ ଗତ ସାବିତ୍ରୀ ଦିନ ପୂଜାର୍ଚ୍ଚନା ଲାଗି କୌଣସି ହିନ୍ଦୁ ମନ୍ଦିରକୁ ଯାଇ ନ ଥିଲେ।

## ଆଜି ବସିବ ମାଲିକ ସଂଘର ମିଳିତ ବୈଠକ

**ପାରାଦୀପ-କେନ୍ଦୁଝର ଟ୍ରକ ପରିବହନ ବିବାଦ**

କେନ୍ଦୁଝର/ଆନନ୍ଦପୁର, ୨୪।୫ (ଡି.ଏନ୍.ଏ./ସ୍ୱ.ପ୍ର.): କେନ୍ଦୁଝର ଜିଲାର ବିଭିନ୍ନ ଖଣି ସାଙ୍ଗକୁ ସୁନ୍ଦରଗଡ ଜିଲାର କୋଇଡା ଅଞ୍ଚଳରୁ ଲୁହାପଥର ପରିବହନ କରି ପାରାଦ୍ୱୀପ ପୋର୍ଟ ଯାଉଥିବା ଟ୍ରକଗୁଡିକୁ ପାରାଦୀପର କେତେଜଣ ଟ୍ରକ ମାଲିକ ଠିକ୍ ଭାବେ ଅନଲୋଡ କରିବାକୁ ସୁଯୋଗ ନ ଦେବା ପ୍ରତିବାଦରେ କେନ୍ଦୁଝର ସହର ବାଇପାସ ରାଙ୍କିଠାରେ କେନ୍ଦୁଝର ଜିଲା ଟ୍ରକ ମାଲିକଙ୍କ ପକ୍ଷରୁ ପାରାଦ୍ୱୀପ ଅଞ୍ଚଳର ଟ୍ରକଗୁଡିକୁ ଗତ ୩ଦିନ ଧରି ଅଟକ ରଖାଯାଇଛି। ରବିବାର ୨୦ ନଂ. ଜାତୀୟ ରାଜପଥର ଶୈଳଙ୍ଗ ଛକ ନିକଟରେ ଆନନ୍ଦପୁର ଟ୍ରକ୍ ମାଲିକମାନେ ପାରାଦୀପ, କେନ୍ଦ୍ରାପଡା, ଜଗତସିଂହପୁର ଅଞ୍ଚଳର ଟ୍ରକଗୁଡିକୁ ମଧ୍ୟ ଅଟକାଇଥିଲେ। ଏହି ଅଚଳାବସ୍ଥା ଦୂର କରିବା ପାଇଁ ସୁନ୍ଦରଗଡ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡା ଓ ଜଗତସସିଂହପୁର ଟ୍ରକ ମାଲିକ ସଂଘର ଏକ ବୈଠକ ସୋମବାର କେନ୍ଦୁଝର ଜିଲା ଘଟଗାଁଠାରେ ଅନୁଷ୍ଠିତ ହେବ ବୋଲି କେନ୍ଦୁଝର ଟ୍ରକ ମାଲିକ ସଂଘର ଯୁଗ୍ମ ସମ୍ପାଦକ ଦେବୁ ପଟ୍ଟନାୟକ ପ୍ରକାଶ କରିଛନ୍ତି। ତେବେ ପାରାଦୀପ ଟ୍ରକ ମାଲିକ ସଂଘ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି ବୋଲି କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘର ସଭାପତି ରମାକାନ୍ତ ନାୟକ କହିଛନ୍ତି। ଉଭୟ ଜିଲାର ପ୍ରଶାସନ ବିବାଦର ସମାଧାନ କରିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଶତବାର୍ଷିକୀରେ ନୀଳମଣିଙ୍କୁ ଶ୍ରଦ୍ଧାଞ୍ଜଳି

**ବାସୁଦେବପୁର,୨୪।୫(ଡି.ଏନ୍.ଏ.)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବାସୁଦେବପୁରର ପୂର୍ବତନ ବିଧାୟକ ସ୍ୱର୍ଗତ ନୀଳମଣି ରାଉତରାୟଙ୍କର ଜନ୍ମ ଶତବାର୍ଷିକୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ସକାଳେ ବାସୁଦେବପୁରସ୍ଥିତ ନୀଳମଣି ମାର୍କେଟ କମ୍ପ୍ଲେକ୍ସ ସାମ୍ନାରେ ଥିବା ସ୍ୱର୍ଗତ ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ତଥା ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ପୂର୍ବାହ୍ନରେ ଓଡ଼ିଆ ଭାଷା ସାହିତ୍ୟ ତଥା ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସ୍ୱର୍ଗତ ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଡାକ୍ତରଖାନା ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ଅସୀତ ଦାଶ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବ୍ଲକ ବିଜେଡି ସଭାପତି ତଥା ସରପଞ୍ଚ ଦୀନବନ୍ଧୁ ଦାସ, ନଗର ସଭାପତି ଶ୍ୟାମସୁନ୍ଦର ମହାନ୍ତି, ସରପଞ୍ଚ ପ୍ରଫୁଲ୍ଲ ପଳିତା, ପୂର୍ବତନ ସରପଞ୍ଚ ନିର୍ମଳ ମଣ୍ଡଳ, ସମିତିସଭ୍ୟ ରତିକାନ୍ତ ବାରିକ, ମାନସ ରଞ୍ଜନ ସାହୁ, ଯୁବ ବିଜେଡ଼ି ଜିଲା ସମ୍ପାଦକ ଦେବଦର୍ଶନ ଦାଶଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ ଉପସ୍ଥିତ ଥିଲେ।



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

# ୧୦ ଦୋକାନ ସିଲ୍ କଲା ପ୍ରଶାସନ



ଦୋକାନକୁ ସିଲ୍ କରାଯାଉଛି।

**ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ**

**ଯୋଡ଼ା, ୨୪।୫(ଡି.ଏନ.ଏ.)**

ସାରା ଦେଶରେ କରୋନା ପାଇଁ ଲାଗୁ ହୋଇଥିବା ଲକ୍‌ଡାଉନ୍ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିବାରୁ ଶନିବାର ସନ୍ଧ୍ୟାରେ କେନ୍ଦୁଝର ଜିଲା ଯୋଡା ପୌରପାଳିକାରେ ଥିବା ୧୦ ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଏଥିସହିତ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କଠାରୁ ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି । ବଡବିଲ୍ ତହସିଲଦାର କ୍ଷୀରୋଦ କୁମାର ବେହେରାଙ୍କ ନେତୃତ୍ୱରେ ଯୋଡ଼ା ପୌରପାଳିକା କର୍ମଚାରୀ ଓ ପୋଲିସ ମିଳିତ ଭାବେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହିପରି ନିୟମ ଉଲ୍ଲଂଘନ କଲେ ଆଗାମୀ ଦିନରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବଡବିଲ୍ ତହସିଲଦାର କ୍ଷୀରୋଦ କୁମାର ବେହେରା କହିଛନ୍ତି।

# ପ୍ରବାସୀ ଓଡ଼ିଆଙ୍କୁ ନେଇ ଭଦ୍ରକରେ ପହଞ୍ଚିଲା ସ୍ୱତନ୍ତ୍ର ଟ୍ରେନ

**ଭଦ୍ରକ ଅଫିସ,୨୪।୫**

ବାତ୍ୟା ଅମ୍ପନ୍ ପାଇଁ ବିଭିନ୍ନ ରାଜ୍ୟରୁ ଭଦ୍ରକକୁ ଆସିବାକୁ ଥିବା ସ୍ପେଶାଲ ଟ୍ରେନ ଗୁଡ଼ିକୁ ବାତିଲ ହୋଇଯିବା ପରେ ଶନିବାର ଗୋଟିଏ ସ୍ପେଶାଲ ଟ୍ରେନ ଭଦ୍ରକରେ ପହଞ୍ଚିଛି। ଆନ୍ଧ୍ରପ୍ରଦେଶର ଗୁଣ୍ଟୁରରୁ ଆସଥିବା ଏହି ଟ୍ରେନରେ ବିଭିନ୍ନ ଜିଲାର ୬୮୬ ପ୍ରବାସୀ ଓଡ଼ିଆ ଏଠାରେ ଓହ୍ଲାଇଛନ୍ତି। ଟ୍ରେନରେ ଭଦ୍ରକ ଜିଲାର ୩୧୫ ପ୍ରବାସୀ, ବାଲେଶ୍ୱରର ୧୪୩, ମୟୂରଭଞ୍ଜର ୧୯୭ ଏବଂ କେନ୍ଦୁଝର ଜିଲାର ୩୧ଜଣ ଓହ୍ଲାଇଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରବାସୀଙ୍କ ପଞ୍ଜୀକରଣ କରାଯାଇ ସେମାନଙ୍କୁ ନିଜ ନିଜ ଜିଲାକୁ ପଠାଇ ଦିଆଯାଇଛି। ଭଦ୍ରକ ଜିଲାର ପ୍ରବାସୀଙ୍କୁ ସେମାନଙ୍କ ଅଞ୍ଚଳର କ୍ୱାରେଣ୍ଟାଇନ ସେଣ୍ଟରକୁ ପଠାଯାଇଛି।



ଭଦ୍ରକ ଷ୍ଟେଶନରେ ପ୍ରବାସୀ ଓଡ଼ିଆ ଓହ୍ଲାଉଛନ୍ତି ।

# ୩ ପଞ୍ଚାୟତ, ୧ ୱାର୍ଡରୁ ହଟିଲା କଣ୍ଟେନ୍‌ମେଣ୍ଟ କଟକଣା

**ଭଦ୍ରକ ଅଫିସ,୨୪।୫**

କରୋନା ଆକ୍ରାନ୍ତ ଚିହ୍ନଟ ପରେ ଭଦ୍ରକ ଜିଲାର ବିଭିନ୍ନ ପଞ୍ଚାୟତ ଓ ପୌରାଞ୍ଚଳର କେତେକ ୱାର୍ଡରେ କଣ୍ଟେନ୍‌ମେଣ୍ଟ ଜୋନ୍ କଟକଣା ବଳବତ୍ତର ଥିଲା। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ୩ଟି ପଞ୍ଚାୟତ ଓ ବାସୁଦେବପୁର ପୌରାଞ୍ଚଳର ଗୋଟିଏ ୱାର୍ଡରୁ ରବିବାର କଣ୍ଟେନ୍‌ମେଣ୍ଟ କଟକଣା ପ୍ରତ୍ୟାହାର କରିଛନ୍ତି। ଜିଲାରେ ଯେଉଁ ସବୁ କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳରେ ଆଉ ଅଧିକ କରୋନା ଆକ୍ରାନ୍ତ ନ ବାହାରିଛନ୍ତି ସେହି ସବୁ କଣ୍ଟେନ୍‌ମେଣ୍ଟ ଜୋନ୍ ଗୁଡିକରୁ କଟକଣା ପ୍ରତ୍ୟାହାର କରାଯାଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଧାମନଗର ବ୍ଲକର ବମକୁରା ପଞ୍ଚାୟତର ବମକୁରା ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରୁ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଉକ୍ତ ବିଦ୍ୟାଳୟ ସମେତ ବମକୁରା ପଞ୍ଚାୟତକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଓ ବଫରଜୋନ୍ ଘୋଷଣା କରାଯାଇଥିଲା। ସେହିପରି ବାସୁଦେବପୁର ପୌରାଞ୍ଚଳର ଅଟଳ ବିହାରୀ ହାଇସ୍କୁଲ କଣ୍ଟେନ୍‌ମେଣ୍ଟ, ୱାର୍ଡ ନଂ. ୧୦ ବଫରଜୋନ, ବାସୁଦେବପୁର ବ୍ଲକର ବିନୋବା ଭାବେ ନଗର ପଞ୍ଚାୟତର ମଣ୍ଡଳପଦା ୟୁପି ସ୍କୁଲ କଣ୍ଟେନ୍‌ମେଣ୍ଟ, ତିହିଡ଼ି ବ୍ଲକର ବିଏନ୍ ହାଇସ୍କୁଲ କଣ୍ଟେନ୍‌ମେଣ୍ଟ ଓ କୁବେରା ପଞ୍ଚାୟତ ବଫର ଜୋନ ଘୋଷଣା ହୋଇଥିଲା। ଏହି ସବୁ ଅଞ୍ଚଳରୁ ଆଉ କରୋନା ଆକ୍ରାନ୍ତ ବାହାରି ନ ଥିବାରୁ ଏଗୁଡିକୁ କଣ୍ଟେନ୍‌ମେଣ୍ଟ ଓ ବଫରଜୋନ୍ କଟକଣାମୁକ୍ତ କରାଯାଇଥିବା ଜିଲାପାଳ ଡ. ଦାସ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପାରଦ ୪୧ ଟପିଲା, ଜନଜୀବନ ଅସ୍ତବ୍ୟସ୍ତ

**ଖଜୁରିପଡ଼ା୨୪।୫(ଡି.ଏନ.ଏ.):** କନ୍ଧମାଳ ଜିଲା ଖଜୁରିପଡା ବ୍ଲକର ବିଭିନ୍ନ ଅଞ୍ଚଳରେ କିଛିଦିନ ହେଲା ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଅନୁଭୂତ ହେଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳ ୧୦ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇ ପଡୁଛି। ପାହାଡ ଜଙ୍ଗଲ ଘେରା ଅଞ୍ଚଳରେ ଏତେ ଗରମ ଓ ଗୁଳୁଗୁଳି ଅଞ୍ଚଳବାସୀଙ୍କୁ ଅତିଷ୍ଠ କରିଛି। ଜିଲାରେ ମୁଖ୍ୟ କାର୍ଯ୍ୟାଳୟ ରିପୋର୍ଟ ଅନୁସାରେ ଶନିବାର ତାପମାତ୍ରା ୪୧ ଡ଼ିଗ୍ରୀ ଥିବାବେଳେ ରବିବାର ପାରଦ ୪୧ ଟପିଛି। ଖଜୁରିପଡା ବ୍ଲକ କାର୍ଯ୍ୟାଳୟରେ ତାପମାପକ ଯନ୍ତ୍ର ନଥିବାରୁ ଏହା ରେକର୍ଡ ହୋଇ ପାରୁନାହିଁ ବୋଲି ବିଡିଓ ରବୀନ୍ଦ୍ରନାଥ କହଁର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିମାଇଁ ଚରଣ ବିଶି ପ୍ରକାଶ କରିଛନ୍ତି। ଏଭଳି ଖରା ଲାଗି ରହିଲେ ଜଳାଭାବ ସହ ଅଂଶୁଘାତର ଆଶଙ୍କା ରହିଛି।

### ନଦୀରେ ବୁଡ଼ି ଯୁବକ ମୃତ

**ବୁଗୁଡ଼ା,୨୪।୫(ଡି.ଏନ.ଏ.):** ବୁଗୁଡ଼ା ଥାନା ଭାମଶିଆଳି ଗ୍ରାମ ନିକଟ ବାଘୁଆ ନଦୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭାମଶିଆଳି ଗ୍ରାମ ନୂଆସାହିର କାହ୍ନୁ ନାୟକ (୨୫)। ରବିବାର ପୂର୍ବାହ୍ନରେ କାହ୍ନୁ ନଦୀକୁ ଗାଧୋଇ ଯାଇଥିଲେ। ତେବେ ନଦୀରେ ଅଚାନକ ଜଳ ପ୍ରବାହିତ ହେବା ଯୋଗୁ ସୁଅରେ ପଡ଼ି ସେ ବୁଡ଼ିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଗୁଡ଼ା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଥିଲା। ଏ ନେଇ ବୁଗୁଡ଼ା ଥାନାରେ ନଂ. ୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଜମି ଦେବା ନାଁରେ ଠକେଇ, ବାପପୁଅ ଗିରଫ

**ବାଲିଗୁଡା,୨୪।୫(ଡି.ଏନ୍.ଏ.):** ବାଲିଗୁଡାରେ ଅନ୍ୟର ଜାଗା ବିକ୍ରି ପାଇଁ ଦେଖାଇ ଜଣେ ହୋଟେଲ ମାଲିକଙ୍କ ଠାରୁ ୧୧ଲକ୍ଷ୫୦ ହଜାର ଟଙ୍କା ଠକେଇ ଅଭିଯୋଗରେ ପୋଲିସ ବାପ ପୁଅଙ୍କୁ ଗିରଫ କରିଛି। ସେ ହେଲେ ବାପା ଏସ୍. ରାମାରାଓ ପାତ୍ର ଓ ପୁଅ ଏସ୍. କାଳିଆ ପାତ୍ର। ବାଲିଗୁଡାର ଜଣେ ହୋଟେଲ ମାଲିକ ସନ୍ତୋଷ କୁମାର ସାହୁଙ୍କୁ ଏସ୍. ରାମାରାଓ ଓ ଏସ୍. କାଳିଆ ମୁଖ୍ୟରାସ୍ତା କଡର ଅନ୍ୟଜଣଙ୍କ ଜାଗା ବିକ୍ରି କରିବାକୁ ଦେଖାଇ ୧୧ଲକ୍ଷ ୫୦ହଜାର ଟଙ୍କା ଆଡଭାନ୍ସ ନେଇଥିଲେ। ହେଲେ ଟଙ୍କା ମାଗିବାରୁ ପରେ ଧମକ ଦେବା ସହ ଆଉଏକ ଜାଗା କିଣିବାକୁ କହିଥିଲେ। ଏନେଇ ସନ୍ତୋଷ ବାଲିଗୁଡା ଥାନାରେ ଏତଲା ଦେବାପରେ ନଂ.୧୦୩/୨୦ରେ ମାମଲା ରୁଜୁକରି ବାଲିଗୁଡା ପୋଲିସ ବାପ,ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା କହିଛନ୍ତି।

### ସଙ୍ଗରୋଧ କେନ୍ଦ୍ରରେ ସାପ

**ହିଞ୍ଜିଳିକାଟୁ,୨୪।୫(ଡ଼ି.ଏନ୍.ଏ.):** ହିଞ୍ଜିଳିକାଟୁ ବ୍ଲକ ପୋଚିଲିମା ଖମ୍ବେୟାଦୋରା ଜୁନିୟର କଲେଜରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ସରୀସୃପ ଦେଖି ଅନ୍ତେବାସୀମାନେ ଅତଙ୍କିତ ହୋଇ ପଡ଼ିଛନ୍ତି। ଗତ ୪ଦିନ ହେଲା ଏଠାରେ ବିଷାକ୍ତ ସାପ ଓ ଗୋଧି ବିଚରଣ କରୁଥିବା ଫଟୋ ରାଳବ ଗ୍ରାମର ଜଣେ ଯୁବକ ଉଠାଇ ସୋସିଆଲ ମିଡିଆରେ ଛାଡିଛନ୍ତି। ୨ଟି ସାପକୁ ଅନ୍ତେବାସୀ ମାରି ଦେଇଥିବା ଫଟୋ ମଧ ଭାଇରାଲ ହୋଇଛି। ଏନେଇ ଅନ୍ତେବାସୀ କେନ୍ଦ୍ରର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇଛନ୍ତି।

### ୯ ଜୁଆଡ଼ି ଗିରଫ

**ହିଞ୍ଜିଳିକାଟୁ,୨୪।୫(ଡ଼ି.ଏନ୍.ଏ.):** ହିଞ୍ଜିଳିକାଟୁ ପୌରାଞ୍ଚଳ ଥାନାସାହି ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ରବିବାର ହିଞ୍ଜିଳିକାଟୁ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୯ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୯ହଜାର ୨ଶହ ଟଙ୍କା ଓ ତାସ ମୁଠା ଜବତ କରିଛି। ଏନେଇ ନଂ.୧୬୬/୨୦ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଅଭିମନ୍ୟୁ ଦାଶ ସୂଚନା ଦେଇଛନ୍ତି।

### ବିଶ୍ରାମାଗାରରୁ ମୃତଦେହ ଉଦ୍ଧାର

**ଆସିକା,୨୪।୫(ଡି.ଏନ୍.ଏ.):** ଆସିକା ଏନ୍ଏସିର ପଲ୍ଲୀଛକ ବିଶ୍ରାମାଗାରରୁ ପୋଲିସ ଏକ ମୃତଦେହ ଉଦ୍ଧାର କରିଛି। ପ୍ରାୟ ୪୫ ବର୍ଷ ବୟସ୍କ ଏହି ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିଲେ ମଧ ଗତ ୨ ବର୍ଷ ହେଲା ଆସିକା ସହରରେ ବୁଲୁଥିବା ପୋଲିସ ପକ୍ଷରୁ କୁହାଯାଇଛି। ଆସିକା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ନଂ.୧୦/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ରେଳଷ୍ଟେଶନରେ ୧୪୪ ଧାରା ଜାରି

**ବ୍ରହ୍ମପୁର ଅଫିସ,୨୪।୫**



ବ୍ରହ୍ମପୁର ଷ୍ଟେଶନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି।

ସୁରଟ ଓ କୋଏମ୍ବାଟୁରରୁ ବାହାରିଥିବା ୪ ସ୍ୱତନ୍ତ୍ର ଟ୍ରେନ ବ୍ରହ୍ମପୁର ରେଳଷ୍ଟେଶନରେ ପହଞ୍ଚିଲା। ପ୍ରଥମେ କୋଏମ୍ବାଟୁରରୁ ଆସିଥିବା ଟ୍ରେନ ଶନିବାର ରାତି ପ୍ରାୟ ୨ ଟାରେ ୪ ନମ୍ବର ପ୍ଲାଟ୍‌ଫର୍ମରେ ଲାଗିଥିଲା। ଟ୍ରେନରେ ଆସିଥିବା ୮୯୮ ଯାତ୍ରୀଙ୍କ ମଧ୍ୟରୁ ୬୩୬ ଜଣ ବ୍ରହ୍ମପୁରରେ ଓହ୍ଲାଇଥିଲେ। ବଳକା ଯାତ୍ରୀଙ୍କୁ ନେଇ ଉକ୍ତ ଟ୍ରେନ୍‌ଟି ଭଦ୍ରକ ଅଭିମୁଖେ ଯାତ୍ରା କରିଥିଲା। ଓହ୍ଲାଇଥିବା ଯାତ୍ରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ରବିବାର ସକାଳ ୭ ଟାରେ ସୁରଟରୁ ବ୍ରହ୍ମପୁର ଆସିଥିବା ଟ୍ରେନଟି ୪ ନମ୍ବର ପ୍ଲାଟଫର୍ମରେ ଲାଗିଥିଲା। ସେଥିରେ ୧୬୩୫ ଜଣ ଯାତ୍ରୀ ଆସିଥିଲେ। ସେଥିମଧ୍ୟରୁ ଗଞ୍ଜାମ ଜିଲାର ୧୫୭୭ ଜଣ ଯାତ୍ରୀ ରହିଥିବା ବେଳେ ୫୮ ଜଣ ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କଟକ, ବାଲେଶ୍ୱର, ଭଦ୍ରକ, ଗଜପତି ଓ କନ୍ଧମାଳର ବୋଲି ରେଳବାଇ ସୁରକ୍ଷା ଅଧିକାରୀ ଦିଲୀପ କୁମାର ସୂଚନା ଦେଇଛନ୍ତି। ସେହିପରି ରବିବାର ପୂର୍ବାହ୍ନ ୧୦.୦୫ ମିନିଟ୍‌ରେ ସୁରଟରୁ ବାହାରିଥିବା ୨ୟ ଟ୍ରେନ୍‌ଟି ୧୭୪୮ ଯାତ୍ରୀମାନଙ୍କୁ ନେଇ ବ୍ରହ୍ମପୁରରେ ପହଞ୍ଚିଥିଲା। ସେଥିମଧ୍ୟରୁ ଗଞ୍ଜାମର ୧୬୯୬ ଜଣ ହୋଇଥିବା ବେଳେ ବଳକା ୫୨ ଜଣ ଅନ୍ୟ ଜିଲାର ବୋଲି ଜଣାପଡିଛି। ସେହିପରି ସୁରଟରୁ ବାହାରିଥିବା ଅନ୍ୟ ଏକ ଟ୍ରେନ୍ ବ୍ରହ୍ମପୁର ଷ୍ଟେଶନ୍‌ରେ ରବିବାର ଅପରାହ୍ନ ୨.୧୫ ମିନିଟରେ ପହଞ୍ଚିଥିଲା। ସେଥିରେ ଥିବା ୧୬୮୦ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୬୨୮ ଜଣ ଗଞ୍ଜାମ ଜିଲାର ହୋଇଥିବା ବେଳେ ବଳକା ୫୨ ଜଣ ଅନ୍ୟ ଜିଲାର ଥିବା ଜଣାପଡିଛି। ଷ୍ଟେଶନ୍‌ରେ ଓହ୍ଲାଇଥିବା ସମସ୍ତ ଯାତ୍ରୀଙ୍କୁ ସ୍କ୍ରିନିଂ କରାଯାଇଥିଲା। ପରେ ସେଠାରୁ ସେମାନଙ୍କୁ ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଛି। ଆଉ ୫ ଟ୍ରେନ ରବିବାର ବିଳମ୍ବିତ ରାତି ସୁଦ୍ଧା ବ୍ରହ୍ମପୁର ଷ୍ଟେଶନ୍‌ରେ ପହଞ୍ଚିବା ସମ୍ଭାବନା ରହିଛି ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛି। ସେପଟେ ବ୍ରହ୍ମପୁର ପୋଲିସ ପକ୍ଷରୁ ଷ୍ଟେଶନରେ ୧୪୪ ଧାରା ଜାରି କରାଯାଇଛି। ଭିତରକୁ ବିଭାଗୀୟ ଅଧିକାରୀ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କାହାକୁ ଛଡ଼ାଯାଉନାହିଁ।

**ପ୍ରବାସୀଙ୍କୁ ନେଇ ଫେରିଲା ୫ ଟ୍ରେନ୍**

# ଗଞ୍ଜାମରେ ଆଉ ୩୦ ସୁସ୍ଥ

**ଛତ୍ରପୁର,୨୪।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ରବିବାର ପୁଣି ୩୦ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ କୋଭିଡ୍ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ଏହାପୂର୍ବରୁ ୨୦୩ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିଲେ। ଫଳରେ ଜିଲାରେ ସୁସ୍ଥଙ୍କ ସଂଖ୍ୟା ଏବେ ୨୩୩ରେ ପହଞ୍ଚିଛି। ଜିଲାରେ ୨ ପଜିଟିଭ୍ ପୂର୍ବରୁ କେତେଜଣଙ୍କ ସଂସ୍ପର୍ଶରେ ଆସିଥିଲେ। ସେମାନଙ୍କୁ ଚିହ୍ନଟ କରି କୋଭିଡ୍ ଟେଷ୍ଟ କରାଯାଇଥିଲା। ସମସ୍ତଙ୍କର ରିପୋର୍ଟ ନେଗେଟିଭ୍ ଆସିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ଗୋଷ୍ଠୀ ସଂକ୍ରମଣ ହୋଇନି। ତେଣୁ ଏଥିନେଇ କେହି ବ୍ୟସ୍ତ ହେବାର ନାହିଁ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କୌଣସି ପଜିଟିଭ ବ୍ୟକ୍ତି ଭେଣ୍ଟିଲେଟରରେ ନ ଥିବା ଜିଲାପାଳ ସ୍ପଷ୍ଟ କରିଛନ୍ତି।

**ଗୋଷ୍ଠୀ ସଂକ୍ରମଣ ହୋଇନି**

# ସାନିଟାଇଜ ହେଲା ଗୋବରା ଗ୍ରାମ

**ଭଞ୍ଜନଗର,୨୪।୫(ଡି.ଏନ.ଏ)**

ବେଲଗୁଣ୍ଠା ବ୍ଲକ ଗୋବରା ଗ୍ରାମକୁ ଦମକଳ ବାହିନୀ ପକ୍ଷରୁ ରବିବାର ସାନିଟାଇଜ କରାଯାଇଛି। ଏହାପୂର୍ବରୁ ସକାଳେ ସୋସିଆଲ ମିଡ଼ିଆରେ ସଟ୍‌ଡ଼ାଉନ କରାଗଲା ବୋଲି ପ୍ରଚାର ହୋଇଥିଲା। ଏନେଇ ସରପଞ୍ଚ ପ୍ରତିନିଧିଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଥିଲେ। ସକାଳେ ଲକ୍‌ଡ଼ାଉନ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ପ୍ରଚାର କରାଯାଇଥିଲା ବୋଲି କହିଥିଲେ। ଅପରପକ୍ଷେ ଭଞ୍ଜନଗର ବ୍ଲକର ଜଣେ କରୋନା ସଂକ୍ରମିତଙ୍କ ଗ୍ରାମକୁ ସାନିଟାଇଜ ପରେ ପ୍ରାୟ ୧୦ ଜଣଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଛି। ୩ ଦିନ ହେଲା ରିପୋର୍ଟ ଆସିନାହିଁ। ରିପୋର୍ଟକୁ ଦେଖି ପ୍ରଶାସନ ପରବର୍ତ୍ତୀ ପଦକ୍ଷେପ ନେବ। ମାତ୍ର ଗ୍ରାମବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।



ଗୋବରାରେ ସାନିଟାଇଜ କରାଯାଉଛି।

# ଶଙ୍କରପୁର ସାହି ଆସେସ୍ କଣ୍ଟ୍ରୋଲ ଜୋନରୁ ମୁକ୍ତ

**ବ୍ରହ୍ମପୁର ଅଫିସ,୨୪।୫**

**ସମସ୍ତଙ୍କ ସ୍ୱାବ୍ ନମୁନା ରିପୋର୍ଟ ନେଗେଟିଭ**

ବ୍ରହ୍ମପୁର ବଡ଼ବଜାର ଶଙ୍କରପୁର ସାହି ରବିବାର ଆସେସ୍ କଣ୍ଟ୍ରୋଲ ଜୋନରୁ ମୁକ୍ତ ହୋଇଛି। ଉକ୍ତ ଅଞ୍ଚଳରୁ ସଂଗୃହିତ ସ୍ୱାବ୍ ନମୁନା ରିପୋର୍ଟ ନେଗେଟିଭ ଆସିବା ପରେ ଉକ୍ତ ସାହିକୁ କଟକଣା ମୁକ୍ତ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଉକ୍ତ ଅଞ୍ଚଳରେ ଲକ୍‌ଡାଉନ୍‌ନିୟମାବଳୀ ଜାରି ରହିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, କୋଭିଡ୍-୧୯ ସଂକ୍ରମିତଙ୍କ ସଂସ୍ପର୍ଶରେ ବ୍ରହ୍ମପୁର ବଡ଼ବଜାର ଶଙ୍କରପୁର ସାହିର କେତେଜଣ ବ୍ୟକ୍ତି ଆସିଥିବା ସୂଚନା ମିଳିବା ପରେ ଗତ ୧୫ ତାରିଖରେ ବିଏମ୍‌ସି ପକ୍ଷରୁ ବଡ଼ବଜାର ଶଙ୍କରପୁର ସାହିକୁ ସିଲ୍ କରିବା ସହ ଆସେସ୍ କଣ୍ଟ୍ରୋଲ ଜୋନ୍ ଭାବେ ଘୋଷଣା କରାଯାଇଥିଲା। ସାହିର ୭୬୮ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ୧୫୦ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା।

## ୧୩୭୬ ସଙ୍ଗରୋଧ କେନ୍ଦ୍ରରେ ୬୧,୮୩୯ ପ୍ରବାସୀ

**ଛତ୍ରପୁର,୨୪।୫(ଡି.ଏନ୍.ଏ.)**

ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ୧୩୭୬ ସଙ୍ଗରୋଧ କେନ୍ଦ୍ର ରହିଛି। ଏଥିରେ ୬୧୮୩୯ ପ୍ରବାସୀ ରହୁଛନ୍ତି। ଏମାନଙ୍କ ରହିବା, ଖାଇବା ବ୍ୟବସ୍ଥା ପ୍ରଶାସନ ବୁଝୁଛି। ପୋଲିସ ଟିମ୍ ଏହିକେନ୍ଦ୍ର ବାହାରେ ରହିକଡା ଦୃଷ୍ଟି ରଖିଛି। ଏନ୍‌ଫୋର୍ସମେଣ୍ଟକୁ ବଢ଼ାଇ ଦିଆଯିବା ସହ ପ୍ରବାସୀମାନଙ୍କର ଯତ୍ନ ନିଆଯାଉଛି। ନିୟମିତ ପୋଲିସ ପାଟ୍ରୋଲିଂ ହେଉଥିବା ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଟୁଇଟ୍ କରି ସୂଚନା ଦେଇଛନ୍ତି। ଦୈନିକ କେନ୍ଦ୍ରର ସ୍ଥିତି ସମ୍ପର୍କରେ ଥାନା ୱାରି ରିପୋର୍ଟ ଗଞ୍ଜାମ ଏସ୍‌ପିଙ୍କୁ ପ୍ରଦାନ କରାଯାଉଥିବା କୁହାଯାଇଛି।

## ମା' ଖମ୍ବେଶ୍ୱରୀଙ୍କ ଶୀତଳମଣି ଉତ୍ସବ

**ଆସିକା,୨୪।୫ (ଡି.ଏନ୍.ଏ.)**

ଚଳିତବର୍ଷ କରୋନା ପାଇଁ ଲକ୍‌ଡାଉନ୍ ଯୋଗୁ ଆସିକାର ଆରାଧ୍ୟ ଦେବୀ ମା' ଖମ୍ବେଶ୍ୱରୀଙ୍କ ବାର୍ଷିକ ବୈଶାଖୀ ଯାତ୍ରା କେବଳ ବିଧି ମୁତାବକ ବେଢା ପରିକ୍ରମାରେ ସରିଥିଲା। ଶନିବାର ଠାକୁରାଣୀଙ୍କ ଶୀତଳମଣି ଉତ୍ସବ ପାଳିତ ହୋଇଛି। ସନ୍ଧ୍ୟାରେ ସୀମିତ ପୂଜକଙ୍କୁ ନେଇ ସାମାଜିକ ଦୂରତା ରକ୍ଷା ପୂର୍ବକ ମନ୍ଦିରରୁ ଆସି ମୁଖ୍ୟ ଡାକଘର ନିକଟରେ ରାସ୍ତା ଉପରେ ପୂଜାର୍ଚ୍ଚନା କରାଯିବା ପରେ ମା' ମନ୍ଦିରକୁ ଫେରିଥିଲେ। ସେଠାରେ ଠାକୁରାଣୀଙ୍କୁ ପଣା ଭୋଗ ଅର୍ପଣ କରାଯାଇଥିଲା।

# ଘାଟିରେ ରାତିସାରା ଫସିଲା ପ୍ରବାସୀଙ୍କ ବସ୍

**ସୋରଡା/ଦାରିଙ୍ଗବାଡି, ୨୪।୫(ଡି.ଏନ୍.ଏ.)**




ଘାଟିରେ ଫସିଥିବା ବସ୍।

ସୋରଡା-ଦାରିଙ୍ଗବାଡି ରାସ୍ତା ୪ନଂ. ଘାଟିରେ ପ୍ରବାସୀ ଓଡିଆଙ୍କୁ ନେଇ ଯାଉଥିବା ଏକ ବସ୍ ବୁଲାଣି ରାସ୍ତାରେ ଶନିବାର ରାତି ପ୍ରାୟ ୧୦ ଟାରେ ଫସି ଯାଇଥିଲା। ବୁଲାଣିରେ ଚାଳକ କାଟି ନ ପାରିବାରୁ ଏପରି ସମସ୍ୟା ହୋଇଥିଲା। ଯାତ୍ରୀମାନେ ଭୟଭୀତ ହୋଇ ପଡିଥିଲେ। ଖବର ପାଇ ସୋରଡା ଥାନାଧିକାରୀ ରମେଶ କୁମାର ପ୍ରଧାନ, ସରପଞ୍ଚ ଉପେନ୍ଦ୍ର ବେହେରା, ଦାରିଙ୍ଗବାଡି ଥାନା ଅଧିକାରୀ କୌଶିକ ମାଝି ପ୍ରମୁଖ ପହଞ୍ଚି ଉଦ୍ଧାର ପାଇଁ ପ୍ରୟାସ କରିଥିଲେ। ଘଞ୍ଚ ଜଙ୍ଗଲ ଯୋଗୁ ଏଥିରେ ସଫଳ ହୋଇ ନ ଥିଲେ। ରବିବାର ସକାଳୁ ଜେସିବି ମେଶିନ ସାହାଯ୍ୟରେ ବସ୍‌କୁ ବାହାର କରାଯାଇଥିଲା। ବସ୍‌ଟି କୋଏମ୍ବାଟୁରରୁ ୩୨ ଜଣ ପ୍ରବାସୀଙ୍କୁ ଧରି ବଲାଙ୍ଗିର ଯାଉଥିଲା। ସମସ୍ତ ଯାତ୍ରୀଙ୍କ ପାଇଁ ଥାନା ତରଫରୁ ଶୁଖିଲା ଖାଦ୍ୟ, ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା।

# ଦୁଇ ପରିବାର ମଧ୍ୟରେ ହାତାହାତି: ୪ ଗିରଫ

**ଆସିକା,୨୪।୫(ଡି.ଏନ୍.ଏ.)**

ଆସିକା ଥାନା ଦନ୍ତାରିବଗଡ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଦୁଇ ପରିବାର ମଧ୍ୟରେ ହାତାହାତି ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ୨ ଜଣ ଆହତ ହୋଇଛନ୍ତି। ସେମାନେ ବଳରାମ ଜେନା ଓ ଆଦିକନ୍ଦ ବିଷୋୟୀ। ଆହତ ବଳରାମ ପ୍ରଥମେ ଆସିକା ଡାକ୍ତରଖାନା, ପରେ ବ୍ରହ୍ମପୁର ଏବଂ ସେଠାରୁ ଅଧିକ ଚିକିତ୍ସା ଲାଗି କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ସେହିପରି ଅନ୍ୟପକ୍ଷର ଆଦିକନ୍ଦ ଆସିକା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ଦୁଇ ପରିବାର ପକ୍ଷରୁ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ପୃଥକ ୨ ମାମଲା (ନଂ. ୨୭୭ ଏବଂ ୨୭୮/୨୦) ରୁଜୁ କରି ଉଭୟ ପକ୍ଷରୁ ୪ ଜଣଙ୍କୁ ଗିରଫ କରିଛି। ବଳରାମ ଖାଇ ବସିଥିଲା ବେଳେ ତାଙ୍କୁ ସଂଘବଦ୍ଧ ଭାବେ ଘରୁ ଟାଣି ନେଇ କୋଠ ଘର ନିକଟରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ତାଙ୍କ ପୁତୁରା ଶ୍ରୀକାନ୍ତ ଜେନା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଭାବଗ୍ରାହୀ ବିଷୋୟୀ, ନାରାୟଣ ବରାଡ ଓ ତପନ ବିଷୋୟୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେହିପରି ଆଦିକନ୍ଦଙ୍କୁ ଗାଁ ଦାଣ୍ଡରେ ଠେଙ୍ଗାରେ ଆକ୍ରମଣ କରାଯାଇଥିବା ନେଇ ତାଙ୍କ ପୁଅ ଭାବଗ୍ରାହୀ ବିଷୋୟୀ ପୋଲିସରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଗ୍ରାମର ସୁଶାନ୍ତ ଜେନାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ୨୨୦ ଜଣଙ୍କ କ୍ୱାରାଣ୍ଟାଇନ୍ ଅବଧି ସରିଲା

**ପୁରୁଷୋତ୍ତମପୁର(ଡି.ଏନ.ଏ.)/ କବିସୂର୍ଯ୍ୟନଗର,୨୪।୫**

ପୁରୁଷୋତ୍ତମପୁର ବ୍ଲକ ଆଦର୍ଶ ବିଦ୍ୟାଳୟ ହଷ୍ଟେଲରେ ଗତ ୨ ତାରିଖରୁ ସୁରଟରୁ ଆସି ରହିଥିବା ୧୧୨ ପ୍ରବାସୀଙ୍କ କ୍ୱାରାଣ୍ଟାଇନ୍ ଅବଧି ସରିଛି। ସେଥି ମଧ୍ୟରୁ ପୁରୁଷୋତ୍ତମପୁର ବ୍ଲକର ୫୩ ରହିଥିବା ବେଳେ ଅନ୍ୟ ବ୍ଲକର ୫୯ ରହିଛନ୍ତି। ଏମାନେ ଏବେ ନିଜ ଘରେ କ୍ୱାରାଣ୍ଟାଇନ୍‌ରେ ରହିବେ। ଶୁକ୍ରବାର ଏମାନଙ୍କୁ ବିଡିଓ ସୀମାଞ୍ଚଳ ମହାନ୍ତି, ତହସିଲଦାର ଅରୁଣ କୁମାର ନାୟକ ସମ୍ମାନିତ କରି ପ୍ରମାଣପତ୍ର ସହ ସ୍ୱତନ୍ତ୍ର ଗାଡି ଯୋଗେ ଘରକୁ ପଠାଇଛନ୍ତି। ସେହିପରି ୨୧ ଦିନ ଅବଧି ସରିବା ପରେ କବିସୂର୍ଯ୍ୟନଗର ଏନ୍‌ଏସିର ଦୁଇ ସଙ୍ଗରୋଧ କେନ୍ଦ୍ରରୁ ୧୦୮ ପ୍ରବାସୀଙ୍କୁ ପ୍ରମାଣପତ୍ର ଦେଇ ଶନିବାର ଘରକୁ ଛଡ଼ାଯାଇଥିଲା। ଏହା ସହ ଘରେ ୧୪ ଦିନ ଗୃହ ସଙ୍ଗରୋଧରେ ରହିବା ପାଇଁ ନିଜେ ଘୋଷଣାନାମା ଚୁକ୍ତି ସ୍ୱାକ୍ଷର କରି ଯାଇଛନ୍ତି। ଶନିବାର ଅପରାହ୍ନରେ ସରକାରୀ ବାଳିକା ବିଦ୍ୟାଳୟରୁ ୭୦ ଜଣ ଓ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟରୁ ୩୮ ଜଣ ଘରକୁ ଫେରିଛନ୍ତି। ଏମାନଙ୍କୁ ପ୍ରଶାସନିକ ଅଧିକାରୀମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ଓଲଟିଲା ଇଟା ବୋଝେଇ ଟ୍ରାକ୍ଟର, ୨ ଆହତ

**ଛତ୍ରପୁର,୨୪।୫(ଡି.ଏନ୍.ଏ.)**

ଛତ୍ରପୁର ଥାନା ପୁରୁଣାପାଟଣା ରାସ୍ତାରେ ରବିବାର ଏକ ଇଟା ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିବାରୁ ଚାଳକଙ୍କ ସମେତ ୨ ଆହତ ହୋଇଛନ୍ତି। ପୋଟଲାମପୁର ଗାଁ ନିକଟରୁ ଟ୍ରାକ୍ଟର (ନଂ.ଓଆର୦୭ ୱାଇ ୦୦୩୮)ରେ ଇଟା ବୋଝେଇ ହୋଇ ବାସନାପଲ୍ଲୀକୁ ଆସୁଥିଲା। ପୁରୁଣାପାଟଣା ରାସ୍ତା ନିକଟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ବିଲ ଭିତରକୁ ପଶିଯାଇ ଓଲଟି ପଡିଥିଲା। ଫଳରେ ଚାଳକ ଚାଳକ ଗଙ୍ଗାପୁର ଗାଁର ନିର୍ଭର ପ୍ରଧାନ ସାମାନ୍ୟ ଆହତ ହୋଇଥିବା ବେଳେ ପଛରେ ବସିଥିବା ପାଣ୍ଡିଆ ଗାଁର ବୁଲୁ ମହାରଣା ଇଟା ତଳେ ଚାପି ହୋଇ ରହିଯାଇଥିଲେ। ତୁରନ୍ତ କିଛି ଲୋକ ତାଙ୍କୁ ଉଦ୍ଧାର କରି ପୋଲିସ ସହାୟତାରେ ଛତ୍ରପୁର ହସ୍ପିଟାଲକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ବୁଲୁଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ସଙ୍ଗରୋଧ କେନ୍ଦ୍ରରୁ ଫେରିଲେ ୮୦ ଅନ୍ତେବାସୀ

**ଜି.ଉଦୟଗିରି,୨୪।୫(ଡି.ଏନ.ଏ.)**

ଜି.ଉଦୟଗିରି ବ୍ଲକ ଓ ଏନ୍‌ଏସିରେ ଥିବା ୩ ସଙ୍ଗରୋଧ କେନ୍ଦ୍ରରୁ ୮୦ ଜଣ ଅବଧି ପୂରଣ କରି ଘରକୁ ଫେରିଥିବା ଜି.ଉଦୟଗିରି ବିଡିଓ ଶାନ୍ତନୁ କୁମାର ନାୟକ କହିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ କେରଳ ଓ ତାମିଲନାଡୁ ଫେରନ୍ତା। ସେମାନଙ୍କୁ ପ୍ରଶାସନ ପକ୍ଷରୁ ଗାଡି କରି ଘରକୁ ପଠାଯାଇଛି। ସମସ୍ତେ ସୁସ୍ଥ ଅଛନ୍ତି ଓ ଘରକୁ ଗଲାପରେ ୭ ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଥିବା ଜି.ଉଦୟଗିରି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶଶିକାନ୍ତ ମଲ୍ଲିକ କହିଛନ୍ତି।




# ଖବର ପ୍ରକାଶ ପରେ ମିଳିଲା ରାଶନକାର୍ଡ

**ବାଲିଗୁଡା,୨୪।୫(ଡି.ଏନ୍.ଏ.)**



ରାଶନକାର୍ଡ ପ୍ରଦାନ କରାଯାଇଛି।

**ଧରିତ୍ରୀ ପ୍ରଭାବ**

ବାଲିଗୁଡା ଏନ୍‌ଏସି ୬ନଂ. ୱାର୍ଡର ଶିବ ପ୍ରସାଦ ପଟ୍ଟନାୟକ ରାଶନକାର୍ଡ ପାଇବାକୁ ଯୋଗ୍ୟ ଥାଇ ମଧ୍ୟ ପାଇ ନ ଥିଲେ। ଶିବପ୍ରସାଦ ବାଲିଗୁଡା ବଜାରରେ ଏକ ଛୋଟ ଘଣ୍ଟା ମରାମତି ଦୋକାନ କରି ପରିବାର ଚଳାନ୍ତି। ଘର ନ ଥିବାରୁ ନୂଆସାହିରେ ଏକ ଭଡାଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଲକ୍‌ଡାଉନ୍ ଯୋଗୁ ଦୋକାନ ବନ୍ଦ ପରେ ଦୁଇ ସନ୍ତାନ ଓ ସ୍ତ୍ରୀଙ୍କ ପାଇଁ ଦାନା ଯୋଗାଡ କରିବା ମୁସ୍କିଲ ହୋଇପଡିଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜୟଦେବ ଷଡ଼ଙ୍ଗୀ ଉପଖଣ୍ଡ ଯୋଗାଣ ବିଭାଗ ଅଧିକାରୀ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀଙ୍କୁ ଭେଟି ଦୁଃଖ ଜଣାଇଥିଲେ। ତଥାପି କାର୍ଡ ମିଳି ନଥିଲା। ଯାଞ୍ଚବେଳେ ତିନିବଖରା ପକ୍କାଘରେ ଥିବାରୁ କାର୍ଡ ମିଳି ନ ଥିଲା ବୋଲି ଯୋଗାଣ ଅଧିକାରୀ କହିଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଉପଜିଲ୍ଲାପାଳ ଦେବେନ୍ଦ୍ର କୁମାର ନନ୍ଦ ପୁନଃ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଯୋଗାଣ ଅଧିକାରୀ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀଙ୍କ ସମେତ ଏନ୍‌ଏସି କର୍ତ୍ତୃପକ୍ଷ ଶିବ ପ୍ରସାଦ ପଟ୍ଟନାୟକଙ୍କ ଭଡା ଘରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ପରେ ଶିବଙ୍କ ପରିବାରଙ୍କୁ ରାଶନକାର୍ଡ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ୨୦ ପ୍ରବାସୀଙ୍କୁ ପଠାଇଲେ ମଧ୍ୟପ୍ରଦେଶ

**ଜୁନାଗଡ,୨୪ା୫(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଜୁନାଗଡ ସହରକୁ ଗତ କିଛିମାସ ତଳେ ପେଟପାଟଣା ପାଇଁ ମଧ୍ୟପ୍ରଦେଶ ରାଜ୍ୟ ଜବଲପୁରରୁ ୨୦ଜଣ ପ୍ରବାସୀ ଲୁହା (କମାର)କାମ କରିବାକୁ ଆସିଥିଲେ। ତେବେ ଲକ୍‌ଡାଉନ ଯୋଗୁ ସେମାନେ ନିଜ ଅଞ୍ଚଳକୁ ଯାଇ ନ ପାରି ଏଠାରେ ଫସି ରହିଥିଲେ। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ମାରୱାଡି ଯୁବା ମଞ୍ଚର ଆଶିଷ ଗୋୟଲ, ଅମିତ ଗୁପ୍ତା, ମହେଶ ଅଗ୍ରୱାଲ, ବିବେକ ଅଗ୍ରୱାଲ ପ୍ରମୁଖ ନିଜ ଭିତରେ ଟଙ୍କା ସଂଗ୍ରହ କରି ଏକ ଗାଡ଼ି ଭଡା କରିଥିଲେ। ଏଥିରେ ଏହି ପ୍ରବାସୀମାନଙ୍କୁ ଜବଲପୁର ପଠାଯାଇଛି।

### ଟ୍ରେନ୍ ଆଗକୁ ଡେଇଁ ପଡ଼ିଲେ ଯୁବକ

**କୁଆଁରମୁଣ୍ଡା,୨୪ା୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ନିକଟସ୍ଥ ଗାନ୍ଧୀରୋଡ ନିକଟରେ ଜଣେ ଯୁବକ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏକ ମାଲବାହୀ ଟ୍ରେନ୍ ଆଗକୁ ହଠାତ୍ ଡେଇଁ ପଡ଼ିଛନ୍ତି। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବୀରମିତ୍ରପୁର ଗାନ୍ଧୀ ରୋଡ଼ ଅଞ୍ଚଳର ମହମ୍ମଦ ସମୀର(୨୦)। ରାଉରକେଲା ରେଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରି ରେଲୱେ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।

### ଟ୍ୟାଙ୍କର ଧକ୍କାରେ ବାଇକ୍ ଚାଳକ ମୃତ, ୨ ଗୁରୁତର

**ଜୁନାଗଡ,୨୪ା୫(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ୍ ଗୁଞ୍ଜୁଗୁଡା ଛକଠାରେ ରବିବାର ମଧ୍ୟାହ୍ନରେ ଟ୍ୟାଙ୍କର ଧକ୍କାରେ ଜଣକର ମୃତ୍ୟୁ ଘଟିଛି। ଏହାସହ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ ଭବାନୀପାଟଣା ବ୍ଲକ୍ ବାନ୍ଦୋପଲା ଗ୍ରାମର ହୀମନ ଭୋଇ। ଗୁରୁତର ବ୍ୟକ୍ତି ଦ୍ୱୟ ହେଲେ ଜୁନାଗଡ ବ୍ଲକ ଘଣ୍ଟବାହାଲି ଗ୍ରାମର। ଏ ଦୁହିଁଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ଲାଗି ପଠାଇଛି। ହୀମନଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଟ୍ୟାଙ୍କର ସହ ଚାଳକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଥିବା ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି।

### ଭାଲୁ ଆକ୍ରମଣରେ ୨ ଗୁରୁତର

**ଦେବଗଡ଼,୨୪ା୫(ଡି.ଏନ.ଏ):** ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ସିଂହଶାଳ ଗ୍ରାମର ଜଣେ ଛେଳି ଚରାଳି ଛେଳି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେହିପରି କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଚୁଆଖୋଳ ଗ୍ରାମର ଜଣେ କେନ୍ଦୁପତ୍ର ତୋଳାଳି କେନ୍ଦୁପତ୍ର ତୋଳିବାକୁ ଯାଇଥିବା ବେଳେ ସେ ମଧ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସିଂହଶାଳ ଗ୍ରାମର କରୁଣା ଧୀବର(୩୪) ଛେଳିପଲ ଧରି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଏକ ଭାଲୁ ବୁଦାରୁ ବାହାରି ତାଙ୍କୁ ଆକ୍ରମଣ କରିଥିଲା। ତେବେ ତାଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା କେତେକ ଗ୍ରାମବାସୀ ଧାଇଁ ଆସିବାରୁ ଭାଲୁଟି ଦୌଡି ପଳାଇଥିଲା। ତେବେ ଭାଲୁ ଆକ୍ରମଣରେ ତାଙ୍କର ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପରିବାର ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ ବାରକୋଟ ଡାକ୍ତରଖାନା ଓ ପରେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଅନ୍ୟପକ୍ଷରେ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଚୁଆଖୋଳ ଗ୍ରାମର ଚିନ୍ତାମଣି ବେହେରା(୫୬) ନାମକ ଜଣେ କେନ୍ଦୁପତ୍ର ତୋଳାଳି ପତ୍ର ତୋଳିବାକୁ ନିକଟସ୍ଥ ଆମ୍ବଖୋଳ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ଏକାଧିକ ଭାଲୁ ତାଙ୍କୁ ମିଳିତ ଭାବ ଆକ୍ରମଣ କରିଛନ୍ତି। ଶରୀରର ବିଭିନ୍ନ ଅଂଶରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କ ଚିତ୍କାର ଶୁଣି ନିକଟରେ କେନ୍ଦୁପତ୍ର ତୋଳୁଥିବା କେତେକ ଗ୍ରାମବାସୀ ଧାଇଁ ଆସି ଭାଲୁଗୁଡ଼ିକ କବଳରୁ ଚିନ୍ତାମଣିଙ୍କୁ ବଞ୍ଚାଇଥିଲେ। ପରିବାର ଲୋକେ ଗୁରୁତର ଆହତ ଚିନ୍ତାମଣିଙ୍କୁ ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# କିରୋସିନ ଦର ନିୟନ୍ତ୍ରଣରେ ବିଫଳ ପ୍ରଶାସନ

- ଡିଲର ଧାର୍ଯ୍ୟ କରୁଛନ୍ତି ଦର
- ସ୍କ୍ୱାଡ୍ ଗଠନ ଲୋକ ଦେଖାଣିଆ
- ପେଟ୍ରୋଲ, ଡିଜେଲରେ ମିଶୁଛି

**ସମ୍ବଲପୁର,୨୪ା୫(ବ୍ୟୁରୋ)**

ମହମାରୀ କରୋନାର ମୁକାବିଲା ପାଇଁ ଦେଶ ଲକ୍ ଡାଉନ୍ ରହିଛି। ରୋଜଗାର ହରାଇ ପ୍ରଭାବିତ ହୋଇଥିବା ଗରିବ ପରିବାରଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେଉଛନ୍ତି। ଏପରିକି ଅଗ୍ରିମ ଭାବେ ପିଡିଏସ ସାମଗ୍ରୀ ବଣ୍ଟନ କରାଯାଉଛି। ଚାଉଳ, ଗହମ ଦେଲା ପରେ ଏବେ କିରୋସିନ ବଣ୍ଟନ ହେଉଛି। ହେଲେ କିରୋସିନ ବଣ୍ଟନରେ ବ୍ୟାପକ ମାତ୍ରାରେ କଳାବାଜାର ହେଉଥିବା ଅଭିଯୋଗ ହେଉଛି। ଏଥିରେ ଜିଲାର ତେଲ ମାଫିଆମାନଙ୍କ ପରୋକ୍ଷରେ ସଂପୃକ୍ତି ରହୁଛି। ଡିଜେଲ ଓ ପେଟ୍ରୋଲରେ ମିଶ୍ରଣ କରିବା ପାଇଁ କିରୋସିନିର ଚାହିଦା ବଢି ଯାଇଛି। ଛୋଟ ଦୋକାନୀଠାରୁ ଆରମ୍ଭ କରି ବଡ ଅସାଧୁ ତେଲ ବେପାରୀମାନେ କିରୋସିନ କିଣି ମିଶ୍ରଣ କରୁଛନ୍ତି। ଜିଲାରେ ଏଭଳି ଏକ ବଡ ର୍‍ୟାକେଟ କାମ କରୁଛି। ଏଥିରେ ରାଜନେତାମାନଙ୍କ ମଧ ସଂପୃକ୍ତି ରହୁଛି। ପଞ୍ଚାୟତସ୍ତରରୁ ଯୋଗାଣ ସହାୟକ ଓ ଛୋଟଡିଲରମାନଠାରୁ ତେଲ ସଂଗ୍ରହ କରି ହୋଲସେଲରମାନେ ବେପାରୀମାନଙ୍କୁ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଲକଡାଉନ ସମୟରେ ହିତାଧିକାରୀଙ୍କୁ ଅଧିକ ଦରରେ କିରୋସିନ ବିକିବା ଫଳରେ ଏହି ଘଟଣା ପଦାକୁ ଆସୁଛି। ପଞ୍ଚାୟତରେ ଯୋଗାଣ ସହାୟକ ଓ ସହରରେ ଡିଲରମାନେ ଲିଟର ପିଛା ୩୫ରୁ ୪୦ ଟଙ୍କାରେ ବିକ୍ରି କରୁଛନ୍ତି। ଅନ୍ୟପଟେ କେତେକ ସ୍ଥାନରେ ୧୫ରୁ ୨୦ ଟଙ୍କା ନିଆଯାଉଛି। ବିକ୍ରି କେନ୍ଦ୍ରରେ ଦର ଓ ଷ୍ଟକ ତାଲିକା ଲେଖା ଯାଉ ନାହିଁ। ଯଦି କୌସି ହିତାଧିକାରୀ ପ୍ରଶ୍ନ କରୁଛନ୍ତି ତାଙ୍କୁ ତେଲ ଦେବା ପାଇଁ ମନା କରି ଦିଆଯାଉଛି। ଡିଲରମାନେ ଚଢା ଦରରେ ତେଲ ଦେଉଛନ୍ତି। ତେଣୁ ଅଧିକ ଟଙ୍କା ନେବାକୁ ପଡୁଛି ବୋଲି ବିକ୍ରିକେନ୍ଦ୍ରରେ ହିତାଧିକାରୀଙ୍କୁ କୁହାଯାଉଛି। ତେଣୁ ସରକାରୀ ସାମଗ୍ରୀର ଦର ଡିଲରମାନେ ଧାର୍ଯ୍ୟ କରୁଥିବା ସ୍ପଷ୍ଟ ହେଉଛି। ଯୋଗାଣ ବିଭାଗର ଅଧିକାରୀଙ୍କୁ ଅଭିଯୋଗ କଲେ ସେମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତେଣୁ ଯୋଗାଣ ଜାଣତରେ ଏଭଳି କାମ ହେଉଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠ କହିଛନ୍ତି ଯେ, କିରୋସିନ ଦର ଏବେ କମିଯିବ। ଡିଲରମାନେ ଝାରସୁଗୁଡା ଓ ପାରଦୀପରୁ କିରୋସିନ ଆଣନ୍ତି। ତେଣୁ ଭଡା ଦୃଷ୍ଟିରୁ ଦେଖି କିଛି ଟଙ୍କା କମ୍ ବେଶି ହୋଇଥାଏ। ଏପ୍ରିଲ ମାସ ତେଲ ବଣ୍ଟନରେ ଦର ବୃଦ୍ଧି ହୋଇଥିଲା। ହେଲେ ଏବେ ପ୍ରାୟ ୧୫ରୁ ୨୦ ଟଙ୍କା ଭିତରେ ରହିବ। ଡିଲର ଓ ପଞ୍ଚାୟତସ୍ତରରେ ହେଉଥିବା ବିକ୍ରୟ କେନ୍ଦ୍ର ଗୁଡିକରେ ଦର ଧାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯିବ। ସ୍କ୍ୱାଡ୍ ଗଠନ କରାଯାଇଛି ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଜିଲାରେ ପ୍ରାୟ ୨ ଲକ୍ଷ ୩୦ ହଜାର ହିତାଧିକାରୀ ରହିଛନ୍ତି। ପ୍ରତି ପରିବାରକୁ ୨ ଲିଟର କିରୋସିନ ଦେବାକୁ ଘୋଷଣା କରାଯାଇଛି। ଏପ୍ରିଲ ମାସର କିରୋସନ ପ୍ରାୟ ବ୍ଲକରେ ବଣ୍ଟନ କରାଯାଇଛି। ଏବେ ମେ ଓ ଜୁନ୍ ମାସ ପାଇଁ କିରୋସିନ ବଣ୍ଟନ କରିବାକୁ କୁହାଯାଇଛି। ହେଲେ ପଞ୍ଚାୟତ ଓ ଡିଲରମାନେ ଠିକ ସମୟରେ ତେଲ ବଣ୍ଟନ କରୁନାହାନ୍ତି। ମେ ମାସ ଶେଷ ହେବାକୁ ବସିଲାବେଳେ ଏପ୍ରିଲ ମାସର କିରୋସିନ ବଣ୍ଟନ କରାଯାଉଛି। ତେଣୁ ହିତାଧିକାରୀଙ୍କ ମନରେ ଦ୍ୱନ୍ଦ୍ୱ ରହୁଛି।


ସମ୍ବଲପୁର ସହରର ଉପକଣ୍ଠ ସିନ୍ଦୂରପଙ୍କରେ ରବିବାର ରାତିରେ ତାରକେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ଲାଗି ଥାଳ ଉଠା ଯାଉଛି।

## ଫଟୋରେ ଖବର


ରବିବାର ସମ୍ବଲପୁର ନନ୍ଦପଡା ବାଲୁଙ୍କେଶ୍ୱର ବାବାଙ୍କ ନୃସିଂହ ନିଉତା ପୂଜାର୍ଚ୍ଚନାରେ ଭକ୍ତମାନେ ଘଣ୍ଟ, ଡମ୍ବରୁ, ନିଶାନ ବଜାଉଛନ୍ତି।

## ଟିକ୍ରାପଡ଼ା, ଶିଶ୍‌କେଲା ପଞ୍ଚାୟତ ଶଟ୍‌ଡାଉନ୍

**ସଇଁତଲା/ଟିକ୍ରାପଡା, ୨୪ା୫ (ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ୍‌ରେ ୩ ଜଣଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ଟିକ୍ରାପଡା ପଞ୍ଚାୟତରେ ଜଣେ ଓ ଶିଶ୍‌କେଲାରେ ଦୁଇଜଣ କରୋନା ସଂକ୍ରମିତ ବୋଲି ଜଣାପଡିବା ପରେ ଉଭୟ ପଞ୍ଚାୟତର ସରପଞ୍ଚମାନେ ସମଗ୍ର ପଞ୍ଚାୟତକୁ ୧୪୪ ଧାରା ଜାରି କରି ସଟ୍‌ଡାଉନ୍ ଘୋଷଣା କରିଛନ୍ତି। ଟିକ୍ରପଡା ସରପଞ୍ଚ ଭାରତୀ ରାଜପଲିଆ ରବିବାର ସକାଳ ୭ଟାରୁ ମଙ୍ଗଳବାର ରାତି ୭ଟା ପର୍ଯ୍ୟନ୍ତ ପଞ୍ଚାୟତରେ ୧୪୪ ଧାରା ଜାରି କରି ସଟ୍‌ଡାଉନ୍ ଘୋଷଣା କରିଛନ୍ତି। ଠିକ୍ ସେହିପରି ଶିଶ୍‌କେଲା ସରପଞ୍ଚ ଉମାକାନ୍ତ ରଣା ରବିବାର ସକାଳ ୯ଟାରୁ ମଙ୍ଗଳବାର ରାତି ୯ଟା ପର୍ଯ୍ୟନ୍ତ ପଞ୍ଚାୟତରେ ୧୪୪ ଧାରା ଜାରି କରି ସମ୍ପୂର୍ଣ୍ଣ ପଞ୍ଚାୟତକୁ ସଟ୍‌ଡାଉନ୍ ଘୋଷଣା କରିଛନ୍ତି। ଲୋକଙ୍କୁ ଅଯଥା ବାହାରକୁ ନ ବାହାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଣୁ ଉଭୟ ପଞ୍ଚାୟତର ବିଭିନ୍ନ ଗାଁରେ ସ୍ୱାଭାବିକ ଜୀବନଯାତ୍ରା ପ୍ରଭାବିତ ହେବା ସହ ସମସ୍ତ ଦୋକାନ ବଜାର ବନ୍ଦ ରହିଛି।

## ଗୋଟିଏ ଦିନରେ ୭ପଜିଟିଭ ଚିହ୍ନଟ
### ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୬କୁ ବୃଦ୍ଧି

**ବଲାଙ୍ଗୀର ଅଫିସ, ୨୪ା୫**

ବଲାଙ୍ଗୀର ଜିଲାରେ ଗୋଟିଏ ଦିନରେ ୭ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲାର ପଜିଟିଭ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ଲୋଇସିଂହା ବ୍ଲକର ବୁଢ଼ୀପଦର, ବଙ୍ଗୋମୁଣ୍ଡା ବ୍ଲକର ସିନ୍ଧେକେଲା, ମୁରିବାହାଲ ବ୍ଲକ ପାତ୍ରପଡା ପଞ୍ଚାୟତରେ ଜଣେ ଲେଖାଏ ଓ ସଇଁତଲା ବ୍ଲକ ଶିଶ୍‌କେଲାରେ ୨ ଏବଂ ଆଗଲପୁର ବ୍ଲକ ଇନ୍‌ସାରେ ଓ ଭରସୁଜାରେ ଜଣେ ଲେଖାଏ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବୁଢ଼ୀପଦରର ସଂକ୍ରମିତ ସୁରଟରୁ, ସିନ୍ଧେକେଲା ସଂକ୍ରମିତ ମୁମ୍ବାଇରୁ, ଇନ୍‌ସା ସଂକ୍ରମିତ ଆନ୍ଧ୍ରପ୍ରଦେଶରୁ, ଭରସୁଜା ସଂକ୍ରମିତ ଦିଲ୍ଲୀରୁ, ଶିଶ୍‌କେଲାର ଜଣେ ସଂକ୍ରମିତ ବିଳାସପୁରରୁ ଓ ଅନ୍ୟ ଜଣେ ମୁମ୍ବାଇରୁ, ପାତ୍ରପଡାର ସଂକ୍ରମିତ ମୁମ୍ବାଇରୁ ଫେରିଥିଲେ। ଏହି ସମସ୍ତ ସଂକ୍ରମିତ ପ୍ରବାସୀ ଶ୍ରମିକ ନିଜ ପଞ୍ଚାୟତକୁ ଫେରିବା ପରେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ଶୁକ୍ରବାର ରାତି ସୁଦ୍ଧା ସଇଁତଲା ବ୍ଲକର ଟିକ୍ରପଡା ପଞ୍ଚାୟତକୁ ତେଲଙ୍ଗାନାରୁ ଫେରିଥିବା ଜଣେ ପ୍ରବାସୀ ମହିଳା କରୋନା ପଜିଟିଭ ଚିହ୍ନଟ୍ ହୋଇଥିଲେ। ପୂର୍ବରୁ ଗୁଡଭେଲା ବ୍ଲକ ଲିଖିରିଆରେ ୨ଜଣ, ବଲାଙ୍ଗୀର ସହର କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୨ ଓ ପୁଇଁତଲା ବ୍ଲକ ବନ୍ଧପଡା ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୨ଜଣ ଓ ଡୁରେକେଲା ବ୍ଲକ ବଡବାଙ୍କି ଗ୍ରାମପଞ୍ଚାୟତ ମୁରିବାହାଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୨ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ଲିଖିରିଆର ୨ ଜଣ ସୁସ୍ଥ ହୋଇ ଫେରିଛନ୍ତି ଓ ଅନ୍ୟ ୧୪ ଜଣ ସକ୍ରିୟ ରହିଛନ୍ତି।

## ସୁନ୍ଦରଗଡ଼ରେ ଆଉ ୪ କରୋନା ସଂକ୍ରମିତ ଚିହ୍ନଟ

**ରାଉରକେଲା ଅଫିସ/ସୁନ୍ଦରଗଡ଼, ୨୪ା୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାରେ ରବିବାର ଆଉ ୪ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୩ ପୁରୁଷ ଓ ଜଣେ ମହିଳା ଅଛନ୍ତି। ଏମାନେ ସମସ୍ତେ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଗତ ୨୨ତାରିଖରେ ୪ଜଣଙ୍କ ନମୁନା ପରୀକ୍ଷା କରାଯାଇଥିଲା। ପଜିଟିଭ ବାହାରିଥିଲା। ଏହି ୪ ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣଙ୍କର ମହାରାଷ୍ଟ୍ର ଲିଙ୍କ୍ ରହିଛି। ଜଣେ ଚେନ୍ନାଇ ଫେରନ୍ତା। ମହିଳା ଜଣକ କଣ୍ଟେନମେଣ୍ଟ ଜୋନ ଅଞ୍ଚଳର। ୩ ପୁରୁଷ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ସେକ୍ଟର-୧୮ ବାସିନ୍ଦା। ଜଣେ ଲାଠିକଟାର। ୩ୟ ଜଣଙ୍କ ବିସ୍ରା ଅସ୍ଥାୟୀ ମେଡିକାଲ କ୍ୟାମ୍ପରେ ରହୁଥିଲେ। ସମସ୍ତଙ୍କୁ ରାଉରକେଲା ହାଇଟେକ୍ କୋଭିଡ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଏହି ନୂଆ ୪ ଆକ୍ରାନ୍ତଙ୍କୁ ମିଶାଇ ସୁନ୍ଦରଗଡରେ ଆକ୍ରାନ୍ତ ସଂଖ୍ୟା ୩୭ରେ ପହଁଚିଛି। ଏମାନଙ୍କ ମଧ୍ୟରୁ ୨୫ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ୧୨ ଜଣ ସଂକ୍ରମିତ ସକ୍ରିୟ ଥିବା ସୁନ୍ଦରଗଡ଼ ଜିଲାପାଳ ନିଖିଲ ପୱନ କଲ୍ୟାଣ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଲାଠିକଟାରୁ ବାହାରିଥିବା କରୋନା ପଜିଟିଭ ବ୍ୟକ୍ତି ଜଣଙ୍କ ଯେଉଁ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ ସେହି କେନ୍ଦ୍ରକୁ କଣ୍ଟେନ୍‌ମେଣ୍ଟ ଅଞ୍ଚଳ ଭାବେ ସୁରକ୍ଷିତ ରଖାଯାଇଛି। ଏ ନେଇ ୩ ଜଣ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି।

## କଳାହାଣ୍ଡିରେ ମା' ଝିଅ କରୋନା ପଜିଟିଭ୍
### ଆକ୍ରାନ୍ତଙ୍କ ସଂଖ୍ୟା ୧୫ରେ ପହଞ୍ଚିଲା

**ଜୁନାଗଡ,୨୪ା୫(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରର ଏକ ଦେୟଯୁକ୍ତ ଟିଏମ୍‌ସି (ହୋଟେଲ)ରେ ସଙ୍ଗରୋଧରେ ରହୁଥିବା ୨ମହିଳାଙ୍କ ସ୍ୱାବ୍ ନମୁନା କରୋନା ପଜିଟିଭ୍ ଆସିଛି। ସେମାନେ ସମ୍ପର୍କରେ ମା', ଝିଅ। ଗତ ୧୨ ତାରିଖରେ ସେମାନେ ପଶ୍ଚିମବଙ୍ଗରୁ ଟ୍ରେନ୍‌ଯୋଗେ ସମ୍ବଲପୁର ଆସି ସେଠାରୁ ଭବାନୀପାଟଣାରେ ପହଞ୍ଚିଥିଲେ। ଏହାପରେ ଉଭୟେ ଜୁନାଗଡ ସହରର ଏକ ଦେୟଯୁକ୍ତ ଟିଏମ୍‌ସି (ହୋଟେଲ)ରେ ସଙ୍ଗରୋଧରେ ଥିଲେ। ସେମାନଙ୍କଠାରେ କରୋନା ପଜିଟିଭ ବାହାରିବା ପରେ ଉଭୟଙ୍କୁ ଭବାନୀପାଟଣା ନିକଟସ୍ଥ ବାନ୍ଦୋପଲା ଇଞ୍ଜିନିୟରିଂ କଲେଜ ପରିସରରେ ହୋଇଥିବା କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଉଛି। ରବିବାର ଏହି ୨ପଜିଟିଭଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ପ୍ରଥମେ ଚିହ୍ନଟ ଗୋଲାମୁଣ୍ଡା ବ୍ଲକର ୨ଜଣ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ୧୩ଜଣ ଏବେ ଚିକିତ୍ସାଧୀନ ଅଛନ୍ତି।

## ବରଗଡ଼ରେ ପହଞ୍ଚିଲା ସ୍ୱତନ୍ତ୍ର ଟ୍ରେନ୍

**ବରଗଡ଼ ଅଫିସ୍,୨୪ା୫:** ପ୍ରବାସୀ ଶ୍ରମିକଙ୍କୁ ନେଇ ରବିବାର ରାତି ପ୍ରାୟ ୭ଟା ୫୨ମିନିଟ୍‌ରେ ଏକ ସ୍ୱତନ୍ତ୍ର ଟ୍ରେନ୍ ବରଗଡ଼ରେ ପହଞ୍ଚିଛି। ଉକ୍ତ ଟ୍ରେନରେ ବରଗଡ଼ ସମେତ ପଡ଼ୋଶୀ ସୁବର୍ଣ୍ଣପୁର, ନୂଆପଡ଼ା, ସମ୍ବଲପୁର ଆଦି ଅଞ୍ଚଳର ପ୍ରବାସୀ ଶ୍ରମିକମାନେ ଆସିଥିଲେ। ସେମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶ୍ରମିକମାନେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ କ୍ୱାରାଣ୍ଟାଇନ ସେଣ୍ଟର ପଠାଯାଇଥିଲା। ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ, ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣାଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ପ୍ଲାଟଫର୍ମରେ ଉପସ୍ଥିତ ରହି ପ୍ରବାସୀ ଶ୍ରମିକଙ୍କୁ ପଠାଇବା ବ୍ୟବସ୍ଥା କରିଥିଲେ।

## ଟ୍ରେନ୍‌ରେ ଫେରୁଥିବା ପ୍ରବାସୀ ମହିଳାଙ୍କ ମୃତ୍ୟୁ
### ମା' ଛେଉଣ୍ଡ ହୋଇଗଲା ବର୍ଷକର ଶିଶୁ


ବଲାଙ୍ଗୀର ରେଳ ଷ୍ଟେଶନ୍‌ରେ ମେଡିକାଲ ଟିମ୍ ରାଧାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୨୪ା୫**

ବିଶାଖାପାଟଣାରୁ ବଲାଙ୍ଗୀର ପହଞ୍ଚୁଥିବା ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ଆସୁଥିବା ଜଣେ ପ୍ରବାସୀ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ କୋରାପୁଟ ଜିଲା ବୈପାରୀଗୁଡାର ରାଧା ଖର୍ରା (୨୦) ବୋଲି ଜଣାପଡିଛି। ତାଙ୍କର ବର୍ଷକର ଏକ ଶିଶୁ ଅଛି। ଏହି ଟ୍ରେନ୍ ରବିବାର ସକାଳେ ବଲାଙ୍ଗୀର ରେଳ ଷ୍ଟେଶନ୍‌ରେ ପହଞ୍ଚି ଥିଲା। ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କ ଭଉଣୀ ଗୁରୁତର ଅସୁସ୍ଥ ହୋଇପଡିଥିବା ସେଠାରେ ମୁତୟନ ପୋଲିସକୁ ସୂଚନା ଦେଇଥିଲେ। ଟ୍ରେନ୍ ଭିତରେ ସେ ଛଟପଟ ହେଉଥିବା ଓ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କରୁଥିବା ଜଣାଇଥିଲେ। ଖବର ପାଇ ମେଡିକାଲ ଟିମ୍ ତୁରନ୍ତ ପହଞ୍ଚି ଷ୍ଟେଶନ୍ ଭିତରେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶେଷରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ, ରାଧା ନିଜ ପରିବାର ସହ ଆନ୍ଧ୍ରପ୍ରଦେଶ ଦାଦନ ଖଟିବାକୁ ଯାଇଥିଲେ। ଲକ୍‌ଡାଉନ୍ ପୂର୍ବରୁ ତାଙ୍କ ସ୍ୱାମୀ ବୈପାରୀଗୁଡାକୁ କୌଣସି କାମରେ ଆସି ଆଉ ଫେରି ପାରି ନ ଥିଲେ। ଏଣୁ ରାଧା ନିଜର ଶିଶୁ ସହ ସେଠାରେ ଭାଇଭାଉଜ ଓ ସମ୍ପର୍କୀୟଙ୍କ ସହ ରହିଯାଇଥିଲେ। ଶନିବାର ବିଶାଖାପାଟଣାରୁ ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ଫେରୁଥିବା ବେଳେ ବାଟରେ ସେ ଅସୁସ୍ଥ ହୋଇପଡିଥିଲେ। ବଲାଙ୍ଗୀର ରେଳ ଷ୍ଟେଶନ୍‌ରେ ପହଞ୍ଚିବା ପରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ମେଡିକାଲ ଟିମ୍ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ରାଧାଙ୍କ ମୃତଦେହକୁ ଭୀମଭୋଇ ମେଡିକାଲ କଲେଜ ଶବାଗାରକୁ ନିଆଯାଇଛି।

## କରୋନା ରୋଗୀଙ୍କ ତଥ୍ୟ ଭାଇରାଲ ଉପରେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

**ନୂଆପଡା ଅଫିସ,୨୪ା୫**

ନୂଆପଡା ଜିଲାରେ ଚିହ୍ନଟ ହୋଇଥିବା ପ୍ରଥମ କରୋନା ରୋଗୀଙ୍କ ଲିଙ୍କ୍ ପଡୋଶୀ ବଲାଙ୍ଗୀର ଜିଲାକୁ ଯାଇଥିବା ଆଶଙ୍କା କରାଯାଉଛି। ସେ କେଉଁଠୁ ଆସିଲେ, କିପରି ଆସିଲେ ଏବଂ ତାଙ୍କ ସମ୍ପର୍କ କାହା ସହ ରହିଥିଲା ସେ ନେଇ କଣ୍ଟାକ୍ଟ ଟ୍ରେସିଂ କରାଯାଉଛି ବୋଲି ଜିଲାପାଳ ମଧୁସ୍ମିତା ସାହୁ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରୋଗୀ ଜଣକ ମୁମ୍ବାଇରୁ ନିଜ ଉଦ୍ୟମରେ ଏକ ଗାଡି ଯୋଗେ ରାୟପୁର ଆସି ସେଠାରୁ ଏକ ଟ୍ରକ୍‌ରେ ଖରିଆରରୋଡ ସୀମାନ୍ତକୁ ଆସି ଅଟକିଥିଲେ। ସେଠାରୁ ଏକ ବସ୍ ଯୋଗେ ପ୍ରଶାସନ ନେଇ ଖଡିଆଳରେ ଛାଡିଥିଲା। ସେହି ବସ୍ ବାକି ଶ୍ରମିକଙ୍କୁ ନେଇ ବଲାଙ୍ଗୀର ଜିଲାକୁ ଯାଇଥିଲା। ତେଣୁ ବଲାଙ୍ଗୀର ଜିଲାକୁ ଏହାର ଲିଙ୍କ୍ ଯାଇଥିବା ସନ୍ଦେହ କରାଯାଉଛି। ଶନିବାର ସୁଦ୍ଧା ଜିଲାରୁ ମୋଟ ୧୩୨୬ଟି ସ୍ୱାବ୍ ପରୀକ୍ଷଣ ସକାଶେ ଯାଇଥିବାବେଳେ ସେଥିରୁ ୫୨୩ଜଣଙ୍କ ରିପୋର୍ଟ ଆସିଛି। ତନ୍ମଧ୍ୟରୁ ଜଣଙ୍କର ରିପୋର୍ଟ ପଜିଟିଭ ରହିଛି। ବାକି ରିପୋର୍ଟ ଖୁବ ଶୀଘ୍ର ଆସିବ। ଏଣିକି ବହୁ ସଂଖ୍ୟାରେ କିପରି ପରୀକ୍ଷଣ କରାଯିବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ସରକାର ଚିହ୍ନଟ ରୋଗୀଙ୍କ ନାମ, ଠିକଣା ପ୍ରକାଶ ନ କରିବାକୁ ବିଜ୍ଞପ୍ତି କରିଥିଲେ। ତେବେ ଜିଲାର ପ୍ରଥମ କରୋନା ରୋଗୀଙ୍କ ନାମ, ଫଟୋ ସହ ହସ୍‌ପିଟାଲର ପ୍ରେସ୍‌କ୍ରିପଶନ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ନେଇ ଜିଲାପାଳଙ୍କୁ ପଚାରିବାରୁ ଏହା ଉପରେ ତଦନ୍ତ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଶୋଷ ମେଣ୍ଟାଉଛି ଝରଣା ପାଣି

**କୋକସରା, ୨୪ା୫ (ଡି.ଏନ.ଏ.)**

ଗ୍ରୀଷ୍ମ ପ୍ରଭାବରେ ତାତି ବଢିଚାଲିଥିବା ବେଳେ ଜଳସ୍ତର ଏବେ ଧୀରେ ଧୀରେ କମିବାରେ ଲଗିଛି। ଏଥିଯୋଗୁ ନଦୀ, ନାଳ, କୂଅ, ପୋଖରୀ ଆଦି ଶୁଖିଗଲାଣି।

**କୁଟ୍ରୁରେ ପାନୀୟ ଜଳ ସମସ୍ୟା ଉତ୍କଟ**

ଏଭଳି ସମୟରେ ଗାଁରେ ଥିବା ନଳକୂଅ ଅଚଳ ହେବା ଓ ସଚଳ ନଳକୂପଗୁଡିକରୁ ଅଳ୍ପ ପାଣି ବାହାରୁ ଥିବାରୁ ଉତ୍କଟ ଜଳ ସମସ୍ୟା ଦେଖାଦେଇଛି। ପାନୀୟ ଜଳ ନିମନ୍ତେ ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ଗାଁ ଲୋକେ ଝରଣାର ଦୂଷିତ ପାଣି ସଂଗ୍ରହ କରି ଶୋଷ ମେଣ୍ଟାଉଛନ୍ତି। ଏଭଳି ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଅଧୀନ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା କୁଟ୍ରୁ ଗ୍ରାମରେ।

କୁଟ୍ରୁ ଗ୍ରାମରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପରିବାରର ପାଖାପାଖି ୩ ଶହ ଲୋକ ବସବାସ କରିଆସୁଛନ୍ତି। ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ନିମନ୍ତେ ଗାଁରେ ଦୁଇଟି ଏବଂ ସ୍କୁଲରେ ଗୋଟିଏ ନଳକୂପକୁ ମିଶାଇ ସମୁଦାୟ ୩ଟି ନଳକୂପ ରହିଛି। ବର୍ତ୍ତମାନ ଗାଁର ଗୋଟିଏ ନଳକୂପ ଅଚଳ ହୋଇପଡିଥିବା ବେଳେ ଅନ୍ୟ ନଳକୂପଗୁଡିକରେ ବହୁ ସମୟ ଧରି ହ୍ୟାଣ୍ଡେଲ ମାରିଲେ ଅଳ୍ପ ପାଣି ବାହାରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଫଳରେ ମହିଳାମାନେ ପାନୀୟ ଜଳ ପାଇଁ ନିକଟସ୍ଥ ଜଙ୍ଗଲକୁ ପ୍ରାୟ ଏକ କିଲୋମିଟର ଚାଲି ଚାଲି ଗଲାପରେ ସେଠାରେ ଝରଣାର ଦୂଷିତ ପାଣିକୁ ବିଲ ମଧ୍ୟରୁ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଏହି ଝରଣାର ଦୂଷିତ ପାଣିକୁ ମହିଳାମାନେ ଘଣ୍ଟା ଘଣ୍ଟା ଧରି ଲାଇନରେ ରହି ସଂଗ୍ରହ କରୁଛନ୍ତି। ଝରଣାର ଦୂଷିତ ପାଣି ପିଇବା ଯୋଗୁ ବିଭିନ୍ନ ସମୟରେ ଦେହ ଅସୁସ୍ଥ ହେଉଥିବା ସେମାନେ କହିଛନ୍ତି। ଜଳ ସମସ୍ୟାକୁ ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଜନ ପ୍ରତିନିଧି ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗ୍ରାମବାସୀ ଜଣାଇଥିଲେ ମଧ ପାନୀୟ ଜଳର ସ୍ଥାୟୀ ସମାଧାନ ହୋଇ ପାରିନାହିଁ। ଏ ସମ୍ପର୍କରେ ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡା ମାଝିଙ୍କୁ ପଚାରିବାରୁ ସେଠାରେ ଜଳ ସମସ୍ୟା ଥିବା ଆମେ ମଧ ଜାଣିଛୁ। କିନ୍ତୁ ଜଙ୍ଗଲ ରାସ୍ତା ଯୋଗୁ ଗାଁକୁ ନଳକୂପ ଖୋଳିବା ପାଇଁ ଗାଡି ଯାଇ ପାରୁନାହିଁ। ସେଥିପାଇଁ ସମସ୍ୟା ହେଉଛି। ଏହାର କିପରି ଶୀଘ୍ର ସମାଧାନ ହେବ ସେ ଦିଗରେ ବିଡିଓ ଏବଂ ଜଳ ଓ ପରିମଳ ବିଭାଗ ସହିତ ଆଲୋଚନା କରାଯାଇଛି ବୋଲି ସରପଞ୍ଚ ମାଝି କହିଛନ୍ତି। ସେହିପରି ଧର୍ମଗଡ ବିଧାୟକ ମୌଷଧି ବାଗଙ୍କୁ ପଚାରିବାରୁ କୁଟ୍ରୁ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଥିବା କଥା ସ୍ୱୀକାର କରିବା ସହ ଶୀଘ୍ର ଏହାର ସ୍ଥାୟୀ ସମାଧାନ କରିବା ଦିଗରେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।


ମହିଳାମାନେ ଝରଣା ପାଣି ସଂଗ୍ରହ କରୁଛନ୍ତି।

## ସଂକ୍ଷେପରେ

### ବୌଦ୍ଧ ଜିଲାରେ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୧୮୮୯ରେ ପହଞ୍ଚିଲା

ବୌଦ୍ଧ,୨୪।୫(ସ୍ୱ.ପ୍ର.): ଲକ୍‌ଡାଉନ୍ ଯୋଗୁ ବୌଦ୍ଧ ଜିଲାକୁ ପ୍ରତିଦିନ ପ୍ରବାସୀ ଶ୍ରମିକ ଫେରୁଥିବା ବେଳେ ରବିବାର ସୁଦ୍ଧା ଜିଲାରେ ଶ୍ରମିକଙ୍କ ସଂଖ୍ୟା ୧୮୮୯ରେ ପହଞ୍ଚିଛି । ସେହିପରି ଜିଲାରେ ୮୪୬ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ୬୬୧ଜଣଙ୍କ ରିପୋର୍ଟ ମିଳିଛି। ଏପର୍ଯ୍ୟନ୍ତ ଜିଲାରେ ପଜିଟିଭ ସଂଖ୍ୟା ୩୩ରେ ଥିବା ବେଳେ ୪ ଜଣ ସୁସ୍ଥ ହୋଇଥିବା ଜଣାପଡିଛି।

### ୩୬ଜଣଙ୍କ ସ୍ୱାବ୍ ନମୁନା ପରୀକ୍ଷା ଲାଗି ପଠାଗଲା

ଲୋଇସିଂହା, ୨୪।୫(ଡି.ଏନ.ଏ.) ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ଥିବା ଜଣେ ସୁରଟ ଫେରନ୍ତା ଯୁବକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ରବିବାର ଉକ୍ତ କେନ୍ଦ୍ରରେ ତାଙ୍କ ସଂସ୍ପର୍ଶରେ ଆସିଥିବା ୩୬ପ୍ରବାସୀ ଶ୍ରମିକଙ୍କ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି । ବଲାଙ୍ଗୀର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଓ ଲୋଇସିଂହା ମେଡିକାଲର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ପ୍ରତିମା ଶୋରେନ, ବିପିଏମ୍ ସନ୍ତୋଷ ଦୋରା ଓ ସ୍ୱାସ୍ଥ୍ୟକର୍ମୀ ସ୍ୱାବ୍ ସଂଗ୍ରହ କରିଥିଲେ। ପରେ ଉକ୍ତ କେନ୍ଦ୍ରକୁ ସାନିଟାଇଜ କରାଯାଇଛି ବୋଲି ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ପଧାନ କହିଛନ୍ତି।

### କ୍ୱାରାଣ୍ଟାଇନ୍ ସେଣ୍ଟରରେ ବାସି ଖାଦ୍ୟ ଦିଆଯାଉଛି

ଅମରପାଲି,୨୪।୫ (ଡି.ଏନ.ଏ)- ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଙ୍ଘା ଗ୍ରାମ ପଞ୍ଚାୟତର ସ୍ଥାନୀୟ ହାଇସ୍କୁଲରେ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବାସୀ ଓଡିଆ ଶ୍ରମିକଙ୍କୁ ବାସି ଖାଦ୍ୟ ଓ ଜଳଖିଆ ଦିଆଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ଏକ ଭିଡିଓ ଭାଇରାଲ ହୋଇଛି । ଉକ୍ତ କେନ୍ଦ୍ରରେ ୧୮ଜଣ ଶ୍ରମିକ ଗତ ୬ ଦିନ ହେଲା ରହି ଆସୁଛନ୍ତି । କିନ୍ତୁ ସେମାନଙ୍କୁ ରାତିରେ ବାସି ଭାତ ଓ ଜଳଖିଆରେ ବାସି ବରା ଓ ସିଙ୍ଗଡା ଦିଆଯାଉଥିବା ଅଭିଯୋଗ ହୋଇଛି । ଏପରି କି କେନ୍ଦ୍ରକୁ ଠିକ୍ ଭାବେ ସଫାସୁତୁରା କରା ଯାଉ ନ ଥିବା ବେଳେ ଲଗାଯାଇଥିବା ଆକ୍ୱାଗାର୍ଡ ମଧ ଅଚଳ ହୋଇ ପଡିଥିବା ଅଭିଯୋଗ କରିଛନ୍ତି । କେତେକ ବେଡରେ ବେଡ ସିଟ ଦିଆଯାଇ ନାହିଁ। ଏନେଇ ସେମାନେ ସରପଞ୍ଚଙ୍କ ନିକଟରେ ଅଭିଯୋଗ କଲେ ମଧ ସେ ଶୁଣୁ ନ ଥିବା ଭିଡିଓରେ ଜଣାଇଛନ୍ତି । ଏନେଇ ଜଟେସିଙ୍ଘା ସରପଞ୍ଚ ରୁଦ୍ରାଣୀ ଚାନ୍ଦଙ୍କୁ ପଚାରିବାରେ ସେ ଏହାକୁ ଅସ୍ୱୀକାର କରିଛନ୍ତି ।

### ଟ୍ରେନ୍‌ରେ କନ୍ୟା ସନ୍ତାନ ଜନ୍ମ ଦେଲେ ପ୍ରବାସୀ ମହିଳା

ଟିଟିଲାଗଡ଼, ୨୪।୫(ଡି.ଏନ.ଏ.): ପ୍ରବାସୀ ଶ୍ରମିକଙ୍କୁ ନେଇ ଆସିଥିବା ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍‌ରେ ଯାତ୍ରା କରୁଥିବା ଜନୈକା ମହିଳା ବଗିରେ ରବିବାର ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି। ଟ୍ରେନ୍ ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଲଷ୍ଟେଶନରେ ପହଞ୍ଚିବା ବେଳେ ଏପରି ଘଟଣା ଘଟିଛି। ସକାଳେ ତାମିଲନାଡୁ ରାଜ୍ୟ କାଜିପେଟାରୁ ବଲାଙ୍ଗୀରକୁ ପ୍ରବାସୀ ଶ୍ରମିକଙ୍କୁ ନେଇ ଏକ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ରବିବାର ସକାଳେ ଟିଟିଲାଗଡ଼ ଷ୍ଟେଶନରେ ପହଞ୍ଚିବା ବେଳେ ଛତିଶଗଡ଼ ରାଜ୍ୟର ଜନୈକା ମହିଳା ଶ୍ରମିକଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଏନେଇ କୌଣସି ସ୍ୱାସ୍ଥ୍ୟ ସେବା ଉପଲବ୍ଧ ନ ଥିଲା। ଶେଷରେ ଟ୍ରେନ୍‌ରେ ମହିଳା ଜଣକ ସନ୍ତାନ ପ୍ରସବ କରିଥିଲେ। ଘଟଣାସ୍ଥଳରେ ଆରପିଏଫ ପୋଷ୍ଟ କମାଣ୍ଡର ଏମ.ଏସ. କୁମାୱତ, ସବ୍‌ଇନ୍ସପେକ୍ଟର ଆର.ସି. ପାତ୍ର, ରେଢ଼ାଖୋଲ ସବ୍‌ଇନ୍ସପେକ୍ଟର ଅଜୟ ସ୍ୱାଇଁ, ଷ୍ଟେଶନ ମାଷ୍ଟର ଏମ.କେ. ପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉକ୍ତ ବଗିରୁ ଅନ୍ୟ ଯାତ୍ରୀଙ୍କୁ ଅପସାରଣ ବ୍ୟବସ୍ଥା କରିଥିଲେ। ପ୍ରସବ ପରେ ମହିଳାଙ୍କୁ ଟ୍ରେନ୍‌ରୁ ଓହ୍ଲାଇ ଡାକ୍ତରଖାନା ପଠାଇଥିଲେ। ସ୍ଥାନୀୟ ରେଲୱେ ଡାକ୍ତର ରଘୁନାଥ ପଣ୍ଡା ମା’ ଓ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ଦୀର୍ଘ ସମୟ ଛିଡା ହୋଇ ରହିଥିବା ଟ୍ରେନ୍ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ପୂର୍ବାହ୍ନ ୧୧ଟା ୯ରେ ବଲାଙ୍ଗୀର ଅଭିମୁଖେ ଯାତ୍ରା କରିଥିଲା।

# ବରଗଡ଼ରେ ପ୍ରଥମ କରୋନା ପଜିଟିଭ ଚିହ୍ନଟ

ବରଗଡ଼ ଅଫିସ୍,୨୪।୫

ବରଗଡ଼ ଜିଲାରେ ପ୍ରଥମ କରୋନା(କୋଭିଡ୍-୧୯) ପଜିଟିଭ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ଜଣକ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୧୪ ମାଷ୍ଟରଟିକ୍ରାର ଜଣେ ୫୦ବର୍ଷ ବୟସ୍କା ମହିଳା ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ମହିଳା ଜଣକ ଗତ ୧୨ତାରିଖରେ ମୁମ୍ବାଇରୁ ଘରକୁ ଫେରି ହୋମ କ୍ୱାରାଣ୍ଟାଇନରେ ଥିଲେ। ଏହାପରେ ଗତ ୨୦ତାରିଖରେ ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ପରୀକ୍ଷାରୁ ତାହା ପଜିଟିଭ ଆସିବା ପରେ ସଂକ୍ରମିତ ମହିଳାଙ୍କୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ରବିବାର ରାଉରକେଲାର ହାଇଟେକ୍ କୋଭିଡ୍ ହସ୍‌ପିଟାଲକୁ ପଠାଯାଇଛି। ସେହିପରି ମାଷ୍ଟରଟିକ୍ରାକୁ କଣ୍ଟେନମେଣ୍ଟ ଜୋନ୍ ଏବଂ ପାର୍ଶ୍ୱବର୍ତ୍ତୀ ସୁବାସନଗର ଓ ବ୍ରହ୍ମବିହାରକୁ ବଫର୍ ଜୋନ୍ ଘୋଷଣା କରାଯାଇଥିବା ଜିଲାପାଳ ପ୍ରଧାନ କହିଛନ୍ତି।

କଣ୍ଟେନମେଣ୍ଟ ଜୋନ ମାଷ୍ଟରଟିକ୍ରାରେ ଯାତାୟାତ, ତଥା ଲୋକଙ୍କ ବୁଲାବୁଲି, ଦୋକାନ, ବଜାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। କେବଳ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଔଷଧ, ସାନିଟାଇଜେଶନରେ ବ୍ୟବହୃତ ଗାଡ଼ି ଚଳାଚଳ ଏବଂ ଏଥିରେ ନିୟୋଜିତ କର୍ମଚାରୀ ସେଠାକୁ ଯାଇପାରିବେ। କଣ୍ଟେନମେଣ୍ଟ ଜୋନକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ଜୋନ୍ ପାଇଁ ସହକାରୀ ଜିଲା ଯୋଗାଣ ଅଧିକାରୀ (ଏସିଏସଓ) ସୁରେଶ ପାଣିଗ୍ରାହୀଙ୍କୁ ନୋଡ଼ାଲ ଅଫିସର ଭାବେ ଅବସ୍ଥାପିତ କରାଯାଇଛି। ତାଙ୍କୁ ଯୋଗାଯୋଗ କଲେ ଅତ୍ୟାବଶ୍ୟକୀୟ ସାମଗ୍ରୀ ପହଞ୍ଚାଇବା ପାଇଁ ସେ ବ୍ୟବସ୍ଥା କରିବେ ବୋଲି ଜିଲାପାଳ ପ୍ରଧାନ କହିଛନ୍ତି। ଏହାସହିତ ପୌର ନିର୍ବାହୀ ଅଧିକାରୀ ରାଜେଶ କୁମାର ସାହୁଙ୍କୁ ସାନିଟାଇଜେଶନ, ତହସିଲଦାର ସବ୍ୟସାଚୀ ପଣ୍ଡାଙ୍କୁ ଆଇନ ସୁରକ୍ଷା, ଜନସ୍ୱାସ୍ଥ୍ୟ ଅଧିକାରୀ ଚୂଳବତୀ ସାହୁଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କୀତ କାର୍ଯ୍ୟର ନୋଡ଼ାଲ ଅଫିସର ନିଯୁକ୍ତି ଦିଆଯାଇଛି।



ବରଗଡ଼ର କଣ୍ଟେନମେଣ୍ଟ ଜୋନ୍ ମାଷ୍ଟରଟିକ୍ରାକୁ ସାନିଟାଇଜ୍ କରାଯାଉଛି ।

- ମାଷ୍ଟରଟିକ୍ରାକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା
- ସୁବାସ ନଗର ଓ ବ୍ରହ୍ମବିହାର ବଫର୍ ଜୋନ୍
- ସାନିଟାଇଜ୍ ହେଲା କଣ୍ଟେନମେଣ୍ଟ ଜୋନ୍
- କୋଭିଡ୍ ହସ୍‌ପିଟାଲରେ ସଂକ୍ରମିତ ମହିଳା

### ଆଜି ମଧ୍ୟାହ୍ନ ସୁଦ୍ଧା ୧୪୪ ଧାରା ବଳବତ୍ତର ରହିବ

ବରଗଡ଼ ଅଫିସ୍,୨୪।୫: ବରଗଡ଼ ରେଳ ଷ୍ଟେଶନକୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ପ୍ରବାସୀମାନେ ଆସୁଛନ୍ତି। ଏହି ଟ୍ରେନରେ ୧୭ଟି ଜିଲାର ୨୦୧୪ ପ୍ରବାସୀ ଆସୁଥିବାବେଳେ ସେଥିରେ ବରଗଡ଼ ଜିଲାର ୪୦୮ଜଣ ରହିଛନ୍ତି। ଫଳରେ ଜିଲା ପ୍ରଶାସନ ପକ୍ଷରୁ ରବିବାର ସନ୍ଧ୍ୟା ୫ଟାରୁ ସୋମବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବରଗଡ଼ ଘରୋଇ ବସଷ୍ଟେଶନରୁ ବିକାଶ ମଲ୍ଟି ସ୍ପେଶିଆଲିଟି ହସପିଟାଲ ଛକ ଏବଂ ଘରୋଇ ବସଷ୍ଟେଶନରୁ ରେଲଷ୍ଟେଶନ ପର୍ଯ୍ୟନ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ବରଗଡ଼ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଏ ନେଇ ବିଜ୍ଞପ୍ତି ଜାରି କରି ନିର୍ଦ୍ଧାରିତ ସମୟ ଅବଧିରେ ସେହି ରାସ୍ତାରେ କେହି ଯାତାୟାତ ନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହାକୁ ଉଲ୍ଲଂଘନ କଲେ ଅମାନିଆଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଜ୍ଞପ୍ତିରେ ସୂଚାଇ ଦିଆଯାଇଛି।

ସେହିପରି ଉଭୟ କଣ୍ଟେନମେଣ୍ଟ ଓ ବଫର୍ ଜୋନ୍‌ର ସବୁଦିଗକୁ ନିରୀକ୍ଷଣ, ଅନୁଧ୍ୟାନ କରିବା ପାଇଁ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ପୋଲିସ ବ୍ୟବସ୍ଥା ପାଇଁ ଏସ୍‌ପି ପଦ୍ମିନୀ ସାହୁ ଏବଂ ଏଥିପ୍ରତି ନଜର ରଖିବା ପାଇଁ ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣାଙ୍କୁ ଦାୟିତ୍ୱ ଦିଆଯାଇଛି।

ଅନ୍ୟପଟେ ବଫର୍ ଜୋନରେ ଉକ୍ତ କଟକଣାକୁ ସାମାନ୍ୟ କୋହଳ କରାଯାଇଛି। ବଫର୍ ଜୋନ୍‌ରେ ହୋଲସେଲ ଦୋକାନ ରହିଥିଲେ ତାହା ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରହିପାରିବ। ତେବେ ଜିଲାପାଳଙ୍କଠାରୁ ଅନୁମତି ଆଣି ହୋଲସେଲ କିମ୍ବା ରିଟେଲ ଦୋକାନକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବହନ କରାଯାଇ ପାରିବ ବୋଲି ଜିଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ମାଷ୍ଟରଟିକ୍ରା ତଥା ସଂକ୍ରମିତଙ୍କ ବାସଭବନକୁ ସଂଯୋଗ କରୁଥିବା ବିଭିନ୍ନ ପ୍ରବେଶପଥକୁ ସିଲ୍ କରି ଦିଆଯାଇଛି। ସେଠାକାର କିଛି ସ୍ଥାନରେ ସିସିଟିଭି ସଂଲଗ୍ନ କରାଯାଇଥିବା ସୂଚନା ମିଳିଛି। ସେହିପରି ସ୍ୱାସ୍ଥ୍ୟକର୍ମୀମାନେ ଘର ଘର ବୁଲି ସଚେତନ କରୁଥିବାବେଳେ ସଂକ୍ରମିତଙ୍କ ସଂସ୍ପର୍ଶରେ କେଉଁମାନେ ଆସିଥିଲେ ତାହା ପଚାରି ବୁଝୁଛନ୍ତି।

### ନୂଆପଡ଼ା ଜିଲାକୁ ଛୁଇଁଲା କରୋନା

ନୂଆପଡା ଅଫିସ/ଖଡ଼ିଆଳ (ଡି.ଏନ.ଏ.),୨୪।୫

ନୂଆପଡ଼ା ଜିଲାରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ହେଲେ ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଝୋଲପଥର ଗାଁର। ମୁମ୍ବାଇରୁ ଫେରିଲା ପରେ ସାନମହେଶ୍ୱରସ୍ଥିତ ହାଇସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। କରୋନା ପଜିଟିଭ ଚିହ୍ନଟ ପରେ ଆକ୍ରାନ୍ତ ଯୁବକଙ୍କୁ ନୂଆପଡା ଜିଲା ସଦର ମହକୁମାସ୍ଥିତ ସ୍ୱତନ୍ତ୍ର କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏକ ମେଡିକାଲ ଟିମ୍ ଉକ୍ତ କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ସମସ୍ତ ୪୮ଜଣଙ୍କର ସ୍ୱାବ୍ ସଂଗ୍ରହ କରିଛି। ଜିଲାପାଳ ମଧୁସ୍ମିତା ସାହୁ ଜିଲାର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ପରେ ସମ୍ପୃକ୍ତ କ୍ୱାରାଣ୍ଟାଇନ ସେଣ୍ଟରକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଜିଲା ପ୍ରଶାସନ କ୍ୱାରାଣ୍ଟାଇନ ସେଣ୍ଟରର ୭କିମି ବ୍ୟାସାର୍ଦ୍ଧରେ ଥିବା ଅଞ୍ଚଳକୁ ବଫର ଜୋନ ଘୋଷଣା କରିଛି। ଅପରପକ୍ଷରେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କର କଣ୍ଟାକ୍ଟ ଟ୍ରେସିଂ ଚାଲିଛି। ଆକ୍ରାନ୍ତ ଯୁବକ ମୁମ୍ବାଇର ଏକ ନିର୍ମାଣ କମ୍ପାନୀରେ କାମ କରୁଥିଲେ। ଗତ ୧୧ତାରିଖ ସେ ନିଜ ଉଦ୍ୟମରେ ଏଠାକୁ ଆସିବା ଦିନଠାରୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ।

# ସ୍ପେଶାଲ ଟ୍ରେନ୍‌ରେ ପହଞ୍ଚିଲେ ୫୨୩୮ ପ୍ରବାସୀ

ବଲାଙ୍ଗୀର ଅଫିସ, ୨୪।୫

ବଲାଙ୍ଗୀର ରେଲଷ୍ଟେଶନରେ ରବିବାର ୩ଟି ଶ୍ରମିକ ସ୍ପେଶାଲ ଟ୍ରେନ୍ ପହଞ୍ଚିଛି। ଆଉ ଏକ ଟ୍ରେନ୍ ରାତି ସୁଦ୍ଧା ପହଞ୍ଚିବ। ସକାଳ ୭ଟାରେ ବିଶାଖାପାଟଣାରୁ ବଲାଙ୍ଗୀର ଆସିଥିବା ପ୍ରଥମ ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ୧୩୮୧ ଜଣ ପ୍ରବାସୀ ଷ୍ଟେଶନ୍‌ରେ ପହଞ୍ଚିଥିଲେ। ଏଥିରୁ କେବଳ ବଲାଙ୍ଗୀର ଜିଲାର ୧୦୫୨ ଜଣ ପ୍ରବାସୀ ରହିଥିଲେ। ପୂର୍ବାହ୍ନ ପ୍ରାୟ ୧୨ଟାରେ ଦ୍ୱିତୀୟ ଟ୍ରେନ୍ ତେଲେଙ୍ଗାନାର କାଜିପେଟ ଷ୍ଟେଶନ୍‌ରୁ ଆସି ପହଞ୍ଚିଥିଲା। ଏଥିରେ ସମୁଦାୟ ୨୦୨୪ ପ୍ରବାସୀ ଆସିଥିଲେ। ଏହି ଟ୍ରେନ୍‌ରେ ବଲାଙ୍ଗୀର ଜିଲାର ସର୍ବାଧିକ ୧୬୦୩ ରହିଥିଲେ। ତୃତୀୟ ଟ୍ରେନ୍ ତେଲେଙ୍ଗାନାର କାଜିପେଟ୍ ଷ୍ଟେଶନ୍‌ରୁ ଆସିଥିଲା। ଏହି ଟ୍ରେନ୍‌ରେ ୧୮୩୩ ଜଣ ପ୍ରବାସୀ ଆସିଥିଲେ। ସେଥିରୁ ସର୍ବାଧିକ ୧୧୨୨ ଜଣ ପ୍ରବାସୀ ବଲାଙ୍ଗୀର ଜିଲାର ରହିଛନ୍ତି। ଆଜି ଗୋଟିଏ ଦିନରେ ବଲାଙ୍ଗୀର ଷ୍ଟେଶନ୍‌ରେ ୩ଟି ଟ୍ରେନ୍‌ରେ ୫୨୩୮ ଜଣ ପ୍ରବାସୀ ଆସି ପହଞ୍ଚିଛନ୍ତି ଓ ସେଥିରୁ କେବଳ ବଲାଙ୍ଗୀର ଜିଲାର ୩୭୭୭ ଜଣ ପ୍ରବାସୀ ରହିଛନ୍ତି। ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଇବା ବ୍ୟବସ୍ଥା କରାଯାଇଛି। ଅନ୍ୟ ଜିଲାର ପ୍ରବାସୀଙ୍କୁ ସେମାନଙ୍କ ଜିଲାକୁ ପଠାଇବା ବ୍ୟବସ୍ଥା କରାଯାଇଛି। ଜିଲାପାଳ ଅରିନ୍ଦମ ଡାକୁଆ, ଏସପି ସନ୍ଦୀପ ମାଡକର ରେଳ ଷ୍ଟେଶନ୍‌ରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଛନ୍ତି।



ଟ୍ରେନ୍‌ରେ ଆସିଥିବା ପ୍ରବାସୀମାନେ ବଲାଙ୍ଗୀର ରେଲଷ୍ଟେଶନ୍‌ରେ ପହଞ୍ଚିଛନ୍ତି।

# ୨୮୪୨ ନମୁନାରୁ ୧୫୭୫ ନେଗେଟିଭ୍

ସୋନପୁର,୨୪।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରୁ ପ୍ରତ୍ୟହ କରୋନା ପରୀକ୍ଷା ପାଇଁ ସ୍ୱାବ୍ ନମୁନା ଭୁବନେଶ୍ୱର ଯାଉଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପ୍‌ମେଣ୍ଟ(ପିପିଇ) ପିନ୍ଧି ସନ୍ଦିଗ୍ଧଙ୍କ ଠାରୁ ଅତ୍ୟନ୍ତ ସତର୍କତାର ସହ ସ୍ୱାବ୍ ସଂଗ୍ରହ କରି ଏକ ସ୍ୱତନ୍ତ୍ର ଗାଡିରେ ସବୁ ନମୁନା ପ୍ୟାକିଂ କରି ଭୁବନେଶ୍ୱରସ୍ଥିତ ପରୀକ୍ଷାଗାରକୁ ପଠାଉଛନ୍ତି। ତେବେ ରିପୋର୍ଟ ଆସିବାରେ ବହୁ ବିଳମ୍ବ ହେଉଛି। ସୂଚନା ଅନୁସାରେ

**ରିପୋର୍ଟ ଆସିବାରେ ବିଳମ୍ବ**

ରବିବାର ସୁଦ୍ଧା ଜିଲାରୁ ମୋଟ ୨୮୪୨ଟି ସ୍ୱାବ୍ ନମୁନା ପରୀକ୍ଷା ପାଇଁ ଯାଇଥିବା ବେଳେ ସେଥିମଧ୍ୟରୁ ୧୫୭୫ଟି ନମୁନାର ରିପୋର୍ଟ ଆସିଛି। ସମସ୍ତ ରିପୋର୍ଟ ନେଗେଟିଭ୍ ଆସିଛି। ଏହି ଜିଲା ଏ ପର୍ଯ୍ୟନ୍ତ ଗ୍ରୀନ୍ ଜୋନ୍‌ରେ ରହିଛି। କିନ୍ତୁ ସ୍ୱାବ୍ ସଂଗ୍ରହ କରି ଭୁବନେଶ୍ୱର ପଠାଯିବା ପରେ ଏହାର ରିପୋର୍ଟ ମିଳିବାରେ ବିଳମ୍ବ ଯୋଗୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି।

# ୯ ମାସର ଗର୍ଭବତୀ ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା: ସ୍ୱାମୀ ଗିରଫ

ମନମୁଣ୍ଡା,୨୪।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ମନମୁଣ୍ଡା ଥାନା ରକ୍ସା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ଏହି ଗ୍ରାମରେ ଶଶୁର ଘରେ ରହୁଥିବା ଜଣେ ବ୍ୟକ୍ତି ୯ ମାସର ଗର୍ଭବତୀ ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ବଳରାମ ମେହେରଙ୍କୁ ରବିବାର ଗିରଫ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗତ ୧ ବର୍ଷ ପୂର୍ବେ ରକ୍ସା ଗ୍ରାମର ଦ୍ୱାରୁ ମେହେରଙ୍କ ଝିଅ କବିତା (୨୦) ବରଗଡ ଜିଲା ବରପାଲି ଥାନା ନେହେରୁନଗରର ଛାଲ ମେହେରଙ୍କ ପୁଅ ବଳରାମଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ବଳରାମ ବିଭିନ୍ନ ଆଳ ଦେଖାଇ କବିତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏହା ଜାଣିବା ପରେ ଦ୍ୱାରୁ ଗତ ୯ ମାସ ହେବ ଝିଅ ଜ୍ୱାଇଁଙ୍କୁ ନିଜ ଘରେ ଆଣି ରଖିଥିଲେ। ଏହାସତ୍ତ୍ୱେ ବଳରାମ ଛୋଟ ଛୋଟ କଥାରେ ସ୍ତ୍ରୀଙ୍କୁ ମାଡ ମାରୁଥିବା ବେଳେ ଜୀବନରୁ ମାରି ଦେବାକୁ ଧମକ ଦେଉଥିଲେ। ଶନିବାର ରାତିରେ କବିତା ଓ ବଳରାମ କବାଟ ଦେଇ ଶୋଇଥିଲେ। ଅନ୍ୟଦିନରେ ବଳରାମ ଡେରିରେ ଉଠୁଥିବା ବେଳେ କବିତା ଭୋରରୁ ଉଠିଥାନ୍ତି। କିନ୍ତୁ ରବିବାର ସକାଳ ସାଢେ ୬ଟା ପର୍ଯ୍ୟନ୍ତ କବିତା ନ ଉଠିବା ଦେଖି ତାଙ୍କ ବାପା ମା’ ଶୋଇଥିବା ଘର ନିକଟକୁ ଯାଇଥିଲେ। ସେଠାରେ ସେମାନେ କବିତା ମରି ପଡିଥିବା ଦେଖିବାକୁ ପାଇଥିଲେ। ଅନ୍ୟପକ୍ଷରେ ବଳରାମ ରାତିରୁ ଉଠି ବାହାରେ ବୁଲାବୁଲି କରୁଥିବା ଜାଣିବାକୁ ପାଇଥିଲେ। ତେବେ କବିତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ଦ୍ୱାରୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମନମୁଣ୍ଡା ସିଏଚସିରେ ଶବ ବ୍ୟବଚ୍ଛେଦ ପରେ ବାପଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ବଳରାମଙ୍କୁ ଗିରଫ କରି ଥାନାରେ ଜେରା କରିବାରେ କବିତା ଠିକ ଭାବେ ଖାଇବାକୁ ଦେଉ ନ ଥିବା ଏବଂ ବିଳମ୍ବିତ ରାତ୍ରିରେ ପାଟିତୁଣ୍ଡ ହେବାରୁ ରାଗିଯାଇ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିବା ଆଇଆଇସି ଗୋପୀନାଥ ପ୍ରଧାନଙ୍କ ଠାରୁ ଜାଣିବାକୁ ମିଳିଛି। ଏ ନେଇ ଆଇପିସି ଧାରା ୪୯୮ (ଏ), ୩୦୨ରେ ଏକ ମାମଲା ରୁଜୁ କରାଯାଇଛି। କେସ ନଂ. ୮୨/୨୦୨୦।

# ସୁବର୍ଣ୍ଣପୁରକୁ ଫେରୁଛନ୍ତି ପ୍ରବାସୀ ଶ୍ରମିକ

ସୋନପୁର,୨୪।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଦାଦନ ଶ୍ରମିକଙ୍କ ସଂଖ୍ୟା ଅଧିକ। କିନ୍ତୁ ସରକାରଙ୍କ ଶ୍ରମ ବିଭାଗରେ ପଞ୍ଜୀକୃତ ଶ୍ରମିକଙ୍କ ସଂଖ୍ୟା ମାତ୍ର ୧୮ ଜଣ। ହଜାର ହଜାର ଶ୍ରମିକ ବିନା ପଞ୍ଜୀକରଣରେ ରାଜ୍ୟ ବାହାରକୁ ଯାଇଥାନ୍ତି। ସରକାର ଦାଦନ ଶ୍ରମିକଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ତାର ସୁଫଳ ମିଳି ପାରୁନାହିଁ। କରୋନା ସଂକ୍ରମଣକୁ ପ୍ରତିରୋଧ ପାଇଁ ସରକାରଙ୍କ ଲକ୍‌ଡାଉନ୍ ଯୋଗୁ ପ୍ରାୟ ୧୪ ହଜାର ୧୩୪ ଲୋକ ଭିଟାମାଟିକୁ ଫେରିବା ପାଇଁ ପଞ୍ଜୀକରଣ କରିବା ପରେ ସରକାରଙ୍କ ଯୋଜନାର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ଓ ଜିଲା ପ୍ରଶାସନ ମଧ ରାଜ୍ୟ ବାହାରକୁ ଅଧିକ ସଂଖ୍ୟକ ଲୋକ ଦାଦନ ଖଟିବାକୁ ଯାଉ ନ ଥିବା ପୂର୍ବରୁ ବିବୃତ୍ତି ଦେଇ ଆସୁଥିଲେ। ବର୍ତ୍ତମାନ ଯେଉଁ ହାରରେ ଜିଲାକୁ ରାଜ୍ୟ ବାହାରୁ ଶ୍ରମିକ ଫେରୁଛନ୍ତି ତାହା ସରକାରୀ ହିସାବକୁ ଗଣ୍ଡଗୋଳିଆ କରିଦେଇଛି। ଗତ ୧୦ ତାରିଖରୁ ୨୩ ତାରିଖ ମଧ୍ୟରେ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ଓ ବସ୍ ପ୍ରବାସୀ ଶ୍ରମିକଙ୍କୁ ନେଇ ଫେରିଛି। ଶନିବାର ସୁଦ୍ଧା ୩୬୨୫ଜଣ ଫେରିଲେଣି। ରାଜ୍ୟ ବାହାର ଫେରନ୍ତା ଶ୍ରମିକଙ୍କ ପାଇଁ ୬ଟି ବ୍ଲକ ଓ ୩ଟି ସହରରେ ମୋଟ ୨୭୯ଟି ସଙ୍ଗରୋଧ କେନ୍ଦ୍ର କରାଯାଇଛି। ଏବେ ୧୪୨ଟି ଟେମ୍ପୋରାରୀ ମେଡିକାଲ କ୍ୟାମ୍ପ (ଟିଏମସି)ରେ ୩୬୨୫ଜଣ ସଙ୍ଗରୋଧରେ ଅଛନ୍ତି।

- ୧୪୨ ଟିଏମ୍‌ସିରେ ସଙ୍ଗରୋଧରେ ଅଛନ୍ତି ୩୬୨୫
- ଫେରିବେ ୧୪୧୩୪

### ସିଲାଟି ପ୍ୟାକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ନିଲମ୍ବିତ

ସୋନପୁର,୨୪।୫(ନି.ପ୍ର.)

ସୋନପୁର ଉପନିବନ୍ଧକ ସମବାୟ ସମିତି(ଏଆରସିଏସ୍)ଙ୍କ ନିର୍ଦ୍ଦେଶ କ୍ରମେ ସିଲାଟି ପ୍ୟାକ୍ସର ପ୍ରଶାସକ ଅକ୍ଷୟ ମେହେର ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଲାଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ବଳରାମ ପଧାନଙ୍କୁ ଶନିବାର ନିଲମ୍ବନ କରିଛନ୍ତି। ୨୦୧୯-୨୦ ଖରିଫ ଧାନ କିଣା ଓ ଚାଷୀ ପଞ୍ଜୀକରଣ ଅନିୟମିତତାରେ ପଧାନଙ୍କ ସମ୍ପୃକ୍ତି ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବମାନନା ଅଭିଯୋଗରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ମେଡିକାଲ ସୁବ୍ୟବସ୍ଥା ହେଉ

**ବଲାଙ୍ଗୀର ଅଫିସ, ୨୪।୫:** ଦୀର୍ଘଦିନ ଧରି ଲକ୍‌ଡାଉନ୍‌ରେ ଫଶି ରହିଥିବା ରାଜ୍ୟ ବାହାର ପ୍ରବାସୀ ଓଡିଆମାନେ ଏବେ ଘରମୁହାଁ ହୋଇଛନ୍ତି। ପ୍ରତିଦିନ ବଲାଙ୍ଗୀରକୁ ଶ୍ରମିକ ସ୍ପେଶାଲ ଟ୍ରେନ୍ ଆସି ପହଞ୍ଚୁଛି। ଏଥିରେ ସହସ୍ରାଧିକ ଓଡିଆ ପ୍ରବାସୀ ଓ ଦାଦନ ଶ୍ରମିକ ଆସୁଛନ୍ତି। ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ଗୁଜରାଟରୁ ଶ୍ରମିକ ସ୍ପେଶାଲ ଟ୍ରେନ୍ ଆସୁଛି। ଏତେ ଲମ୍ବା ରାସ୍ତା ଅତିକ୍ରମ କଲାବେଳେ ପ୍ରବାସୀମାନେ କଷ୍ଟ ଅନୁଭବ କରୁଛନ୍ତି। ଫଳରେ ଟ୍ରେନ୍‌ଭିତରେ ଅନେକେ ସ୍ୱାସ୍ଥ୍ୟଗତ, ଶାରୀରିକ, ମାନସିକ ସମସ୍ୟାର ଶିକାର ହେଉଛନ୍ତି। ଏହି ଟ୍ରେନ୍‌ରେ ଗର୍ଭବତୀ ମହିଳା, ବୃଦ୍ଧାବୃଦ୍ଧ, ଛୋଟ ଶିଶୁ, ବାଳିକା, ବାଳକ ମଧ ଯାତ୍ରା କରୁଛନ୍ତି। ଟ୍ରେନ୍‌ଗୁଡିକ କେତୋଟି ନିର୍ଦ୍ଦିଷ୍ଟ ଷ୍ଟେଶନ୍‌ରେ ଅଟକି ଲମ୍ବା ଦୂରତ୍ୱ ଅତିକ୍ରମ କରୁଛି। ଏଭଳି ସ୍ଥିତିରେ ଟ୍ରେନ୍ ଭିତରେ ପ୍ରବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୨୨ ତାରିଖ ତେଲେଙ୍ଗାନାର ବୋଲାରମ୍ ଷ୍ଟେଶନ୍‌ରୁ ବଲାଙ୍ଗୀର ଆସୁଥିବା ଟ୍ରେନ୍‌ରେ ତୁରେକେଲା ବ୍ଲକ୍ ପଖନମୁଣ୍ଡା ଗ୍ରାମର ଜଣେ ଗର୍ଭବତୀ ମହିଳା ଟ୍ରେନ୍‌ରେ ଏକ ଶିଶୁକୁ ଜନ୍ମ ଦେଇଥିଲେ। ଟ୍ରେନ୍ ଭିତରେ କୌଣସି ମେଡିକାଲ ଟିମ୍ ନଥିବାରୁ ସେ କଷ୍ଟ ପାଇଥିଲେ। ରବିବାର ସକାଳେ ଟ୍ରେନ୍‌ରେ ଜଣେ ପ୍ରବାସୀ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଏକ ଟ୍ରେନ୍‌ରେ ଆସୁଥିବା ଆଉ ଜଣେ ମହିଳା ପୁଣି ଏକ ଶିଶୁକୁ ଜନ୍ମ ଦେଇଛନ୍ତି। ଏଭଳି ପରିସ୍ଥିତିରେ ଟ୍ରେନ୍ ଭିତରେ ମେଡିକାଲ ଟିମ୍ ନଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରେନ୍‌ରେ ମେଡିକାଲ ଟିମ୍ ବ୍ୟବସ୍ଥା କରାଯାଉ ବୋଲି ପ୍ରବାସୀମାନେ ଦାବି ଜଣାଇଛନ୍ତି। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଭାରତୀୟ ରେଳବିଭାଗ ଓ ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ଟ୍ୱିଟ୍ କରି ଟ୍ରେନ୍ ଭିତରେ ଓ ଟ୍ରେନ୍ ଷ୍ଟେଶନ୍‌ଗୁଡିକରେ ପ୍ରବାସୀଙ୍କ ପାଇଁ ଉଚିତ୍ ମେଡିକାଲ ବ୍ୟବସ୍ଥା କରିବାକୁ ଜଣାଇଛନ୍ତି।

# ଜଙ୍ଗଲରେ ଦିନ କାଟୁଛନ୍ତି ୧୩ ପ୍ରବାସୀ

ଲୋଇସିଂହା,୨୪।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ମାଗୁରବେଡା ଗାଁର ୧୩ପ୍ରବାସୀ ଶ୍ରମିକଙ୍କୁ ପଞ୍ଚାୟତ କର୍ତ୍ତୃପକ୍ଷ ସଙ୍ଗରୋଧ କେନ୍ଦ୍ରରେ ରଖିବା ବ୍ୟବସ୍ଥା କରୁନାହାନ୍ତି। ଫଳରେ ସେମାନେ ଗାଁ ନିକଟ ଜଙ୍ଗଲରେ ଗତ ୩ଦିନ ହେଲା ୪୫ଡିଗ୍ରୀ ତାତିରେ ଦିନ କାଟୁଛନ୍ତି। ୧୩ପ୍ରବାସୀଙ୍କ ମଧ୍ୟରେ ୭ଜଣ ଶିଶୁ ରହିଛନ୍ତି। ମାଗୁରବେଡା ପଞ୍ଚାୟତ ସଦର ଗାଁର ୩ପରିବାରର ୧୩ଜଣ ସଦସ୍ୟ ବ୍ରହ୍ମପୁର ଅଞ୍ଚଳକୁ ଇଟା ଗଢିବାକୁ ଯାଇଥିଲେ। ଲକ୍‌ଡାଉନ ଯୋଗୁ କାମ ବନ୍ଦ ହେବାରୁ ୩ ଦିନ ତଳେ ଗାଁକୁ ଚାଲି ଆସିଛନ୍ତି। ସଙ୍ଗରୋଧ କେନ୍ଦ୍ରରେ ରଖିବାକୁ ସେମାନେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ସେମାନେ ରାଜ୍ୟ ବାହାରର ପ୍ରବାସୀ ଶ୍ରମିକ ହୋଇ ନ ଥିବାରୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଥିଲା। ହେଲେ ଘରକୁ ଗଲେ ପଡୋଶୀଙ୍କ ବାରଣ ଓ ହୋମକ୍ୱାରାଣ୍ଟାଇନ ପାଇଁ ଆବଶ୍ୟକ ଘର ନ ଥିବାରୁ ବାଧ୍ୟ ହୋଇ ସେମାନେ ଜଙ୍ଗଲରେ ରହିବାକୁ ବିକଳ୍ପ ଭାବେ ବାଛି ନେଇଛନ୍ତି। ଏ ସମ୍ପର୍କରେ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ପଚାରିବାରୁ ରାଜ୍ୟ ବାହାର ପ୍ରବାସୀ ଶ୍ରମିକଙ୍କ ପାଇଁ କେବଳ ରହିବା ଓ ଖାଇବା ସକାଶେ ସଙ୍ଗରୋଧର ବ୍ୟବସ୍ଥା ରହିଛି। ତଥାପି ଘଟଣା ସମ୍ପର୍କରେ ଅବଗତ ହେବାପରେ କୌଣସି ଏକ ସ୍କୁଲ ଗୃହ ବ୍ୟବସ୍ଥା କରି ସମ୍ପୃକ୍ତ ପ୍ରବାସୀଙ୍କୁ ରଖିବାକୁ ସ୍ଥାନୀୟ ସରପଞ୍ଚଙ୍କୁ କହିଛି। ଏ ଦିଗରେ ଜିଲା ପ୍ରଶାସନ ଅବିଳମ୍ବେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


ଜଙ୍ଗଲରେ ଥିବା ଏକ ପରିବାରର ସଦସ୍ୟମାନେ।

# ଚାଷୀଙ୍କ ଟୋକନ ଉଭାନ

ପର୍ଲା,୨୪।୫(ଡି.ଏନ.ଏ.)

**ତରାପୁର ଧାନ ମଣ୍ଡି**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ୍ ତରାପୁର ଧାନ ମଣ୍ଡିରେ ଶହେରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଅଚାନକ ଉଭାନ ହୋଇଯାଇଛି। ଏଠାରେ ରବି ଋତୁ ଧାନ କିଣିବାକୁ ମା’ ଠାକୁରାଣୀ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଦିଆଯାଇଛି। ଧାନ ବିକ୍ରି କରିବାକୁ ମୋଟ ୨୦୯ଜଣ ଚାଷୀ ଅନଲାଇନ ମାଧ୍ୟମରେ ରେଜିଷ୍ଟ୍ରେଶନ କରିଛନ୍ତି। ୧୧୮ଟୋକନ ଇସ୍ୟୁ ହୋଇସାରିଛି। ଚାଷୀ ନିଜ ଧାନ ଆଣି ମଣ୍ଡିରେ ପକାଇଥିଲେ। ୧୧ଜଣ ଚାଷୀଙ୍କ ଧାନ ମଧ ଉଠା ହୋଇସାରିଛି। ଏବେ ଶହେରୁ ଊର୍ଦ୍ଧ୍ୱ ଚାଷୀଙ୍କ ଧାନ ମଣ୍ଡିରେ ପଡିଛି। ହଠାତ୍ ଟୋକନ ଉଭାନ ହୋଇଯିବାରୁ ନରେନ୍ଦ୍ର ସାହୁ, ନୈମିଶ ସାହୁ, ବାସୁଦେବ ସାହୁ, ଶତ୍ରୁଘ୍ନ ପଟେଲ, କୃଷ୍ଣଚନ୍ଦ୍ର ପଟେଲ, ଗୋବିନ୍ଦ ବାଗ, ଚନ୍ଦ୍ର ଶେଖର ପଟେଲ, ହରି ପଟେଲ, ପରମାନନ୍ଦ ପଟେଲ, ମନୋରମା ଦ୍ୱିବେଦୀ, ମୁରଲୀ ନାଏକ, ରଘୁମଣି ପଟେଲ, ଦୀପକ ସାହୁଙ୍କ ଭଳି ଅନେକ ଚାଷୀଙ୍କ ଧାନ ମଣ୍ଡିରେ ପଡିଛି। ପ୍ରଚଣ୍ଡ ଖରାରେ ଦିନ ରାତି ନିଜ ଧାନକୁ ଖୋଲା ଆକାଶ ତଳେ ଜଗି ରହିଛନ୍ତି। ତେବେ ଏ ନେଇ ଧର୍ମଗଡ ଯୋଗାଣ ଅଧିକାରୀ ପ୍ରଶାନ୍ତ ଦାସଙ୍କୁ ପଚାରିବାରୁ ଆରଏମ୍‌ସି ଏ ବିଷୟରେ ଠିକ୍ ଭାବରେ କହିପାରିବ ବୋଲି ପ୍ରକାଶ କରିଛନ୍ତି।

# ଅନୁଗୋଳରେ ୨୫ ପଜିଟିଭ୍

**ଅନୁଗୋଳ ଅଫିସ, ୨୪।୫**

- ନୂଆ ୫ ମଧ୍ୟରୁ ୪ ଥିଲେ ସଙ୍ଗରୋଧରେ
- ଅନ୍ୟ ଜଣେ ମହାରାଷ୍ଟ୍ରର ଗାଡ଼ି ଚାଳକ

ଅନୁଗୋଳ ଜିଲାରେ ଆଉ ୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ମୋଟ୍ ସଂଖ୍ୟା ୨୫ରେ ପହଞ୍ଚିଛି। ଇତିମଧ୍ୟରେ ୧୫ଜଣ ସୁସ୍ଥ ହୋଇସାରିଥିବାରୁ ଏବେ ବାକି ୧୦ ଜଣଙ୍କୁ ଚିକିତ୍ସା କରାଯାଉଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଜିଲାରେ ନୂତନ ଭାବେ ଚିହ୍ନଟ ହୋଇଥିବା ୫ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ଅନୁଗୋଳ ବ୍ଲକ ସଙ୍ଗରୋଧ କେନ୍ଦ୍ରର ୨ ଜଣ ହୋଇଥିବାବେଳେ ବଣ୍ଟାରପାଳ ବ୍ଲକ ସଙ୍ଗରୋଧକେନ୍ଦ୍ରରୁ ୨ ଜଣ ଓ ଅନ୍ୟ ଜଣେ ମହାରାଷ୍ଟ୍ରର ଗାଡ଼ି ଚାଳକ ବୋଲି ଜଣାପଡ଼ିଛି। ଅନୁଗୋଳ ବ୍ଲକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ସମ୍ପୃକ୍ତ ୨ଜଣଙ୍କ ବୟସ ୩୦ ଓ ୩୬। ସେମାନେ ଗତ ୧୫ ତାରିଖରୁ ସୁରଟରୁ ଆସି ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସେହିପରି ବଣ୍ଟାରପାଳ ବ୍ଲକ କ୍ୱାରାଣ୍ଟାଇନ ସେଣ୍ଟରର ସଂକ୍ରମିତ ଦୁଇ ଯୁବକଙ୍କ ବୟସ ୩୦ ଓ ୩୩। ସେମାନେ ମହାରାଷ୍ଟ୍ରରୁ ଆସି ଗତ ୧୩ ତାରିଖରୁ ସଙ୍ଗରୋଧରେ ରହୁଥିଲେ। ସରକାରୀ କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ସମ୍ପୃକ୍ତ ୪ଜଣଙ୍କ ମଧ୍ୟରୁ ଜଣେ କଣିହାଁ ଅଞ୍ଚଳର ବୋଲି କୁହାଯାଉଛି। ଅନ୍ୟତମ ସଂକ୍ରମିତ ମହାରାଷ୍ଟ୍ରର ବସ୍ ଚାଳକ ୧୯ ତାରିଖରେ ଦୁର୍ଘଟଣାରେ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟ କରୋନା ୱାର୍ଡରେ ଚିକିତ୍ସିତ ହେଉଥିଲେ। ତାଙ୍କ ସଂସ୍ପର୍ଶରେ କେହି ଆସିଛନ୍ତି କି ନାହିଁ ସେ ନେଇ କର୍ମଚାରୀଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି। ତେବେ ସିଡିଏମ୍ଓ ପ୍ରତାପ ବେହେରା କହିଛନ୍ତି, ଦୁର୍ଘଟଣା ପରେ ଚାଳକଙ୍କୁ କାଜୁଆଲିଟି ଭିତରକୁ ନିଆଯାଇ ନାହିଁ। ତାଙ୍କୁ କରୋନା ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଯଦି ଏକ୍ସ-ରେ ପାଇଁ ଯାଇଥିବେ ତାହାକୁ ସାନିଟାଇଜ କରାଯିବ। କରୋନା ୱାର୍ଡ ସାନିଟାଇଜ କରାଯାଇସାରିଥିବା ସିଡିଏମ୍ଓ ବେହେରା ସୂଚନା ଦେଇଛନ୍ତି। ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ଜିଲାର ଆକ୍ରାନ୍ତମାନେ ସଙ୍ଗରୋଧ କେନ୍ଦ୍ରରେ ଥିବାରୁ ଜନସାଧାରଣ ଆତଙ୍କିତ ହୁଅନ୍ତୁ ନାହିଁ।

## ଦୁଇ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ଅନୁଗୋଳ ଅଫିସ, ୨୪।୫- ଅନୁଗୋଳ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଦୁଇ କରୋନା ଯୋଦ୍ଧା ଏଡିଏମ୍ଓ(ମେଡିକାଲ) ଶ୍ୟାମପ୍ରସାଦ ଦାଶ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ମ୍ୟାନେଜର ଦେବାଶିଷ ଦାଶ ୩ ଦିନ ହେବ ଜିଲାରେ ଅନୁପସ୍ଥିତ ଥିବାରୁ ଏହାକୁ ନେଇ ଚର୍ଚ୍ଚା ଲାଗିରହିଛି। ଉଭୟ ଅଧିକାରୀ ଭୁବନେଶ୍ୱରରେ ଥିବା ମେଡିକାଲ କର୍ମଚାରୀଙ୍କ ମଧ୍ୟରେ ଆଲୋଚନା ହେଉଛି। ଆଦର୍ଶ ବିଦ୍ୟାଳୟରେ ଖୋଲିଥିବା ଅସ୍ଥାୟୀ ମେଡିକାଲ ଶିବିର ଦାୟିତ୍ୱ ଜିଲା ମୁଖ୍ୟ ଚିକିତ୍ସାଳୟର ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଛି। ମେଡିକାଲରୁ ଯାଉଥିବା କର୍ମଚାରୀମାନେ ସେଠାରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ମ୍ୟାନେଜର ଅନୁପସ୍ଥିତ ଥିବାରୁ ଅସ୍ଥାୟୀ ମେଡିକାଲ ଶିବିର କାର୍ଯ୍ୟ କିଏ ତଦାରଖ କରିବ ତାହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ପ୍ରତାପ ବେହେରା କହିଛନ୍ତି, ମ୍ୟାନେଜରଙ୍କ ଆଖି ଧରିଥିବାରୁ ସେ ଘରକୁ ଯାଇଛନ୍ତି। ସେହିପରି ଏଡିଏମ୍ଓ ଛୁଟିରେ ଯାଇଥିବା ସିଡିଏମ୍ଓ ପ୍ରକାଶ କରିଛନ୍ତି। ଏ ନେଇ ଏଡିଏମ୍ଓ (ମେଡିକାଲ) ଦାସ କହିଛନ୍ତି, ଛୁଟି ନେଇ ଘରକୁ ଆସିଛି। ଜିଲା ବାହାରକୁ ଆସିଥିବାରୁ ଫେରିଲା ପରେ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବି। ମ୍ୟାନେଜର ଦାସ କହିଛନ୍ତି, ଆଖି ଖରାପ ଥିବାରୁ ଘରକୁ ଆସିଛି।

# କଙ୍କଡ଼ାହାଡ଼କୁ ଛୁଇଁଲା କରୋନା

**ଢେଙ୍କାନାଳ ଅଫିସ, ୨୪।୫**

- ଆକ୍ରାନ୍ତ ଯୁବକ ସୁରଟ୍ ଫେରନ୍ତା
- ଜିଲାରେ ସଂଖ୍ୟା ୩ ହେଲା
- ଗୋଷ୍ଠୀ ସଂକ୍ରମଣ ଭୟ ନାହିଁ: ଜିଲାପାଳ

ଢେଙ୍କାନାଳ ଜିଲାର ଆଦିବାସୀବହୁଳ କଙ୍କଡ଼ାହାଡ଼ ବ୍ଲକକୁ ଛୁଇଁଛି କରୋନା। ଶନିବାର ଜଣେ ସୁରଟ ଫେରନ୍ତାଙ୍କ ନିକଟରେ କୋଭିଡ୍-୧୯ ଭୂତାଣୁ ଠାବ କରାଯାଇଛି। ଏଥିସହିତ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩ରେ ପହଞ୍ଚିଛି।

ଆକ୍ରାନ୍ତ ଯୁବକଙ୍କ ବୟସ ୩୫ବର୍ଷ। ସେ ଗତ ୧୪ ତାରିଖରେ ସୁରଟ୍‌ରୁ ସ୍ପେଶାଲ ଟ୍ରେନ୍‌ରେ ଗଞ୍ଜାମ ଜିଲାର ଛତ୍ରପୁରଠାରେ ପହଞ୍ଚିଥିଲେ। ତାଙ୍କୁ ଛତ୍ରପୁରସ୍ଥିତ ଆଦର୍ଶ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ସେଠାରୁ ୧୬ ତାରିଖରେ ଏକ ସ୍ୱତନ୍ତ୍ର ବସ୍‌ରେ ବାହାରି ସେ ୧୭ ତାରିଖରେ କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ପଞ୍ଚାୟତର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ସଙ୍ଗରୋଧରେ ଥିଲେ। ୨୦ ତାରିଖରେ ତାଙ୍କର ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ୨୩ ତାରିଖରେ ଆସିଥିବା ରିପୋର୍ଟରେ ତାଙ୍କୁ ପଜିଟିଭ୍ ଭାବେ ଚିହ୍ନଟ କରାଯାଇଥିଲା। ତାଙ୍କୁ ଚିକିତ୍ସା ଲାଗି ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ସୂଚନାଯୋଗ୍ୟ, ଜିଲାର କ୍ୱାରାଣ୍ଟାଇନ୍‌ରେ ଥିବା ୫୨ଜଣଙ୍କ ସ୍ୱାବ୍ ପରୀକ୍ଷା ଲାଗି ପଠାଯାଇଥିଲା। ତନ୍ମଧ୍ୟରୁ ୫୧ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଜିଲାର ୩ ପଜିଟିଭ୍‌ଙ୍କ ମଧ୍ୟରୁ ପ୍ରଥମ ରୋଗୀ ସୁସ୍ଥ ହୋଇ ଫେରିଛନ୍ତି। ଅନ୍ୟ ୨ଜଣ ଚିକିତ୍ସାଧୀନ ଅଛନ୍ତି।



ଏ ନେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ଆକ୍ରାନ୍ତ ଯୁବକ ଜଣକ ସୁରଟରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ଥିଲେ। ତେଣୁ ଏଠାରେ ଗୋଷ୍ଠୀ ସଂକ୍ରମଣର ଆଶଙ୍କା ନାହିଁ। ଏଥିରେ ଜିଲାବାସୀ ଆତଙ୍କିତ ନ ହୋଇ ଗାଇଡ୍‌ଲାଇନ୍ ମାନି ଚଳିବାକୁ ଜିଲାପାଳ ବେହେରା ନିବେଦନ କରିଛନ୍ତି।

## ସଂକ୍ଷେପରେ

### ପୋଲିସ କବ୍‌ଜାରେ ଅଭିଯୁକ୍ତ ବାପି

**ଅନୁଗୋଳ ଅଫିସ, ୨୪।୫:** ଅନୁଗୋଳ ପୋଲିସ ହାତରେ ଧରାପଡ଼ିଛନ୍ତି ଅଭିଯୁକ୍ତ ବାପି ଓରଫ ସତ୍ୟଜିତ୍ ପ୍ରଧାନ। ତେବେ ବାପିଙ୍କୁ କେଉଁଠାରୁ ଗିରଫ କରାଯାଇଛି ସେ ସମ୍ପର୍କରେ ପୋଲିସ ପକ୍ଷରୁ କିଛି କୁହାଯାଇନାହିଁ। ଏ ନେଇ ଅଧିକ ଖୋଳତାଡ଼ ଅନୁଗୋଳ ପୋଲିସ ପକ୍ଷରୁ କରାଯାଉଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ଜାନୁୟାରୀ ୨୬ରେ ବାପିଙ୍କୁ ପୋଲିସ ଉଠାଇ ଆଣିବା ସହ ତାଙ୍କ ନିକଟରୁ ୩ଟି ବନ୍ଧୁକ ସହ ୯ଟି ଜୀବନ୍ତ ଗୁଳି ଓ ଏକ କଳା ରଙ୍ଗର ବୁଲେଟ୍ ଗାଡ଼ି ଜବତ କରିଥିଲା। ତେବେ କୋର୍ଟ ଚାଲାଣର ୩୦ ମିନିଟ୍ ପରେ ବାପିଙ୍କୁ ବେଲ୍ ମିଳିଯାଇଥିଲା। ଏହାକୁ ନେଇ ଜୋରଦାର ଚର୍ଚ୍ଚା ହେବା ପରେ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ବେଲ୍ ଖାରଜ ପାଇଁ ସରକାରୀ ପିପି ପ୍ରଦୀପ ଦାସ ଆବେଦନ କରିଥିଲେ। ବେଲ୍ ଖାରଜ ସହ ବାପିଙ୍କୁ ଆତ୍ମସମର୍ପଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେବେଠାରୁ ବାପିଙ୍କ ପତ୍ତା ପାଉ ନ ଥିଲା ପୋଲିସ।



### ମଦ ଜବତ, ୪ ଗିରଫ

**ଅନୁଗୋଳ ଅଫିସ, ୨୪।୫:** ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୨୦ ଲିଟର ମଦ ସହ ୩ଟି ମୋଟର ସାଇକେଲ ଜବତ କରାଯାଇଛି। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇ କୁଇଓ ଅଞ୍ଚଳରୁ ମିଥୁନ ଗୋଛାୟତ ଓ ବନ୍ଧୁ ଗୋଛାୟତ, ରନ୍ତଲେଇ ଅଞ୍ଚଳର ନିହାର ରଞ୍ଜନ ସାହୁ ଏବଂ ଶରଧାପୁର ଅଞ୍ଚଳର ବାସୁ ପରିଡ଼ାଙ୍କୁ ଗିରଫ କରାଯାଇଥିବା ଅବକାରୀ ଏସ୍‌ପି କ୍ରିଷ୍ଣା ନାୟକ ସୂଚନା ଦେଇଛନ୍ତି। ଅବକାରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ଅବକାରୀ ଇନ୍ସପେକ୍ଟର କରୁଣା ଶଙ୍କର ତିୱାରି, ଏଏସ୍‌ଆଇ ଏମ୍.ଡି. ଜାକିର ହୁସେନ୍, ସନ୍ତୋଷ କୁମାର ସାହୁ, ସରୋଜ କୁମାର ସାହୁ, ଭରତ କୁମାର ବେହେରା, ପ୍ରସନ୍ନ କୁମାର ତ୍ରିପାଠୀ ଓ ସନୁ ନାଏକ ପ୍ରମୁଖ ଚଢ଼ାଉ କରିଥିଲେ।

### 'କରୋନା ପ୍ରଭାବିତଙ୍କୁ ସାହାଯ୍ୟ କର'

**ଆଠମଲ୍ଲିକ, ୨୪।୫(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ରବିବାର ଦଳୀୟ କର୍ମୀଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। କରୋନା ଯୋଗୁ ଜାରି କଟକଣାରେ ପ୍ରଭାବିତ ହୋଇଥିବା ଲୋକଙ୍କୁ ସହାୟତା କରିବାକୁ ଏହି ଆଲୋଚନା ଜରିଆରେ ସେ ପରାମର୍ଶ ଦେଇଥିଲେ। ଏଥିସହ ଜିଲାକୁ ଆସୁଥିବା ପ୍ରବାସୀ ଓଡ଼ିଆଙ୍କ ଅସୁବିଧା ଦୂର କରିବାକୁ କାର୍ଯ୍ୟକର୍ତ୍ତାମାନେ ଦାୟିତ୍ୱ ନେବା ଉପରେ ବିଧାୟକ ଗୁରୁତ୍ୱ ଦେଇଥିଲେ। ଜନସାଧାରଣଙ୍କୁ କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ମାସ୍କ ବ୍ୟବହାର, ସ୍ୱଚ୍ଛତା ଆଦି ଉପରେ ଲୋକଙ୍କୁ ସଚେତନ କରାଇବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଆଲୋଚନାରେ ମୋ ପରିବାରର ସହଆବାହକ ତଥା ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ, କିଶୋରନଗର ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, କିଶୋରନଗର ବ୍ଲକ ଅଧକ୍ଷା ବବିତା ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

### ବୃଦ୍ଧଙ୍କୁ ମାଡ଼ ମାରି ନାବାଳକ ଗିରଫ

**ଆଠମଲ୍ଲିକ, ୨୪।୫(ଡି.ଏନ.ଏ.):** ଆଠମଲ୍ଲିକ ଜଗନ୍ନାଥ ମନ୍ଦିରରେ ଶୋଇଥିବା ବେଳେ ରଥସାହିର ମନୋରଞ୍ଜନ ଦାଶଙ୍କୁ ଇଟାରେ ଆକ୍ରମଣ କରିବା ଅଭିଯୋଗରେ ଜଣେ ନାବାଳକ ଶନିବାର ଗିରଫ ହୋଇଛନ୍ତି। ତାଙ୍କୁ ବାଳସୁଧାର ଗୃହକୁ ପଠାଇଛି। ଶୁକ୍ରବାର ରାତିରେ ମନୋରଞ୍ଜନ ମନ୍ଦିର ପରିସରରେ ଶୋଇଥିବାବେଳେ ନାବାଳକ ଜଣକ ତାଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ମନୋରଞ୍ଜନଙ୍କୁ ସେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆଇଆଇସି ପ୍ରିୟବ୍ରତ ଦାଶ ସେଠାରେ ପହଞ୍ଚି ନାବାଳକଙ୍କୁ ଗିରଫ କରିଥିଲେ।

# ରୋଜଗାର ଦେଇପାରୁନି କୌଳିକ ବୃତ୍ତି



ପତ୍ର କାରିଗର ପାର୍ବତୀ ନାଏକ।



ଲୁହା କାରିଗର ଉଦୟ ମାଝି।

**(ଅଜିତ ଧଳ)**
**ଛେଣ୍ଡିପଦା, ୨୪।୫**

- ବେଉସାରେ ବାଧକ କରୋନା କଟକଣା
- ବିକ୍ରି ନ ହୋଇ ପଡିରହିଛି ପ୍ରସ୍ତୁତ ସାମଗ୍ରୀ
- ପ୍ରତିପୋଷଣ ଚିନ୍ତାରେ କମାର, ଖଲି କାରିଗର

କୌଳିକ ବୃତ୍ତି ଉପରେ ନିର୍ଭର କରି ଆଉ ଚଳିହେଉନି। ଅନ୍ୟ ସମୟ କଥା ଥିଲା ଅଲଗା। ହେଲେ ବର୍ତ୍ତମାନର କରୋନା କଟକଣା କମାର, ଖଲି ବିକାଳିଙ୍କ ରୋଜଗାର ଛଡାଇନେଇଛି। ଫଳରେ ବନ୍ଦ ହୋଇଯାଇଛି ସେମାନଙ୍କ ଆୟର ଏକମାତ୍ର ପନ୍ଥା। ପ୍ରସ୍ତୁତ ସାମଗ୍ରୀ ନେବାକୁ ଗ୍ରାହକ ନ ଥିବାବେଳେ ସେସବୁ ସେମିତି ଘରେ ପଡ଼ିରହିଛି, ଯାହାକୁ ନେଇ ଚିନ୍ତାରେ ପଡିଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳର ଲୁହା କାରିଗର ଓ ଖଲି ଚଉପଦି ବିକାଳି।

ଛେଣ୍ଡିପଦା ବ୍ଲକରେ ବାସ କରୁଥିବା ବହୁ କମାର ଓ ଖଲି ଚଉପଦି ବିକାଳି ସେମାନଙ୍କ କୌଳିକ ବୃତ୍ତିରୁ ପେଟ ପୋଷିଥାନ୍ତି। ବିଶେଷକରି ରାଇଝରଣ, ବାଗଡିଆ, ଶିମିଳିପାଳ ଆଦି ପଞ୍ଚାୟତରେ ରହୁଥିବା କମାର କାରିଗର ବିଭିନ୍ନ ପ୍ରକାର ଲୁହା ଉପକରଣ ଟାଙ୍ଗିଆ, କୋଦାଳ, ଶାବଳ, କାଙ୍କ, ପନିକି, ହାତୁଡି, କୁରାଢି, ଦା' ଆଦି ପ୍ରସ୍ତୁତ କରି ବିକ୍ରି କରିଥାନ୍ତି। ହେଲେ କରୋନା କଟକଣା ଯୋଗୁ ଏବେ ସେମାନେ ହାତ ବାନ୍ଧି ବସିଛନ୍ତି। ପୂର୍ବ ପ୍ରସ୍ତୁତ ସାମଗ୍ରୀ ବିକ୍ରି ହୋଇପାରି ନ ଥିବାରୁ ସମ୍ପୃକ୍ତ କାରିଗରମାନେ କ୍ଷତି ସହିବା ସହ ରୋଜଗାର ମଧ୍ୟ ହରାଇ ବସିଛନ୍ତି। ସେହିପରି ବହୁ ଆଦିବାସୀ ସମ୍ପ୍ରଦାୟର ଲୋକେ ଖଲି ଚଉପଦି ତିଆରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏବେ କରୋନା କଟକଣା ଯୋଗୁ ସେମାନଙ୍କ ହାତ ତିଆରି ସାମଗ୍ରୀ ବିକ୍ରି ହୋଇ ନ ପାରି ପଡିରହିଛି। ଏପରି ଅବସ୍ଥାରେ ବିନା ରୋଜଗାରରେ ଘର ଚଳାଇବା ସେମାନଙ୍କ ପାଇଁ କାଠିକର ହୋଇପଡିଛି। ଏ ସମ୍ପର୍କରେ ଚଉପଦି ବିକାଳି ପାର୍ବତୀ ନାଏକ କୁହନ୍ତି, ହାତ ତିଆରି ଖଲି ଚଉପତି ବିକ୍ରି ହୋଇପାରୁନି। ସରକାରଙ୍କଠାରୁ ମିଳିଥିବା ରାଶନ ସାମଗ୍ରୀ ପରିବାରକୁ ନିଅଣ୍ଟ ପଡୁଛି। କେମିତି ଚୁଲି ଜଳିବ, ପେଟ ପାଇଁ ଦାନା ଯୋଗାଡ ହେବ ସେହି ଚିନ୍ତା ଘାରୁଛି। ସରକାର ଏହାର ବିଚାର କଲେ ଉପକୃତ ହୋଇପାରନ୍ତୁ। କମାର ଉଦୟ ମାଝି କୁହନ୍ତି, ବିଲବାଡି କିଛି ନାହିଁ। ଲୁହା ପିଟିପିଟି ବିଭିନ୍ନ ଉପକରଣ ତିଆରି କରି ବିକ୍ରି କରିଥାଉ। ସେଥିରେ ପରିବାର ଚଳେ। ଏବେ କରୋନା ସଂକ୍ରମଣ ଭୟ ଯୋଗୁ ସେ ସବୁ ବିକ୍ରି ନ ହୋଇ ଘରେ ଗଦା ହୋଇଛି। କେବେ ଲକ୍‌ଡାଉନ ସରିବ ତାହାକୁ ଅପେକ୍ଷା କରି ବସିଛୁ।

## ଦୁର୍ଘଟଣାରେ ଶିଶୁକନ୍ୟା ମୃତ, ବାପା ଆହତ

**କଣିହାଁ, ୨୪।୫(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଅନ୍ତର୍ଗତ ଚନ୍ଦ୍ରବିଲ ଗ୍ରାମ ଜଙ୍ଗଲ ରାସ୍ତାରେ ଦୁର୍ଘଟଣା ଘଟି ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରୁଟୁଭୂଇଁ ଗ୍ରାମର କୈବଲ୍ୟ ଗୋଛାୟତଙ୍କ ୪ବର୍ଷର ଝିଅ କେଟି ଗୋଛାୟତ। କୈବଲ୍ୟ ଏକ ବାଇକ୍‌ରେ ନିଜର ଝିଅ ଏବଂ ପୁଅଙ୍କୁ ନେଇ ଗୋପାଳଗଡ଼ ଅଭିମୁଖେ ଯାଉଥିବାବେଳେ ଦ୍ରୁତଗତିରେ ପଛପଟୁ ଆସୁଥିବା ଏକ କାର ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କେଟିଙ୍କ ମୃତ୍ୟୁ ଘଟିଥିବାବେଳେ କୈବଲ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇ ପଳାଉଥିବା ଗାଡ଼ିକୁ କଳମଛୁଇଁ ପୋଲିସ ଜବତ କରିଛି। ଘଟଣାସ୍ଥଳରେ ସମଲ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଦେଇଥିବା ଜଣାପଡ଼ିଛି।

# ଜଳସଙ୍କଟରେ ଗୋଛାୟତସାହିବାସୀ

**ବଣ୍ଟାରପାଳ, ୨୪।୫(ଡି.ଏନ.ଏ.)**



- ପାଣି ଯୋଗାଇପାରୁନି ଗୋଟିଏ ନଳକୂଅ
- ପରିତ୍ୟକ୍ତ ଅବସ୍ଥାରେ ଏକମାତ୍ର କୂଅ
- ପାଇପ୍ ଯୋଗେ ଜଳ ଯୋଗାଣ ଦାବି

ବଣ୍ଟାରପାଳ ବ୍ଲକ ଗିରାଙ୍ଗ ଗୋଛାୟତ ସାହିରେ ଲାଗି ରହିଛି ପାନୀୟ ଜଳ ସଙ୍କଟ। ସାହିବାସୀ ପାଣି ମୁନ୍ଦେ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସାହିରେ ପାନୀୟ ଜଳର କୌଣସି ବ୍ୟବସ୍ଥା ନ ଥିବାବେଳେ ଏକମାତ୍ର ଖୋଲା କୂଅ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଫଳରେ ଦୂରରେ ଥିବା ଏକ ନଳକୂଅ ଉପରେ ନିର୍ଭର କରୁଛନ୍ତି ପ୍ରାୟ ୪୦ ପରିବାର।

ସାହିବାସୀଙ୍କ କହିବା ମୁତାବକ, ପୂର୍ବରୁ ଲାଗି ରହିଥିବା ଜଳ ସମସ୍ୟା ଏବେ ବଢ଼ିଯାଇଛି। ସରକାରଙ୍କ ପକ୍ଷରୁ ସାହି ମଧ୍ୟରେ ଗୋଟିଏ ହେଲେ ନଳକୂଅର ବ୍ୟବସ୍ଥା କରାଯାଇନାହିଁ। ଏକମାତ୍ର ସରକାରୀ ଖୋଲାକୂଅଟି ଏବେ ପରିତ୍ୟକ୍ତ ଅବସ୍ଥାରେ। ସାହିଠାରୁ ଦୂରରେ ଥିବା ୨ଟି ନଳକୂଅ ମଧ୍ୟରୁ ଗୋଟିଏ ଅଚଳ ହୋଇପଡିଛି। ଫଳରେ ଆଉ ଗୋଟିଏ ନଳକୂଅରେ ସାହିର ୪୦ ପରିବାର ନିର୍ଭର କରୁଥିଲେ ହେଁ ସେଥିରୁ ଆବଶ୍ୟକ ମୁତାବକ ପାଣି ବାହାରୁନାହିଁ। ଏହା ନାଲ୍‌କୋ ପାର୍ଶ୍ୱବର୍ତ୍ତୀ ଗ୍ରାମ ହୋଇଥିବାରୁ ପ୍ରକଳ୍ପ ପକ୍ଷରୁ ପାଇପ୍ ଯୋଗେ ପାଣି ଯୋଗାଯିବା ସହ ସରକାରଙ୍କ ପକ୍ଷରୁ ଏଠାରେ ନଳକୂଅ ଖୋଳିବାକୁ ସାହିବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସାହିର ଭାଗୀରଥି ଗୋଛାୟତ, ମନୀଷା ଗୋଛାୟତ, ପ୍ରଜାପତି ଗୋଛାୟତ ପ୍ରମୁଖ କୁହନ୍ତି, ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସାହିଠାରୁ ଅଳ୍ପ ଦୂରରେ ଥିବା ଗୋଟିଏ ନଳକୂଅ ଏତେ ଲୋକଙ୍କ ଶୋଷ ମେଣ୍ଟାଇପାରୁନି। ଫଳରେ ଦୂର ବାଟରୁ ପାଣି ବୋହି ଘରକୁ ଆଣିବାକୁ ପଡୁଛି। ନାଲ୍‌କୋ ପକ୍ଷରୁ ପାଇପ୍ ଜଳ ଯୋଗାଣ କିମ୍ବା ସରକାରଙ୍କ ପକ୍ଷରୁ କିଛି ବ୍ୟବସ୍ଥା କରାଗଲେ ସମସ୍ୟା ଦୂର ହୁଅନ୍ତା ବୋଲି ସାହିବାସୀ ପ୍ରକାଶ କରିଛନ୍ତି।

# ଆଜି ପହଞ୍ଚିବ ସ୍ୱତନ୍ତ୍ର ଶ୍ରମିକ ଏକ୍ସପ୍ରେସ୍

**ଅନୁଗୋଳ ଅଫିସ, ୨୪।୫**



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

- ଅଛନ୍ତି ୨୪ ଜିଲାର ୧୬୫୦ ପ୍ରବାସୀ
- ଅନୁଗୋଳର ସର୍ବାଧିକ ୬୩୪

ଗୁଜରାଟରୁ ୧୬୫୦ ଜଣ ପ୍ରବାସୀ ଓଡ଼ିଆଙ୍କୁ ନେଇ ୨୩ ତାରିଖରେ ବାହାରିଥିବା ସ୍ୱତନ୍ତ୍ର ଶ୍ରମିକ ଏକ୍ସପ୍ରେସ୍ ସୋମବାର ଭୋର୍ ୫ଟାରେ ଅନୁଗୋଳ ଷ୍ଟେଶନରେ ପହଞ୍ଚିବ। ଏଥିରେ ୨୪ଟି ଜିଲାର ୧୬୫୦ ଜଣ ପ୍ରବାସୀ ଓଡ଼ିଆ ଆସୁଛନ୍ତି। ସେମାନଙ୍କ ମଧ୍ୟରେ ଅନୁଗୋଳର ସର୍ବାଧିକ ୬୩୪ ଜଣ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପ୍ରବାସୀମାନେ କିପରି ନିଜ ଜିଲାର କ୍ୱାରାଣ୍ଟାଇନ ସେଣ୍ଟରରେ ସହଜରେ ପହଞ୍ଚି ପାରିବେ ସେଥିପାଇଁ ରବିବାର ଅପରାହ୍ନରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସର୍କିଟ୍ ହାଉସ୍ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

ଏହି ବୈଠକରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ଜିଲାକୁ ଯିବାକୁଥିବା ପ୍ରବାସୀଙ୍କ ପାଇଁ ୩୦ଟି ବସ୍‌ର ବ୍ୟବସ୍ଥା ହୋଇଥିବାବେଳେ ଅନୁଗୋଳର ବିଭିନ୍ନ ବ୍ଲକ ଅଞ୍ଚଳର ଶ୍ରମିକମାନଙ୍କ ପାଇଁ ୨୦ଟି ବସ୍ ପ୍ରସ୍ତୁତ ରଖାଯାଇଛି। ଶହେ ଜଣ କର୍ମଚାରୀଙ୍କୁ ନେଇ ବିଭିନ୍ନ କାଉଣ୍ଟର ଷ୍ଟେଶନରେ ଖୋଲାଯାଇଛି। ପ୍ରତି ୧୦୦ ପ୍ରବାସୀଙ୍କ ପାଇଁ ଗୋଟିଏ ଲେଖାଏ କାଉଣ୍ଟର ଖୋଲାଯାଇଛି। ଶ୍ରମିକମାନେ ଟ୍ରେନ୍‌ରୁ ଓହ୍ଲାଇବା ପରେ ସେମାନଙ୍କ ସ୍କ୍ରିନିଂ କରାଯିବ। ଏଥିପାଇଁ ୩ ଜଣ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ପ୍ରସ୍ତୁତି ବୈଠକ ପରେ ଜିଲାପାଳ ଓ ଏସ୍‌ପି ଅନୁଗୋଳ ଷ୍ଟେଶନ ଯାଇ ପ୍ରସ୍ତୁତି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ, ଡେପୁଟୀ କଲେକ୍ଟର ବଇତୁରା ଦୀପ୍, ଆସିଷ୍ଟାଣ୍ଟ କଲେକ୍ଟର ରଞ୍ଜନ ମହାନ୍ତି ଓ ଅନୁଗୋଳ ପୌର ପରିଷଦ ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, ଅନୁଗୋଳ ଥାନା ଆଇଆଇସି ରମେଶ ଚନ୍ଦ୍ର ବିଶୋଇଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଅନୁଗୋଳ ସହରର ଏକ ପୋଖରୀରେ ଶିଶୁମାନେ ଗାଧୋଇବାର ମଜା ନେଉଛନ୍ତି।




ଖରାରୁ ରକ୍ଷା ପାଇଁ ଅନୁଗୋଳ ସହରର ଦୁଇ ମହିଳା ଛତା ଧରି ଯାଉଛନ୍ତି। (ଫଟୋ- ବୁବୁ)

## ଆଦିବାସୀ କର୍ମଚାରୀ ସଂଘ ବୁଝାଇଲା ନିୟମ

ମାଲକାନଗିରି/ପାଣ୍ଡ୍ରିପାଣି,(ଡି.ଏନ୍.ଏ.)–ମାଲକାନଗିରି ଜିଲାରେ କରୋନା ସଂକ୍ରମଣରୁ ଆଦିବାସୀଙ୍କୁ ରକ୍ଷାକରିବା ଲାଗି ଆଗେଇ ଆସିଛି ଆଦିବାସୀ କର୍ମଚାରୀ ସଂଘ । ସଂଘର କର୍ମକର୍ତ୍ତାମାନେ ମାଥିଲି ବ୍ଲକର କମାରପାଲି ପଞ୍ଚାୟତର ଖିଅରକୁପା, ମହୁପଦର ପଞ୍ଚାୟତର କୋୟାପାରା, ଦୁରୁଆପାରା ଆଦି ଗ୍ରାମରେ ବସବାସ କରୁଥିବା କୋୟା ଓ ଦୁରୁଆ ସମ୍ପ୍ରଦାୟର ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରି ଏନେଇ ରହିଥିବା ବିଭିନ୍ନ ନିୟମ ସେମାନଙ୍କୁ ବୁଝାଇ ଏହା ପାଳନ କରିବାକୁ ପରାମର୍ଶ ଦେଇଛନ୍ତି। ସଂଘର ସାଧାରଣ ସମ୍ପାଦକ ହରିହର ପଡିଆମି,ଆନନ୍ଦ ମାଡି ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏସ୍‌ଏଚ୍‌ଜି ମହିଳାଙ୍କୁ ପ୍ରବାସୀଙ୍କ ଦୁର୍ବ୍ୟବହାର ଅଭିଯୋଗ

କାଲିମେଲା,୨୪।୫(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଲା ବ୍ଲକ କାଲିମେଲା ପଞ୍ଚାୟତରେ ଥିବା ଆଶ୍ରମ ବିଦ୍ୟାଳୟରେ ହୋଇଥିବା କ୍ୱାରାଣ୍ଟାଇନ କେନ୍ଦ୍ରକୁ ଖାଇବାକୁ ଦେବାକୁ ଯାଇଥିବା ଏସଏଚଜି ମହିଳାଙ୍କୁ ସେଠାରେ ଥିବା ପ୍ରବାସୀମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏନେଇ ଏସଏଚଜି ସଦସ୍ୟାମାନେ ବିଡିଓ ଉମା ଶଙ୍କର ଦଳାଇଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଥାନା ଅଧିକାରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। । ଆଶ୍ରମ ବିଦ୍ୟାଳୟରେ କେନ୍ଦ୍ରରେ ୫୦ରୁ ଊର୍ଦ୍ଧ୍ୱ ପ୍ରବାସୀଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ସେମାନଙ୍କ ପାଇଁ ସକାଳେ ଜଳଖିଆ, ମଧାହ୍ନ ଏବଂ ରାତିରେ ଖାଇବା ବ୍ୟବସ୍ଥା କରାଯାଇଛି। ଏହି ପ୍ରବାସୀଙ୍କୁ ରୋଷେଇ କରି ଖାଇବାକୁ ଦେବାପାଇଁ କାଲିମେଲାସ୍ଥିତ ମା ମନମୋହିନୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଶନିବାର ରାତ୍ରି ଭୋଜନ ପାଇଁ ଗୋଷ୍ଠୀର ମହିଳାମାନେ ସରକାରଙ୍କ ଖାଦ୍ୟତାଲିକା ଅନୁଯାୟୀ ଭାତ ଡାଲି ଏବଂ ଭଜା ପ୍ରସ୍ତୁତ କରି ଆଶ୍ରମ ବିଦ୍ୟାଳୟକୁ ଖାଇବାକୁ ଦେବାପାଇଁ ଯାଇଥିଲେ। ମାତ୍ର ପ୍ରବାସୀମାନେ ଆମେ ଡାଲି ଖାଇବୁ ନାହିଁ, ଆମକୁ ମାଛ ତରକାରୀ ତିଆରି କରି ଆଣିଦିଅ ବୋଲି ଦାବି କରି ପାଟିତୁଣ୍ଡ କରିଥିଲେ । ଏନେଇ ସେମାନଙ୍କୁ ଗାଳିଗୁଲଜ କରଥିଲେ। ଏ ନେଇ ବିଡିଓ ଦଳାଇଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମହିଳାମାନେ ଅଭିଯୋଗ ଆଣିବା ପରେ ଏହାର ତଦନ୍ତ ପାଇଁ ଥାନା ଅଧିକାରୀଙ୍କୁ କହିଛି। ରିପୋର୍ଟ ଆସିବା ପରେ ଯାହା ପଦକ୍ଷେପ ନିଆଯିବ ।

### ମାସ୍କ ନ ପିନ୍ଧି ଗଣିଲେ ଜରିମାନା

ବୈପାରିଗୁଡ଼ା,୨୪।୫(ଡି.ଏନ୍.ଏ.)- କରୋନା ସଂକ୍ରମଣରୁ ଦୂରେଇ ରହିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ମାସ୍କ ପିନ୍ଧିବା ନିୟମକୁ କଡ଼ାକଡ଼ି କରାଯାଇଛି । ରବିବାର ପ୍ରଶାସନ ପକ୍ଷରୁ ବୈପାରିଗୁଡ଼ାଠାରେ ମାସ୍କ ନ ପିନ୍ଧି ବୁଲୁଥିବା ୧୨ ଜଣଙ୍କଠାରୁ ୨୪ଶହ ଟଙ୍କା ଆଦାୟ କରାଯାଇଥିବା ଜଣାପଡ଼ିଛି ।

### ବସ୍ ଦୁର୍ଘଟଣାଗ୍ରସ୍ତ, ୪ ପ୍ରବାସୀ ଗୁରୁତର

ରାୟଗଡା ଅଫିସ,୨୪।୫- କେରଳରୁ ପ୍ରବାସୀ ଶ୍ରମିକଙ୍କୁ ଧରି କଳାହାଣ୍ଡି ଜିଲା ଅଭିମୁଖେ ଆସୁଥିବା ଏକ ମିନି ବସ୍ ରାୟଗଡା ଥାନା ଅନ୍ତର୍ଗତ ଗୁମା ଘାଟିଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୪ ଜଣ ଗୁରୁତର ହୋଇଛନ୍ତି। କଳାହାଣ୍ଡି ଜିଲାର ୧୦ ଜଣ କେରଳର ବିଭିନ୍ନ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଲକଡାଉନ ନିୟମରେ କିଛିଟା କୋହଳ ହେବା ପରେ ସେମାନେ ଏକ ମିନି ବସ ଯୋଗେ ଆସୁଥିଲେ। ଗୁମା ଘାଟିଠାରେ ଗାଡିଟି ଭାରସାମ୍ୟ ହରାଇ ଏକ ଗାର୍ଡୱାଲକୁ ଧକ୍କା ଦେଇଥିଲା। ଏଥିରେ ଚାଳକ ସମେତ ୯ ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନେ ହେଲେ ମଙ୍ଗତୀୟ ନାୟକ, ନୀଳକଣ୍ଠ ନାୟକ, ପ୍ରଦୀପ ନାୟକ, ଚାଳକ ପି, ସଚ୍ଚୀକୁମାର ।

### କ୍ୱାରାଣ୍ଟାଇନ୍ ସେଣ୍ଟରରେ ଯୋଗ

ବୈପାରିଗୁଡ଼ା,୨୪।୫(ଡି.ଏନ୍.ଏ.)- ସ୍ଥାନୀୟ ଯୁକ୍ତ ୨ବିଦ୍ୟାଳୟରେ ହୋଇଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଯୋଗ ଶିକ୍ଷାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିବାର ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦିଲୀପ ରଥ ଯୋଗ ଶିକ୍ଷା ଦେଇଥିଲେ। ସରପଞ୍ଚ ଭାଗୀରଥି ମୁର୍ଜିଆ,ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମପ୍ରସାଦ ଦୋରା ଓ ବ୍ଲକ୍ ଆକାଉଣ୍ଟାଣ୍ଟ ସେବାରାମ ମେହେର ଉପସ୍ଥିତ ଥିଲେ। ସେହିପରି ବ୍ଲକର କାକଳପଡ଼ାଠାରେ ଥିବା କେନ୍ଦ୍ରରେ ମଧ ଯୋଗାଭ୍ୟାସ ହୋଇଥିଲା।

### ନାଗାଲାଣ୍ଡ ଯୁବକଙ୍କୁ ନିଜ ଘରକୁ ପଠାଇଲା ପ୍ରଶାସନ

କାଲିମେଲା,୨୪।୫(ଡି.ଏନ.ଏ.)-ସୁଦୂର ନାଗାଲାଣ୍ଡ ରାଜ୍ୟରୁ ମାଲକାନଗିରି ଜିଲା କାଲିମେଲା ଅଞ୍ଚଳକୁ କାମ ପାଇଁ ଆସି ଲକଡାଉନ ଯୋଗୁ ଏଠାରେ ଫସି ରହିଥିବା ଜଣେ ଯୁବକଙ୍କୁ ରବିବାର ବ୍ଲକ ପ୍ରଶାସନ ବସ୍ ଯୋଗେ ନାଗାଲାଣ୍ଡ ପଠାଇଛି। ଆପିଜା ଆପୋକାସ ନାମକ ଏହି ଯୁବକ (୨୨) କାଲିମେଲା ବ୍ଲକର ପଟେରୁସ୍ଥିତ ଘରୋଇ କାଞ୍ଚନ ଇଂରାଜୀ ବିଦ୍ୟାଳୟରେ ରହି ପାଠ ପଢାଉଥିଲେ। ତେବେ କରୋନା ନେଇ ଲକଡାଉନ ଜାରି ହୋଇଯିବାରୁ ସେ ନିଜ ଘରକୁ ଫେରିପାରି ନ ଥିଲେ । ଆପିଜାଙ୍କ ସମ୍ପର୍କରେ ଜାଣିବା ପରେ ବ୍ଲକ ପ୍ରଶାସନ ତାଙ୍କୁ ବ୍ଲକକୁ ଆଣି କ୍ୱାରାଣ୍ଟାଇନରେ ରଖିଥିଲା। ତେବେ ରବିବାର ମାଲକାନଗିରିରୁ ଭୁବନେଶ୍ୱର ଯାଉଥିବା ଏକ ବସ୍‌ରେ ତାଙ୍କୁ ପଠାଯିବା ବ୍ୟବସ୍ଥା ହୋଇଥିଲା। ବିଡିଓ ଉମାଶଙ୍କର ଦଳାଇ ଉପସ୍ଥିତ ଥିଲେ ।

# ଜିଲାରେ ଚିହ୍ନଟ ହେଲେ ଆଉ ୨ ପଜିଟିଭ

**ମାଲକାନଗିରି,୨୪।୫(ଡି.ଏନ୍.ଏ.)**

**ସଂଖ୍ୟା ୧୦କୁ ବଢ଼ିଲା**
- ୨୭୪୪ ନମୁନା ପରୀକ୍ଷାରୁ ୨୭୩୪ ନେଗେଟିଭ
- ୨ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା
- କ୍ୱାରାଣ୍ଟାଇନ ସେଣ୍ଟର ଉପରେ ଲାଗିଲା କଟକଣା

ମାଲକାନଗିରି ଜିଲାରେ ଶନିବାର ସୁଦ୍ଧା କରୋନା ରୋଗୀ ପଜିଟିଭ ସଂଖ୍ୟା ୮ ଥିବା ବେଳେ ରବିବାର ଆଉ ଦୁଇଜଣ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଏହି ସଂଖ୍ୟା ୧୦ରେ ପହଞ୍ଚିଛି। ଜଣେ ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ଭି ୭୨ ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ମାଲକାନଗିରି ସଦର ବ୍ଲକ ମାର୍କାପାଲି ପଞ୍ଚାୟତର। ଉଭୟ ପଜିଟିଭ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମାଲକାନଗିରି କୋଭିଡ୍-୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ୧୦ ଜଣଙ୍କ ମଧ୍ୟରୁ ୯ ଜଣ ଚେନ୍ନାଇରୁ ଗୋଟିଏ ବସ୍‌ରେ ଯାତ୍ରାକରି ମାଲକାନଗିରି ଫେରିଥିବା ବେଳେ ଅନ୍ୟ ଜଣେ ଖଇରପୁଟ ସ୍ୱାସ୍ଥ୍ୟକର୍ମୀ ବୋଲି ଜଣାପଡିଛି। ଏମ୍‌ଭି ୭୨ ଅଞ୍ଚଳ ଏବଂ ମାର୍କାପାଲି ପଞ୍ଚାୟତକୁ ମଧ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି । ବର୍ତ୍ତମାନ ସୁଦ୍ଧା ଜିଲାରୁ ୨୯୩୨ଟି ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ୨୭୪୪ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା । ସେଥିରୁ ୨୭୩୪ଟି ନେଗେଟିଭ ଆସିଥିବା ବେଳେ ୧୦ଟି ପଜିଟିଭ ରିପୋର୍ଟ ଆସିଛି। ଅନ୍ୟ ନମୁନାଗୁଡିକର ରିପୋର୍ଟ ଆସିନାହିଁ।ଅନ୍ୟପକ୍ଷରେ ଜିଲା ପ୍ରଶାସନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(କ୍ୱାରାଣ୍ଟାଇନ ସେଣ୍ଟର)ଗୁଡ଼ିକ ଉପରେ କଟକଣା ଜାରି କରିଛି। ଏନେଇ ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି, ଯେକୌଣସି ବ୍ୟକ୍ତି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରବେଶ କରିବେ ନାହିଁ। ଏଠାରେ ଥିବା ବ୍ୟକ୍ତିଙ୍କ କେହି ସମ୍ପର୍କୀୟ ଯଦି ଆସନ୍ତି ତେବେ ସେମାନେ ୧୦୦ ମିଟର ଦୂରତାରେ ରହିବେ। ଯେଉଁ କେନ୍ଦ୍ରଗୁଡ଼ିକରେ ବର୍ତ୍ତମାନ ପଜିଟିଭ ବାହାରିଛି ଉକ୍ତ କେନ୍ଦ୍ର ଓ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏହି କେନ୍ଦ୍ରଗୁଡ଼ିକୁ ମଧ କେହି ଯାଇପାରିବେ ନାହିଁ। ଜିଲାରେ ୧୦ ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ଏଥିପାଇଁ କେହି ଭୟଭୀତ ହୁଅନ୍ତୁ ନାହିଁ। ଏହି ରୋଗ ଦୂରକରିବାକୁ ହେଲେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲାପାଳ କହିଛନ୍ତି।

# ଝଡ଼ବର୍ଷାରେ ୮ ଗ୍ରାମବାସୀଙ୍କ ଛପର ଉଡିଗଲା



ଝଡବର୍ଷାରେ ଏକ ଆଜବେଷ୍ଟସ ଉପରେ ବିଦ୍ୟୁତ୍ ଖୁଣ୍ଟ ପଡିଛି ।

**ଦାମନଯୋଡି,୨୪।୫(ଡି.ଏନ.ଏ.)**

କୋରାପୁଟ ଜିଲା ଭେଜାପୁଟଠାରେ ରବିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ହେବା ସହ ପବନ ହୋଇଛି। ଝଡବର୍ଷାରେ ଅନେକ ଘରର ଛପର ଉଡିଯାଇଛି। ଗଛପଡି ଆଜବେଷ୍ଟସ ଭାଙ୍ଗି ନଷ୍ଟ ହୋଇଛି। ଗ୍ରାମର ବଳରାମ ବିଶୋୟୀ, ରଙ୍ଗବତୀ ବିଶୋୟୀ, ଧନେଶ୍ୱର ଖରା, ଗୁନା ଗୌଡ,କୈଳାସ ବିଶୋୟୀ, ବୃନ୍ଦାବନ ଟାକ୍ରି,ଦୟାସିନ୍ଧୁ ବାଘ ଏବଂ ଶଙ୍କନ ନାରାୟଣ ମିଶ୍ରଙ୍କ ଆଜବେଷ୍ଟସ, ଟିଣ ଛପର ଉଡିଯାଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବାକୁ ଦାବି ହେଉଛି।

# ସ୍ୱାମୀଙ୍କ ମୃତ୍ୟୁକୁ ୨ବର୍ଷ ବିତିଲା, ମିଳୁନି ପ୍ରମାଣପତ୍ର

**ବୈପାରିଗୁଡ଼ା,୨୪।୫(ଡି.ଏନ୍.ଏ.)**

**ବିଧବା ଭତ୍ତା, ପରିବାର ମଙ୍ଗଳ ଯୋଜନାରୁ ବଞ୍ଚିତ**



ସାନପୁଅ ମାଧବ ଗୁଣ୍ଡାଙ୍କ ସହ ବୃନ୍ଦ୍ରି ଗୁଣ୍ଡା।

୨ବର୍ଷ ତଳେ ସ୍ୱାମୀଙ୍କ ମୃତ୍ୟୁ ଘଟିଲା। ସେବେଠାରୁ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ମେଡିକାଲ ଧାଉଁଛନ୍ତି ବୈପାରିଗୁଡ଼ା ବ୍ଲକ କେନ୍ଦୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଚେରକିଆଗୁଡ଼ା ଗ୍ରାମର ବୃନ୍ଦ୍ରି ଗୁଣ୍ଡା(୫୦)। ଏ ପର୍ଯ୍ୟନ୍ତ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ମିଳି ନ ଥିବାରୁ ବିଧବା ଭତ୍ତା ଓ ପରିବାର ମଙ୍ଗଳ ଯୋଜନାରୁ ବୃନ୍ଦ୍ରି ବଞ୍ଚିତ ହୋଇଛନ୍ତି। ୨୦୧୮ ମାର୍ଚ୍ଚ ୧୩ ତାରିଖରେ କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ବୃନ୍ଦ୍ରିଙ୍କ ସ୍ୱାମୀ ଗୁରୁ ଗୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ଗୁରୁଙ୍କ ମୃତ୍ୟୁ ସମ୍ପର୍କରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସୂଚନା ଦେଇଥିଲେ । ତେବେ ପରିବାର ମଙ୍ଗଳ ଯୋଜନାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୨୦ ହଜାର ଟଙ୍କା ସରକାରୀ ସହାୟତା ଓ ବୃନ୍ଦ୍ରିଙ୍କ ବିଧବା ଭତ୍ତା ପାଇଁ ଗୁରୁଙ୍କ ମୃତ୍ୟୁ ପ୍ରମାଣପତ୍ର ଆବଶ୍ୟକ ପଡିଥିଲା । ବୃନ୍ଦ୍ରିଙ୍କ ପରିବାର ଲୋକେ ଏଥିପାଇଁ ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବାରମ୍ବାର ଯାଇ ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି। ତେବେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ ଗୁରୁଙ୍କ ମୃତ୍ୟୁ ହୋଇଥିବା ସମ୍ପର୍କରେ ତାଙ୍କ ନିକଟକୁ କୌଣସି ରିପୋର୍ଟ ଆସି ନାହିଁ। ଏବେ ମଧ ରିପୋର୍ଟ ଆସିଲେ ସେ ପଞ୍ଜୀକରଣ କରି ସାର୍ଟିଫିକେଟ୍ ଦେବେ ବୋଲି କହିଥିଲେ। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ପଚାରିବାରୁ ସେ ପୂର୍ବରୁ ଏ ସମ୍ପର୍କରେ ରିପୋର୍ଟ ଦେଇଛନ୍ତି । ଏବେ ସେ ଦ୍ୱିତୀୟ ଥର ପାଇଁ ରିପୋର୍ଟ ଦେଇପାରିବେ ନାହିଁ ବୋଲି କହିଥିଲେ। ଯେହେତୁ ଏବେ ପଞ୍ଜୀକରଣ ଅବଧି ଶେଷ ହୋଇଗଲାଣି ଅନୁମତି ପାଇଁ ଜୟପୁର ଉପଜିଲାପାଳଙ୍କ ନିକଟରେ ଆବେଦନ କରିବାକୁ ପଡିବ । ଗରିବ ଅସହାୟ ବୃନ୍ଦ୍ରି ସେଠାକୁ ଯାଇ କରିବା ତାଙ୍କ ପକ୍ଷେ କଷ୍ଟକର। ବୃନ୍ଦ୍ରିଙ୍କ ୨ ପୁଅ ମଧ୍ୟରୁ ସାନପୁଅ ମାଧବ (୨୦)ଙ୍କ ମାନସିକ ସ୍ଥିତି ଭଲ ନାହିଁ । ତାଙ୍କୁ ମଧ କୌଣସି ଭତ୍ତା ମିଳୁନାହିଁ । ବଡ଼ ପୁଅ ମହେଶ୍ୱର ସେମାନଙ୍କ ଦେଖାରଖା କରୁଛନ୍ତି । ରହିବା ପାଇଁ ଭଲ ଘରଟିଏ ମଧ ନାହିଁ । ହାଟରେ ଚା'ଦୋକାନ କରି ମହେଶ୍ୱର ପରିବାର ପ୍ରତିପୋଷଣ କରୁଛନ୍ତି।

# 'ହିତାଧିକାରୀଙ୍କୁ ଶୀଘ୍ର ଡାଲି, କିରୋସିନ ବଣ୍ଟନ କରାଯାଉ'

**ନବରଙ୍ଗପୁର,୨୪।୫(ବି.ପ୍ର.)**

କେନ୍ଦ୍ର ସରକାର ୩ ମାସ ପାଇଁ ହିତାଧିକାରୀଙ୍କୁ ପ୍ରତିମାସରେ ୧କିଲୋ ହିସାବରେ ରାଜ୍ୟ ସରକାରଙ୍କୁ ମାଗଣାରେ ଯୋଗାଇବା ପାଇଁ ଡାଲି ପଠାଇଛନ୍ତି। ଡାଲି କିଛି ସ୍ଥାନରେ ବଣ୍ଟନ ହୋଇ ସାରିଛି । ତେବେ ଅବିଭକ୍ତ କୋରାପୁଟ ଜିଲାବାସୀ ବର୍ତ୍ତମାନ ସୁଦ୍ଧା ଏଥିରୁ ବଞ୍ଚିତ ହୋଇଛନ୍ତି । ସେହିଭଳି କେନ୍ଦ୍ର ସରକାର ରିହାତି ଦରରେ ହିତାଧିକାରୀଙ୍କୁ କିରୋସିନ ଦେବା ପାଇଁ ରାଜ୍ୟ ସରକାରଙ୍କୁ କିରୋସିନ ଯୋଗାଇଛନ୍ତି। ଏ ଅଞ୍ଚଳରେ କିରୋସିନର ନାଁ ଗନ୍ଧ ନାହିଁ। କରୋନା ଭଳି ମହାମାରୀ ସହ ସର୍ବସାଧାରଣ ଲଢୁଥିବା ସମୟରେ କେନ୍ଦ୍ର ଦେଉଥିବା ସହାୟତାକୁ ମଧ ବଣ୍ଟନ କରିବାରେ ରାଜ୍ୟ ସରକାର ବିଳମ୍ବ କରିବା ଦୁଃଖର ବିଷୟ । ଡାଲି ଓ କିରୋସନ ବଣ୍ଟନରେ ବିଳମ୍ବର ରହସ୍ୟ କ'ଣ ରହିଛି ବୋଲି ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ବିଳମ୍ବ ନ କରି ରାଜ୍ୟ ସରକାର ଏହା ତୁରନ୍ତ ବିତରଣ କରନ୍ତୁ ବୋଲି ଦାବି କରିଛନ୍ତି ।

# କୋଏମ୍ବାଟୁରରୁ ଆସିଲେ ୨୨୩ ପ୍ରବାସୀ

**ରାୟଗଡ଼ା ଅଫିସ,୨୪।୫**

ତାମିଲନାଡୁର କୋଏମ୍ବାଟୁରରୁ ସ୍ୱତନ୍ତ୍ର ଶ୍ରମିକ ରେଳରେ ୨୨୩ ପ୍ରବାସୀ ଶ୍ରମିକ ରାୟଗଡ଼ାରେ ରବିବାର ପହଞ୍ଚିଛନ୍ତି। ସେଥିରେ ଗଜପତିରୁ ୧୯ଜଣ, ରାୟଗଡ଼ାର ୧୫୪ଜଣ, କୋରାପୁଟର ଜଣେ, ନବରଙ୍ଗପୁରରୁ ଜଣେ, କନ୍ଧମାଳରୁ ୪୦ଜଣ ଓ ମାଲକାନଗିରି ଜିଲାରୁ ୮ଜଣ ଆସିଛନ୍ତି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା, ଅତିରକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା,ପିଡି ଡିଆର୍‌ଡିଏ ଅମ୍ରିତ ଋତୁରାଜ,ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରବାସୀ ଶ୍ରମିକମାନଙ୍କୁ ସ୍ୱାଗତ କରିଥିଲେ। ସେମାନଙ୍କୁ ରେଳ ଷ୍ଟେଶନରେ ପଞ୍ଜୀକରଣ କରିବା ସହିତ ସେମାନଙ୍କ ହାତରେ ସିଲ୍ ମରାଯାଇ ଖାଦ୍ୟପୁଡ଼ିଆ ଦିଆଯାଇ ସମ୍ପୃକ୍ତ ଜିଲା ଅଧିକାରୀମାନଙ୍କୁ ହସ୍ତାନ୍ତର କରାଯାଇଥିଲା । ସେମାନେ ନିଜ ଗାଡ଼ିରେ ପ୍ରବାସୀ ଶ୍ରମିକମାନଙ୍କୁ ନେଇଯାଇଥିଲେ । ସେହିପରି ରାୟଗଡ଼ା ଜିଲାର ରାୟଗଡ଼ା ବ୍ଲକର ୩୭,ଗୁଣପୁର ବ୍ଲକର ୨୬ ଏବଂ ମୁନିଗୁଡ଼ା ବ୍ଲକର ୪, ପଦ୍ମପୁର ବ୍ଲକର ଜଣେ , ଗୁଡାରି ବ୍ଲକର ୪, ଚନ୍ଦ୍ରପୁର ବ୍ଲକର ୫, କାଶୀପୁର ବ୍ଲକର ୯, କଲ୍ୟାଣସିଂହପୁରର ୧୫ ସର୍ବମୋଟ ୧୫୪ଜଣ ଶ୍ରମିକଙ୍କୁ ସମ୍ପୃକ୍ତ ବିଡିଓମାନଙ୍କୁ ହସ୍ତାନ୍ତର କରାଯାଇଥିଲ।

# ବଜ୍ରପାତରେ ଜଣେ ମୃତ, ୨ ଆହତ

**ପଟାଙ୍ଗି,୨୪।୫(ଡି.ଏନ.ଏ.)**

କୋରାପୁଟ ଜିଲା ପଟାଙ୍ଗି ଥାନା ଅନ୍ତର୍ଗତ ତଥା ସେମିଳିଗୁଡା ବ୍ଲକ ଅଧୀନ ସାଡାମ ପଞ୍ଚାୟତ ର ଜଙ୍ଗରଡା ଗ୍ରାମରେ ରବିବାର ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଛି। ତାଙ୍କ ନାମ ତ୍ରିନାଥ ହନ୍ତାଳ। ୨ଜଣ ଆହତ ହୋଇ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧୀନ ଅଛନ୍ତି। ଉକ୍ତ ଗ୍ରାମର ତ୍ରିନାଥ, ଶୋଭା ହନ୍ତାଳ ଓ ବିଶୁ ଖରା ଗ୍ରାମ ନିକଟସ୍ଥ ପାହାଡ଼କୁ କୌଣସି କାମରେ ଯାଇ ଘରକୁ ଫେରୁଥିବା ବେଳେ ହଠାତ ଘଡଘଡି ସହ ପବନ ହୋଇଥିଲା। ଏହି ସମୟରେ ବଜ୍ରପାତ ହେବାରୁ ଘଟଣା ସ୍ଥଳରେ ତ୍ରିନାଥଙ୍କ ମୃତ୍ୟୁ ହୋଇଥିଲା। ଶୋଭା ଓ ବିଶୁ ଗୁରୁତର ଆହତ ହୋଇଥିଲେ। ତ୍ରିନାଥଙ୍କ ସମ୍ପର୍କୀୟ ସୁବାସ ହନ୍ତାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏଏସଆଇ ମଧୁ ନାୟକ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରଛନ୍ତି।

# ନିୟମ ନ ମାନିବାରୁ ୬ ଦୋକାନ ସିଲ୍

**ଚିତ୍ରକୋଣ୍ଡା,୨୪।୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଦୈନିକ ବଜାରରେ ରବିବାର ୬ଟି ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ବାରମ୍ବାର ସଚେତନ ପରେ ସମ୍ପୃକ୍ତ ଦୋକାନଗୁଡିକର ବ୍ୟବସାୟୀମାନେ କରୋନା ନିୟମ ମାନିନାହାନ୍ତି। ସେମାନଙ୍କ ଦୋକାନ ସମ୍ମୁଖରେ ସାମାଜିକ ଦୂରତା ରକ୍ଷା ନ କରି ଗହଳି କରି ବ୍ୟବସାୟ କରୁଥିବାରୁ ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସ୍ୱାଇଁଙ୍କ ନେତୃତ୍ୱରେ ବଜାରରେ ଯାଞ୍ଚ ବେଳେ ଧରାପଡ଼ିଥିଲା। ଫଳରେ ସମ୍ପୃକ୍ତ ଦୋକାନଗୁଡ଼ିକ ଉପରେ ଚଢ଼ାଉକରି ସିଲ୍ କରାଯାଇଥିଲା। ପରେ ଏହି ଟିମ୍ ସାପ୍ତାହିକ ହାଟ, କଲୋନୀ ଅଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ କରୋନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ।



ପ୍ରଶାସନ ପକ୍ଷରୁ ଦୋକାନକୁ ସିଲ୍ କରାଯାଇଛି ।

# ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀଙ୍କ ଧାରଣା

**ପାରଳାଖେମୁଣ୍ଡି,୨୪।୫(ସ୍ୱ.ପ୍ର.)**

- ସ୍ୱାବ୍ ସଂଗ୍ରହ ଦାବି
- ବିଡିଓ,ତହସିଲଦାରଙ୍କ ସହ ଆଲୋଚନା ପରେ ପ୍ରତ୍ୟାହୃତ

ଗଜପତି ଜିଲା ଗୋଷାଣୀ ବ୍ଲକ ବାଘଶଳାଠାରେ ଥିବା ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରହିଥିବା ପ୍ରବାସୀମାନେ ସ୍ୱାବ୍ ସଂଗ୍ରହ ଦାବି କରି ରବିବାର ଧାରଣା ଦେଇଥିଲେ। ପ୍ରବାସୀମାନେ ଅଭିଯୋଗ କରିଥିଲେ ଯେ, ବାଘଶଳା ଆର୍‌ସିଡି ବାଳିକା ହାଇସ୍କୁଲ ପରିସରରେ ପ୍ରଶାସନ ଦ୍ୱାରା ଖୋଲାଯାଇଥିବା ସଙ୍ଗରୋଧ କେନ୍ଦ୍ରରେ ୮୦ଜଣ ପ୍ରବାସୀ ଗତ ୧୬ ଦିନ ହେଲା ରହି ଆସୁଛୁ। ରହିବା ଦିନଠାରୁ ସେମାନଙ୍କ ସ୍ୱାବ୍ ସଂଗ୍ରହ ହେବ ଏବଂ ଏହାଦ୍ୱାରା କରୋନା ସଂକ୍ରମଣ ଚିହ୍ନଟ ହେବ ବୋଲି ସଙ୍ଗରୋଧ କେନ୍ଦ୍ରରେ କୁହାଯାଉଥିଲା । ତେବେ ଆଉ ୫ଦିନ ପରେ ୨୧ ଦିନ ପୂରଣ ହେବ । ଆମ୍ଭମାନଙ୍କୁ ନିଜ ଘରକୁ ପଠାଇ ଦିଆଯିବ । ହେଲେ ଏ ପର୍ଯ୍ୟନ୍ତ ସ୍ୱାବ୍ ସଂଗ୍ରହ କରାଯାଇ ନାହିଁ। ତେଣୁ ଆମ୍ଭେମାନେ ଏଠାରେ ଏତେଦିନ ରହି ସୁଦ୍ଧା କରୋନା ସଂକ୍ରମଣ ହୋଇଛି କି ନାହିଁ ତାହା ସ୍ପଷ୍ଟ କରାଗଲା ନାହିଁ । ତେଣୁ ସ୍ୱାବ୍ ସଂଗ୍ରହ ପାଇଁ ଦାବିକରି ସଙ୍ଗରୋଧ କେନ୍ଦ୍ର ପରିସରରେ ଅନଶନ ସହ ଧାରଣା ଦେଉଛୁ । ସ୍ୱାବ୍ ସଂଗ୍ରହ ନ କରିବା ପର୍ଯ୍ୟନ୍ତ କୌଣସି ଖାଦ୍ୟପେୟ ଗ୍ରହଣ କରିବୁ ନାହିଁ ବୋଲି କହିଥିଲେ। ଗୋଷାଣୀ ବିଡିଓ କିଶୋର ଚନ୍ଦ୍ର ଦାସ ଓ ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ପହଞ୍ଚି ପ୍ରବାସୀଙ୍କୁ ଧାରଣାରୁ ନିବୃତ୍ତ ହେବାକୁ କହିବା ସହ ସ୍ୱାସ୍ଥ୍ୟ ବିଭାଗର ସ୍ୱାବ୍ ସଂଗ୍ରହ ନିୟମ ବୁଝାଇଥିଲେ । ଆବଶ୍ୟକ ଅନୁଧାନ ପରେ ଏଠାରେ କେବଳ ଲକ୍ଷଣ ଥିବା ଲୋକଙ୍କଠାରୁ ହିଁ ସ୍ୱାବ୍‌ସଂଗ୍ରହ କରାଯିବ ବୋଲି ବୁଝାଇଥିଲେ । ଏହାପରେ ପ୍ରବାସୀମାନେ ଧାରଣା ପ୍ରତ୍ୟାହାରକରି ମଧାହ୍ନଭୋଜନ ଗ୍ରହଣ କରିଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ



ତହସିଲଦାର ଜବତ କରିଥିବା ଟ୍ରାକ୍ଟର ।

**ଗୁଣପୁର,୨୪।୫(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ତହସିଲଦାର ରବିବାର ଚଢାଉ କରି ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ଗାଦିଆଖଳା ପଞ୍ଚାୟତର ତର୍କାନିଗୁଡା ଅଞ୍ଚଳରୁ ବେଆଇନ ଭାବେ ବାଲିଚାଲାଣ ହେଉଥିବା ଖବର ପାଇଁ ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ ଘଟଣା ସ୍ଥଳରେ ପହଞ୍ଚି ଗାଡିର କାଗଜପତ୍ର ଯାଞ୍ଚ କରିବାକୁ ମାଗିଥିଲେ। ମାତ୍ର ଚାଳକ କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। କୌଣସି କାଗଜପତ୍ର ନ ଥାଇ ବାଲିଚାଲାଣ ହେଉଥିବା ଜାଣି ସାବତ୍ ଗାଡିକୁ ଜବତ କରିଥିଲେ। ଗାଡି ମାଲିକ ଦୟାନିଧି ବାରିକଙ୍କୁ ତହସିଲ ଅଫିସ ଡକାଇ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି ମାଲିକ ଜରିମାନା ନ ଦିଅନ୍ତି ତେବେ ଗାଡିକୁ ଥାନାକୁ ପଠାଯିବ ବୋଲି ତହସିଲଦାର ସାବତ କହିଛନ୍ତି।

# ବିଜେଡିର ସାଙ୍ଗଠନିକ ବୈଠକ

**ଜୟପୁର,୨୪।୫ (ଡି.ଏନ.ଏ )**

କୋରାପୁଟ ଜିଲା ସଦର ମହକୁମା ସର୍କିଟ ହାଉସଠାରେ ରବିବାର ବିଜେଡି ପକ୍ଷରୁ ଜିଲାର ୫ଟି ନିର୍ବାଚନ ମଣ୍ଡଳୀର ଦଳୀୟ ସାଙ୍ଗଠନିକ ସ୍ଥିତିକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଦଳର ରାଜ୍ୟ ସଙ୍ଗଠନର ସାଧାରଣ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ ଏବଂ ପର୍ଯ୍ୟବେକ୍ଷକ ଚନ୍ଦ୍ରସାରଥୀ ବେହେରା ଯୋଗ ଦେଇଥିଲେ । ପ୍ରଥମେ ଲକ୍ଷ୍ମୀପୁର, ପଟାଙ୍ଗି, ଜୟପୁର, କୋଟପାଡ, ପଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀର ସାଙ୍ଗଠନିକ ସ୍ଥିତି ନେଇ ଆଲୋଚନା ହୋଇଥିଲା। ମୁଖ୍ୟତଃ ଜୟପୁର ନିର୍ବାଚନ ମଣ୍ଡଳୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ଦଳର କେତେକ ବରିଷ୍ଠ ନେତା ଦାୟିତ୍ୱରେ ରହିଥିବା କର୍ମକର୍ତ୍ତା ସେମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ । ସମସ୍ତଙ୍କ ମତାମତ ଶୁଣି ଦଳ ଭିତିରେ ଅର୍ନ୍ତକଳହକୁ ବରଦାସ୍ତ କରାଯିବ ନାହିଁ । ଦଳ ବିରୋଧୀ କାର୍ଯ୍ୟ ଓ ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାଧାରଣ ସମ୍ପାଦକ ଦାସ କହିଥିଲେ । ଜୟପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ କାର୍ଯ୍ୟ ଠିକ୍ ଚାଲିଥିବା ଏବଂ ପ୍ରତ୍ୟେକ ମାସର ବୈଠକରେ ଆମେ ଦୁହେଁ ଉପସ୍ଥିତ ରହିବୁ ବୋଲି ସାଧାରଣ ସଂପାଦକ ଦାସ ଏବଂ ପର୍ଯ୍ୟବେକ୍ଷକ ବେହେରା କହିଥିଲେ । ନିର୍ବାଚନ ମଣ୍ଡଳୀର ସାଙ୍ଗଠନିକ ଦାୟିତ୍ୱରେ ଥିବା ଡା. ଇନ୍ଦିରା ନନ୍ଦଙ୍କୁ ଅନ୍ୟ ବରିଷ୍ଠ ସଦସ୍ୟ ଏବଂ କର୍ମୀ ସହାୟତା କରିବାକୁ ସେମାନେ ନିର୍ଦ୍ଦେଶ ଦେଇ ଅନ୍ୟ କର୍ମକର୍ତ୍ତାଙ୍କୁ ତାଗିଦ କରିଥିଲେ। ଲକ୍ଷ୍ମୀପୁର, ପଟାଙ୍ଗି, କୋଟପାଡ, ପଟାଙ୍ଗି ନିର୍ବାଚନ ମଣ୍ଡଳୀ ସମ୍ପର୍କରେ ମଧ ବୈଠକରେ ଆଲୋଚନା ହୋଇଥିଲା। ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ, ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ବିଧାୟକ ପ୍ରିତମ ପାଢୀ, ପ୍ରଭୁ ଜାନି, ରଘୁରାମ ପଡାଲ, ଦୁର୍ଗା ପ୍ରସାଦ ମିଶ୍ର, ବାଲା ରାୟ, ସନ୍ତୋଷ ମିଶ୍ର, ସୂର୍ଯ୍ୟ ନାରାୟଣ ରଥ, ଅନୁପ ପାତ୍ର, ରମାକାନ୍ତ ରାଉଳ, ରାଜେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୩୦ ସେବାୟତଙ୍କୁ ନେଇ ହେବ ଦେବସ୍ନାନ ନୀତି

**ଜୟପୁର,୨୪।୫ (ଡି.ଏନ୍.ଏ./ନି.ପ୍ର.)**

**ଦେବୋତ୍ତର ବିଭାଗ ବୈଠକରେ ନିଷ୍ପତ୍ତି**



ତହସିଲଦାର ଅଶ୍ୱିନୀ କୁମାର ମହାପାତ୍ରଙ୍କ ସହ କମିଟି ସଦସ୍ୟମାନେ ଆଲୋଚନା କରୁଛନ୍ତି।

କରୋନା ଯୋଗୁ ଚଳିତବର୍ଷ ରଥଯାତ୍ରା ନେଇ ଅନିଶ୍ଚିତତା ଲାଗି ରହିଛି। ତେବେ ରଥଯାତ୍ରା ହେବ କି ନାହିଁ ସେନେଇ ସରକାର ନିଷ୍ପତ୍ତି ନେବେ। ତେବେ ରୀତିନୀତି ଅନୁସାରେ ରଥ ନିର୍ମାଣ ପାଇଁ ଜୟପୁର ଦେବୋତ୍ତର ବିଭାଗ ରବିବାର ନିଷ୍ପତ୍ତି ନେଇଛି। ଉପଦେଷ୍ଟାଙ୍କ ସମେତ ଅନ୍ୟମାନଙ୍କୁ ନେଇ ହୋଇଥିବା ବୈଠକରେ ଏନେଇ ଆଲୋଚନା ହୋଇଥିଲା । ରଥଯାତ୍ରା ହେଉ କି ନ ହେଉ ମାତ୍ର ଠାକୁରଙ୍କ ନୀତି ବଜାୟ ରଖିବା ଲାଗି ସମସ୍ତ ସଦସ୍ୟ ମତ ଦେଇଥିଲେ। ଫଳରେ ଆସନ୍ତା ରଥଯାତ୍ରା ପାଇଁ ରଥ ନିର୍ମାଣ କରାଯିବାକୁ ତହସିଲଦାର ଅଶ୍ୱିନୀ କୁମାର ମହାପାତ୍ର ସହମତି ଦେଇଥିଲେ। ଦେବସ୍ନାନ ପୂର୍ଣ୍ଣିମା ଅବସରରେ ତିନିଠାକୁରଙ୍କ ମହାସ୍ନାନ ନୀତି ସମ୍ପର୍କରେ ଆଲୋଚନା ହୋଇ ଏଥିରେ ତିନିଠାକୁରଙ୍କ ପହଣ୍ଡି ସାମନ୍ତରା ସାହି ଏବଂ ହେମଗିରି ସାହିର କେବଳ ୩୦ ଜଣ ସେବାୟତଙ୍କ ଦ୍ୱାରା ସାମାଜିକ ଦୂରତା ଏବଂ ମାସ୍କ ପିନ୍ଧି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରତ୍ୟେକ ମାସରେ ଉପଦେଷ୍ଟା କମିଟିର ବୈଠକ ବସିବାକୁ ମଧ ନିଷ୍ପତ୍ତି ହୋଇଛି। ସେହିପରି ମନ୍ଦିରର ସମ୍ପତ୍ତି ଏବଂ ବିଭିନ୍ନ ଭଡ଼ାଗୃହର ବକେୟା ଆଦାୟ, ମରାମତି ନେଇ ଆଗାମୀ ବୈଠକରେ ଆଲୋଚନା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଜୟପୁର ଦେବୋତ୍ତର ବିଭାଗ ପାଇଁ ରାଜ୍ୟ ସରକାରଙ୍କ ଏଣ୍ଡାଓମେଣ୍ଟ କମିଶନର ୧୩ ଜଣ ଉପଦେଷ୍ଟା ମନୋନୀତ କରିଥିଲେ। ସେମାନଙ୍କୁ ନେଇ ରବିବାର ପ୍ରଥମ ବୈଠକ ହୋଇଥିଲା। ଏହି ଅବସରରେ ବରିଷ୍ଠ ସଦସ୍ୟ ଲାଲମୋହନ ମିଶ୍ରଙ୍କୁ ଉପଦେଷ୍ଟା ମଣ୍ଡଳୀର ସଭାପତି ଭାବେ ଚୟନ କରାଯାଇଥିଲା। ଆଗାମୀ ଦିନରେ ସୁଚାରୁରୂପେ କାର୍ଯ୍ୟ ସମ୍ପନ୍ନ ପାଇଁ ମଧ ୩ଟି ସବ୍‌କମିଟି ଗଠନ କରାଯାଇଛି। ବୈଠକରେ ଥାନା ଅଧିକାରୀ ବାଲେଶ୍ୱର ଗିଧି, ପୂର୍ବତନ ସଭାପତି ନରେନ୍ଦ୍ରନାଥ ନାୟକ, ଶିବପ୍ରସାଦ ପ୍ରହରାଜ, ଦିନେଶ ନନ୍ଦ, ଅରୁଣ ଭଞ୍ଜମିଶ୍ର, ନାନାଜୀ ଆଚାରୀ, ରଙ୍ଗନାଥ ମିଶ୍ର, ପଦ୍ମନାଭ ହୋତା, ସୁପ୍ରିତ ପୂଜାରୀ, କେ.ଲକ୍ଷ୍ମଣ ରାଓ, ଉମାପ୍ରସାଦ ପାତ୍ର, ରାମ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଜୟପୁର ଦେବୋତ୍ତର ବିଭାଗର ସହରରେ ୨୦ଟି ଏବଂ ଗ୍ରାମାଞ୍ଚଳରେ ୧୪ ମନ୍ଦିର ରହିଛି ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ମେ ୨୫/୨୦୨୦ Monday, May 25/2020


## ସଂକ୍ଷେପରେ

### ହେଲ୍‌ଥ କେୟାର କ୍ଷେତ୍ରରେ ବୃହତ୍ ନିବେଶ ସମ୍ଭାବନା

**ନୂଆଦିଲ୍ଲୀ,୨୪।୫:** କୋଭିଡ୍-୧୯ ଯୋଗୁ ଭାରତୀୟ ଫାର୍ମାସ୍ୟୁଟିକାଲ ଶିଳ୍ପ ପାଇଁ ନୂଆ ସୁଯୋଗ ସୃଷ୍ଟି ହୋଇଛି। ଏ କ୍ଷେତ୍ରରେ ପ୍ରାୟ ୭୦ ହଜାର କୋଟି ଟଙ୍କାର ନିବେଶ ସମ୍ଭାବନା ଉପୁଜିଛି। ଭାରତ ବର୍ତ୍ତମାନ ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡିଭାଇସ ଶିଳ୍ପ ଉପରେ ଫୋକସ କରିଥିବା ଜଣାପଡିଛି। ଏହି କ୍ଷେତ୍ରରେ ବିଶେଷ ଯୋଗଦାନ ଦ୍ୱାରା ଭାରତ ଜାପାନ ସମେତ ଅନ୍ୟ ଦେଶରୁ ନିବେଶ ଆକୃଷ୍ଟ କରିବା ଲାଗି ଆଗଭର ହୋଇଛି। ନୂଆ ମାନୁଫାକ୍‌ଚରିଂ ଫାସିଲିଟି ସ୍ଥାପନ ହେଉ କିମ୍ବା ଯୌଥ ଉଦ୍ୟୋଗ ହେଉ ବିଭିନ୍ନ ପ୍ରସଙ୍ଗ ଉପରେ ଏବେ କାର୍ଯ୍ୟକ୍ରମ ଜାରି କରାଯାଉଥିବା ଶିଳ୍ପ ପ୍ରତିନିଧିମାନେ ମତବ୍ୟକ୍ତ କରିଛନ୍ତି। ଆଗାମୀ ୫ ବର୍ଷରେ ଭାରତରେ ଏଭଳି ନିବେଶ ହେବାର ବିଶେଷ ସୁଯୋଗ ରହିଛି।

### ରିଟେଲ୍ ସାମଗ୍ରୀର ହୋମ୍ ଡେଲିଭରି ଦେବ ଜିଓ ମାର୍ଟ

**ନୂଆଦିଲ୍ଲୀ,୨୪।୫:** ଦେଶର ପ୍ରମୁଖ ବାଣିଜ୍ୟିକ ଗ୍ରୁପ୍ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ତା'ର ରିଟେଲର୍ସ ସେବାକୁ ଅଧିକ ଲୋକାଭିମୁଖୀ କରିବାକୁ ମନ ବଳାଇଛି। କମ୍ପାନୀର ଡିଜିଟାଲ ପ୍ଲାଟ୍‌ଫର୍ମ ଜିଓ ସେବା ମାଧ୍ୟମରେ ଏହି ରିଟେଲର୍ସ (ଗ୍ରସେରି) ସେବାକୁ ଏକ ସ୍ୱତନ୍ତ୍ର ଆପ୍ 'ଜିଓ ମାର୍ଟ' ମାଧ୍ୟମରେ ଲୋକଙ୍କ ନିକଟତର ହେବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। କମ୍ପାନୀ ଗତ ୧ମାସ ତଳେ ରିଲାଏନ୍ସ ରିଟେଲର୍ସ ସେବାରେ ଏହି ଅତ୍ୟାଧୁନିକ ଆପ୍ 'ଜିଓ ମାର୍ଟ' ସେବାକୁ ଗ୍ରହଣ କରିଥିଲା। ଏହି ସେବାକୁ କମ୍ପାନୀ ପରୀକ୍ଷାମୂଳକ ଭାବରେ ମୁମ୍ବାଇ ସହରର ପ୍ରମୁଖ ଅଞ୍ଚଳ ନଭି ମୁମ୍ବାଇ, ଠାଣେ ଏବଂ କଲ୍ୟାଣ ଆଦି ସହରରେ ଆରମ୍ଭ କରିଥିଲା। କମ୍ପାନୀର ଏହି ପରୀକ୍ଷଣ ସଫଳ ହେବା ଫଳରେ ଏହାକୁ ସାରା ଦେଶରେ ଲାଗୁ କରିବା ପାଇଁ ରିଲାଏନ୍ସ ରିଟେଲର୍ସ'ର ସିଇଓ ଦାମ୍‌ଦର ମଲ୍ଲ ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

# ଉପୁଜିପାରେ ମାନ୍ଦାବସ୍ଥା ସ୍ଥିତି

**ନୂଆଦିଲ୍ଲୀ,୨୪।୫**



- ଜଟିଳ ହେଉଛି ବଜାର
- କଳକାରଖାନା ବନ୍ଦ, ବଢୁଛି ବେକାରି
- ଚାହିଦା ଶୀଘ୍ର ନ ଫେରିବାରୁ ଅସୁବିଧା
- ଠପ୍ ହୋଇ ପଡ଼ିଛି କାରବାର

କରୋନା ଭୂତାଣୁ ସାରା ବିଶ୍ୱର ଅର୍ଥ ବ୍ୟବସ୍ଥାର ଗତିକୁ ରୋକି ଦେଇଛି। ଭୂତାଣୁ ନିୟନ୍ତ୍ରଣ କରିବା ଲାଗି ହୋଇଥିବା ଲକ୍‌ଡାଉନ ଯୋଗୁ ଆର୍ଥିକ କାର୍ଯ୍ୟକଳାପ ବନ୍ଦ ହୋଇପଡିଛି। ଏହାର ପ୍ରଭାବ ଭାରତ ଉପରେ ପଡ଼ିଛି। ଭାରତ ବଜାର ଜଟିଳ ହେଉଥିବା ବଜାର ବିଶେଷଜ୍ଞ ଆଶଙ୍କା କରିଛନ୍ତି। ଭାରତ ବଜାର ଲାଗି ମାନ୍ଦାବସ୍ଥା ମାଡି ଆସୁଥିବା ଆଶଙ୍କା କରାଯାଇଛି। ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଭାରତ ମାନ୍ଦାବସ୍ଥାକୁ ଯାଇପାରେ। ଡନ୍ ଆଣ୍ଡ ବ୍ରାଡ୍‌ଷ୍ଟ୍ରିଟ ପକ୍ଷରୁ ହୋଇଥିବା ଆର୍ଥିକ ସମୀକ୍ଷାରେ ଏଭଳି ପୂର୍ବାନୁମାନ କରାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ, ବର୍ତ୍ତମାନ ଲୋକଙ୍କ ଆୟ କମିଛି। କରୋନା ପାଇଁ କଳକାରଖାନା ବନ୍ଦ ରହିବାରୁ ଅନେକ ଲୋକ ନିଯୁକ୍ତି ହରାଇଛନ୍ତି। ବୃହତ୍ ପରିମାଣର ଛଟେଇ ସାମ୍ନାକୁ ଆସିଛି। ବଜାର ଅବସ୍ଥା ବିଗିଡି ରହିଥିବାରୁ ଉପଭୋକ୍ତାମାନେ ପୂର୍ବ ତୁଳନାରେ ବର୍ତ୍ତମାନ ଅଧିକ ସତର୍କତା ଅବଲମ୍ବନ କରୁଛନ୍ତି। ବଜାରର ଏଭଳି ସ୍ଥିତି ଅଧିକ ସମୟ ଧରି ଲାଗି ରହିବ। ଖାଉଟି ଚାହିଦାରେ ସୁଧାର ଆସିବାକୁ ବହୁତ ସମୟ ଲାଗିବ। କରୋନା କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ସରକାର ୨୦ ଲକ୍ଷ କୋଟି ଟଙ୍କାର ପ୍ରୋତ୍ସାହନ ପ୍ୟାକେଜ ଘୋଷଣା କରିଛନ୍ତି। କେତେ ଶୀଘ୍ର ଏହା କାର୍ଯ୍ୟକାରୀ ହେଉଛି ତାହା ମଧ୍ୟ ଦେଖିବାକୁ ହେବ। ଏଭଳି ପ୍ରସଙ୍ଗଗୁଡିକ ବଜାରର ସ୍ଥିତିରେ ସୁଧାର ଆଣିବା ଦିଗରେ ଯୋଗଦାନ ରଖିବ ବୋଲି ଏଥିରେ କୁହାଯାଇଛି। ଅର୍ଥାତ୍ ମୋଟାମୋଟି ଭାବେ କହିବାକୁ ଗଲେ ଆଶ୍ୱସ୍ତି ପ୍ୟାକେଜ ବଜାର ଉପରେ କ'ଣ ପ୍ରଭାବ ପକାଉଛି ତାହା ଗୁରୁତ୍ୱପୂର୍ଣ୍ଣ।

ଡନ୍ ଆଣ୍ଡ ବ୍ରାଡ୍‌ଷ୍ଟ୍ରିଟ୍ ଇଣ୍ଡିଆର ମୁଖ୍ୟ ଅର୍ଥନୀତିଜ୍ଞ ଅରୁଣ ସିଂ କହିଛନ୍ତି ଯେ, ଭାରତ ପାଇଁ ଆସିଥିବା ପ୍ରୋତ୍ସାହନ ପ୍ୟାକେଜ ମୁଖ୍ୟତଃ ୩ଟି ପ୍ରସଙ୍ଗ ଉପରେ ନିର୍ଭରକରେ। ଲକ୍‌ଡାଉନ ହଟାଇବା ଅବଧି, ପ୍ୟାକେଜର କାର୍ଯ୍ୟାନ୍ୱୟନ କ୍ଷମତା ଏବଂ ଏଥିରେ ଲାଗୁଥିବା ସମୟ ପ୍ରମୁଖ ଭୂମିକା ଗ୍ରହଣ କରିବ। ରିପୋର୍ଟରେ କୁହାଯାଇଛି, ପ୍ୟାକେଜରେ ସରକାର କରିଥିବା ଘୋଷଣା ଦ୍ୱାରା ଭାରତରେ ଆର୍ଥିକ କାର୍ଯ୍ୟକଳାପ ପୁଣି ଆରମ୍ଭ କରିବା ଲାଗି ସହାୟକ ହେବ। ସେହିଭଳି ରିଜର୍ଭ ବ୍ୟାଙ୍କର ରେପୋ ହ୍ରାସ ମୋରାଟୋରିୟମ ସମୟ ବୃଦ୍ଧି ଅର୍ଥ ବ୍ୟବସ୍ଥା ଲାଗି ଲାଭକାରୀ ହେବ। ସିଂ କହିଛନ୍ତି, ସରକାରଙ୍କ ବିଭିନ୍ନ ଘୋଷଣା ସକାରାତ୍ମକ। ହେଲେ ଭାରତ ବଜାର ଲାଗି ଚାହିଦା ବଢ଼ାଇବାର ବିଶେଷ ଆବଶ୍ୟକତା ରହିଛି।

# ଶ୍ରମ ଆଇନ ସମ୍ପୂର୍ଣ୍ଣ ଉଚ୍ଛେଦ ହେବନି: ରାଜୀବ କୁମାର

**ନୂଆଦିଲ୍ଲୀ, ୨୪।୫:** ବିଭିନ୍ନ ରାଜ୍ୟ ଦ୍ୱାରା ଶ୍ରମ ଆଇନରେ କରାଯାଉଥିବା ପରିବର୍ତ୍ତନକୁ ନେଇ ଚିନ୍ତା ପ୍ରକଟ ହେଉଛି। ଏହି ପ୍ରସଙ୍ଗ ଉପରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ସରକାର ଶ୍ରମିକଙ୍କ ହିତକୁ ବର୍ତ୍ତମାନ ପ୍ରାଥମିକତା ଦେଉଛନ୍ତି। ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ। ଏ କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟାକୁ ଗୁରୁତ୍ୱ ଦିଆଯାଉଛି। ଶ୍ରମ ଆଇନକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବ ନାହିଁ। ଗୁଜରାଟ ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟ ଏହି ଆଇନରେ ସଂଶୋଧନ କରିଛନ୍ତି କିମ୍ବା ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଇଛନ୍ତି। କରୋନା ଭାଇରସ୍ ଦ୍ୱାରା କ୍ଷତିଗ୍ରସ୍ତ ଦେଶର ଶିଳ୍ପଜଗତକୁ ସହାୟତା କରିବା ଲାଗି ଏଭଳି ବ୍ୟବସ୍ଥା ହେଉଛି। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଏ ନେଇ ନିଜର ପକ୍ଷ ରଖିବାକୁ ପ୍ରସ୍ତୁତ ହେଉଛି। ମନ୍ତ୍ରଣାଳୟ ଏ ନେଇ ରାଜ୍ୟଗୁଡ଼ିକୁ ପରାମର୍ଶ ଦେବ। ରାଜ୍ୟଗୁଡିକ ଏହି ଆଇନକୁ ଉଚ୍ଛେଦ କରିପାରିବେ ନାହିଁ। କାରଣ ଏହାକୁ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ନିୟମ ଆଧାରରେ ପ୍ରସ୍ତୁତ କରାଯାଇଛି ବୋଲି କୁମାର ମତବ୍ୟକ୍ତ କରିଛନ୍ତି।

**ସଂସ୍କାରକୁ ସରକାରଙ୍କ ଗୁରୁତ୍ୱ**



# ୩୦ ବିଲିୟନ ଡଲାର ବଢ଼ିଲା ଜୁକରବର୍ଗଙ୍କ ସମ୍ପତ୍ତି



**ନୂଆଦିଲ୍ଲୀ,୨୪।୫:** ଗତ କିଛିଦିନ ତଳେ ଫେସ୍‌ବୁକ୍‌ର ମାର୍କ ଜୁକରବର୍ଗ ବେଶ୍ ଚର୍ଚ୍ଚାରେ ରହିଥିଲେ। ମୁକେଶ ଅମ୍ବାନୀଙ୍କ ଜିଓ ପ୍ଲାଟ୍‌ଫର୍ମରେ ୪୪ ହଜାର କୋଟି ଟଙ୍କା ନିବେଶ ଦ୍ୱାରା ସେ ୧୦% ଅଂଶଧନ ହାସଲ କରିଛନ୍ତି। ବ୍ଲୁମ୍‌ବର୍ଗର ଏକ ରିପୋର୍ଟ ମୁତାବକ ଗତ ୨ ମାସରେ ଜୁକରବର୍ଗଙ୍କ ସମ୍ପତ୍ତି ଗତ ୨ ମାସରେ ୩୦ ବିଲିୟନ ଡଲାର ବଢ଼ିଛି। ଫଳରେ ତାଙ୍କ ସମ୍ପତ୍ତି ପ୍ରାୟ ୮୭.୫ ବିଲିୟନ ଡଲାର ଛୁଇଁଛି। ମାର୍ଚ୍ଚ ମଧ୍ୟଭାଗରେ ତାଙ୍କ ସମ୍ପତ୍ତି ୫୭.୫ ବିଲିୟନ ଡଲାର ରହିଥିଲା। ଏଭଳି ସମ୍ପତ୍ତି ବଢ଼ିବା ଯୋଗୁ ସଦ୍ୟତମ ର୍‍ୟାଙ୍କିଙ୍ଗ୍ ମୁତାବକ ସେ ବିଶ୍ୱର ୩ ନମ୍ବର ସବୁଠାରୁ ଅଧିକ ଧନଶାଳୀ ବ୍ୟକ୍ତି ଭାବେ ବିବେଚିତ ହୋଇଛନ୍ତି। ୱର୍କସାୟାର ହାଥାୱେର ଚେୟାରମ୍ୟାନ ୱାରେନ ବଫେଟଙ୍କୁ ସେ ବର୍ତ୍ତମାନ ପଛରେ ପକାଇ ଦେଇଛନ୍ତି। ଏକ ଗଣମାଧ୍ୟମ ରିପୋର୍ଟ ମୁତାବକ ଫେସ୍‌ବୁକ୍ ବର୍ତ୍ତମାନ ନିଜର ଅନ୍‌ଲାଇନ ଶପିଂ ଫିଚର ଶପ୍‌ସର ଶୁଭାରମ୍ଭ କରିଛି। ଏହା ଯୋଗୁ କମ୍ପାନୀର ଶେୟାର ଉଚ୍ଚ ସ୍ତରରେ ପହଞ୍ଚିଛି। ଫେସ୍‌ବୁକର ଗୋଟିଏ ଶେୟାର ମୂଲ୍ୟ ୨୩୦ ଡଲାରରେ ପହଞ୍ଚିଛି। ବର୍ତ୍ତମାନ ୱାର୍କଫ୍ରମ ହୋମ୍ ଚାହିଦା ବଢ଼ିଛି। ଫଳରେ ଲୋକଙ୍କ ମଧ୍ୟରେ ଭିଡିଓ କଲିଂ ଆପ୍ ଜୁମ୍ ଲୋକପ୍ରିୟ ହୋଇଛି। ଜୁମ୍‌କୁ ଟକ୍କରଦେବା ଲାଗି କମ୍ପାନୀ ନିକଟରେ ମେସେଞ୍ଜର ରୁମ୍‌ସ ଫିଚର ଆଣିଛି। ଏହାଦ୍ୱାରା ୫୦ ଲୋକ ଭିଡିଓକଲିଂର ସୁବିଧା ପାଇପାରିବେ।

# କୋଭିଡ୍ ଲାଗି ବଦଳୁଛି କାମର ତରିକା

**ନୂଆଦିଲ୍ଲୀ,୨୪।୫**




**ୱାର୍କ ଫ୍ରମ ହୋମ ଚାକିରି ଲାଗି ଅଧିକ ଲୋକ ସର୍ଚ୍ଚ କରୁଛନ୍ତି**

କରୋନା ଯୋଗୁ ସାରା ଦେଶ ଲକ୍‌ଡାଉନ ହେବା ପରେ ବର୍ତ୍ତମାନ ଲୋକଙ୍କୁ ଘରୁ କାମ(ୱାର୍କ ଫ୍ରମ୍ ହୋମ୍) କରିବାକୁ ପଡୁଛି। ଅସୁବିଧା ପାଇଁ ଏଭଳି କରିବାକୁ ପଡୁଥିବା ବେଳେ ଏହା ଧୀରେ ଧୀରେ ଟ୍ରେଣ୍ଡରେ ପରିବର୍ତ୍ତନ ହେବା ଭଳି ଦେଖାଗଲାଣି। ବର୍ତ୍ତମାନ ସ୍ଥିତିରେ ସୁଧାର ଆସୁ ନ ଥିବା ଯୋଗୁ ଲୋକଙ୍କୁ ଅଧିକ ସମୟ ଯାଏ ଘରୁ ହିଁ କାମ କରିବାକୁ ପଡିବ। ପ୍ରମୁଖ ଆଇଟି ସେବା ଯୋଗାଉଥିବା କମ୍ପାନୀଗୁଡିକ ଲୋକଙ୍କୁ ଘରୁ କାମ କରିବା ଲାଗି ସୁବିଧା ପ୍ରଦାନ କରିଛନ୍ତି। ଏହାଦ୍ୱାରା ବୁଝାପଡୁଛି ଯେ, ମହାମାରୀ ଲୋକଙ୍କ କାମ କରିବା ତରିକାକୁ ପରିବର୍ତ୍ତନ କରିଛି। ଏଭଳି ସ୍ଥିତିରେ ଏକ ରୋଚକ ରିପୋର୍ଟ ସାମ୍ନାକୁ ଆସିଛି। ଦୂରରେ ରହି ଅଫିସ କାମ ବା ରିମୋଟ୍ ୱାର୍କ ସମ୍ପର୍କିତ ଚାକିରି ଲାଗି ଫେବୃୟାରୀରୁ ମେ ମଧ୍ୟ ସର୍ଚ୍ଚ ପ୍ରାୟ ୩୭୭% ବଢ଼ିଛି। ରିମୋଟ୍ କାମ କରିବା ଲାଗି ଅଧିକ ପସନ୍ଦ କରୁଥିବା ଦେଖାଯାଇଛି। ଜବ୍ ସାଇଟ ଇଣ୍ଡିଡ୍ ରିପୋର୍ଟ ମୁତାବକ ସର୍ଚ୍ଚ ସମୟରେ ଲୋକମାନେ ରିମୋଟ୍, ୱାର୍କଫ୍ରମ୍ ହୋମ୍ ଏଭଳି ଅନ୍ୟ ଶବ୍ଦଗୁଡିକ ବ୍ୟବହାର କରୁଥିବା ଦେଖାଯାଉଛି। ୱାର୍କ ଫ୍ରମ୍ ହୋମ୍ ଲାଗି ନିଯୁକ୍ତିରେ ଏହି ସମୟରେ ୧୬୮% ବୃଦ୍ଧି ହୋଇଥିବା ଜଣାପଡିଛି। ଇଣ୍ଡିଡ ଇଣ୍ଡିଆ ଏମ୍‌ଡି ଶଶୀ କୁମାର କହିଛନ୍ତି ଯେ, ରିମୋଟ୍ କାର୍ଯ୍ୟ ଏବେ ବଢୁଥିବା ବେଳେ ଏହି ଧାରା ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଚାକିରି ଖୋଜୁଥିବା ୮୩% ଲୋକ ରିମୋଟ୍ ୱାର୍କ ନୀତିକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରୁଛନ୍ତି।

## ଖେଳ ଖବର

### ୧୭ ବର୍ଷରୁ କମ୍ ବାଳିକା ଖେଳାଳିମାନେ ପଡ଼ିଆକୁ ଫେରିବାକୁ ବ୍ୟଗ୍ର

**ନୂଆଦିଲ୍ଲୀ, ୨୪।୫:** କୋଭିଡ-୧୯ଜନିତ ଲକ୍‌ଡାଉନ୍ କଟକଣା ଉଠିଲେ ୧୭ ବର୍ଷରୁ କମ୍ ବାଳିକା ଖେଳାଳିମାନେ ପଡ଼ିଆକୁ ଫେରିବାକୁ ବ୍ୟଗ୍ରଥିବା ଅନୁଭବ କରୁଛନ୍ତି ମୁଖ୍ୟ କୋଚ୍ ଟୋମାସ ଡେନର୍ବି। ଫୁଟବଲ ସେମାନଙ୍କ ଜୀବନ। ତେଣୁ ସେମାନେ ପୁଣି ଏହି ଗେମ୍ ଖେଳିବାକୁ ଚାହୁଁଛନ୍ତି ବୋଲି ଡେନର୍ବି ପ୍ରକାଶ କରିଛନ୍ତି। ''ଖେଳାଳିମାନେ ଏପରି ସ୍ଥିତିରେ ଅଛନ୍ତି ଯେଉଁଠାରୁ କି ସେମାନେ ଉପରକୁ ଉଠିବାର ସ୍ୱପ୍ନ ଦେଖୁଛନ୍ତି। ସେମାନଙ୍କ ପାଇଁ ଟ୍ରେନିଂ ରୁଟିନ ପ୍ରସ୍ତୁତ ହୋଇଛି। ଏହା ସହାୟତାରେ ଖେଳାଳିମାନେ ଫିଜିକାଲ ଫିଟ୍‌ନେସ ବଜାୟ ରଖିବା ସହ ପଡ଼ିଆରେ ଭଲ ପ୍ରଦର୍ଶନ କରି ପାରିବେ। ତେଣୁ ସେମାନେ ଶୀଘ୍ର ଫୁଟବଲ ପଡ଼ିଆକୁ ଫେରିବାକୁ ବ୍ୟଗ୍ର'' ବୋଲି ୬୦ ବର୍ଷୀୟ ଡେନର୍ବି କହିଛନ୍ତି। ୧୭ ବର୍ଷରୁ କମ୍ ମହିଳା ଦଳର କ୍ୟାମ୍ପ ଗୋଆରେ ଅନୁଷ୍ଠିତ ହୋଇଥିଲା। ଗତ ଫେବୃୟାରୀରେ ଟ୍ରେନିଂରେ ବ୍ରେକ୍ ଦିଆଯାଇ ସେମାନଙ୍କୁ ପରିବାରବର୍ଗଙ୍କ ସହ ମିଶିବାକୁ ଛଡ଼ା ଯାଇଥିଲା। ମାତ୍ର ଏହାପରେ ଲକ୍‌ଡାଉନ୍ ଆରମ୍ଭ ହୋଇଯିବାରୁ ସେମାନେ ନିଜନିଜ ଘରେ ରହି ଯାଇଛନ୍ତି।

### ଖେଲୋ ଇଣ୍ଡିଆ ଆଥ୍‌ଲେଟଙ୍କୁ ପକେଟ ଭତ୍ତା

**ନୂଆଦିଲ୍ଲୀ, ୨୪।୫:** ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ୨୭୪୯ ଖେଲୋ ଇଣ୍ଡିଆ ଆଥଲେଟଙ୍କ ପକେଟ ଭତ୍ତା ବାବଦରେ ମୋଟ ୮.୨୫ କୋଟି ଟଙ୍କା ମଞ୍ଜୁର କରିଛି। ପ୍ରତି ଆଥଲେଟ ଜଣ ପିଛା ୩୦,୦୦୦ ଟଙ୍କା ଲେଖାଏଁ ପାଇବେ। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ରାଶି ପଠାଯିବ। ଆଥଲେଟ୍‌ମାନେ ନିଜ ଘରକୁ ଫେରିବା ଓ ଅନ୍ୟ ବାବଦରେ ଏହାକୁ ଖର୍ଚ୍ଚ କରିପାରିବେ। ଏହା ୨୦୨୦-୨୧ ବର୍ଷର ପ୍ରଥମ ୩ ମାସ ପାଇଁ ପକେଟ ଭତ୍ତା। ୩୫ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୨୧ଟି ଖେଳର ଆଥଲେଟଙ୍କ ପାଇଁ ଏହି ସୁବିଧା ରହିଛି। ମହାରାଷ୍ଟ୍ର (୩୮୬), ହରିୟାଣା (୩୮୧), ଦିଲ୍ଲୀ (୨୨୫), ପଞ୍ଜାବ (୨୦୨)ଏବଂ ତାମିଲନାଡୁ (୧୬୫)ରୁ ଅଧିକ ସଂଖ୍ୟାରେ ଆଥଲେଟ୍ ପକେଟ ଭତ୍ତା ପାଇଛନ୍ତି।

# ଆଥଲେଟ୍‌ଙ୍କ ଟ୍ରେନିଂ ଆଜିଠାରୁ

**ନୂଆଦିଲ୍ଲୀ, ୨୪।୫(ପି.ଟି.)**




କରୋନା ଭାଇରସ୍ ସଂକ୍ରମଣଜନିତ ଲକ୍‌ଡାଉନ୍ ସ୍ଥିତି ଯୋଗୁ ୨ ମାସ ଘର ଭିତରେ ରହିବାପରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍‌ମାନେ ସୋମବାରଠାରୁ ଆଉଟଡୋର ଟ୍ରେନିଂ ଆରମ୍ଭ କରିବାକୁ ଯାଉଛନ୍ତି। ଆହତ ସମସ୍ୟାଠାରୁ ଦୂରେଇ ରହିବାପାଇଁ ମୁଖ୍ୟତଃ ଫିଟ୍‌ନେସ ଟ୍ରେନିଂ ଉପରେ ଫୋକସ ରହିବ। ଏନଆଇଏସ ପଟିଆଲା, ସାଇ ସେଣ୍ଟର ବେଙ୍ଗାଲୁରୁ ଏବଂ ଉଟିଠାରେ ଆଉଟଡୋର ଫିଟ୍‌ନେସ ଟ୍ରେନିଂ ସୋମବାରଠାରୁ ଆରମ୍ଭ ହେବ ବୋଲି ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ଆଦିଲ ସୁମାରିୱାଲା ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଚଳିତମାସ ୧୭ ତାରିଖରେ ସରକାର ବିନା ଦର୍ଶକରେ ଗାଇଡଲାଇନ୍ ଅନୁସାରେ ଷ୍ଟାଡିୟମରେ ଟ୍ରେନିଂ ଆରମ୍ଭ ପାଇଁ ଅନୁମତି ପ୍ରଦାନ କରିଥିଲେ। ଫଳରେ ଆଥଲେଟ୍‌ଙ୍କ ଆଉଟଡୋର ଟ୍ରେନିଂ ପାଇଁ ପଥ ଉନ୍ମୁକ୍ତ ହୋଇଥିଲା। ''ଆଥଲେଟ୍‌ମାନେ ୮ ସପ୍ତାହଧରି ଘରେ ରହିଯିବାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଫିଟ୍‌ନେସ ଟ୍ରେନିଂ ଜରୁରୀ ହୋଇ ପଡ଼ିଛି। ଫିଟ୍‌ନେସ ସ୍ତରରେ ଉନ୍ନତି ଆସିଲେ ସେମାନେ ଟ୍ରାକ୍ ଉପରେ ରନିଂ, ନିର୍ଦ୍ଦିଷ୍ଟ ସ୍ଥାନରେ ଥ୍ରୋଇଂ ଆଦି ସ୍ୱତନ୍ତ୍ର ଟ୍ରେନିଂ ଆରମ୍ଭ କରିପାରିବେ'' ବୋଲି ସୁମାରିୱାଲା କହିଛନ୍ତି।

ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଆଉଟଡୋର ଟ୍ରେନିଂ ପାଇଁ ବ୍ୟଗ୍ରତା ପ୍ରକାଶ କରିଛନ୍ତି। '' ମୁଁ ଖୁସି ଅନୁଭବ କରୁଛି। ଏହା ଏକ ଧିମା ଆରମ୍ଭ ହୋଇଥିଲେ ହେଁ କିଛି ହେବାକୁ ଯାଉଥିବାରୁ ଭଲ ଲାଗୁଛି'' ବୋଲି ଏନଆଇଏସ ପଟିଆଲାରେ ମାର୍ଚ୍ଚ ୧୮ରୁ ଗୃହାବଦ୍ଧ ହୋଇ ରହିଥିବା ନୀରଜ କହିଛନ୍ତି। ସ୍ପ୍ରିଣ୍ଟର ହିମା ଦାସଙ୍କ ସମେତ ଟ୍ରାକ୍ ଧାବକ ଓ ଥ୍ରୋ ଇଭେଣ୍ଟକୁ କ୍ୟାରିୟର କରୁଥିବା ଆଥଲେଟ୍‌ମାନେ ଏନଆଇଏସ ପଟିଆଲା, ରେସ୍ ୱାକରମାନେ ବେଙ୍ଗାଲୁରୁସ୍ଥିତ ସାଇ(ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ) ସେଣ୍ଟର ଓ ଲଙ୍ଗ ଡିଷ୍ଟାନ୍ସ ରନରମାନେ ତାମିଲନାଡୁର ଉଟିସ୍ଥିତ କ୍ୟାମ୍ପରେ ରହିଛନ୍ତି। ଓଡ଼ିଶା ସରକାର ଲକ୍‌ଡାଉନ୍ ନିୟମ କୋହଳ କରିବାପରେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆଉଟଡୋର ଟ୍ରେନିଂ ଆରମ୍ଭ କରି ଦେଇଛନ୍ତି। ଏଏଫଆଇ ପ୍ରଣୟନ କରିଥିବା ନିୟମ ଅନୁସାରେ ଆଥଲେଟ୍‌ମାନେ ଟ୍ରେନିଂ ଅବସରରେ କାହା ସହିତ ହାତ ମିଳାଇ ପାରିବେ ନାହିଁ, ଆଲିଙ୍ଗନ କରିପାରିବେ ନାହିଁ, ଛେପ ପକାଇ ପାରିବେ ନାହିଁ କିମ୍ବା ଅଭ୍ୟର୍ଥନା ପ୍ରକୋଷ୍ଟକୁ ଯାଇ ପାରିବେ ନାହିଁ। ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

# ତୌଫିକ୍ କରୋନା ପଜିଟିଭ୍



**ଲଣ୍ଡନ,୨୪।୫:** ପାକିସ୍ତାନ ପୂର୍ବତନ କ୍ରିକେଟର ତଥା ବ୍ୟାଟ୍ସମ୍ୟାନ ତୌଫିକ୍ ଉମର କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ତାଙ୍କର ପରୀକ୍ଷା ହୋଇଥିଲା ଓ ଶନିବାର ସେ କୋଭିଡ-୧୯ ପଜିଟିଭ୍ ବୋଲି ଜଣାପଡିଛି। ସେ ଏବେ ଘରୋ ସେଲ୍ଫ ଆଇସୋଲେସନରେ ରହିଛନ୍ତି। ତାଙ୍କ ଦେହରେ ସାମାନ୍ୟ ଲକ୍ଷଣ ଦେଖିବାକୁ ମିଳିଛି। ଟେଷ୍ଟ ସମୟରେ ତାଙ୍କଠାରେ କୌଣସି ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ତେବେ ହାଲ୍‌କା ଭାବେ ମୁଣ୍ଡ ବିନ୍ଧା ହେଉଥିଲା। ୩୮ ବର୍ଷୀୟ ଉମର ୨୦୦୧ରୁ ୨୦୧୪ ମଧ୍ୟରେ ପାକିସ୍ତାନ ପାଇଁ ୪୪ଟେଷ୍ଟ, ୨୨ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ବର୍ତ୍ତମାନ ସେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପାଇଁ ଜୁନିୟର ଜାତୀୟ ଚୟନକର୍ତ୍ତା ଭାବେ କାର୍ଯ୍ୟ କରୁଛନ୍ତି। ଦୀର୍ଘ ୧୩ ବର୍ଷର କ୍ୟାରିୟରରେ ସେ ଟେଷ୍ଟରେ ୩୭.୯୮ ରନ ହାରରେ ୨୯୬୩ ଓ ଦିନିକିଆରେ ୫୦୪ ରନ ସଂଗ୍ରହ କରିଛନ୍ତି। ଉଲ୍ଲେଖଥାଉ କି, ଚତୁର୍ଥ ଜଣାଶୁଣା କ୍ରିକେଟରଭାବେ ସେ ସଂକ୍ରମିତ ହୋଇଛନ୍ତି। ତାଙ୍କ ପୂର୍ବରୁ ସ୍କଟଲାଣ୍ଡର ମାଜିଦ୍ ହକ, ପାକିସ୍ତାନର ଜାଫର ସର୍ଫରାଜ ଓ ଦକ୍ଷିଣ ଆଫ୍ରିକାର ସୋଲୋ ଏନ୍‌କ୍ୱେନି ମଧ୍ୟ କୋଭିଡ୍-୧୯ ପଜିଟିଭ୍ ବୋଲି ଜଣାପଡିଥିଲା।

# ରେସଲର ହାନାଙ୍କ ଅକାଳ ବିୟୋଗ

**ନୂଆଦିଲ୍ଲୀ, ୨୪।୫:** ଜାପାନର ପେସାଦାର ମହିଳା ରେସଲର ହାନା କିମୁରାଙ୍କ ମାତ୍ର ୨୨ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । ତେବେ ସେ କିଭଳି ମୃତ୍ୟୁବରଣ କରିଛନ୍ତି ସେ ନେଇ କିଛି ସ୍ପଷ୍ଟ କରାଯାଇ ନାହିଁ। ଷ୍ଟାରଡବ ରେସଲିଂ ସହିତ ସେ ଜଡିତ ଥିଲେ ଓ ଏହି ସଂସ୍ଥା ତାଙ୍କ ମୃତ୍ୟୁ ନେଇ ସୂଚନା ଦେଇଛି। ତାଙ୍କ ମୃତ୍ୟୁ ନେଇ ତଦନ୍ତ ଜାରି ରହିଛି। ସେ ତାଙ୍କ ଘରେ ମରି ପଡିଥିବାର ଦେଖାଯାଇଥିଲା ବୋଲି ଜାପାନ ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି। ନେଟ୍‌ଫ୍ଲିକ୍ସ ରିୟଲିଟି ଶୋ 'ଟେରାସ ହାଉସ୍' ତାଙ୍କର ଭୂମିକା ନେଇ କେତେକେ ଲୋକଙ୍କ ନଜରକୁ ଆସିଥିଲେ। ଏହି ଶୋ'ରେ ୩ଜଣ ପୁରୁଷ ଓ ମହିଳା ଅସ୍ଥାୟୀ ଭାବେ ଗୋଟିଏ ଘରେ ଏକାଠି ରହୁଥିଲେ। ତେବେ କରୋନା ଭାଇରସ୍ କାରଣରୁ ଏହାକୁ ବନ୍ଦ କରାଯାଇଥିଲା। କିମୁରାଙ୍କ ପରଲୋକ ନେଇ ରେସଲିଂ ଜଗତରେ ହଇଚଇ ସୃଷ୍ଟି ହୋଇଛି। ତାଙ୍କ ମୃତ୍ୟୁ ପାଇଁ ଅନ୍‌ଲାଇନ୍ ବୁଲିଂ ବା ବଦ୍‌ମାସମାନଙ୍କୁ ଦାୟୀ କରାଯାଉଛି। ଡବ୍ଲ୍ୟୁଡବ୍ଲ୍ୟୁଇ ହଲ୍ ଅଫ୍ ଫେମ୍‌ର ମିକ୍ ଫୋଲେ ଏ ନେଇ ଶୋକ ପ୍ରକାଶ କରିଛନ୍ତି। କିମୁରାଙ୍କ ମା କ୍ୟୋକୋ ମଧ୍ୟ ଜଣେ ଜଣାଶୁଣା ପେସାଦାର ରେସଲର ଥିଲେ।



# ନୂଆ ରୂପରେ ଟି୧୦ କ୍ରିକେଟ

**କିଙ୍ଗଷ୍ଟନ, ୨୪।୫ (ଏଏଫ୍‌ପି)**



କରୋନା ଭାଇରସ୍ ଯୋଗୁ ନୂଆ ରୂପରେ ଦେଖିବାକୁ ମିଳୁଛି ଟି୧୦ କ୍ରିକେଟ। ଷ୍ଟାଡିୟମରେ ସମର୍ଥକ ଉପସ୍ଥିତ ନାହାନ୍ତି। ବଲ୍‌କୁ ଚକ୍‌ଚକ୍ କରିବା ଲାଗି ବୋଲରମାନେ ସାଲିଭା (ପାଟିର ଲାଳ) ବ୍ୟବହାର ଉପରେ କଟକଣା ରହିଛି। ବାଉଣ୍ଡାରି ଲାଇନ୍‌ରେ ସାନିଟାଇଜର ରହୁଛି। ବିଶ୍ୱରେ କରୋନାଭାଇରସ୍‌ର ପ୍ରକୋପ ଥମି ନ ଥିବା ବେଳେ ଚଳିତ ସପ୍ତାହରେ କ୍ୟାରିବିୟନରେ ଭିନ୍‌ସି ଟି୧୦ ପ୍ରିମିୟର ଲିଗ୍ ଆରମ୍ଭ ହୋଇଛି। ଏଥିରେ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଆରୋନ୍ସ ଭେଲ୍ ଭେନ୍ୟୁରେ ଏହା ଅନୁଷ୍ଠିତ ହେବ। କରୋନାଭାଇରସ୍ ମହାମାରୀ ସମୟରେ କୌଣସି ଟେଷ୍ଟ କ୍ରିକେଟ ଖେଳୁଥିବା ରାଷ୍ଟ୍ରରେ ପ୍ରଥମ ଥର ଏକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଦେଶରେ କରୋନାଭାଇରସ ଆକ୍ରାନ୍ତଙ୍କ ସଂଖ୍ୟା ମାତ୍ର ୧୮ରହିଥିବାରୁ ସଂକ୍ରମଣ ରିସ୍କ କମ୍ ରହୁଛି। ଏହା ସତ୍ତ୍ୱେ ଷ୍ଟାଡିୟମରେ ଦର୍ଶକମାନଙ୍କୁ ଅନୁମତି ନ ଦେବା ଲାଗି ସ୍ଥିର ହୋଇଥିଲା। ମାତ୍ର ପରବର୍ତ୍ତୀ କାଳରେ ୩୦୦ କିମ୍ବା ଅତିବେଶିରେ ୫୦୦ ଦର୍ଶକଙ୍କୁ ମ୍ୟାଚ ଦେଖିବା ଲାଗି ଅନୁମତି ଦେବା ଲାଗି ବିଚାର କରାଯାଇଥିଲା। କିନ୍ତୁ କେତେଜଣ ବିଶେଷଜ୍ଞ ଏନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଦର୍ଶକମାନଙ୍କ କଥା ବିଚାର କରିବା ପୂର୍ବରୁ ଖେଳାଳିମାନଙ୍କ ମ୍ୟାନେଜମେଣ୍ଟ ପ୍ରଥମେ ନିୟମିତ କରାଯିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଥିବା ସେଣ୍ଟ ଭିନ୍‌ସେଣ୍ଟ ଗ୍ରେନାଡିନ୍ସ କ୍ରିକେଟ ଆସୋସିଏଶନ ସଭାପତି କିଶୋର ଶାଲୋ ସୂଚନା ଦେଇଛନ୍ତି। ଟୁର୍ନାମେଣ୍ଟ ମେ ୩୧ରେ ଶେଷ ହେବ। ୬ଜଣ ମାର୍କି ଖେଳାଳିଙ୍କ ମଧ୍ୟରୁ ଷ୍ଟାର ଖେଳାଳି ସୁନୀଲ ଆମ୍ବ୍ରିସଙ୍କ ଉପରେ ସ୍ଥାନୀୟ ସମର୍ଥକଙ୍କ ବିଶେଷ ନଜର ରହିଛି।


**ମନେ ପଡ଼ନ୍ତି**

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁଧାକର ମିଶ୍ର**
ରାୟଚକ୍ରଧରପୁର, ପୁରୀ
**ତିରୋଧାନ: ୨୪।୦୫।୨୦୧୨**
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା। ତୁମର ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ପରୋପକାର ଓ ଆଚରଣ ସବୁବେଳେ ଆମର ପାଥେୟ ହେଉ।
**-:ଶୋକସନ୍ତପ୍ତ:-**
**ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।**
ଧ-୬୯୩୧୪





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ